ମଇ ୨୦୨୧ • ୫୦ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



ପ୍ରସଙ୍ଗ:
ମନୋଜ ଦାସ


New Product
HDPE Pipes
SAVE WATER!
WATER IS LIFE.
Ohm
PVC
HDPE
Pipes & Fittings
Agriculture / Irrigation / Industries / Domestic
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ତୃତୀୟ ବର୍ଷ : ୭ମ ସଂଖ୍ୟା, ମଇ ୨୦୨୧ ■ Vol-3, Issue : 7, May 2021



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

ସମ୍ପାଦକୀୟ କାର୍ଯ୍ୟାଳୟ

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*
: *rebati.edit2020@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/- Only**

# ସୂଚୀପତ୍ର

୩ୟ ବର୍ଷ ୭ମ ସଂଖ୍ୟା । ମଇ ୨୦୨୧ ।

ଆମ ମାଟିର ସ୍ୱର

୯ ସମ୍ପାଦକୀୟ : ହେ ମହାମାନବ.... : ସୁବାସିନୀ ଜେନା

୧୦



୨୭



୧୦ ପ୍ରସଙ୍ଗ-୧ : ମହକିତ ମନୋଜ : ଡକ୍ଟର ସୁବାସ ଚନ୍ଦ୍ର ପାତ୍ର

୧୭ ପ୍ରସଙ୍ଗ-୨ : ପ୍ରଣାମ ଯୁଗପୁରୁଷ : ଜୟନ୍ତ ମହାପାତ୍ର ଓ ଅନ୍ୟମାନେ

୨୧ ପ୍ରସଙ୍ଗ-୩ : ମନୋଜୀୟ ମୁହୂର୍ତ୍ତ : ପ୍ରବୀଣା ମହାନ୍ତି

୨୭ ଆତ୍ମଜୀବନୀ : ସ୍ମୃତିର ପ୍ରଜ୍ଞାପୀଠ : ଜୟନ୍ତୀ ରଥ

୩୨ ଅବଲୋକନ : ହରିସିଂହଙ୍କ ଚିଠି : ମଣୀନ୍ଦ୍ର କୁମାର ମେହେର

୩୬ ଦେବାଦେବୀ : ମଥୁରାର ମନ୍ଦିର : ପ୍ରିୟଦର୍ଶିନୀ ସ୍ୱାଇଁ

୪୦ ପ୍ରଥାପରମ୍ପରା : ଦ୍ୱିତୀଚନ୍ଦ୍ର ସାହୁ

୪୭ ଆଇନକାନୁନ୍ : ସ୍ନିଗ୍ଧା ତ୍ରିପାଠୀ

୪୮ ପୁଷ୍ପବିତାନ : ଶ୍ୱେତା ରାଉତ

୫୪ ଦ୍ୱି-ପ୍ରଚ୍ଛଦ : ଖୁସି କୁମାର

୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି

୫୮ ସମକାଳ କବିତା : ଧନଞ୍ଜୟ ସ୍ୱାଇଁ

୫୯ : ଅଜିତ୍ ପାତ୍ର

: ସିତାଂଶୁ ଲେଙ୍କା

୬୦ : ତପନ ପଟ୍ଟନାୟକ

୬୧ : ଅମରେନ୍ଦ୍ର ଖଟୁଆ

୬୨ : କେଦାର ମିଶ୍ର

୬୩ : ଅମିୟ ରଞ୍ଜନ ମହାପାତ୍ର

୬୪ : ମୋହିତ ଚକ୍ରବର୍ତ୍ତୀ

୬୫ : ଚିତ୍ତରଂଜନ ନାୟକ

୬୬ : ସଂଜିତ୍ କୁମାର ବଳ

୬୭ : ସରୋଜ ମହାନ୍ତି

୬୮ : ନିରାକାର ଦାସ

୧୭

ପ୍ରଣାମ ଯୁଗପୁରୁଷ










୬୯ : କିଶୋର ପାଣିଗ୍ରାହୀ

୭୦ : ଦେବାଶିଷ ଚକ୍ରବର୍ତ୍ତୀ

୭୧ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୭୭ କଥା-କାହାଣୀ : ସିନ୍ଧୁ ସେନ

୮୨ ଭ୍ରମଣ କାହାଣୀ : ଅନସୂୟା ପଣ୍ଡା

୯୦ ଜୀବନ ଜୀବିକା : ମୀନା ସ୍ୱାଇଁ

୯୬ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୯୮ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ





## ନିୟମିତ ବିଭାଗ


୧୦୧ ରୋଷେଇଶାଳ : ସଂଗୀତା ଦାସ

୧୦୩ ଫ୍ୟାଶନ : ସ୍ୱାଗତିକା ସେଠୀ







ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**

ପ୍ରଚ୍ଛଦ ମଡେଲ୍ : **ସିପ୍ରାସିନୀ ପଣ୍ଡା,** କଟକ

ଉଚ୍ଚତା : **୫ ଫୁଟ୍ ୨ ଇଞ୍ଚ**

ଶିକ୍ଷା : **ବାଣିଜ୍ୟରେ ସ୍ନାତକ, ଶାସ୍ତ୍ରୀୟ ସଂଗୀତ**

ବୃତ୍ତି : **ଗାୟିକା**

ପ୍ରଚ୍ଛଦ ଫଟୋଗ୍ରାଫି : **ଜିତୁ ସାହୁ,** ଜେଏନ୍ ଫଟୋଗ୍ରାଫି, କଟକ

ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କମ୍ପ,** ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର

ମେକ୍‌ଅପ୍ : ସସ୍ମିତା ସାହୁ(ରୋଲି), କଷ୍ଟ୍ୟୁମ୍ : **କ୍ରିଷ୍ଣା ନନ୍ଦ**

ସ୍ଥାନ : **ଜୋବ୍ରା ମ୍ୟୁଜିୟମ୍, କଟକ**

**ମଲାଟ କଥା :** ଗ୍ରୀଷ୍ମରେ ଗରମ ଓ ଗୁଳୁଗୁଳି ସହ ଖରାର ପ୍ରକୋପ ଅସ୍ତବ୍ୟସ୍ତ କରିପକାଏ ଜନ ସମୁଦାୟକୁ । ବୈଶାଖ ଓ ଜ୍ୟେଷ୍ଠ ମାସକୁ ଗ୍ରୀଷ୍ମ ଋତୁ ଭାବେ ଗଣନା କରାଯାଇଥାଏ । ଏହି ଋତୁରେ ଉତ୍ତାପ ପ୍ରବଳ ବଢି ଯାଉଥିବାରୁ ଜଳ କଷ୍ଟ ଦେଖାଦେବା ସହ ତାପମାତ୍ରା ବୃଦ୍ଧି ପାଇଥାଏ । ବାହାରେ ଖରାର ତେଜରୁ ତ୍ରାହି ପାଇବା ପାଇଁ ଆମେ ଛତାର ସହାୟତା ନେଉ । ପଥଚାରୀମାନେ ଶୀତଳ ଛାଇ ପ୍ରଦାନକାରୀ ଗଛ ମୂଳରେ ଘଡ଼ିଏ ବସି ଯାଆନ୍ତି । ଗ୍ରୀଷ୍ମ ଓ ଖରାକୁ ପ୍ରତୀକିତ କରେ ଏ ମାସର ପ୍ରଚ୍ଛଦ ଆମର ।


୧୦୫ ଶେଷପୃଷ୍ଠା : ଲେଖକର ଲୌକିକତା : କୃଷ୍ଣ କୁମାର ମହାନ୍ତି







## ସ୍ୱତନ୍ତ୍ର କବିତା ପ୍ରସଙ୍ଗ ଜ୍ଞାନବର୍ଦ୍ଧକ

● ‘ରେବତୀ’ର ଅପ୍ରେଲ ୨୦୨୧ ସଂଖ୍ୟାଟିରେ ଓଡ଼ିଆ କବିତା ପ୍ରସଙ୍ଗକୁ ନେଇ କେତୋଟି ସାରଗର୍ଭକ ଆଲେଖ୍ୟ ମାଧ୍ୟମରେ ପାଠକ ସମ୍ମୁଖରେ ଉପସ୍ଥାପିତ କରାଯାଇଛି । ସେଗୁଡ଼ିକ ନିଶ୍ଚିତ ଭାବେ ପଠନୀୟ ଏବଂ ଜ୍ଞାନବର୍ଦ୍ଧକ । ଓଡ଼ିଆ କବିତାକୁ ବିଶ୍ଳେଷଣାତ୍ମକ ଅନୁଧ୍ୟାନ କରିବାର ସୁଯୋଗ ମିଳିଲା । ଲେଖକ ମଣୀନ୍ଦ୍ର କୁମାର ମେହେରଙ୍କ ଦ୍ୱାରା ଅନନ୍ତାର ନୂତନ ରୂପେ ଆତ୍ମପ୍ରକାଶ ହୃଦୟସ୍ପର୍ଶୀ । ଏତଦ୍‌ବ୍ୟତୀତ ଏ ସଂଖ୍ୟାରେ ସମ୍ପାଦିକା ମହାଶୟାଙ୍କର ନାରୀ ଜୀବନରେ ଶାଶୁଘରକୁ ନେଇ ବ୍ୟାଖ୍ୟା ଏକ ନିଛକ ସାମାଜିକ ଅନୁଶୀଳନ । ଶଂଖଚିଲାରେ ମା ହିଙ୍ଗୁଳାଙ୍କ ପୀଠ, ବାଙ୍ଗାଲୋର୍‌ରେ ଓଡ଼ିଆ ସମାଜ ଗଠନ, ଆଙ୍କର୍‌ୱାଟର ବିବରଣୀ ନୂତନ ସ୍ଥାନ ଏବଂ ସଂସ୍କୃତି ସହ ପରିଚିତ କରାଇବାରେ ସହାୟକ ହୋଇଛି । କବିତା ଗୁଡ଼ିକ ସରଳ, ସାବଲୀଳ ଏବଂ ମର୍ମସ୍ପର୍ଶୀ । ଗଳ୍ପଗୁଡ଼ିକ ଦୈନିକ ସାମାଜିକ ଜୀବନର ନିଚ୍ଛକ ନିଦର୍ଶନ । ଅନ୍ୟାନ୍ୟ ବିଭାଗ ମଧ୍ୟ ସୁନ୍ଦର ଭାବେ ସଜ୍ଜିତ ।

ପରିଶେଷରେ କୃଷ୍ଣ କୁମାର ମହାନ୍ତିଙ୍କ ଲେଖକମାନଙ୍କ ପ୍ରତି ଆଉ ଏକ ନୂତନ ଉପଦେଶ । ଲେଖକଟିଏ ସଫଳତା ପ୍ରାପ୍ତି ପରେ ହେଉ କି ହତୋତ୍ସାହିତ ହୋଇ, କେବେ ବି କିନ୍ତୁ ସୃଜନରୁ ନିବୃତ୍ତ ରହିବା ଠିକ୍ ନୁହେଁ । ତା ପରିବର୍ତ୍ତେ ଆଳସ୍ୟ ପରିତ୍ୟାଗ କରି ସୃଜନର ନାନ୍ଦନିକ ପୁଲକ ସାଉଁଟିବାରେ ବ୍ରତୀ ହେବା ବାଞ୍ଛନୀୟ । ଏହା ଯଥାର୍ଥରେ ଗ୍ରହଣୀୟ । ‘ରେବତୀ’ ପରିବାରକୁ ମୋର ଶୁଭେଚ୍ଛା ଓ ଶୁଭକାମନା ।

**ପ୍ରଦ୍ୟୁମ୍ନ ପଟ୍ଟନାୟକ,**
୧୦୧-ପ୍ରକାଶଦୀପ ଟାୱାର, ଜୟଦୁର୍ଗାନଗର,
ଭୁବନେଶ୍ୱର-୦୬, ଫୋନ:୯୯୬୮୨୮୦୮୯୬




## ପରିପାଟୀ ଓ ବିଷୟଚୟନରେ ‘ରେବତୀ’ ଅନନ୍ୟ

● ଅପ୍ରେଲ ସଂଖ୍ୟା ‘ରେବତୀ’ ପଢ଼ିଲି । ବାସ୍ତବିକ ଏହା ଏକ ଚମକାଇ ଦେବା ଭଳି ସଂଖ୍ୟା । ପରିପାଟୀ, ବିଷୟ ଚୟନ ସବୁଥିରେ ନିଆରା । କହିବାକୁ କୁଣ୍ଠା ନାହିଁ ଯେ ‘ରେବତୀ’ ପ୍ରକାଶିତ ହେବାଠୁଁ ପ୍ରତି ସଂଖ୍ୟା ଗୋଟେ ଗୋଟେ ଭିନ୍ନ ପ୍ରସଙ୍ଗ ଓ ସ୍ୱତନ୍ତ୍ରତାକୁ ନେଇ ପାଠକଙ୍କ ସାମ୍ନାକୁ ଆସୁଛି । ଏହାର ପ୍ରଚ୍ଛଦ ଅତ୍ୟନ୍ତ ଆକର୍ଷଣୀୟ ହେବା ସହ ଜଣେ ସୁଶ୍ରୀ ତରୁଣୀର ପରମ୍ପରାନୁକୂଳ ଫଟୋ ମାଧ୍ୟମରେ ଓଡ଼ିଆମାଟିର ସଂସ୍କୃତି ଓ ପରଂପରାକୁ ପ୍ରଦର୍ଶିତ କରୁଛି । ଏ ସଂଖ୍ୟାଟିର ବିଷୁବ ସଂକ୍ରାନ୍ତିକୁ ଉପଜୀବ୍ୟ କରି ମଡେଲ ସ୍ୱତିଲିପି ଦାଶଙ୍କ ଟିପିକାଲ୍ ଓଡ଼ିଆଣୀ ବେଶରେ ବେଲପଣା ପରଷି ଦେବା ଦୃଶ୍ୟ ଅତ୍ୟନ୍ତ ମନମୁଗ୍ଧକର । ପତ୍ରିକାର ଚିଠିପତ୍ର ବିଭାଗ ପ୍ରଥମେ ମୋ ଦୃଷ୍ଟିକୁ ଆକର୍ଷିତ କରେ । ଏଥିରୁ ଜଣାପଡ଼େ ପତ୍ରିକା ପ୍ରତି ପାଠକମାନଙ୍କର କେତେ ତୀବ୍ର ଆବେଗ ଓ ଭଲପାଇବା । ଦେଶ ବିଦେଶରୁ କେତେ କେତେ ଅନୁଭବୀ ପାଠକଙ୍କର ଭାବାବେଗ ଓ ସକାରାତ୍ମକ ମତ ସବୁ ପ୍ରକାଶ ପାଏ ! ପତ୍ରିକା ପ୍ରାରମ୍ଭରେ ସମ୍ପାଦିକାଙ୍କ ‘ନାରୀର ନୂଆଘର’ ଏକ ଚମତ୍କାର ପରିକଳ୍ପନା । ଶାଶୁ ଭୂମିକାର ଗୁରୁତ୍ୱ ଏଥିରେ ବେଶ୍ ଉପଲବ୍ଧ । ଆଜିର ବୋହୂ କାଲିର ଦାୟିତ୍ୱସଂପନ୍ନା ଶାଶୁ ବୋଲି ବିସ୍ମରିଯିବା ଉଚିତ ନୁହେଁ । ଶ୍ରୀଦେବଙ୍କ ବାପା କେବଳ ତାଙ୍କର ବାପା ହେଇ ରହିନାହାନ୍ତି, ସେ ହେଇ ଯାଇଛନ୍ତି ସମଗ୍ର ଜାତି ପାଇଁ ସାର୍ବଜନୀନ ବାପା । ସ୍ୱାଧୀନତା ଆନ୍ଦୋଳନ ସମୟରେ ତାଙ୍କ ତ୍ୟାଗର ଲଢ଼େଇ, କାରାବରଣ ଏଯାଏଁ ବି ସେ ଅଂଚଳର ଲୋକେ ଭୁଲିନାହାନ୍ତି । ସେ ଆଜି ବି ଶ୍ରଦ୍ଧା ଓ ଭକ୍ତିର ନିଆରା ବ୍ୟକ୍ତିତ୍ୱ । ଯାଜପୁରର ମା ହିଙ୍ଗୁଳା ପୀଠ କଥା ପାଠ କଲେ ଓଡ଼ିଆର ଆଧ୍ୟାତ୍ମିକ ପରଂପରା ଆଖି ସାମ୍ନାରେ ଜାଜ୍ଜ୍ୱଲ୍ୟମାନ ହେଇଉଠେ । ଏମିତି ସବୁ ଓଡ଼ିଶାର ସଂସ୍କୃତିପୂର୍ଣ୍ଣ ପୀଠକୁ ପତ୍ରିକା ବିଭିନ୍ନ ସମୟରେ ସ୍ଥାନଦେଇ ଆମ ଓଡ଼ିଶାର ଗୌରବକୁ ଚିର ଭାସ୍ୱର କରୁଛି । ପ୍ରବାସୀ ଓଡ଼ିଆ ସ୍ତରରେ ଲୋପାମୁଦ୍ରା ପରିଡ଼ାଙ୍କ ବାଙ୍ଗାଲୋରରେ ଓଡ଼ିଆ ମୋତେ ବହୁଳ ଆଚ୍ଛାଦିତ କଲା । ମୋର ଇଚ୍ଛା ହେଉଥିଲା ବାଙ୍ଗାଲୋର ଯାଇ ସେଇ ଉତ୍ସାହୀ ଓଡ଼ିଆ ପୁଅ ଝିଅଙ୍କ କୀର୍ତ୍ତିକୁ ମନଭରି ଦେଖିବାକୁ ଓ ସେମାନଙ୍କ ସହ ଦୁଇପଦ ଆଳାପ କରିବାକୁ । ଏହା ପରକୁ ପାଠକେ ପାଇବେ ଆଉ ଏକ ମନଲୋଭା ଫିଚର୍ କାମ୍ବୋଡ଼ିଆର ଆଙ୍କର ସହର କଥା ବୀଣାପାଣି ପ୍ରଧାନଙ୍କ କଲମରୁ ! ଆଙ୍କର୍‌ରେ ଥିବା ମନ୍ଦିର ଏବେ ବି ଭାରତୀୟ ସଂସ୍କୃତିର ଜୟଗାନ କରୁଛି । ସେଠିକାର ହ୍ରଦ, ହୃଦୟ କଇଁ ଓ ପଦ୍ମଫୁଲ ବିପଣୀର ଶୋଭା ଯେକେହି ଦର୍ଶକକୁ ଆତ୍ମବିଭୋର କରିଦେବ । ସଂଦର୍ଭର ପ୍ରତି ବାକ୍ୟ ପଢ଼ିଲେ ମନ କହିବ ଯେମିତି ହେଉ ଜୀବନରେ ଥରେ ଯାଇ ସେ ସ୍ଥାନ ବୁଲି ଆସିବାକୁ । ବର୍ଣ୍ଣନା ଏତେ ଚମତ୍କାର ହେଇଛି ଯେ ଲାଗୁଛି ତାହା ଯେମିତି ସ୍ୱର୍ଗର ନନ୍ଦନକାନନ । ଏଥିରେ ସଂଯୋଜିତ ଫଟୋସବୁ ଆହୁରି ଚିତ୍ତାକର୍ଷକ । ଅଶୀ ପରବର୍ତ୍ତୀ ଓଡ଼ିଆ କବିତାର ପ୍ରସଙ୍ଗ ଉପରେ ଗୋଟିଏ ଆଲୋଚନାରେ କତିପୟ କବିଙ୍କ ନାମ ଉଲ୍ଲେଖ କରି ଅନ୍ୟମାନଙ୍କୁ ଉପେକ୍ଷା କରିବା ଠିକ ହୋଇନାହିଁ ମୋ ବିଚାରରେ । ତେବେ ଈପ୍‌ସିତା ଓ ଜ୍ଞାନୀ ଦେବାଶିଷଙ୍କ ଆଲୋଚନା ପ୍ରଣିଧାନଯୋଗ୍ୟ । ଏହା ପରକୁ ଡକ୍ଟର ମଣୀନ୍ଦ୍ର କୁମାର ମେହେରଙ୍କ ଅନନ୍ତାର ଆତ୍ମଲିପି, ସ୍ନିଗ୍ଧା ତ୍ରିପାଠୀଙ୍କ ଆଇନ୍ ପରାମର୍ଶ ଓ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଦ୍ରୌପଦୀ କାବ୍ୟର ଅଂଶ ମୋତେ ପୁଲକିତ କଲା । କବିତାରେ ଜୟନ୍ତ ମହାପାତ୍ର, ସୌଭାଗ୍ୟ ମିଶ୍ର, ଫନୀ ମହାନ୍ତି, ରାଜେନ୍ଦ୍ର ପଣ୍ଡା, ମମତା ଦାଶ ଇତ୍ୟାଦିଙ୍କ ନୂଆ କବିତା ପ୍ରକାଶ କରି ଆପଣ ପାଠକମାନଙ୍କୁ ବିଭୋର କରିଛନ୍ତି । ସେଇପରି ଯୁବକବି ଦିଲ୍ଲୀପ, ଭାରତ, ଶର୍ମିଷ୍ଠା, ପ୍ରତୀକ୍ଷାଙ୍କ କବିତାରେ ଭିନ୍ନ ସ୍ୱର ଯେକୌଣସି ପାଠକଙ୍କ ଆତ୍ମାକୁ ଛୁଇଁବ ।

ଗଳ୍ପରେ ଗଂଗାଧର ବିଶ୍ୱାଳ ଓ ହେମନ୍ତ କୁମାର ଦତ୍ତ ଭିନ୍ନ ବିଷୟବସ୍ତୁ ଚୟନ କରିଛନ୍ତି । ଏସବୁ ଗପ ପାଠକଙ୍କୁ ନିଶ୍ଚୟ ଆକର୍ଷିତ କରିବ । ମୋ ଗପ ‘ଶୂନ୍ୟସ୍ଥାନ’କୁ ପ୍ରକାଶ କରିଥିବାରୁ କୃତଜ୍ଞତା ଜଣାଉଛି । ସେ ଗପର ନାୟକ ବର୍ଷୀୟାନ ସାହିତ୍ୟିକ ଶୁଭେନ୍ଦୁ ମୋହନ ଦାସଙ୍କ ସହ ଫଟେଟିଏ ପଠାଇଲି । ‘ହସଖୁସିର ପରିବାର’ ପତ୍ରିକାର ଏକ ଭିନ୍ନ ସ୍ୱାଦର ବିଭାଗ । ଏହା ଏକ ଅଭିନବ ପରିକଳ୍ପନା । ରୀନିତା ପଟ୍ଟନାୟକଙ୍କ ମେଦ ବହୁଳତାକୁ ନେଇ ସ୍ୱାସ୍ଥ୍ୟ ସଚେତନତା, ରୋନାଲିସା ପଣ୍ଡାଙ୍କ ପଣା ପସରା ଓ ବ୍ରତତୀ ପ୍ରିୟଦର୍ଶିନୀଙ୍କ ଦେଶୀ ବ୍ୟଂଜନ ପ୍ରସ୍ତୁତି ପାଠକମାନଙ୍କୁ ନିଆରା ଅନୁଭବ ଦେବ । ସବାଶେଷକୁ କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦକୀୟ ସ୍ତମ୍ଭର ଲେଖା ଆଳସ୍ୟ ଏକ ଭିନ୍ନ ଅନୁଭବ ବେଶ୍ ସୁନ୍ଦର । ସେ ପ୍ରତିଥର ନୂଆ ନୂଆ ଥିମ୍‌ରେ ସୁନ୍ଦର ଓ ଉପାଦେୟ କଥା ଲେଖୁଛନ୍ତି । ସମ୍ପାଦନାର ନିକ୍ଷୁଣ କୁଶଳତା ଓ କାର୍ଯ୍ୟଦକ୍ଷତା ଏହାର ପ୍ରତି ପୃଷ୍ଠାର ଛତ୍ରେ ଛତ୍ରେ ପରିଲକ୍ଷିତ । ପତ୍ରିକାର ଦୀର୍ଘ ଜୀବନ କାମନା କରୁଛି ।

**ଉଦୟ ନାରାୟଣ ଦାସ,**
ଚୁନଭାଟି ଲେନ୍, ଗୋପାଳ ଗାଁ, ବାଲେଶ୍ୱର, ଫୋନ: ୭୭୩୫୯୫୧୩୮୪


‘ଶୂନ୍ୟସ୍ଥାନ’ ଗଳ୍ପର ପ୍ରୋଟାଗନିଷ୍ଟ ବର୍ଷୀୟାନ ସାହିତ୍ୟିକ ଶୁଭେନ୍ଦୁ ମୋହନ ଦାସଙ୍କ ଘରେ ଗାଳ୍ପିକ ଉଦୟ ନାରାୟଣ ଦାସ

## ‘ରେବତୀ’ରେ ଆମ ମାଟିର ବାସ୍ନା ବେଶ୍ ବାରି ହେଉଛି


● ଆପଣଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ଫିଚର୍‌ଧର୍ମୀ ପତ୍ରିକା ‘ରେବତୀ’ର ପ୍ରତିସଂଖ୍ୟା ଦେଖୁଛି । ଚଳିତ ବିଷୁବ ସଂଖ୍ୟା ମଧ୍ୟ ଆକର୍ଷଣୀୟ ହୋଇପାରିଛି । ସେଥିରେ ଆପଣଙ୍କ ସମ୍ପାଦକୀୟରେ ‘ନାରୀର ନୂଆଘର: ଶାଶୁଘର’ ଭିତରେ ଆପଣ ବହୁକଥା ପାଠକମାନଙ୍କୁ ବାଢ଼ି ଦେଇଛନ୍ତି । ମାତ୍ର ସତରେ କ’ଣ ଝିଅଟିଏ ବୋହୂ ହୋଇ ଆସିବା ପରେ ସେ ଛାଡ଼ି ଆସିଥିବା ବାପାମା’ର ସ୍ନେହକୁ ଶାଶୁ, ଶ୍ୱଶୁରଙ୍କ ପାଖରେ ଖୋଜେ ? ମୋ ଘରେ ଭଡ଼ାରେ ରହୁଥିବା ମାଆଟିଏ କେତେ ଶ୍ରଦ୍ଧାରେ ପାଳି ମଣିଷ କରିଥିବା ପୁଅଟିକୁ ଯେତେବେଳେ ବାହାକରି ଘରକୁ ଆଣିଲା ଅଳ୍ପଦିନ ବ୍ୟବଧାନରେ ସେ ବୋହୂଟି ଶାଶୁକୁ ନିର୍ଯାତନା ଦେବା ଆରମ୍ଭ କରି ତାକୁ ବିଦା କରିବା ପର୍ଯ୍ୟନ୍ତ କଥାଗଲା । ଆପଣଙ୍କ ସମୟ ଓ ଏବେର ସମୟ ବହୁତ ତଫାତ୍ । ଏଠି ଝିଅଟି ତା ସ୍ୱାମୀକୁ ଧରି ଏକା ଏକା ରହିବାକୁ ଚାହୁଁଛି, ସେଇଥିପାଇଁ ଯୌଥ ପରିବାର ସବୁ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ପଡୁଚି । ଏବେ ନାରୀଟିଏ ନିର୍ଯ୍ୟାତନା ଭୋଗ କରୁନି ବରଂ ସମଗ୍ର ପରିବାରକୁ ନିର୍ଯ୍ୟାତିତ କରୁଚି । ସେ ତା ସଂସାର ମଧ୍ୟରେ କାହାକୁ ଭାଗ ବସାଇବାକୁ ଚାହୁଁନି । ବିଚରା ପୁରୁଷଟି ତା ହାତର କ୍ରୀଡ଼ନକଟିଏ ହୋଇ ତା ଇସାରାରେ ନାଚୁଛି ଯାହା । ମାଡ଼ାମ୍ ! ଆପଣ ଭାଙ୍ଗି ଯାଉଥିବା ଯୌଥ ପରିବାରକୁ ଏକ କରିବା ଦିଗରେ ଆପଣଙ୍କ ସମ୍ପାଦକୀୟ ସ୍ତମ୍ଭରେ ଲେଖିବାକୁ ଅନୁରୋଧ ରହିଲା । ବାପା ଉପରେ ଶ୍ରୀଦେବଙ୍କ ଲେଖା ଚମତ୍କାର । ‘ବାଙ୍ଗାଲୋର୍‌ରେ ଓଡ଼ିଆ’ ଲେଖାଟି ସୁନ୍ଦର ହୋଇଛି । ମାତ୍ର ସଂପୂର୍ଣ୍ଣ ନୁହେଁ । ବାଙ୍ଗାଲୋର୍‌ରେ ହଜାର ହଜାର ଓଡ଼ିଆ ଅଛନ୍ତି, ଯିଏ ଯେଉଁଠି ପାରୁଛି ଏକତ୍ରିତ ଭାବେ ସାମାଜିକ କାର୍ଯ୍ୟ କରୁଛନ୍ତି । ସେଠି ଉତ୍କଳ ସମାଜ ଗୋଟିଏ ନୁହଁ ବିଭିନ୍ନ ସ୍ଥାନରେ ରହିଚି । ଜଗନ୍ନାଥଙ୍କ ଭବ୍ୟ ମନ୍ଦିର, ସାଇବାବା ମନ୍ଦିର, ଗଣେଶ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିର, ହନୁମାନ ମନ୍ଦିର, ମଠ ଅନେକ କିଛି ଆପଣଙ୍କ ପତ୍ରିକାରେ ପ୍ରକାଶ ପାଇଥିବା ଗୋଟିଏ ଅଂଶ ମାତ୍ର । ଓଡ଼ିଆ କବିତା ଉପରେ ତିନୋଟି ପ୍ରବନ୍ଧ ପ୍ରକାଶ ପାଇଛି । ‘ଚାରିକେ ଚାରି’ ଓ ‘ଆଲୋକିତ କାବ୍ୟସ୍ୱର’ ଉପରେ ମୋର ଟିପ୍ପଣୀ ଦେବାର କିଛି ନାହିଁ । କିନ୍ତୁ ଓଡ଼ିଆ କବିତାର ଗତି ସ୍ଥିତି ପ୍ରଗତି ଉପରେ ଡକ୍ଟର ହରିଶ୍ଚନ୍ଦ୍ର ବେହେରା ଯାହା ଲେଖିଛନ୍ତି ସେଥିରେ ମୁଁ ଏକମତ ନୁହେଁ । ଡକ୍ଟର ମଣୀନ୍ଦ୍ର କୁମାର ମେହେର ତାଙ୍କ ‘ଅବଲୋକନ’ରେ ଫକୀରମୋହନଙ୍କ ଅନନ୍ତାକୁ ସ୍ମରଣକୁ ଆଣଛନ୍ତି । ତାଙ୍କୁ ଧନ୍ୟବାଦ । ଉଦୟ ନାରାୟଣ ଦାସଙ୍କ ଗଳ୍ପ ‘ଶୂନ୍ୟସ୍ଥାନ’ ବେଶ୍ ସୁନ୍ଦର । ଗାଳ୍ପିକ ଭାବେ ତାଙ୍କ ଲେଖନୀ ଶକ୍ତିଶାଳୀ ଗଳ୍ପମାନ ଦେଇ ଚାଲିଛି । ଲାଗେ ଗଳ୍ପର ଚରିତ୍ରମାନଙ୍କୁ ସେ ଭେଟଥାନ୍ତି । ସତେ ଯେମିତି ସେ ଅଙ୍ଗେ ଲିଭେଇଥିବା କାହାଣୀ ବର୍ଣ୍ଣନା କରୁଛନ୍ତି । ତାଙ୍କର ବହୁ ଗଳ୍ପ ମୁଁ ପଢ଼ିଚି । ବିଭୋର୍ ହୋଇଛି । ଭଗବାନ ତାଙ୍କ କଲମକୁ ଦୃଢ଼ କରନ୍ତୁ । ସେ ଆହୁରି ସୁନ୍ଦର ଗଳ୍ପମାନ ସୃଷ୍ଟି କରନ୍ତୁ । ସେମିତି ‘ଯନ୍ତ୍ରଣା ଭିତରେ ରାତିଦିନ’ ଗଙ୍ଗାଧର ବିଶ୍ୱାଳଙ୍କ ଏକ ସୁନ୍ଦର ଗଳ୍ପ । ପତ୍ରିକାଟି ମୋଟ ଉପରେ ବାଲେଶ୍ୱରିଆ ବାଲେଶ୍ୱରିଆ ବାସ୍ନା ହେଉଛି । ମୁଁ ଆପଣଙ୍କ ପତ୍ରିକାରେ ତାକୁ ହିଁ ଅନୁଭବ କରେ । ପ୍ରଚ୍ଛଦଚିତ୍ର ପାଖରୁ ପ୍ରବନ୍ଧ, ଗଳ୍ପ, କବିତା ସବୁଠି ବାଲେଶ୍ୱରିଆଙ୍କ ପାଦଚିହ୍ନ । ସଲାମ୍ ଆପଣଙ୍କୁ । ମୁଁ କୃଷ୍ଣ ମହାନ୍ତିଙ୍କ ଭଳି କୁଶଳୀ କାରିଗରଙ୍କୁ ଜାଣେ । ସେ ତାଙ୍କ ମାଟିର ଶିଳ୍ପୀମାନଙ୍କୁ ତାଙ୍କ ସାହିତ୍ୟ କୋଣାର୍କ ଗଢ଼ିବାରେ ନିଶ୍ଚୟ ଲଗାଇବେ- ଏ ବିଶ୍ୱାସ ମୋର ଅଛି । ଅନ୍ୟ ପତ୍ରିକାରେ ଶିଳ୍ପୀମାନଙ୍କ ଛବିକୁ ସ୍ୱତନ୍ତ୍ର ଭାବେ ସ୍ଥାନିତ କରା ଯାଉଥିବା ପରି ଆପଣଙ୍କ ମାଟିର ଶିଳ୍ପୀମାନଙ୍କର କେବଳ ସାହିତ୍ୟ ନୁହଁ, ଚିତ୍ରକଳାକୁ ମଧ୍ୟ ସ୍ଥାନିତ କରନ୍ତୁ ।

**ଅଶୋକ କୁମାର ମହାନ୍ତି,**
ପାଳିଆବିନ୍ଧା, ଭଦ୍ରକ

## କବିତା ଆଲୋଚନାର ଅର୍ଥ ନହେଉ କେବଳ କବିଗଣଙ୍କ ତାଲିକା ବନେଇବା

● ‘ରେବତୀ’ କେବଳ ଆମ ମାଟିର ସ୍ୱର ନୁହେଁ, ବରଂ ସାମ୍ପ୍ରତିକ ଆମ ସାହିତ୍ୟ ଓ ସମୟର ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ଏଠାରେ ପ୍ରକାଶିତ ଅନେକ ଗବେଷଣାଧର୍ମୀ ପ୍ରବନ୍ଧ ଓ ଫିଚର୍ ପାଇଁ ଭବିଷ୍ୟତକୁ ସାଇତିବା ଭଳି ପତ୍ରିକାଟିଏ । ସୁନ୍ଦର ମଲାଟ, ମୁଲାଏମ କାଗଜ ଓ ପ୍ରତ୍ୟେକ ଥର ନୂଆ ନୂଆ ଫିଚର୍ ଯୋଗୁଁ ଏହା ଅତ୍ୟନ୍ତ ଆକର୍ଷଣୀୟ । ଏପ୍ରିଲ ସଂଖ୍ୟାର ଡକ୍ଟର ହରିଶ୍ଚନ୍ଦ୍ର ବେହେରାଙ୍କ ‘ଅଶୀ ପରବର୍ତ୍ତୀ ଓଡ଼ିଆ କବିତା ଏକ ବିଚାର ବିମର୍ଶ’ ଉଚ୍ଚକୋଟୀର, ଉପାଦେୟ ଓ ଭାବଗର୍ଭକ ପ୍ରବନ୍ଧ । ଏହା ବୋଧଗମ୍ୟ ଓ ପ୍ରାଞ୍ଜଳ ହୋଇଛି । ଇପ୍‌ସିତା ଷଡ଼ଙ୍ଗୀଙ୍କ ‘ଆଲୋକିତ କାବ୍ୟସ୍ୱର’ରେ ଚାରିଜଣ କବିଙ୍କୁ ନେଇ ଆଲୋଚନା ହୋଇଥିବାରୁ ସେମାନଙ୍କ ସୃଷ୍ଟିର ବିଭିନ୍ନ ଦିଗକୁ ଆଲୋଚନା କରାଯାଇ ପାରିଛି । ନହେଲେ ଅନେକ ସମୟରେ ଖାଲି କବିଗଣଙ୍କ ଲିଷ୍ଟ୍ ଦେଲା ପରି ହୁଏ । ଜ୍ଞାନୀ ଦେବାଶିଷ ମିଶ୍ରଙ୍କ ଆଲୋଚନାରେ ସମକାଳୀନ ଧାରା ଉପରେ ସୁନ୍ଦର ଆଲୋଚନା ହୋଇଛି । ଡକ୍ଟର ମଣୀନ୍ଦ୍ର ମେହେରଙ୍କ ‘ଅନନ୍ତାର ଆତ୍ମଲିପି’ ଭିନ୍ନ ଶୈଳୀରେ ଲେଖା ଅତ୍ୟନ୍ତ ଭାବଗର୍ଭକ ଓ ସୁଖପାଠ୍ୟ । ସର୍ବୋପରି କବିତା ପୃଷ୍ଠା ବହୁତ ଭଲ ହୋଇଛି । ପୀତାମ୍ବର ତରାଇ, ଶର୍ମିଷ୍ଠା ସାହୁ, ମମତା ଦାଶ ପ୍ରଭୃତିଙ୍କ କବିତା ହୃଦୟସ୍ପର୍ଶୀ ।

**ସଂଘମିତ୍ରା ମିଶ୍ର,**
ଓଡ଼ିଆ ଅଧ୍ୟାପିକା, ୱାର୍ଡ଼ ନମ୍ବର - ୧୩, ବରଗଡ଼-୭୬୮୦୨୮



## ବିବିଧତା ଏହାର ବିଶେଷ ସୌନ୍ଦର୍ଯ୍ୟ

● ପତ୍ରିକା ପାଇ ବେଶ୍ କିଛି ପୃଷ୍ଠା ପଢ଼ିଛି । ପତ୍ରିକାର ଅଳଙ୍କରଣ ଅତି ସୁନ୍ଦର ଓ ଶୋଭନୀୟ । ପୃଷ୍ଠା ଭିତରେ ବିବିଧତା ରହିଛି, ବିଶୁଦ୍ଧ ସାହିତ୍ୟ ଠାରୁ ଆରମ୍ଭ କରି ଘରକରଣା ପର୍ଯ୍ୟନ୍ତ । ସୌଭାଗ୍ୟ କୁମାର ମିଶ୍ର, ବିଭୁ ପାଢ଼ୀ, ମମତା ଦାଶ, ପୀତାମ୍ବର ତରାଇ, ଆଦିଙ୍କ କବିତା ମତେ ଖୁବ୍ ଭଲ ଲାଗିଚି । ବୀଣାପାଣି ପ୍ରଧାନଙ୍କ କମ୍ବୋଡ଼ିଆର ଦେଶେ, ଇପ୍‌ସିତା ଷଡ଼ଙ୍ଗୀଙ୍କ ଆଲୋକିତ କାବ୍ୟସ୍ୱର, ଜ୍ଞାନୀ ଦେବାଶିଷ ମିଶ୍ରଙ୍କ କବିତା ଚର୍ଚ୍ଚା, ଉଦୟ ନାରାୟଣ ଦାସଙ୍କ ‘ଶୂନ୍ୟସ୍ଥାନ’ ପତ୍ରିକାକୁ ଋଦ୍ଧିମନ୍ତ କରିଛି । ପତ୍ରିକାର ବିବିଧତା ଏହାର ବିଶେଷ ସୌନ୍ଦର୍ଯ୍ୟ ।

**ତରୁଣକାନ୍ତି ମିଶ୍ର,**
ଲୁଇସ୍‌ରୋଡ଼୍, ଭୁବନେଶ୍ୱର

## ‘ରେବତୀ’ର ସ୍ୱାଦ ନିଆରା

● ସମ୍ପାଦକୀୟର ସ୍ୱତନ୍ତ୍ରତା, ଓଡ଼ିଆ କବିତାର ପ୍ରଗତିର ପରିଚର୍ଚ୍ଚା, ଶ୍ରୀଦେବଙ୍କ ସ୍ମୃତିରେ ବାପା, କୁହୁକ ଦେଶ କମ୍ବୋଡ଼ିଆ, କବିତାର କମନୀୟ କଢ଼ି ଇତ୍ୟାଦି ପଢ଼ି ଆମୋଦିତ ହେଲି । ପତ୍ରିକା ହାଟର ପଙ୍ଗତରେ ‘ରେବତୀ’ର ସ୍ୱାଦ ନିଆରା ଓ ଅନନ୍ୟ ।

**ଧନଞ୍ଜୟ ସ୍ୱାଇଁ,**
କଟକ

## ଶ୍ରୀଦେବଙ୍କ ‘ମୋ ବାପା’ ଲେଖା ଭଲ ଲାଗିଲା

● ଏପ୍ରିଲ ସଂଖ୍ୟାରେ ଶ୍ରୀଦେବ ତାଙ୍କ ବାପାଙ୍କ ସମ୍ପର୍କରେ ନିଜ ଶୈଳୀରେ ଲେଖିଥିବାରୁ ସୁଖପାଠ୍ୟ ହୋଇଛି । ହରିଶ୍ ବାବୁ ବିସ୍ତୃତ କରି ଲେଖିବାର ସୁଯୋଗ ପାଇନାହାନ୍ତି । ନିଜ କଥା ଲେଖି କିଛି ଭୁଲ୍ କରିଥିବାର ମନେହୁଏ ନାହିଁ । ଉଦୟ ବାବୁ ଶୁଭେନ୍ଦୁ ସାର୍‌ଙ୍କୁ ଗଳ୍ପର ନାୟକ କରି ଉଚିତ କରିଛନ୍ତି, ମାତ୍ର ସାର୍ ଯେଉଁ ଘରେ ଏ ପର୍ଯ୍ୟନ୍ତ ରହୁଛନ୍ତି, ଗଳ୍ପରେ ତାକୁ କାହିଁକି ଭାଙ୍ଗିଦେଲେ ଜଣାପଡୁନାହିଁ ।

**ଲକ୍ଷ୍ମୀକାନ୍ତ ତ୍ରିପାଠୀ,**
ବାଲେଶ୍ୱର

# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ: ସମ୍ପାଦିକା, 'ରେବତୀ',
ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.,
ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com
: rebati.edit2020@gmail.com


ରେବତୀ ଆମ ମାଟିର ସ୍ୱର

# ହେ ମହାମାନବ, ଘେନ ପ୍ରଣତି



ଓଡ଼ିଆ ଜାତିର ମଉଡ଼ମଣି ଶ୍ରୀ ମନୋଜ ଦାସଙ୍କ ମହାପ୍ରୟାଣରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ଓଡ଼ିଆ ସାରସ୍ୱତ ଜଗତରେ, ତାହା ଅପୂରଣୀୟ ହୋଇ ରହିବ ଚିରକାଳ ।

ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ନିବେଦନ ପୂର୍ବକ ଏଥରର ସମ୍ପାଦକୀୟ ପୃଷ୍ଠାକୁ ଆମେ 'ଶୂନ୍ୟ' ରଖୁଛୁ ।

ସମ୍ପାଦିକା




ପ୍ରସଙ୍ଗ-୧
ମହକିତ
ମନୋଜ

# ଭିନ୍ନ ମଣିଷ : ମନୋଜ ଦାସ


## ଡକ୍ଟର ସୁବାସ ଚନ୍ଦ୍ର ପାତ୍ର

ପୂର୍ବତନ ଅଧକ୍ଷ, ଜେଲ ରୋଡ୍, ବାଲେଶ୍ୱର
ଫୋନ : ୯୪୩୭୩ ୭୬୨୧୯


ଫଟୋ ସୌଜନ୍ୟ : ଲେଖକ ଓ ସରୋଜ ବଳ



**ମନୋଜ ଦାସ ଭୂମିଷ୍ଠ ହୋଇଥିଲେ ଫେବୃୟାରୀ ୨୭, ୧୯୩୪ରେ; ଏପ୍ରିଲ୍ ୨୭, ୨୦୨୧ରେ ତାଙ୍କର ମହାପ୍ରୟାଣ ଘଟିଲା । ଦୀର୍ଘ ୮୭ ବର୍ଷର ଜୀବନ । ଏ ଦୀର୍ଘ ଜୀବନ କିନ୍ତୁ ସମୟର ପ୍ରାବଲ୍ୟର କଥା କହେ ନାହିଁ ବରଂ କହେ କେତେ ଅର୍ଥପୂର୍ଣ୍ଣ, ପୂର୍ଣ୍ଣାଙ୍ଗ, ଘଟଣାବହୁଳ, ସାର୍ଥକ ଜୀବନଯାପନ କରି ସେ ଧରାପୃଷ୍ଠରୁ ବିଦାୟ ନେଲେ । ଶେଷ କ୍ଷଣ ପର୍ଯ୍ୟନ୍ତ ତାଙ୍କ ସ୍ମୃତିଶକ୍ତି ଥିଲା ବେଶ୍ ପ୍ରଖର, ସର୍ଜନଶୀଳତା ସେମିତି ପୂର୍ବବତ୍ ଥିଲା ଅକ୍ଷତ । ପାଖାପାଖି ଦୁଇବର୍ଷ ତଳେ ତାଙ୍କ ଧର୍ମପତ୍ନୀ ପ୍ରତିଜ୍ଞା ଦେବୀଙ୍କ ମୃତ୍ୟୁ ତାଙ୍କୁ କକ୍ଷଚ୍ୟୁତ କରି ପାରିନଥିଲା । ସେ ଖାଲି ଜଣେ ସାହିତ୍ୟିକ ନଥିଲେ, ସେ ଥିଲେ ଜଣେ ସାହିତ୍ୟ ସାଧକ ।**

ଫେବୃୟାରୀ ୨୭, ୧୯୩୪ରେ ଭୂମିଷ୍ଠ ହୋଇଥିଲେ ମନୋଜ ଦାସ; ଏପ୍ରିଲ୍ ୨୭, ୨୦୨୧ରେ ତାଙ୍କର ମହାପ୍ରୟାଣ ଘଟିଲା । ଦୀର୍ଘ ୮୭ ବର୍ଷର ଜୀବନ । ଏ ଦୀର୍ଘ ଜୀବନ କିନ୍ତୁ ସମୟର ପ୍ରାବଲ୍ୟର କଥା କହେ ନାହିଁ ବରଂ କହେ କେତେ ଅର୍ଥପୂର୍ଣ୍ଣ, ପୂର୍ଣ୍ଣାଙ୍ଗ, ଘଟଣାବହୁଳ, ସାର୍ଥକ ଜୀବନଯାପନ କରି ସେ ଧରାପୃଷ୍ଠରୁ ବିଦାୟ ନେଲେ । ଶେଷ କ୍ଷଣ ପର୍ଯ୍ୟନ୍ତ ତାଙ୍କ ସ୍ମୃତିଶକ୍ତି ଥିଲା ବେଶ୍ ପ୍ରଖର, ସର୍ଜନଶୀଳତା ସେମିତି ପୂର୍ବବତ୍ ଅକ୍ଷତ ରହିଥିଲା । କାରଣ ବର୍ଷକ ଅସୁସ୍ଥତା ଭିତରେ ମଧ୍ୟ ସେ ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ମହାକାବ୍ୟର ଓଡ଼ିଆ ଅନୁବାଦର ସଂପୂର୍ଣ୍ଣ ହୋଇଥିବା ଅଂଶକୁ ଶେଷସ୍ପର୍ଶ ଦେବାରେ ବ୍ୟସ୍ତ ଥିଲେ । ଅସୁସ୍ଥତା ଓ ଅପେକ୍ଷମାଣ ମୃତ୍ୟୁକୁ ସଂପୂର୍ଣ୍ଣ ଅବାନ୍ତର କରି ସେ ତାଙ୍କର ସାଧନା ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜାରି ରଖିଥିଲେ । ଏହା ପୂର୍ବରୁ ପାଖାପାଖି ଦୁଇବର୍ଷ ତଳେ ତାଙ୍କ ଧର୍ମପତ୍ନୀ ପ୍ରତିଜ୍ଞା ଦେବୀଙ୍କ ମୃତ୍ୟୁ ମଧ୍ୟ ତାଙ୍କୁ କକ୍ଷଚ୍ୟୁତ କରି ପାରିନଥିଲା । ଏହାର ମୁଖ୍ୟ କାରଣ ସେ ଖାଲି ଜଣେ ସାହିତ୍ୟିକ ନଥିଲେ, ସେ ଥିଲେ ଜଣେ ସାହିତ୍ୟ ସାଧକ । ଭାରତୀୟ ସାଂସ୍କୃତିକ ପରମ୍ପରାରେ ପ୍ରତ୍ୟେକ ଭାରତୀୟ ଜଣେ ଜଣେ ସାଧକ, ସାଧିକା ପଦବାଚ୍ୟ ଏବଂ ପ୍ରତ୍ୟେକ ଲେଖକ ଜଣେ ଜଣେ ସିଦ୍ଧପୁରୁଷ ବା ଋଷି । ଏ କ୍ଷେତ୍ରରେ ପ୍ରଖ୍ୟାତ ଔପନ୍ୟାସିକ ରାଜା ରାଓଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ – "India is not a nation like France or Italy or Germany: India is a state of being...Indian civilization is the making of the Rishis (the sages) and the western of heros and Prophets." ମନୋଜ ଦାସଙ୍କ ପାଇଁ ସାହିତ୍ୟ ସୃଷ୍ଟି ଥିଲା ଏକ ସାଧନା ଏବଂ ଶେଷ ପର୍ଯ୍ୟନ୍ତ ଏକ ଋଷିସୁଲଭ ନିଶ୍ଚଳତା ଓ ଶିଶୁସୁଲଭ ମାଧୁର୍ଯ୍ୟ ପ୍ରକାଶ କରି ଭାରି ହସହସ ମୁହଁରେ ସେ ଶରୀର ତ୍ୟାଗ କରିଥିଲେ ।

କୌତୁକର କଥା ସର୍ଜନାଜଗତରେ ସେ ଯେତିକି ଋଷିପ୍ରତିମ, ଦୈନନ୍ଦିନ ଜୀବନରେ ତତୋଧିକ ସାମାଜିକ । ୧୯୬୩ରେ ପଣ୍ଡିଚେରୀ ଆଶ୍ରମ ଚାଲିଗଲା ପରେ ଅନେକେ ଆଶଙ୍କା କରିଥିଲେ ସେ 'ବାବାଜୀ' ହୋଇଯିବେ, ଅତି ନୈଷ୍ଠିକ ଖାଦ୍ୟ ଗ୍ରହଣ ଓ ପୋଷାକ ପରିହିତ ହୋଇ ସେ ଏକ ଭିନ୍ନ ଜୀବନ ଯାପନ କରିବେ । ଶ୍ରୀମା–ଶ୍ରୀଅରବିନ୍ଦଙ୍କ ଦର୍ଶନ ଏ ପ୍ରକାର ଧାରଣାର ପରିପନ୍ଥୀ ହୋଇଥିବାରୁ ଏବଂ ମନୋଜ ଦାସ ଏ ଦର୍ଶନର ଜଣେ ସମର୍ପିତ ଆତ୍ମା ଓ ବ୍ୟାଖ୍ୟାକାର ହୋଇଥିବାରୁ ଅଚିରେ ଏ ପ୍ରକାର ଧାରଣା ଅମୂଳକ ପରିଗଣିତ ହେଲା । ପକ୍ଷାନ୍ତରେ ସେ ପ୍ରତିପାଦନ କରିବାକୁ ଲାଗିଲେ ତାଙ୍କ ଭଳି ସମାଜ–ସଂଶ୍ଳିଷ୍ଟ ବନ୍ଧୁବତ୍ସଳ ବ୍ୟକ୍ତି କେହି ନାହାନ୍ତି । ସେ ଖାଲି ବନ୍ଧୁବତ୍ସଳ ନଥିଲେ, ସେ ଥିଲେ ମାଟି–ବତ୍ସଳ । ନିଜର ଜନ୍ମମାଟି ଶଙ୍ଖାରୀ, ନିଜ ଜୀବନକୁ ଏକ ଆକାର ପ୍ରଦାନ କରିଥିବା ବାଲେଶ୍ୱର ଏବଂ ଓଡ଼ିଶାକୁ ସେ କେବେ ଭୁଲି ନଥିଲେ । ନିଜର ଅସୁସ୍ଥତା ଓ ବାର୍ଦ୍ଧକ୍ୟକୁ ଏ ଦିଗରେ କେବେ ସେ ପ୍ରତିବନ୍ଧକ ହେବାକୁ ଦେଇ ନଥିଲେ, ଯେତେବେଳେ 'ଆମନ୍ତ୍ରଣ' ଆସିଛି ଭୋଗରାଇ ବା ବାଲେଶ୍ୱରର ମାତୃ ଅନୁଷ୍ଠାନଠୁ ଅବା ନିଜ ସାରସ୍ୱତ ଜୀବନର ଆଦ୍ୟ ଦିଗ୍‌ଦର୍ଶକ ଫକୀରମୋହନଠୁ ।

ମୋର ମନୋଜ ଦାସଙ୍କ ସହ ସଂପର୍କ ୨୦୦୧ ମସିହାଠୁ ଏବଂ ଏହି ମହାର୍ଘ ସଂପର୍କର ସେତୁ ଥିଲେ ପ୍ରଥିତଯଶା କବି ତଥା ମନୋଜ ଦାସଙ୍କ ଘନିଷ୍ଠତମ ବନ୍ଧୁ ବ୍ରଜନାଥ ରଥ । ୨୦୦୧ ନଭେମ୍ବରରେ ମନୋଜ ଦାସଙ୍କୁ ତାଙ୍କର ସରସ୍ୱତୀ ସମ୍ମାନ ଓ ପଦ୍ମଶ୍ରୀ ଉପାଧିପ୍ରାପ୍ତି ଅବସରରେ ବାଲେଶ୍ୱରରେ ଏକ ନାଗରିକ ସମ୍ବର୍ଦ୍ଧନା ଦେବାର ବ୍ୟବସ୍ଥା ହୋଇଥିଲା । ଏହି ଉତ୍ସବର ଆୟୋଜନ ଏବଂ ଏହି ଉପଲକ୍ଷେ ପ୍ରକାଶିତ ମନୋଜ ଦାସଙ୍କ ଜୀବନ ଓ ସାହିତ୍ୟକୁ ନେଇ ପ୍ରକାଶିତ 'ମନୋଜାୟନ'ର ସଂପାଦନା କାର୍ଯ୍ୟରେ ବ୍ରଜବାବୁ ମୋତେ ସଂଶ୍ଳିଷ୍ଟ କରିଥିଲେ ଯେହେତୁ ଫକୀର ମୋହନ କଲେଜର ପୁରାତନ ଛାତ୍ର ସଂସଦର ଜଣେ ଅନ୍ୟତମ କର୍ମକର୍ତ୍ତା ହିସାବରେ ସେ ମୋତେ ପାଖାପାଖି ସାତବର୍ଷ ଦିଗ୍‌ଦର୍ଶନ ଦେଇ ଆସୁଥିଲେ । ଏହି ଅମୂଲ୍ୟ ଗ୍ରନ୍ଥର ମୁଖ୍ୟ ସଂପାଦକ ଥିଲେ କବି ଚନ୍ଦ୍ରକୁମାର ମହାନ୍ତି । ସହସ୍ରାଧିକ ମନୋଜପ୍ରେମୀଙ୍କ ସମାବେଶରେ ସମ୍ବର୍ଦ୍ଧିତ ହୋଇ ଶ୍ରୀଯୁକ୍ତ ଦାସ ଅଭିଭୂତ ହୋଇ ପଡ଼ିଥିଲେ, ଯେମିତି ଅଭିଭୂତ ହୋଇଥିଲେ ସମବେତ ଶ୍ରୋତୃମଣ୍ଡଳୀ ତାଙ୍କ ଉଦ୍‌ବୋଧନ ଶୁଣି । ଏହି ସମାରୋହ ତାଙ୍କୁ ଏତେ ମୁଗ୍ଧ କରିଥିଲା ଯେ ଏହାପରେ ସେ ନିୟମିତ ବ୍ୟବଧାନରେ ବାଲେଶ୍ୱରର ବିଭିନ୍ନ ଅନୁଷ୍ଠାନର ଡାକରାକୁ ଆଗ୍ରହର ସହ ଗ୍ରହଣ କରୁଥିଲେ । ୨୦୦୩ରେ ସେ ତାଙ୍କର ମାତୃ ଅନୁଷ୍ଠାନ ବାଲେଶ୍ୱର ଜିଲ୍ଲାସ୍କୁଲ୍‌ର ୧୫୦ତମ ଜୟନ୍ତୀରେ ଯୋଗ ଦେଇଥିଲା ବେଳେ, ୨୦୦୪ରେ ଫକୀରମୋହନ କଲେଜର ହୀରକଜୟନ୍ତୀରେ ଯୋଗ ଦେଇଥିଲେ । ପୁଣି ମାତୃ ଅନୁଷ୍ଠାନର ଆମନ୍ତ୍ରଣ ଏଡ଼ାଇ ନପାରି ଆସିଛନ୍ତି ୨୦୦୭ ଏବଂ ୨୦୧୩ରେ । ଏହାରି ଭିତରେ ସମାନ୍ତରାଳ ଭାବରେ ସେ




ଯୋଗ ଦେଇଛନ୍ତି ଫକୀରମୋହନ ସାହିତ୍ୟ ପରିଷଦର ବାର୍ଷିକ ଉତ୍ସବ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ । ବ୍ରଜନାଥ ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱତାରା ଗବେଷଣା ପରିଷଦ ଓ ପାଠାଗାରର ସେ ଉନ୍ମୋଚନ କରିଛନ୍ତି ୨୦୦୮ ମସିହାରେ । ଏହି ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ବ୍ରଜନାଥ ରଥ ସାରସ୍ୱତ ସମ୍ମାନ ଗ୍ରହଣ କରିବାକୁ ଆସିଛନ୍ତି ୨୦୧୭ ଜାନୁୟାରୀରେ ଏବଂ ମନୋଜ ସାହିତ୍ୟ ଓ ଓଡ଼ିଆ ସାହିତ୍ୟର ତୁଳନାତ୍ମକ ଅନୁଶୀଳନ ନିମନ୍ତେ ବାଲେଶ୍ୱରରେ ପ୍ରତିଷ୍ଠିତ 'ମନୋଜାୟନ'ର 'ସାହିତ୍ୟ ସନ୍ଧ୍ୟା' କାର୍ଯ୍ୟକ୍ରମରେ ସେ ଯୋଗ ଦେଇଛନ୍ତି ଫେବୃଆରୀ ୨୦୧୯ରେ । ଏହାପରେ ସେ ଆଉ ବାଲେଶ୍ୱର ଆସି ନାହାନ୍ତି । ଠିକ୍ ଅନୁରୂପ ଭାବରେ ନିଜ ଜନ୍ମମାଟି ଚନ୍ଦନେଶ୍ୱର ତେଘୋରୀ ପ୍ରାଥମିକ ସ୍କୁଲ୍ ତଥା ନିଜ ପିତାଙ୍କ ଦାନ ତଥା ନାମରେ ପ୍ରତିଷ୍ଠିତ ମଧୁସୂଦନ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବମାନଙ୍କରେ ଉପସ୍ଥିତ ରହି ନିଜର ଆଦ୍ୟଜୀବନର ଶିକ୍ଷାନୁଷ୍ଠାନ ପ୍ରତି ନିଜର କୃତଜ୍ଞତା ତଥା ଶ୍ରଦ୍ଧା ପ୍ରଦର୍ଶନ କରିଛନ୍ତି ।

ମନୋଜ ଦାସ ଏହି ଉତ୍ସବ ମାନଙ୍କରେ ଖାଲି ଯୋଗଦେଇ ବାଧିତ ହୋଇ ପଣ୍ଡିଚେରୀ ଫେରିଯାଇ ନାହାନ୍ତି । ସେ ବାଲେଶ୍ୱରର ମାଟି, ପାଣି, ପବନ, ପ୍ରଭାବ ଓ ପ୍ରତିଷ୍ଠା ଦ୍ୱାରା ଆହ୍ଲାଦିତ ହୋଇଛନ୍ତି । ଏହି କ୍ରମରେ ଖୋଜିଛନ୍ତି ନିଜର ବାଲ୍ୟବନ୍ଧୁ ତଥା ସହପାଠୀମାନଙ୍କୁ । ଘର ଘର ବୁଲି ଖୋଜି ଲୋଡ଼ି ସେମାନଙ୍କୁ ଭେଟିଛନ୍ତି, ସାହାଯ୍ୟର ହାତ ବଢ଼ାଇଛନ୍ତି, ବନ୍ଧୁସୁଲଭ ଉଷ୍ମତାରେ ସେମାନଙ୍କୁ ଆପ୍ୟାୟିତ କରିଛନ୍ତି, ସେମାନଙ୍କ ଆତିଥ୍ୟରେ ଆପ୍ୟାୟିତ ହୋଇଛନ୍ତି । ବାଲେଶ୍ୱର ଆଗମନ କାଳରେ ଯେତେବେଳେ ଜାଣିଛନ୍ତି ତାଙ୍କର କନିଷ୍ଠ ବନ୍ଧୁ କାଳୀକୁମାର ଦିଣ୍ଡା ଅସୁସ୍ଥ, ଫଳମୂଳ ଧରି ତାଙ୍କ ଘରେ ପହଞ୍ଚିଛନ୍ତି । ଅନୁରୂପ ଭାବରେ ପହଞ୍ଚିଛନ୍ତି ବାଲେଶ୍ୱର ଉପକଣ୍ଠ ସୁନ୍ଦୁରୀ ନିବାସୀ ଅସୁସ୍ଥ ବନ୍ଧୁ ଶରତ ମହାନ୍ତିଙ୍କ ଘରେ । ସବୁଠୁ ଅନ୍ତରଙ୍ଗ ବନ୍ଧୁ ବ୍ରଜନାଥ ରଥଙ୍କ ଅସୁସ୍ଥତା ପରେ ତାଙ୍କୁ କେବଳ ଭେଟିବା ପାଇଁ ପଣ୍ଡିଚେରୀରୁ ଆସି ପହଞ୍ଚିଛନ୍ତି ଓ କିଛି ଆର୍ଥିକ ସହଯୋଗ ମଧ କରିଛନ୍ତି । ଠିକ୍ ସେହିପରି ଯାଇଛନ୍ତି ବାମପନ୍ଥୀ ଜୀବନର ଅନ୍ତରଙ୍ଗ ସାଥୀ ଅକ୍ଷୟ ପାଣି ଓ ଫକୀରମୋହନ କଲେଜର ଅନ୍ତରଙ୍ଗ ସହପାଠୀ ସୁଦର୍ଶନ ନାୟକଙ୍କ ଘରକୁ । ବାଲେଶ୍ୱରଠୁ ୧୦କି.ମି. ଶେରଗଡ଼ରେ ରହୁଥିବା ବାଲ୍ୟବନ୍ଧୁ ଭାଗବତ ମହାନ୍ତିଙ୍କୁ ବାରମ୍ବାର ଭେଟିଛନ୍ତି, ସହପାଠୀ ଅବା ବାଲ୍ୟବନ୍ଧୁ ନୁହେଁ, ବାଲେଶ୍ୱରରେ ରହୁଥିବା ତାଙ୍କ ଆତ୍ମୀୟସ୍ୱଜନ ଘରେ ପହଞ୍ଚି ସେମାନଙ୍କ ସୁଖଦୁଃଖ ବୁଝିଛନ୍ତି । ଏହି ସବୁ ଘଟଣା ଆପାତତଃ ପ୍ରକାଶ କରେ ସେ କେତେ ମାନବବାଦୀ; ଆଧ୍ୟାତ୍ମିକତାର ପଥ ସାମାଜିକ ସାହଚର୍ଯ୍ୟର ପଥ ସେ କେବେ ରୋକେ ନାହିଁ ମନୋଜ ଦାସଙ୍କ ବନ୍ଧୁବତ୍ସଳତା ତା'ର ଏକ ଜ୍ୱଳନ୍ତ ନିଦର୍ଶନ ।

ଯାହାଙ୍କୁ ବେଶି ଭଲପାଇ ସେ ଟାଣି ହୋଇ ବାଲେଶ୍ୱର ଆସୁଥିଲେ ସେ ଥିଲେ ବ୍ୟାସକବି ଫକୀରମୋହନ ସେନାପତି, ତାଙ୍କ ଆଦ୍ୟ ସର୍ଜନଶୀଳ ଜୀବନର ସବୁଠୁ ବଡ଼ ପ୍ରଭାବ । ଫକୀରମୋହନ ତାଙ୍କୁ ଖାଲି ପ୍ରଭାବିତ କରିନଥିଲେ ବରଂ ତାଙ୍କୁ ସାହିତ୍ୟିକ ବନିବାରେ ଆତ୍ମ-ବିଶ୍ୱାସ ଯୋଗାଇଥିଲେ ଯାହା ସେ ନିର୍ଦ୍ଦିଷ୍ଟ ଭାବରେ ପାଇଥିଲେ ତାଙ୍କ ଆତ୍ମଜୀବନୀ ପଠନରୁ । କୈଶୋର ଅବସ୍ଥାରେ ଫକୀରମୋହନ ତାଙ୍କୁ ଏତେ ଆଚ୍ଛନ୍ନ କରିଥିଲେ ଯେ ମାତ୍ର ୧୫ ବର୍ଷ ବୟସରେ ସେ 'ବିପ୍ଳବୀ ଫକୀରମୋହନ' କବିତା ଗ୍ରନ୍ଥଟିଏ ରଚନା କରି ଉତ୍ସର୍ଗ କରିଥିଲେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ । ଏକ ବର୍ଷଣମୁଖର ସନ୍ଧ୍ୟାରେ ଭଦ୍ରଖରୁ ସାଇକେଲ୍ ଚଢ଼ି କାନ୍ତକବିଙ୍କ ଘର ତାଳପଦା ପହଞ୍ଚିଥିଲେ ପ୍ରଥମ ପୁସ୍ତକଟି ତାଙ୍କୁ ଅର୍ପଣ କରିବାକୁ । ଅଗ୍ରଜ କବି ବା ଲେଖକଙ୍କୁ ମନୋଜ ଦାସ ଭକ୍ତିପୂତ ଶ୍ରଦ୍ଧା କରୁଥିଲେ ଆଜୀବନ । କାନ୍ତକବିଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ପୁସ୍ତକରେ ଲେଖାଥିଲା: "ଉତ୍କଳର କବିଗୁରୁ, ଏ ଯୁଗର ଫକୀରମୋହନ, କାନ୍ତକବିଙ୍କ ଗୋଡ଼ ତଳେ ।"

ଠିକ୍ ସେହିପରି ପରିଣତ ବୟସରେ ଯେବେ ବି ବାଲେଶ୍ୱର ଆସୁଥିଲେ ଫକୀରମୋହନଙ୍କ ଶାନ୍ତିକାନନ ଯାଇ କଥାସମ୍ରାଟଙ୍କୁ ପ୍ରଣତି ଜଣାଉଥିଲେ ଏବଂ ବୁଲି ଯାଉଥିଲେ ଫକୀରମୋହନଙ୍କ ଘର ଯେଉଁଠି ଦିନେ ସେ ଭଡ଼ାରେ ଅଗ୍ରଜ ଅଧ୍ୟାପକ ଡକ୍ଟର ମନ୍ମଥନାଥ ଦାସଙ୍କ ତତ୍ତ୍ୱାବଧାନରେ ରହୁଥିଲେ । ଅଧୁନା ବାଲେଶ୍ୱର ମ୍ୟୁଜିୟମ୍ ନାମରେ ପରିଚିତ ଏହି ଘର ପାଖରେ ପହଞ୍ଚିଲେ ସେ ଚିହ୍ନେଇ ଦିଅନ୍ତି ସେହି ପ୍ରକୋଷ୍ଠଟିକୁ ଯାହା ଥିଲା ତାଙ୍କ ସ୍କୁଲଜୀବନ ରହଣିର ସାକ୍ଷୀ । ଅନୁରୂପ ଭାବରେ କିଛି ସମୟ ବିତେଇବାକୁ ଚାଲି ଯାଆନ୍ତି ବାଲେଶ୍ୱର ଉପକଣ୍ଠସ୍ଥ ଛତୁଆ ପୋଖରୀ ପାଖକୁ ଯେଉଁଠି ଫକୀରମୋହନଙ୍କ ସମାଧି ଅବସ୍ଥିତ । ଫକୀରମୋହନଙ୍କ ନିଜ ଘରେ ରହିବା ବିଷୟରେ ମନୋଜ ଦାସ କହନ୍ତି, "ଏହି ବାଲେଶ୍ୱର ମାଟିରେ ପ୍ରଥମେ ଯେଉଁଦିନ ପାଦଦେଲି, ସେଦିନ ଜାଣି ନଥିଲି ଯେ ମୁଁ ଯେଉଁ ଘରେ ରହିବାକୁ ଯାଉଛି, ତାହା ଓଡ଼ିଆ ସାହିତ୍ୟର ମହାନ୍ ସାହିତ୍ୟିକ ଓ ମୋର ପ୍ରିୟ ଲେଖକ ଫକୀରମୋହନଙ୍କ ବାସଗୃହ । ସେହି ଘରେ ରହି ମୁଁ ଯେମିତି ଫକୀରମୋହନଙ୍କ ସତ୍ତା ଅନୁଭବ କଲି ଏବଂ ତାହାହିଁ ମୋତେ ଲେଖକ ହେବାର ପ୍ରଚୁର ପ୍ରେରଣା ଦେଇଛି ।" ଛାତ୍ର ମନୋଜ କୁମାର ଦାସ ବାଲେଶ୍ୱର ଜିଲ୍ଲାସ୍କୁଲରେ ନବମ ଶ୍ରେଣୀରେ ପଢ଼ିବା ପାଇଁ ପ୍ରଥମ କରି ବାଲେଶ୍ୱର ସହରକୁ ଆସିଥିଲେ । ପୁଣି ତାଙ୍କରି ଭାଷାରେ "ଫକୀରମୋହନଙ୍କ ସହରକୁ ଆସୁଛି, ତାହାହିଁ ଥିଲା ମୋ ଆଶା ପୂରଣ ପାଇଁ ଯଥେଷ୍ଟ । ତାଙ୍କ ନିଜସ୍ୱ ଘରେ ରହିବାର ସୁଯୋଗ ଥିଲା ଆଶାତୀତ ଆଶୀର୍ବାଦ ।"


ମନୋଜ ଦାସଙ୍କ ଜୀବନ ଓ ସାହିତ୍ୟ ଉପରେ ଦୃଷ୍ଟି ନିବଦ୍ଧ କଲେ ଯାହା ପାଠକ ଏବଂ ତାଙ୍କ ପ୍ରଶଂସକଙ୍କ ମନକୁ ବେଶି ରେଖାପାତ କରେ ତାହେଲା ଉଭୟ ଜୀବନ ଓ ସୃଜନର ସମୃଦ୍ଧି, ସାର୍ଥକତା ଓ ବ୍ୟାପକତା । ଜୀବନ ଯେତିକି ଦୀର୍ଘ ସୃଷ୍ଟି ସେତିକି ବହୁଳ, ଗୁଣାତ୍ମକ ଓ ବିବିଧ । କବିତା, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଭ୍ରମଣ କାହାଣୀ, ପ୍ରବନ୍ଧ, ଜୀବନୀ, ଶିଶୁସାହିତ୍ୟ ପରି ସାହିତ୍ୟର ବିଭିନ୍ନ ବିଭବରେ ସମୃଦ୍ଧ ଓଡ଼ିଆରେ ଲେଖା ପୁସ୍ତକର ସଂଖ୍ୟା ୪୯ ହୋଇଥିଲା ବେଳେ ଇଂରାଜୀ ଭାଷାରେ ଲେଖିଛନ୍ତି ୩୯ଟି ପୁସ୍ତକ । ପ୍ରଥମ ଦୁଇଟି ସୃଷ୍ଟି – 'ଶତାବ୍ଦୀର ଆର୍ତ୍ତନାଦ' (୧୯୪୯) ଓ 'ବିପ୍ଳବୀ ଫକୀରମୋହନ' କବିତା ଗ୍ରନ୍ଥ ହୋଇଥିଲା ବେଳେ, ୧୯୫୨ରେ ପ୍ରଥମ ଗଳ୍ପ ସଂକଳନ 'ସମୁଦ୍ରର କ୍ଷୁଧା' ପ୍ରକାଶ ପାଏ । ଯଦିଚ ୧୯୫୪ରେ 'ପଦଧ୍ୱନି', ୧୯୫୭ରେ 'ନନ୍ଦାବତୀର ମାଝି', ୧୯୬୬ରେ 'ଉପନିବେଶ' ଓ ୧୯୯୨ରେ 'ତୁମ ଗାଁ ଓ ଅନ୍ୟାନ୍ୟ କବିତା' ଗ୍ରନ୍ଥ ପ୍ରକାଶ ପାଏ, ମନୋଜ ଦାସ କିନ୍ତୁ ଧୀରେ ଧୀରେ କଥାସାହିତ୍ୟ ଆଡ଼କୁ

ଅଧିକ ଆକର୍ଷିତ ହୋଇ ପଡ଼ନ୍ତି । ତା'ର କାରଣ ନିଜ ଦର୍ଶନ ଓ କଥନ ପାଇଁ ଅପେକ୍ଷାକୃତ ବଡ଼ କାନ୍‌ଭାସ୍ ବ୍ୟବହାରର ସୁଯୋଗ । 'ପଦଧ୍ୱନି', 'ନନ୍ଦାବତୀର ମାଝି', 'ଉପନିବେଶ' ଇତ୍ୟାଦି କବିତାଗ୍ରନ୍ଥରେ ବାମପନ୍ଥୀ ଚିନ୍ତାଧାରା ପ୍ରତିଫଳିତ ଏବଂ ଏ ସବୁଥିରେ ମାର୍କସୀୟ ପ୍ରଭାବ ସ୍ପଷ୍ଟ । ଏଥିରୁ ଅନେକ କବିତା ଗଣସଂଗୀତ ପର୍ଯ୍ୟାୟର, ଯାହା ବାମପନ୍ଥୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ସମବେତ ଜନତାଙ୍କୁ ଉଦ୍‌ବୁଦ୍ଧ କରିବା ପାଇଁ ସ୍ୱୟଂ ମନୋଜ ଦାସ ନିଜେ ସ୍ୱର ସଂଯୋଜନା କରି ଗାନ କରୁଥିଲେ । ଠିକ୍ ସେହିପରି 'ସମୁଦ୍ରର କ୍ଷୁଧା', 'ଆବିଷ୍କାର', 'ସାମରିକ', 'ବୟସ୍ୟ', 'ବିଷକନ୍ୟାର କାହାଣୀ' ଆଦି କ୍ଷୁଦ୍ରଗଳ୍ପରେ ମାର୍କସୀୟ ଚେତନା ସୁସ୍ପଷ୍ଟ । କମ୍ୟୁନିଷ୍ଟ୍ ପାର୍ଟିର ଜଣେ ପ୍ରାଦେଶିକ ସ୍ତରୀୟ ପ୍ରଖ୍ୟାତ ଛାତ୍ରନେତା ହିସାବରେ ସେ ମାର୍କସୀୟ ଦର୍ଶନରେ ଅଖଣ୍ଡ ବିଶ୍ୱାସ ରଖିଥିଲେ ଏବଂ ତାଙ୍କର ବଦ୍ଧମୂଳ ଧାରଣା ଥିଲା ମାର୍କସବାଦରେ ଉଦ୍‌ବୁଦ୍ଧ ଶାସନ ପଦ୍ଧତି ମଣିଷର ଯାବତୀୟ ଦୁଃଖ, ଲାଞ୍ଛନା, ଦାରିଦ୍ର୍ୟ, ବ୍ୟାଧିର ଅନ୍ତ ଘଟାଇବ । ସୋଭିଏତ୍ ଗଣତନ୍ତ୍ରର ଶାସକ ଷ୍ଟାଲିନ୍‌ଙ୍କ ଅତ୍ୟାଚାରୀ ଏକଛତ୍ରବାଦୀ ଶାସନର ପର୍ଦ୍ଦାଫାସ୍, ନିଜର ଅନ୍ତରଙ୍ଗ ବନ୍ଧୁ ତଥା ବିରୋଧୀଙ୍କୁ ନିର୍ମମ ହତ୍ୟା ମନୋଜ ଦାସଙ୍କୁ ଅସୀମ ଦୁଃଖ ଦେଲା । ସେହି ସମୟରେ ଭାରତବର୍ଷରେ ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ନେଇଥିବା କଂଗ୍ରେସର ଅଧପତନ, କଂଗ୍ରେସ ନେତାମାନଙ୍କ କ୍ଷମତା ଭୋଗ ଲାଳସା, ଗାନ୍ଧୀବାଦ ପ୍ରତି କଂଗ୍ରେସ ନେତାଙ୍କ ବିମୁଖତା ତାଙ୍କୁ ଭାରତ ବ୍ୟଥିତ କଲା । ଏହି ବେଦନାକୁ ସେ ତାଙ୍କର ଗଳ୍ପ 'ଅପହୃତ ଟୋପିର ରହସ୍ୟ', 'ଓଟ', 'ଭାଇ' ଇତ୍ୟାଦି ଗଳ୍ପରେ ପ୍ରକଟିତ କରିଛନ୍ତି । ଧୀରେଧୀରେ ମାର୍କସବାଦୀଠୁ ସେ ମାନବେନ୍ଦ୍ର ନାଥ ରାୟଙ୍କ ଚରମ ମାନବବାଦ (ରାଡିକାଲ୍ ହ୍ୟୁମାନିଜିମ୍) ଆଡ଼କୁ ଢଳିଲେ ଯାହା ଶ୍ରେଣୀ ସଂଘର୍ଷ ଅପେକ୍ଷା ମାନବୀୟ ସ୍ୱାଧୀନତାକୁ ଅଧିକ ଗୁରୁତ୍ୱ ଦିଏ । ସୋଭିଏତ୍ ୟୁନିୟନ୍‌ର କମ୍ୟୁନିଷ୍ଟ୍ ଶାସକମାନଙ୍କର ଅତ୍ୟାଚାରୀ ଏକଛତ୍ରବାଦ, ଭାରତର କଂଗ୍ରେସ ନେତାଙ୍କର ଗାନ୍ଧୀବାଦ ପ୍ରତି ପ୍ରବଞ୍ଚନା, ନିଜ ପାରିବାରିକ ଜୀବନରେ କଅଁଳ ଶିଶୁପୁତ୍ରର ମୃତ୍ୟୁ, ଦ୍ୱିତୀୟ ବିଶ୍ୱଯୁଦ୍ଧର ନରସଂହାର ଓ ଆଣବିକ ବୋମାସୃଷ୍ଟ ବିଭୀଷିକା ତାଙ୍କୁ ନୈରାଶବାଦ ଆଡ଼କୁ ଠେଲିବାକୁ ଲାଗିଲା । ମାନବୀୟ ସୁଗୁଣ ଅପେକ୍ଷା ଅପଗୁଣ ତାଙ୍କୁ ଅଧିକ ଦୃଷ୍ଟ ହେଲା । ଅମୃତର ସନ୍ତାନ ମଣିଷର ସହଜାତ ମହନୀୟତା ତାଙ୍କ ସନ୍ଦେହ ବଳୟ ମଧ୍ୟକୁ ପ୍ରବେଶ କଲା । ସେହି ପ୍ରକାର ଏକ ସନ୍ଧିକ୍ଷଣରେ ସୃଷ୍ଟି ହେଲା ତାଙ୍କର ବହୁ ଆଲୋଚିତ ଗଳ୍ପ 'ଆରଣ୍ୟକ' (୧୯୬୧) ।

ବନ୍ୟ ମାନସିକତା ଗ୍ରସ୍ତ ଓ ଅବଦମିତ ପ୍ରବୃତ୍ତିର ମୁକ୍ତିତତ୍ତ୍ୱରେ ବିଶ୍ୱାସ କରୁଥିବା ଚାରିଜଣ ସ୍ଖଳିତ ଚରିତ୍ରର ଶିକାର ଅଭିଯାନ ଉପରେ ପର୍ଯ୍ୟବେଶିତ 'ଆରଣ୍ୟକ' ମନୋଜ ଦାସଙ୍କ ଏକ ଅନବଦ୍ୟ ସୃଷ୍ଟି । ଅନେକ ଦୃଷ୍ଟିରୁ ଏହା ଅଦ୍ୱିତୀୟ ବି । ତାଙ୍କ ସୃଜନ ସାରଣୀର ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଏହାର ସୃଷ୍ଟି । ଭୂଗୋଳର ଯୋଜକ ପରି, ବା ଆଲେକ୍‌ଜାଣ୍ଡର୍ ପୋପ୍‌ଙ୍କ ସୃଷ୍ଟିର ଶିଢ଼ିରେ ମଣିଷର ଅବସ୍ଥିତିକୁ ନେଇ କଳ୍ପନା କରାଯାଉଥିବା ସଂକୀର୍ଣ୍ଣ ମଧ୍ୟବର୍ତ୍ତୀ ସ୍ଥାନ (ଇସଥମାସ ଅଫ୍ ଦ ମିଡଲ ଷ୍ଟେଟ୍) ପରି ଏହା ମନୋଜ ଦାସଙ୍କ ସୃଜନର ଦୁଇ ପର୍ଯ୍ୟାୟ– ମାର୍କସବାଦ କୈନ୍ଦ୍ରିକ ସାମାଜିକ ବାସ୍ତବବାଦ ଓ ଶ୍ରୀଅରବିନ୍ଦ ଦର୍ଶନ ପ୍ରଭାବିତ ଇନ୍ଦ୍ରୀୟାତୀତ ବାସ୍ତବତାକୁ ସଂଯୋଗ କରୁଥିବା ଏକ କ୍ଷୁଦ୍ର, ସୂକ୍ଷ୍ମ ଅଂଶ । ଅବଚେତନର ମୁକ୍ତ ପରାକ୍ରମ କେଡ଼େ ଭୟାବହ ଓ ଏହା ମଣିଷକୁ କେତେ ବିପଥଗାମୀ କରାଏ ଏହି ଗଳ୍ପ ତାର ସୂଚନା ଦିଏ । ୨୦୧୮ ନଭେମ୍ବର ୧୦ରେ ଦୈନିକ 'ସମାଜ'ରେ ତାଙ୍କ 'ଜିଜ୍ଞାସାର ଦିଗ୍‌ଦିଗନ୍ତ' ଶୀର୍ଷକ ପ୍ରଶ୍ନୋତ୍ତର ପ୍ରବନ୍ଧରେ ଶ୍ରୀଯୁକ୍ତ ଦାସ ଅବଚେତନ ସମ୍ବନ୍ଧରେ ଅସଚେତନତା ଅତି ବିଖ୍ୟାତ ମଣିଷକୁ ମଧ ନୈତିକ ବିପର୍ଯ୍ୟୟ ମୁଖକୁ ଠେଲି ଦେଇପାରେ ବୋଲି ଉଲ୍ଲେଖ କରିଛନ୍ତି । ତାଙ୍କ ଭାଷାରେ: 'ଅବଚେତନ ଉପରେ ସାଧାରଣତଃ ମଣିଷର ନିୟନ୍ତ୍ରଣ ନଥାଏ । ଅସାଧାରଣ ଭାବେ ବିଖ୍ୟାତ ଅନେକ ମଣିଷ, ବିଦ୍ୱାନ, ଶିଳ୍ପୀ, ଲେଖକ ଓ ଦାର୍ଶନିକ ମଧ ଅପ୍ରତ୍ୟାଶିତ ଭାବେ ନିଜ ଅବଚେତନର ପ୍ରଭାବରେ ନିନ୍ଦନୀୟ କର୍ମ କରିବାର ବା ସେଥିରେ ଅଂଶୀଦାର ବନିଯିବା ଦୃଷ୍ଟାନ୍ତର ଅଭାବ ନାହିଁ । XXX ଏକ ଅବଚେତନ ରହିଛି ସେ ସଂପର୍କରେ ସଚେତନ ହେବା ହିଁ ତା'କୁ ନିୟନ୍ତ୍ରଣ କରିବା ଦିଗରେ ଅଗ୍ରସର ହେବାର ପ୍ରଥମ ପାହାଚ ।' ଅବଚେତନ ବିଶେଷତଃ ତା'ର 'ନେତିଧର୍ମୀ' ଓ 'କ୍ଷତିକାରକ' ଭାବନା ସମ୍ବନ୍ଧରେ ଅସଚେତନତା ମଣିଷ ତଥା ସାମୁହିକ ଭାବରେ ସମାଜକୁ ଘୋର ନୈତିକସଂକଟର ସମ୍ମୁଖୀନ କରାଏ । ଅନୁରୂପ ଭାବରେ ଅବଦମିତ ପ୍ରବୃତ୍ତିର ମୁକ୍ତ ତାଣ୍ଡବ ପାରିବାରିକ ତଥା ସାମାଜିକ ସ୍ତରରେ ଘୋର ନୈତିକ ବିଶୃଙ୍ଖଳା ସୃଷ୍ଟି କରିବା ସହିତ ସାମୁହିକ ଚେତନାସ୍ତରରେ ମଣିଷକୁ ନିମ୍ନଗାମୀ କରେଇ ମାନବତାର ଭବିଷ୍ୟତ ଉପରେ ପ୍ରଶ୍ନ ଚିହ୍ନ ଆଙ୍କେ ।

'ଆରଣ୍ୟକ' ଗଳ୍ପରେ ଏହାର ଏକ ନମୂନା ଆମେ ଦେଖୁଁ ଯେଉଁଠି 'ପ୍ରବୃତ୍ତିର ଅବାଧ ମୁକ୍ତିତତ୍ତ୍ୱ'ର ରୂପାୟନ ପାଇଁ ଏକ ବଣ୍ୟ ଅଭିଯାନ ଅବସରରେ ଚରିତ୍ରମାନେ ବିଶୃଙ୍ଖଳାକୁ ଶୃଙ୍ଖଳା ଭାବି ଯାବତୀୟ ଅନୈତିକ ଉପଭୋଗ କ୍ରୀଡ଼ାରେ ନିଜେ କ୍ରୀଡ଼ନକ ସାଜନ୍ତି । ଏକ ଦୟନୀୟ ଘଟଣାକ୍ରମରେ ସେମାନେ ନିଜ ନିଜର 'ଦୁର୍ବାର ଲିପ୍‌ସା' ଚରିତାର୍ଥର ଲୀଳାଖେଳାରେ ଘୋର ମାନସିକ ତଥା ନୈତିକ ସଂକଟର ଶିକାର ହୋଇ ଶେଷରେ ନିଜ ନିଜର ଭାବନା, ଚିନ୍ତନର ସ୍ୱଚ୍ଛତା ହରାଇ ଯାବତୀୟ ଦ୍ୱନ୍ଦ୍ୱର ଦସ୍ତାବିଜ୍ ସାଜନ୍ତି । ଆଗରୁ ଯାହା ସ୍ୱଚ୍ଛ ଥିଲା, ତାହା ଅସ୍ୱଚ୍ଛ ଦେଖାଯାଏ ଏବଂ ଏକ ମାନସିକ କୁହୁଡ଼ି ପହଁରା ଆରମ୍ଭ ହୁଏ । ଯେଉଁଥିରୁ ଉପୁଡ଼ି ହୁଏ ସେହି ଦ୍ୱନ୍ଦ୍ୱ– ସେମାନେ ଖାଇଲେ କ'ଣ ? ବାରହା ମାଂସ ନା ଶ୍ୟାମଳର ମାଂସ ? ଶ୍ୟାମଳ ଜୀବିତ ନା ମୃତ ? ମନୋଜ ସାହିତ୍ୟର ଦୁଇଟି ପ୍ରମୁଖ ଧାରା ହେଲା – ମାର୍କସୀୟ ଚେତନା କୈନ୍ଦ୍ରିକ ସାମାଜିକ ବାସ୍ତବତା ଓ





ଶ୍ରୀଅରବିନ୍ଦ ଦର୍ଶନ ସମ୍ଭୁତ ଚିନ୍ତନ । ୧୯୬୩ରେ ମନୋଜ ଦାସଙ୍କ ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମ ଆଗମନ ପରେ ଲିଖିତ ପ୍ରାୟ ଅଧିକାଂଶ ଲେଖା ଶ୍ରୀଅରବିନ୍ଦ ଦର୍ଶନ ପ୍ରଭାବିତ । ତେବେ ସେ ମାର୍କବାଦକୁ ସଂପୂର୍ଣ୍ଣ ପ୍ରତ୍ୟାଖାନ କରିନାହାନ୍ତି ବରଂ ମାର୍କସ୍‌ବାଦର ରାଜନୈତିକ ରୂପାୟନରେ ସମସ୍ୟା ଉପଲବ୍ଧପୂର୍ବକ ସେ ମାର୍କସବାଦକୁ ଅତିକ୍ରମ କରି ଯାଇଛନ୍ତି । "I was a Marxist by political conviction... And the problem of human suffering concerned me then, as it does now,...I have not abandoned Marxism, I have just transcended it." ତେଣୁ ୧୯୬୩ ପରେ ଲେଖା ଅନେକ ଗଳ୍ପରେ ଆମେ ଏହି ଦୁଇ ଦର୍ଶନର ସହାବସ୍ଥାନ ଦେଖୁ । ମାନବୀୟ ଅଭୀପ୍ସାର ଉତ୍ତରଣ ଚିତ୍ର ଆଙ୍କିଲା ବେଳେ ମନୋଜ ଦାସ ବାମପନ୍ଥୀ ଚିନ୍ତାଧାରାକୁ ଆନ୍ଦୋଳିତ କରୁଥିବା ଘଟଣାକୁ ପୃଷ୍ଠଭୂମି ହିସାବରେ ବ୍ୟବହାର କରନ୍ତି । ତାଙ୍କ ବହୁ ଚର୍ଚ୍ଚିତ 'ଘୁଡ଼ି' ଓ 'ଲକ୍ଷ୍ମୀର ଅଭିସାର' ଏହି ସହାବସ୍ଥାନର ବାର୍ତ୍ତା କହେ । ଘୁଡ଼ିର ନାୟକ କୁଞ୍ଜ ନିଜ ଦିବ୍ୟ ଅଭୀପ୍ସାର ପୂରଣ ପାଇଁ ଦିଗ୍‌ବଳୟକୁ ସ୍ପର୍ଶ କରିବାକୁ ଚେଷ୍ଟା କରି ସମୁଦ୍ରସମାଧି ନେଲାବେଳେ ତା' ଜୀବନର ପାରିପାର୍ଶ୍ୱିକ ଘଟଣା ପରିବାରର ଅଭାବ, ଅନଟନ, ଗ୍ରାମ୍ୟ ଜମିଦାରର ଅତ୍ୟାଚାରର କାହାଣୀ ପ୍ରକାଶ କରେ । ଲକ୍ଷ୍ମୀ ତା'ର ପ୍ରିୟ ଭଗବାନ ସହ ଏକାତ୍ମ ହେବାକୁ ଚେଷ୍ଟା କଲାବେଳେ ପୁରୋହିତ ତା'ର ସାବଲୀଳ ଦିବ୍ୟ ମାର୍ଗରେ ପ୍ରତିବନ୍ଧକ ସାଜେ, ସେ ଅନୁଭବ କରେ ଏ ପ୍ରକାର ଏକ ବୈରୀଭାବାପନ୍ନ ସମାଜରେ ତା'ର ଚେତନାର ଦିବ୍ୟ ଉତ୍ତରଣ ସମ୍ଭବ ନୁହେଁ । ତେଣୁ ସେ ଏ ପୃଥିବୀ ଛାଡ଼ି ଭିନ୍ନ ଏକ ପୃଥିବୀକୁ ଗମନ କରେ । ଅଥଚ ଲକ୍ଷ୍ମୀ ଭଗବାନଙ୍କ ସହ ତା'ର ବାର୍ତ୍ତାଳାପରେ ବାପାମା'ଙ୍କ ଦାରିଦ୍ର୍ୟଜନିତ ଅସହାୟତାର କରୁଣ କାହାଣୀ ଠାକୁରଙ୍କ ଆଗରେ ବାଢ଼େ । ଅନେକ ଗଳ୍ପରେ ବିଶେଷତଃ ତାଙ୍କ ଉପନ୍ୟାସମାନଙ୍କରେ ବାମପନ୍ଥୀ ସାମାଜିକ ବାସ୍ତବତାର ସ୍ୱର ବହୁତ ନମ୍ର ଏବଂ କ୍ଷୀଣ । ଫଳତଃ ଆଧ୍ୟାତ୍ମିକତାର ସ୍ୱର ସେ ସବୁ କ୍ଷେତ୍ରରେ ହୋଇପଡ଼େ ବହୁତ ସୁସ୍ପଷ୍ଟ ।

ଆଧ୍ୟାତ୍ମିକତା ସମ୍ବନ୍ଧରେ ସ୍ପଷ୍ଟ ଧାରାଣା ଦେବାକୁ ଯାଇ ମନୋଜ କହନ୍ତି, 'ଆଧ୍ୟାତ୍ମିକତାକୁ କୌଣସି ଧର୍ମ, ଗୋଷ୍ଠୀ, ଜାତି ଇତ୍ୟାଦି ସହ ସଂଶ୍ଲିଷ୍ଟ କଲେ ଚଳିବ ନାହିଁ । ଆଧ୍ୟାତ୍ମିକତା ଚେତନାଗତ ବିଜ୍ଞାନ । ଘ ଘ ଘ ଆଧ୍ୟାତ୍ମିକତାକୁ ପ୍ରାୟ ଧର୍ମାନ୍ଧତା, ବସ୍ତୁ-ବିମୁଖତା ଇତ୍ୟାଦି ସହ ଏକ ବୋଲି ଧରି ନିଆଯାଇଥାଏ, ତାହା ଭୁଲ । ଆଲୋକ ଓ ସତ୍ୟ ଦିଗରେ ମଣିଷର ଚିରନ୍ତନ ଅଭୀପ୍ସା ହିଁ ଆଧ୍ୟାତ୍ମିକତା । ଆଧ୍ୟାତ୍ମିକତା ସବୁକିଛିର ଉତ୍ସ ।'

ଆତ୍ମା ଓ ଆଧ୍ୟାତ୍ମିକତା ମଧ୍ୟରେ ସଂପର୍କ ବିଷୟରେ ସୂଚନା ଦେବାକୁ ଯାଇ ଶ୍ରୀ ଦାସ କହନ୍ତି, 'ଆମ ମନ ଏବଂ ପ୍ରାଣ ତଥା ଏ ଦୁଇ ବିଭବର ନାନାଦି ଗୁଣ, ଯଥା ବୁଦ୍ଧି, ବିବେକ, ଧୀ, ବିଦ୍ୟା, ଜ୍ଞାନ, ଆବେଗ, ପ୍ରବେଗ, ଉଚ୍ଚାଭିଳାଷ, ଦୟା, କରୁଣା, ତ୍ୟାଗଶୀଳତା ଓ ଅନ୍ୟାନ୍ୟ ଆଦର୍ଶ ଅତିକ୍ରମ କରି ଆହୁରି ଶରୀରରେ ବିଦ୍ୟମାନ ଆମର ଆତ୍ମା । ତାହା ଏକ ଅପରିସୀମ ବାସ୍ତବତା, ଉପରୋକ୍ତ ସମଗ୍ର ଗୁଣର ଆଧାର ହେବା ସତ୍ତ୍ୱେ ନିର୍ଗୁଣ, ପୁଣି ପ୍ରକୃତ ଆନନ୍ଦ, ପ୍ରଜ୍ଞା, ଅମରତ୍ୱର ଅଧିକାରୀ ଭାବରେ ସଗୁଣ ମଧ୍ୟ; ଅର୍ଥାତ୍ ସେ ମୁକ୍ତ । ଗୁଣ ବା ନିର୍ଗୁଣର ସଂଜ୍ଞାର ଊର୍ଦ୍ଧ୍ୱରେ । ତାହାହିଁ ଆମର ଯଥାର୍ଥ ସତ୍ତା । ତାହା ହିଁ ହେବ ଆମ ପୁନର୍ଜନ୍ମର ଆଧାର । ଏମନ୍ତ ଯେଉଁ ଆତ୍ମା, ତାହାର ସନ୍ଧାନରେ ବ୍ରତୀ, ଅଥବା ତାହାର ଇସାରାରେ ଅନ୍ତର୍ମୁଖୀ ଯେ କୌଣସି ବ୍ୟକ୍ତି ଆଧ୍ୟାତ୍ମିକ ପଥର ଯାତ୍ରୀ । ସେ ସାଧାରଣ ଅର୍ଥରେ ଧାର୍ମିକ ହୋଇ ନପାରେ । ଧର୍ମାନୁମୋଦିତ ନୀତିନିୟମ ଅନେକ ସମୟରେ ବନ୍ଧନ; ଆଧ୍ୟାତ୍ମିକ ପଥର ପଥିକ ସେ ବନ୍ଧନ ସ୍ୱୀକାର କରେନା, କିନ୍ତୁ ସେ ସତ୍ୟର ସନ୍ଧାନୀ; ଜୀବନର ତାତ୍ପର୍ଯ୍ୟ ଓ ଲକ୍ଷ୍ୟ ଜାଣିବା ଦିଗରେ ଅଦମିତ ତା'ର ଆଗ୍ରହ । ଖ୍ରୀଷ୍ଟପୂର୍ବ ଯୁଗର ଅଧିକାଂଶ ସୁପ୍ରାଚୀନ ଧର୍ମର ଭିତ୍ତି ଆଧ୍ୟାତ୍ମିକତା ।'

ଆମ ପାଇଁ ଏହା ଏକ ତତ୍ତ୍ୱ ଭଳି ଶୁଭିପାରେ ମାତ୍ର ମନୋଜ ଦାସଙ୍କ



ପାଇଁ ଏହି ଅଭିବ୍ୟକ୍ତି ତାଙ୍କ ସାରସ୍ୱତ ସାଧନାର ମୂଳଭିତ୍ତି । ତେବେ ସେ ଆଶ୍ୱାସନା ଦେଇ କହନ୍ତି, ତତ୍ତ୍ୱ ତୁଳନାରେ ଜୀବନ ବହୁତ ବଡ଼ । ସାହିତ୍ୟ ଜୀବନକୁ ପ୍ରତିଫଳିତ କରେ ଏବଂ ଯାହା ଜୀବନଠୁ ଅଧିକ ତାକୁ ବି ପ୍ରତିଫଳିତ କରେ । କାରଣ 'ଜୀବନ ଏକ କ୍ରମ ବିକାଶମାନ ଚେତନା' ଏବଂ 'ଯୁଗ-ନିର୍ଣ୍ଣିତ ସତ୍ୟ', ଅନ୍ତିମ ସତ୍ୟ ନୁହେଁ । ଅବଶ୍ୟ କୌଣସି ଦର୍ଶନ ବା ତତ୍ତ୍ୱକୁ ସେ ତାଙ୍କ ସୃଜନ ଉପରେ ଆଚ୍ଛନ୍ନ ହେବାକୁ ଦିଅନ୍ତି ନାହିଁ । ଅତି ସୂକ୍ଷ୍ମ, ସଂଗୁପ୍ତ ସ୍ତରରେ ପାଠକ ହୁଏତ ତା'ର ଉପସ୍ଥିତି ଅନୁଭବ କରିପାରେ ।

ଉପରୋକ୍ତ ପ୍ରେକ୍ଷାପଟରେ ମନୋଜ ସାହିତ୍ୟରେ ଆଧ୍ୟାତ୍ମିକତାର ଚିତ୍ରର ବିଶ୍ଲେଷଣ କରାଯାଇପାରେ । ମନୋଜଙ୍କ ଆଧ୍ୟାତ୍ମିକ ଅନ୍ୱେଷା ଖାଲି ତାଙ୍କ ସାହିତ୍ୟକୁ ଋଦ୍ଧିମନ୍ତ କରିନାହିଁ ବରଂ ତାଙ୍କୁ ଭାରତୀୟ ସଭ୍ୟତା ଓ ସଂସ୍କୃତିର ଜଣେ ଭରସାଯୋଗ୍ୟ, ପ୍ରତିନିଧିମୂଳକ ଲେଖକ ହିସାବରେ ଦଣ୍ଡାୟମାନ କରାଇଛି ଯାହା ସଚାରଚର ଇଂରାଜୀରେ ଲେଖୁଥିବା ଖୁବ୍ କମ ଭାରତୀୟ ଲେଖକଙ୍କ କ୍ଷେତ୍ରରେ କହିହେବ । ଏ ପ୍ରସଙ୍ଗରେ ମନୋଜ କହନ୍ତି, "ଇଂରାଜୀରେ ଭାରତୀୟ ଜୀବନ ଉପରେ ଯେଉଁ କଥା-ସାହିତ୍ୟ ଲେଖା ହୁଏ, ତାହା ଭାରତୀୟ ଜୀବନ ବା ପରିସ୍ଥିତିରେ ସଚ୍ଚା ଚିତ୍ରଣ ନୁହେଁ । ଏ ଧାରଣା ମୋତେ ପୀଡ଼ା ଦେଇଛି । ××× ମନେହେଲା, ଇଂରାଜୀ ମାଧ୍ୟମରେ ମୁଁ ବାସ୍ତବ ଭାରତର କିୟଦଂଶ ଉପସ୍ଥାପିତ କରିପାରିବି । ଭୁଲ୍ ହେଉ ବା ଠିକ୍ ହେଉ, ନିଜ ପ୍ରତ୍ୟୟ ଅନୁସାରେ କାମ କରିବାର ଅଧିକାର ଜଣଙ୍କର ଅଛି ନିଶ୍ଚୟ ।" ପାଶ୍ଚାତ୍ୟ ସମାଲୋଚକ ମାନେ ପାଦେ ଆଗେଇ ଯାଇ କହନ୍ତି, ମନୋଜ ଦାସଙ୍କ ଗଳ୍ପରେ 'ଭାରତୀୟ ଚେତନା ଭିତରକୁ ଅନ୍ତର୍ଦୃଷ୍ଟି ଖୋଲିଯାଏ ।' ଭାରତୀୟ ଦର୍ଶନ, ସଂସ୍କୃତି, ସଂସ୍କାର, ସଭ୍ୟତାର ନିଷ୍କର୍ଷ ସମୂହକୁ ଏକ ଉଚ୍ଚାଙ୍ଗ ସ୍ତରକୁ ଉନ୍ନୀତ କରି ସେ କେତେବେଳେ ଋଷି ପ୍ରତିମ ହୋଇପଡ଼ିନ୍ତି ।'

ମନୋଜ ଦାସଙ୍କ ସାହିତ୍ୟରେ ଆମେ ଶିଶୁଜୀବନ, ପ୍ରକୃତି ପ୍ରୀତି, ରହସ୍ୟବୋଧ, ଅତିନ୍ଦ୍ରିୟତା, ଫାଣ୍ଟାସି, ଆଧିଭୌତିକତା, ଅଲୌକିକତା, କିମ୍ବଦନ୍ତୀ ଓ ଲୋକକଥାର ଚିତ୍ରଣ ଦେଖୁ । ଟିକିଏ ଗଭୀର ଭାବରେ ଅନୁଶୀଳନ କଲେ ଜଣାଯିବ ଏ ସବୁ ପ୍ରବର୍ତ୍ତନର ହେତୁ ହିଁ ଆଧ୍ୟାତ୍ମିକ ଅନ୍ୱେଷା । ଏହି ଉପାଦାନ ମାନଙ୍କ ମଧ୍ୟରୁ ରହସ୍ୟବୋଧ, ଅତିନ୍ଦ୍ରିୟତା, ଫାଣ୍ଟାସି, କିମ୍ବଦନ୍ତୀ ଓ ଲୋକକଥା ଉପରେ ଅଧିକ ଦୃଷ୍ଟି ନିକ୍ଷେପ କରା ଯାଇପାରେ ।

ଆଧ୍ୟାତ୍ମିକ ଅନ୍ୱେଷାର ସାରସ୍ୱତ ରୂପାୟନ ପାଇଁ ମନୋଜ ଦାସ ତାଙ୍କ କଥା ସାହିତ୍ୟରେ ରହସ୍ୟବୋଧ (mystery) ଏବଂ ଅତିନ୍ଦ୍ରିୟତା (mysticism) ଏକ ଅବଲମ୍ବନ ହିସାବରେ ବ୍ୟବହାର କରନ୍ତି । ଜୀବନ ରହସ୍ୟମୟ ଏବଂ ଇନ୍ଦ୍ରିୟକୈନ୍ଦ୍ରିକ ଅନୁଭୂତି ଏକମାତ୍ର ଅନୁଭୂତି ନୁହେଁ ଏବଂ ଏହା ବହୁ ଭାବରେ ସୀମିତ ଏକଥା ପ୍ରକାଶ କରିବା ଶ୍ରୀଯୁକ୍ତ ଦାସଙ୍କ ଉଦ୍ଦେଶ୍ୟ । ରହସ୍ୟବୋଧ ବିଜ୍ଞାନ ବିରୋଧୀ, rationality ବିରୋଧୀ କହି ତାକୁ ପ୍ରତ୍ୟାଖ୍ୟାନ କରିବା ଏବଂ ଇନ୍ଦ୍ରିୟାତୀତ ଅନୁଭୂତି ଏକ ପ୍ରକାର ଅନ୍ଧବିଶ୍ୱାସ କହି ଏଡ଼ାଇ ଦେବାର ମନୋଭାବକୁ ମନୋଜ ଦାସ ଘୋର ବିରୋଧ କରନ୍ତି । ସେ କହନ୍ତି 'ଦୃଶ୍ୟମାନ ବାସ୍ତବତାର ଅନ୍ତରାଳରେ ଅନ୍ୟ ଏକ ବା ଏକାଧିକ ବାସ୍ତବତା ଥିବାରେ ମୁଁ ବିଶ୍ୱାସ କରେ (ଯେଉଁ ବିଶ୍ୱାସକୁ ରହସ୍ୟବାଦ କୁହାଯାଏ); ଦ୍ୱିତୀୟରେ ଥରେ ଥରେ ଗଳ୍ପର ଆଭିମୁଖ୍ୟ ପାଇଁ ଆଙ୍ଗିକ ଭାବରେ ଏଭଳି ବିନ୍ୟାସ ସହାୟକ ହୋଇପାରେ ।' ବାସ୍ତବତା ସହ ରହସ୍ୟବାଦ ଓ ଇନ୍ଦ୍ରୀୟାତୀତ ଅନୁଭୂତିର ସହାବସ୍ଥାନ କରି ଲେଖକ ମଣିଷର ଆପେକ୍ଷିକ ନୈତିକବୋଧ ଏବଂ ଜୀବନରେ ପ୍ରକଟିତ ଭିନ୍ନ ସମ୍ଭାବନା ଦିଗରେ ଆମର ଦୃଷ୍ଟି ଆକର୍ଷଣ କରନ୍ତି । 'କିମ୍ଭିରିଣୀ' (Crocodile's Lady)ଗଳ୍ପରେ ବୃଦ୍ଧା ନାୟିକା ଗଭୀର ଜଳରେ କୁମ୍ଭୀର ସହ ଅବସ୍ଥାନର ଅନୁଭୂତି ବର୍ଣ୍ଣନା କରି ପାଠକକୁ ଏକ ରହସ୍ୟ ବଳୟକୁ ଘେନି ଯାଉଥିବା ବେଳେ, ମଣିଷର କୁମ୍ଭୀର ପ୍ରତି ବ୍ୟବହାର ଏବଂ କୁମ୍ଭୀରର ମଣିଷ ପ୍ରତି ବ୍ୟବହାରର ଏକ ବିରୋଧାତ୍ମକ ଦିଗ ମଧ୍ୟ ସେ ଅଙ୍କନ କରିଛନ୍ତି । ହିଂସ୍ର ଜୀବ ହୋଇ ମଧ୍ୟ କୁମ୍ଭୀରଟି ମଣିଷ ପ୍ରତି ଯେତିକି ସ୍ନେହଶୀଳ, ସହାନୁଭୂତିଶୀଳ ହୋଇଛି ଏବଂ ଏକ ମନ୍ତ୍ର ମାଧ୍ୟମରେ ଗଭୀର ପାଣିରେ କିପରି ବସବାସ କରିବାକୁ ପଡ଼ିବ, ଭାସମାନ ଅବସ୍ଥାରେ କିପରି ଚଳିବାକୁ ପଡ଼ିବ, ସେ ସବୁ ତାଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇବା ସହ ତାଙ୍କୁ ତୀର୍ଥ ଭ୍ରମଣରେ ନେଇ ଯାଇଥିବା ସ୍ଥଳେ, କୁମ୍ଭୀରଟି ସ୍ଥଳଭାଗକୁ ଚାଲି ଆସିବା ବେଳେ ମଣିଷ ତାକୁ ପ୍ରଥମ ସୁଯୋଗରେ ପିଟି ମାରି ପକାଇଛି Imysticism ଜଣେ ଲେଖକଙ୍କୁ ଖାଲି 'ବହୁ ପ୍ରକାର ବାଧା ଓ ସୀମାକୁ ଅତିକ୍ରମ' କରିବାର 'ଆନ୍ତଃସ୍ୱାଧୀନତାର ସ୍ୱାଦ ଦେଇପାରେ' ତାହାନୁହେଁ, ଜୀବନକୁ ଗଭୀର ଭାବେ ଅନୁଶୀଳନ କରିବାକୁ ଉଭୟ ଲେଖକ ଓ ପାଠକକୁ ମଧ୍ୟ ସୁଯୋଗ ପ୍ରଦାନ କରେ । ଅତିନ୍ଦ୍ରୀୟ ଅନୁଭୂତି ଏକ ପ୍ରକାର ଆଧ୍ୟାତ୍ମିକ ଅନୁଭୂତି । ଅତିନ୍ଦ୍ରୀୟତା ଭାରତୀୟ ଧର୍ମ, ସଂସ୍କୃତିର ମୂଳପିଣ୍ଡ ଯାହା ଭାରତୀୟ ଜୀବନକୁ ପ୍ରଦାନ କରେ ଏକ ସ୍ୱାତନ୍ତ୍ର୍ୟ ଓ ଅଦ୍ୱିତୀୟତା । ସେହି କ୍ରମରେ ଆମେ ତାଙ୍କର 'ଜହ୍ନରାତିର ସେତୁ' ଓ 'ଜହ୍ନ ଓ ହାଓ୍ୱାର ସନ୍ଧ୍ୟା' ଗଳ୍ପକୁ ଦେଖିପାରୁଁ ଯେଉଁଠି ଜଣଙ୍କର (ଅଶୋକ ବାବୁ) ମୃତ୍ୟୁବେଳେ ଅନ୍ୟଜଣେ (ମହେନ୍ଦ୍ର) ତାଙ୍କୁ ଅନ୍ୟଠି କିଛି ଚିଠି ଖୋଜୁଥିବା ଅବସ୍ଥାରେ ଦେଖି ପାରିବା ଅବା ଜଣେ ମୃତବ୍ୟକ୍ତି ପ୍ରମଥ କାଳେ ସେମାନଙ୍କୁ ଭେଟିବାକୁ ଆସିଛି ବୋଲି ଦୁଇବନ୍ଧୁ ଧରିନେବା ଏବଂ ମୃତ ପ୍ରମଥ ପୁଣି ଶାଲ୍‌ଟି ଯାହାକୁ ଭେଟିଦେବାକୁ ଯାଉଛନ୍ତି ସେ ଭଦ୍ରମହିଳା ମିସେସ୍ ଉଇଲ୍‌ସନ୍ ମାସେ ହେଲା ମୃତ୍ୟୁବରଣ କରିବା ଏବଂ ଏ ପ୍ରକାର ଅସ୍ୱାଭାବିକ ଘଟଣାର ସାକ୍ଷୀ ବନିଥିବା ଦୁଇବନ୍ଧୁ ଶେଷରେ ପରସ୍ପରର ମୃତ୍ୟୁ ସମ୍ବନ୍ଧରେ ପରୋକ୍ଷରେ ଅନ୍ୟମାନଙ୍କୁ ପଚାରିବା – ଏସବୁ ସୂଚାଏ ବାସ୍ତବତା ଓ ଅବାସ୍ତବତା, ଇନ୍ଦ୍ରିୟକୈନ୍ଦ୍ରିକ ଓ ଇନ୍ଦ୍ରୀୟାତୀତ ଅନୁଭୂତି ଭିତରେ ପାର୍ଥକ୍ୟରେଖା କେତେ କ୍ଷୀଣ ।

ମନୋଜ ଦାସଙ୍କ ବ୍ୟକ୍ତିଗତ ଜୀବନ ତଥା ସାରସ୍ୱତ ସାଧନା ଶ୍ରୀଅରବିନ୍ଦ



ଯୋଗଦର୍ଶନ ଉପରେ ପ୍ରତିଷ୍ଠିତ । ସେ ଦର୍ଶନ ସମ୍ୱନ୍ଧରେ କରିବାକୁ ଯାଇ ମନୋଜ କହନ୍ତି, 'ମାନବ ଜାତିର ଆଧ୍ୟାତ୍ମିକ ଉତ୍ତରଣ ହେଲା ସେ ଦର୍ଶନ, ତାହା ସମ୍ଭବ ହେବ ଜୀବନରୁ ବୈରାଗ୍ୟ ତ୍ୟାଗ କରି ନୁହେଁ, ଜୀବନକୁ ଦିବ୍ୟଶକ୍ତି ମାଧ୍ୟମରେ ରୂପାନ୍ତରିତ କରି ।' ଏ ମନ୍ତବ୍ୟର ମୂଳକଥା ହେଲା ଚେତନାର ଉତ୍ତରଣ ଓ ରୂପାନ୍ତରୀକରଣ । ଏହି ଦର୍ଶନ ମନୋଜ ଦାସଙ୍କୁ ଏତେ ପ୍ରଭାବିତ କରିଛି ଯେ ଏହାରି ସୌଜନ୍ୟରେ ସେ ଅନେକ ଚର୍ଚ୍ଚିତ ପୌରାଣିକ ଚରିତ୍ର ଓ ଦେବଦେବୀଙ୍କୁ ନୂତନ ବ୍ୟାଖ୍ୟା କରିଛନ୍ତି । ଶ୍ରୀକୃଷ୍ଣ, ଶ୍ରୀରାଧା, ଗୋପୀଗଣ ଓ ମା'କାଳୀଙ୍କୁ ସେ ଏହିପରି ବ୍ୟାଖ୍ୟା କରି ପାଠକମାନଙ୍କୁ ଚକିତ କରିପାରନ୍ତି । ସେ କହନ୍ତି ଶ୍ରୀକୃଷ୍ଣ ଏମିତି ଏକ ସତ୍ତା ଯିଏ 'ଆମ ଚେତନାର କ୍ରମାଗତ ପ୍ରସାରଣ ଏବଂ ଉତ୍ତରଣ ଅନୁପାତରେ' ଆମ ସମ୍ମୁଖରେ ଅଧିକ 'ବିସ୍ମୟକର' ତଥା 'ମହନୀୟ' ହୋଇଚାଲନ୍ତି । କାରଣ ଶ୍ରୀକୃଷ୍ଣ ଐତିହାସିକ ଚରିତ୍ର ହେଲେ ବି ସେ ସ୍ଥାନ-କାଳ-ପାତ୍ର ଭିତ୍ତିକ ଇତିହାସର ସୀମାରେଖା ମଧ୍ୟରେ ଆବଦ୍ଧ ନୁହଁନ୍ତି । ଶ୍ରୀକୃଷ୍ଣ ଏକ ମହାଚେତନା- 'ଦୂରନ୍ତ, ଚିରଗତିଶୀଳ, ସ୍ଥାନାତୀତ, କାଳାତୀତ...।' 'ନିର୍ଜୀବରୁ ସଜୀବ, ସଜୀବରୁ ସଚେତନ ହେବାର ବିକାଶଧାରାର ମାନକ ପର୍ଯ୍ୟାୟରେ ଆଉ ଏକ ବିସ୍ଫୋରଣ ହେଲେ ଶ୍ରୀକୃଷ୍ଣ । ତାଙ୍କ ଆବିର୍ଭାବ ପୂର୍ବରୁ ସନ୍ଧାନୀ ମଣିଷ ଆଗରେ ଜ୍ଞାନମାର୍ଗ ଥିଲା ଉନ୍ମୁକ୍ତ; ପ୍ରସ୍ତୁତ ଥିଲା ତପସ୍ୟାର ପଥ । କିନ୍ତୁ ଭକ୍ତି, ସୌଖ୍ୟ, ପ୍ରେମ, ବାତ୍ସଲ୍ୟ ଭଳି ଆବେଗ ଓ ପ୍ରବୃତ୍ତିର ଆଧ୍ୟାତ୍ମିକ ମୋଡ଼ ସମ୍ଭୂତ ପ୍ରତିଶ୍ରୁତି, ଜ୍ଞାନ ବା ଧ୍ୟାନ ତୁଳନାରେ ବହୁ ଅଧିକ ବ୍ୟାପକ; ଶ୍ରୀକୃଷ୍ଣ ସେହି ବ୍ୟାପକତାର ଦିଗଦିଗନ୍ତ । ସେ ଏହି ନଶ୍ୱର ପୃଥିବୀରେ ସ୍ଥୁଳ କଳେବର ସମ୍ଭବ ହୋଇଥିଲେ । କିନ୍ତୁ ତାଙ୍କ କର୍ମକୃତି ସ୍ଥୁଳ ଘଟଣାବଳୀରେ ସୀମିତ ନୁହେଁ । ସେ ମହାଚେତନା ଅସଂଖ୍ୟ ବ୍ୟକ୍ତିଚେତନା ଭିତରେ ଅସଂଖ୍ୟ ଅଭିଜ୍ଞତା ରୂପେ ପ୍ରତିଭାତ ହୋଇପାରେ ।' ××× 'ବ୍ୟକ୍ତିଗତ ଶ୍ରୀକୃଷ୍ଣଙ୍କ ଦେହାବସାନ ଅନ୍ତେ ମଧ୍ୟ ବ୍ୟକ୍ତି-ଅତିକ୍ରାନ୍ତ ଶ୍ରୀକୃଷ୍ଣ ଚେତନା କାର୍ଯ୍ୟରତ । ତାହା କାର୍ଯ୍ୟରତ ରହିବା ସ୍ୱାଭାବିକ ଯେହେତୁ ତାଙ୍କ ପ୍ରଦତ୍ତ ସତ୍ୟ ଆମ ଜୀବନରେ ଅଦ୍ୟାବଧି ରୂପାୟିତ ହୋଇନାହିଁ ।' (ଶ୍ରୀପାଦ ସନ୍ଧାନରେ, ପୃ:୬) । ରାଧା ଓ ଗୋପୀମାନଙ୍କୁ ନେଇ ମନୋଜ ଦାସଙ୍କ ଅବତାରଣା ଏହିପରି - 'ବୃନ୍ଦାବନରେ ଶ୍ରୀକୃଷ୍ଣ ପ୍ରେମରେ ପାଗଳ ହୋଇ ଗୋପୀମାନେ ନିଜ ନିଜ ସାଂସାରିକ ବନ୍ଧନକୁ ବେଖାତିର କରୁଥିଲେ । ଏକ ପୌରାଣିକ ତତ୍ତ୍ୱ ଅନୁସାରେ ଏ ଗୋପୀମାନେ ଥିଲେ ବସ୍ତୁତଃ ମୁକ୍ତିପ୍ରାପ୍ତ ଆତ୍ମା ସକଳ । ଅବତାରଙ୍କ ସ୍ଥୁଳ ସାନ୍ନିଧ୍ୟର ଆନନ୍ଦ ଉପଭୋଗ ନିମନ୍ତେ ସେମାନେ ବୃନ୍ଦାବନରେ ଜନ୍ମ ଗ୍ରହଣ କରିଥିଲେ । ××× ବାସ୍ତବରେ ସେ ମହାନ ଭକ୍ତମାନଙ୍କୁ ଯାହା ଉଦ୍‌ବୁଦ୍ଧ କରୁଥିଲା, ତାହା ଦିବ୍ୟଚେତନାର ଆହ୍ୱାନ । ସେ ଆହ୍ୱାନର ଉତ୍ତର ଦେବା ନିମନ୍ତେ ଜଣେ କୁଳ, ଜ୍ଞାତି-କୁଟୁମ୍ବ, ସମାଜ-ଏସବୁ ପ୍ରତି ବନ୍ଧନରୁ ନିଜକୁ ଛିନ୍ନ କରିଦେଇପାରେ । କିନ୍ତୁ ଅଦ୍ୟାବଧି ସମାଜ ସେଭଳି ଆଲୋକିତ ଚେତନାର ଅଧିକାରୀ ହୋଇପାରିନାହିଁ । ଆଜି ବି ସାମାଜିକ ଓ ସାମୁହିକ ଭଲ ମନ୍ଦର ମାନଦଣ୍ଡରେ ସବୁ ବ୍ୟାପରକୁ ବିଚାର କରାଯାଏ । ଯିଏ ସେ ସବୁର ଊର୍ଦ୍ଧ୍ୱରେ, ତା' ପ୍ରତି ମଧ୍ୟ ସେହି ମାନଦଣ୍ଡ ପ୍ରଯୁକ୍ତ ହୁଏ ।' ରାଧା ଓ ଗୋପୀଗଣଙ୍କ ଚରିତ୍ର ଓ ଅନୁଭବର ଅଲୌକିକତା ପ୍ରସଙ୍ଗରେ ମନୋଜଙ୍କ ମନ୍ତବ୍ୟ– 'ରାଧା ଏକ ଅଭିଜ୍ଞତା; ସୂକ୍ଷ୍ମତମ ଅଭିଜ୍ଞତା । ଅସୀମରେ ଲୀନ ହେବା ନିମନ୍ତେ ସସୀମର ବ୍ୟାକୁଳତା ।' 'ସ୍ଥୁଳ ଜଗତରେ ଗୋପୀମାନେ ହୁଏତ ଥିଲେ; ଅପୂର୍ବ ସୁନ୍ଦର ଓ ଚପଳ ଶିଶୁକୃଷ୍ଣଙ୍କୁ ସେମାନେ ହୁଏତ ଅମାପ ସ୍ନେହ କରୁଥିଲେ; କିନ୍ତୁ ରାସଲୀଳାର ଗୋପୀବୃନ୍ଦ ଏକ ଅତୀନ୍ଦ୍ରୀୟ ସ୍ତରର ସତ୍ୟ, ସେ ସ୍ତରର ଅନୁଭବ ଭାଗ୍ୟବାନ ଯୋଗୀ-ଭକ୍ତ ବା ଭକ୍ତି-ଯୋଗୀମାନଙ୍କ ପକ୍ଷରେ ସମ୍ଭବପର ହୋଇଥାଏ, କିନ୍ତୁ ସେ ଅନୁଭୂତିର ଭାଷା-ନିର୍ଭର ବର୍ଣ୍ଣନା ଅସମ୍ଭବ ବୋଲି ଶ୍ରୀ ଅରବିନ୍ଦ କହିଛନ୍ତି ।' (ଶ୍ରୀପାଦ ସନ୍ଧାନରେ, ପୃ:୭)

ମନୋଜ ସାହିତ୍ୟର ବଡ଼ ବୈଶିଷ୍ଟ ହେଲା ଲେଖକଙ୍କ ଦର୍ଶନ ଓ ଚିନ୍ତନର ସ୍ୱଷ୍ଟତା, ବଦ୍ଧମୂଳତା ଓ ସାହିତ୍ୟରେ ବିଭିନ୍ନ ବିଭାଗରେ ବିଭିନ୍ନ ବିବିଧତାର ସହ ସେ ସବୁର ଧାରାବାହିକ କଳାତ୍ମକ ପରିବେଷଣ, ତାଙ୍କର ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତାମାନ କୌଣସି ବିକ୍ଷିପ୍ତ ଚିନ୍ତାର ସମାହାର ନୁହେଁ । ଏକ ନିର୍ଦ୍ଦିଷ୍ଟ ବିଚାରବୋଧକୁ ପାଠକଙ୍କ ସମ୍ମୁଖରେ ଅତି ସ୍ୱଷ୍ଟ, ସାବଲୀଳ ଏବଂ ସରସ ଭଙ୍ଗୀରେ ଧରି ରଖିବାରେ ମନୋଜ ଦାସ ଥିଲେ ସିଦ୍ଧହସ୍ତ । ତେଣୁ ତାଙ୍କ ସୃଷ୍ଟ ଫୁଲ ସମୂହକୁ ଗୋଟିଏ ମାଳାରେ ଗୁନ୍ଥି ପକାଇବାକୁ ମାଳୀଟିକୁ ଶ୍ରମସ୍ୱୀକାର କରିବାକୁ ପଡ଼େ ନାହିଁ !

ଯୁବପିଢ଼ି ଉପରେ ମନୋଜ ଦାସଙ୍କ ଥିଲା ଗଭୀର ବିଶ୍ୱାସ ଏବଂ ସେମାନଙ୍କ ପ୍ରତି ତାଙ୍କର ଥିଲା ଅଗାଧ ସ୍ନେହ । ମନେପଡ଼େ ୨୦୦୫ ମସିହାର କଥା, ମୋ ପୁଅ କୁମାର ଶୁଦ୍ଧତତ୍ତ୍ୱ, ପୁତୁରା ଗୌରୀଶଙ୍କର ଓ ଉମାଶଙ୍କରଙ୍କୁ ନେଇ ମୁଁ ପଣ୍ଡିଚେରୀ ଯାଇଥିଲି ଆଶ୍ରମ ପରିଦର୍ଶନ କରିବାକୁ । ୨୦୦୧ ରୁ ୨୦୦୫ ମଧ୍ୟରେ ବାରମ୍ବାର ବାଲେଶ୍ୱର ଆଗମନ ହେତୁ ମୋ ପ୍ରତି ଥିଲା ତାଙ୍କର ଅକଳନୀୟ ସ୍ନେହ । ଆମ ଚାରିଜଣଙ୍କର ଏକ ଗେଷ୍ଟ୍ ହାଉସ୍‌ରେ ରହିବା, ଖାଇବାର ବ୍ୟବସ୍ଥା ସେ କରି ଦେଇଥିଲେ । ତେବେ ତା'ଠୁ ବେଶି ଉଲ୍ଲେଖନୀୟ ଥିଲା ବନ୍ଦ୍ ଥିବା ସତ୍ତ୍ୱେ ଅରୋଭିଲ୍ ଦେଖେଇ ନେବା ପାଇଁ ଆଶ୍ରମ କର୍ତ୍ତୃପକ୍ଷଙ୍କୁ ଅନୁରୋଧ । ନିବେଦନ ଭିତରେ ଯାହା ଆମକୁ ପ୍ରଭାବିତ କରିଥିଲା ସେହି କଥାଟି ହେଲା- "They are four young men from Odisha. They are my guests. Please take them to Auroville and guide them. It may be their initiation into Divinity." ମୋର ସୌଭାଗ୍ୟ ବିଗତ ୨୦ ବର୍ଷ ମୁଁ ଧାରାବାହିକ ଭାବରେ ତାଙ୍କର ଆଶୀର୍ବାଦ ଓ ସାନ୍ନିଧ୍ୟ ଲାଭ କରିଛି । ଯେତେଥର ବାଲେଶ୍ୱର ଆସିଛନ୍ତି, ସେତେଥର ମୋତେ ତାଙ୍କ ଦିବ୍ୟସ୍ପର୍ଶ ପ୍ରଦାନ କରିଛନ୍ତି ।

ବାଲେଶ୍ୱର ମାଟିକୁ ସେ ଯେତିକି ଭଲ ପାଇଛନ୍ତି ବାଲେଶ୍ୱର ନାଗରିକ ସମାଜ ତାଙ୍କୁ ଦେବୋପମ ସମ୍ମାନ ପ୍ରଦାନ କରିଛନ୍ତି, ଶ୍ରଦ୍ଧା ନିବେଦନ କରିଛନ୍ତି । ମାତୃ ଅନୁଷ୍ଠାନ ଫକୀରମୋହନ କଲେଜ୍ ତାଙ୍କୁ 'ଛାତ୍ରଗୌରବ ସମ୍ମାନ' ପ୍ରଦାନ କରିଛି; ଫକୀରମୋହନ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀରେ ଭୂଷିତ କରିଛି; ଫକୀରମୋହନ ପରିଷଦ ତାଙ୍କୁ 'ସାହିତ୍ୟଶ୍ରୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରିଛି । କୃତଜ୍ଞ ମାଟି ତାଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ ଅବସରରରେ ତାଙ୍କ ଜୀବନ ଓ ସାହିତ୍ୟ ଉପରେ 'ମନୋଜାୟନ' ଶୀର୍ଷକ ପୁସ୍ତକଟି ପ୍ରକାଶ କରି ତାଙ୍କୁ ଅର୍ପଣ କରିଛି; ମନୋଜ ସାହିତ୍ୟ ଓ ତୁଳନାତ୍ମକ ସାହିତ୍ୟର ଅନୁଶୀଳନ ନିମନ୍ତେ ୨୦୧୭ରେ 'ମନୋଜାୟନ' ନାମକ ଏକ ଅନୁଷ୍ଠାନ ଗଢ଼ାଯାଇ ଏହି ଉଦ୍ଦେଶ୍ୟରେ ଏକ ପୁସ୍ତକ ମଧ୍ୟ ପ୍ରକାଶ କରାଯାଇଛି । ଫକୀରମୋହନ କଲେଜ ପାଠାଗାରରେ ତାଙ୍କ ସମସ୍ତ ବହି ଓ ପୁରସ୍କାରସମୂହ ଇତ୍ୟାଦିକୁ ନେଇ 'ମନୋଜ ଦାସ ହେରିଟେଜ୍ କର୍ଣ୍ଣର୍' ପ୍ରତିଷ୍ଠା କରାଯାଇଛି ।


ସଦା ପାଠକମନସ୍କ ମନୋଜ ଦାସ ଅଜସ୍ର ପାଠକୀୟ ଶ୍ରଦ୍ଧା ଲାଭ କରିଛନ୍ତି । ମନେପଡ଼େ କବିଙ୍କ ଶାରଳା ଭବନରେ ଅନୁଷ୍ଠିତ ଏକ ସଭା । ସଭା ଅନ୍ତେ ମନୋଜ ଦାସ ତାଙ୍କ ସାନ ଭଉଣୀକୁ ଅତି ସ୍ନେହରେ ଧରି ସଭାକକ୍ଷରୁ ବାହାରି ଆସୁଥାନ୍ତି । ପଛେ ପଛେ ଆସୁଥାନ୍ତି ପ୍ରଖ୍ୟାତ କବି ଓ ପ୍ରାବନ୍ଧିକ ହରପ୍ରସାଦ ଦାସ । ସାରଳା ଭବନ ଆଗ ଛକରେ ଯେ ଯାହା ଗାଡ଼ିରେ ବସିବା ପୂର୍ବରୁ ହରପ୍ରସାଦ ଦାସ କହିଲେ, "ମନୋଜ ବାବୁ ଆପଣ ଭାଗ୍ୟବାନ । ବିଜୁ ପଟ୍ଟନାୟକଙ୍କ ପରେ ସାଧାରଣ ଜନତାଙ୍କ ପାଖରୁ ଏତେ ଶ୍ରଦ୍ଧା ପାଇବାରେ ଆପଣ ପ୍ରଥମ । ହେଲେ ବିଜୁବାବୁ ରାଜନୈତିକ ବ୍ୟକ୍ତି, ଜଣେ ଅଣ ରାଜନୈତିକ ବ୍ୟକ୍ତିଙ୍କୁ ଏତେ ଶ୍ରଦ୍ଧା ଓ ସମ୍ମାନ ମିଳିବା ସଚରାଚର ଦେଖାଯାଏ ନାହିଁ ।"

ପ୍ରସଙ୍ଗ - ୨

# ପ୍ରଣାମ ଯୁଗପୁରୁଷ

ଫଟୋ ସୌଜନ୍ୟ : ସରୋଜ ବଳ





'ରେବତୀ'ର ଏକ ସଂଖ୍ୟାକୁ ପଢୁଛନ୍ତି ମନୋଜ ଦାସ

**ଫେବୃୟାରୀ ୨୭, ୧୯୩୪ରେ ଭୂମିଷ୍ଠ ହୋଇଥିଲେ ମନୋଜ ଦାସ । ଏପ୍ରିଲ୍ ୨୭, ୨୦୨୧ରେ ତାଙ୍କର ମହାପ୍ରୟାଣ ଘଟିଲା । ଦୀର୍ଘ ୮୭ ବର୍ଷର ଜୀବନ । ଏ ଦୀର୍ଘ ଜୀବନ କିନ୍ତୁ ସମୟର ପ୍ରାବଲ୍ୟର କଥା କହେ ନାହିଁ ବରଂ କହେ କେତେ ଅର୍ଥପୂର୍ଣ୍ଣ, ପୂର୍ଣ୍ଣାଙ୍ଗ, ଘଟଣାବହୁଳ, ସାର୍ଥକ ଜୀବନଯାପନ କରି ସେ ଧରାପୃଷ୍ଠରୁ ବିଦାୟ ନେଲେ । ଅସୁସ୍ଥତା ଓ ଅପେକ୍ଷମାଣ ମୃତ୍ୟୁକୁ ସଂପୂର୍ଣ୍ଣ ଅବାନ୍ତର କରି ସେ ତାଙ୍କର ସାଧନା ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଜାରି ରଖିଥିଲେ । ଏହାର ମୁଖ୍ୟ କାରଣ, ସେ ଖାଲି ଜଣେ ସାହିତ୍ୟିକ ନଥିଲେ, ସେ ଥିଲେ ଜଣେ ସାହିତ୍ୟ ସାଧକ । ସେପରି ଜଣେ ସାଧକଙ୍କ ମହାପ୍ରସ୍ଥାନରେ ସାରସ୍ୱତ ଜଗତ ସ୍ତବ୍ଧ । କେତେଜଣଙ୍କ ସ୍ମୃତି ଅର୍ଘ୍ୟ ବାଢି ଦେଉଛି 'ରେବତୀ' ।**

## ମନୋଜ ଦାସ : ମତ-ମନ୍ତବ୍ୟ

### ମନେପଡ଼େ ଆରଣ୍ୟକ



ବେଶୀ ନୁହେଁ, ଚାରିଥର ବୋଧହୁଏ ମନୋଜ ଦାସଙ୍କ ସହିତ ମୋର ଭେଟ ହୋଇଛି, ବିଭିନ୍ନ ସାହିତ୍ୟ ସଭାମାନଙ୍କରେ । ତାଙ୍କୁ ଦେଖିଲେ, ସେ ଭୁଲି ନପାରୁଥିବା ଗପ 'ଆରଣ୍ୟକ' ମନେ ପଡ଼ିଯାଏ ।

ହଁ, ଗପ ସେମିତି ଲେଖାକୁ ହିଁ କୁହାଯାଏ । ଯାହା ମନେପଡ଼େ ବାରମ୍ବାର ।

ଜୟନ୍ତ ମହାପାତ୍ର, କବି, କଟକ

# ମୁଁ କିଛି ହରାଇ ନାହିଁ

ମନୋଜ ଦାସ ଏପ୍ରିଲ ୨୭ ତାରିଖରେ ଆମକୁ ଛାଡ଼ିଗଲେ । ତାଙ୍କର ଲେଖା ମାଧ୍ୟମରେ ତାଙ୍କ ସହିତ ପରିଚୟ ଥିଲା ଅନେକ ବର୍ଷ ଧରି । ଗପ ପଢ଼ି ଚିଠି ଲେଖିଲେ ସେ ଉତ୍ତର ଦେଉଥିଲେ, ଟିକିଏ ବି ବିଳମ୍ବ ନକରି । ସେ ଚିଠି ମୋ ପାଖରେ କିଛି ଅଛି ହୁଏତ । ତାଙ୍କ ସହ ଦେଖା ହେଲା ୧୯୮୦ ମସିହାରେ । ସେ ସଚି (ସଚ୍ଚିଦାନନ୍ଦ ମହାନ୍ତି)ଙ୍କ ସହ ଆମ ବ୍ରହ୍ମପୁର ଘରକୁ ଆସିଥିଲେ, ମୋତେ ଜଣେ କବି ଭାବରେ ଚିହ୍ନିଥିଲେ । କାନ୍ଥରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋ ଦେଖି କହିଲେ, "ଆରେ, ଏ ସମ୍ପର୍କ ପୁଣି ରହିଛି ।" ସେ ସମ୍ପର୍କ ହିଁ ଧୀରେ ଧୀରେ ବିକଶିତ ହେଲା କେଉଁ ଆୟତନରେ, କେଉଁ ଗଭୀରତାରେ ତାହା ବ୍ୟକ୍ତ କରି ହେବ ନାହିଁ । ୧୯୯୮ ମସିହାରେ ଆମେ ପଣ୍ଡିଚେରୀ ପାଖରେ ଥିବା କରାଇକଲ୍‌ରେ ରହିଲୁ । ପରେ ପଣ୍ଡିଚେରୀର ଆଶ୍ରମ ପାଖେ ଘର କିଣି ରହିଲୁ ।



ଆମ ଜୀବନର ଦାରୁଣ ଦୁର୍ବିପାକର ସମୟ । ଦୁଇଟା କେଶ୍ ଚାଲିଥାଏ, ବିନା କାରଣରେ ଆମେ ଅପରାଧୀ ହୋଇଥାଉ । ମୋ ସାନଝିଅର ପୁଅକୁ ହରାଇବାର ଦୁଃଖ, ତାର ଦ୍ୱିତୀୟ ପୁଅର ଟ୍ରାନ୍ସପ୍ଲାଣ୍ଟ୍, ଏସବୁ ଭିତରେ ସେ ଓ ପ୍ରତିଜ୍ଞା ଅପା ଆମକୁ ଧାରଣ କରିଥାନ୍ତି, ଶାନ୍ତ ଭାବରେ ନୀରବତାରେ, ଗଭୀରତାରେ ଯେମିତି, ସେମିତି ଦୈନନ୍ଦିନ ଟିକିନିଖି କଥାରେ, ଅପା ସମ୍ପୃକ୍ତ ରହିଥାନ୍ତି । ପ୍ରତିଦିନ ଆଶ୍ରମ ଦର୍ଶନ ପରେ ତାଙ୍କ ଘରେ ସମୟ ବିତାଉ ଆମର ଘୋର ଅସହାୟତା ଭିତରେ ମାଆ ଯେମିତି ତାଙ୍କୁ ହିଁ  ମାଧ୍ୟମ କରି ଆମକୁ ସାନ୍ତ୍ୱନା ଦେଉଥାନ୍ତି । ସେଦିନୁ ଏଯାଏଁ ଯେତେବେଳେ ବି ଆଶ୍ରମ ଅତିଥିଶାଳା ବୁକିଂ ଦରକାର ପଡ଼େ, ସେ ହିଁ କରି ଦିଅନ୍ତି । ଏମିତି ଯାଇଚି ମୋର ୧୩ ବର୍ଷ, କିଛି କମ୍ ସମୟ ନୁହେଁ । ତାଙ୍କ ଘର ଆମ ଘରକୁ ଚାଲିବା ବାଟ । ଜନ୍ମଦିନରେ  ଅପା ଆମକୁ ଗୋଟିଏ କୁହୁକ ପେଡ଼ି ଉପହାର ଦିଅନ୍ତି । ସେଥିରୁ ସାବୁନ, ତକିଆଖୋଳ, କଲମ, ମିଠା, ରୁମାଲ୍, ବ୍ୟାଗ୍, କେତେ କଣ ସବୁ ବାହାରେ । ତାଙ୍କ ଘରେ ଖାଇବା ଖୋଲା । ଜଣେ ନିଜେ ଯାଇ ଖାଇ ପାରିବ ଯାହା ଇଚ୍ଛା । ସେ ବରା ଭଲପାଆନ୍ତି, ମୁଁ ପଠାଇଥାଏ । ସେ ଭଲ ଚା' ଭଲପାଆନ୍ତି, ମୁଁ ଯୁଆଡ଼େ ଯାଏ ଚା କିଣି ଆଣେ । ଆମର ଅବସ୍ଥା ସୁଧୁରି ଆସିଲା ପରେ ପରେ ହଠାତ୍ ୨୦୦୯ରେ ଡଃ ଦାଶ (ମୋ ସ୍ୱାମୀ) ଚାଲିଗଲେ, ଆଶ୍ରମ ନିକଟରେ, ରାସ୍ତାରେ ହୃଦ୍‌ଘାତରେ । ଏହା ମୋ ଜୀବନର ଚରମ ଦୁର୍ବିପାକ । ତାଙ୍କ ପାଖେ ନିରବରେ ବସେ, କେବେ କାନ୍ଦେ । ସେ ସେହି ନୀରବ ସ୍ପନ୍ଦନରେ ଯାହା ଦିଅନ୍ତି ତାହା ଗ୍ରହଣ କରି ମୁଁ ବଂଚିଯାଏ । ଅପା ମୋର ଖାଇବା କଥା ବୁଝନ୍ତି । କେତେ କଥା ସତେ, କେମିତି ଭାଷାରେ ପ୍ରକାଶ କରିବି ?

ଆତ୍ମାର ସମ୍ପର୍କ କଣ ମୁଁ ଜାଣେ । ସେ ସମ୍ପର୍କର ପ୍ରାପ୍ତି କଣ ମୁଁ ଜାଣେ । ତଥାପି ତାଙ୍କର ଚାଲିଯିବାର ଖବର ଶୁଣି ଟଳମଟଳ ହୋଇଗଲି । ରାତି ସାରା ଅବଚେତନାରୁ ମାଡ଼ି ଆସିଲେ ସେହି ଦୁଃଖର ସମୟ ସେହି ଆଘାତ ଓ ଅପମାନର ସମୟ । ମୋର ଘୋର ଅସହାୟତା ଭିତରେ ମୋ ପାଇଁ ଝଲୁଥିବା ଦୁଇଟି ଗଭୀର ଆଖି,  ଓଠରେ ସ୍ମିତ, ତାଙ୍କର ସେ ଖୋଲା, ମୁକ୍ତ ଭଲ ପାଇବାର ଘର, ସବୁ ମନେପଡ଼ି ଯାଉଥାଏ । ତାଙ୍କ ଘରକୁ ଗଲେ ନିଜେ ଯାଇ ଚା' କପ୍ ଧରି ଆସନ୍ତି । କି ପ୍ରକାର ଚା' ପିଇବି ପଚାରନ୍ତି, ମୁଁ କହେ, ଆପଣଙ୍କ ଆଶୀର୍ବାଦ ଏ ଚା, ଯାହା ହେଲେ ମୁଁ ଖୁସି ।

୨୭ ତାରିଖ ରାତି ସାରା ଶୋଇନାହିଁ । ଚିନ୍ତା ନିରବ ହୋଇଗଲା । ସ୍ତବ୍ଧ ହୋଇଗଲା ଦେହ ପ୍ରାଣ । ଲୁହ ବୋହି ଚାଲିଲା । ଭୋର୍ ବେଳରେ ଟିକେ ନିଦ ଆସିଲା । ଅଧା ନିଦରେ ଦିଶିଲା ସେ ହସହସ ମୁହଁ । "ଆରେ ଆପଣ, ଆସନ୍ତୁ ଆସନ୍ତୁ", ଏଇ ଉଚ୍ଚାରଣ ଶୁଭି ଯାଉଥାଏ ଯେମିତି । ମୁଁ ଫେରିଗଲା ବେଳେ ଯଦି ଚାଲି ଚାଲି ଯାଏ ସେ ଘର ବାହାରକୁ ଆସି ଚାହାନ୍ତି, କାଳେ ମୁଁ ଆଶ୍ରମ ବାଟ ଭୁଲିଯିବି ।


୨୭ ତାରିଖରେ ଦାରୁଣ ରାତି ପାହିଲା, ଭୋର ଆକାଶରେ ସୂର୍ଯ୍ୟ ଦେଖିଲି । ମନେପଡ଼ିଲା ଆଶ୍ରମ, ତାଙ୍କ ଘର ଦ୍ୱାର ତାଙ୍କର ସ୍ନେହର ନିବିଡ଼ ସ୍ପନ୍ଦନ ମୋତେ ଘେରିଗଲା । ରାତିର ଅନ୍ଧକାର ଦୂରେଇ ଗଲା । ମନ ପୁଣି ସତେଜ ଲାଗିଲା । ତାଙ୍କର ଜୀବନ ପରିପୂର୍ଣ୍ଣ ଥିଲା । ସମସ୍ତଙ୍କୁ ସେ ଅନେକ କିଛି ଦେଇଛନ୍ତି, ବ୍ୟକ୍ତିଗତ ଭାବରେ । ବହୁତ ବ୍ୟକ୍ତି  ସମ୍ମାନ ମର୍ଯ୍ୟାଦା ପାଇଛନ୍ତି ପରିବାରରୁ, ସାହିତ୍ୟ ଓ ଆଧ୍ୟାତ୍ମିକ ଜଗତରୁ ।

ମନେହେଲା, ମୁଁ ତ ଦୀର୍ଘ ୧୩ ବର୍ଷ ତାଙ୍କ ପାଖରେ ରହିଛି, ପୁଣି ଓଡ଼ିଶା ଆସିବା ପରେ ଏଇ ୧୦ବର୍ଷ ଧରି ଯେବେ ଆଶ୍ରମ ଯାଇଛି, ତାଙ୍କ ପାଖେ ବସିଚି, ହସିଚି ଗପଚି ଆନନ୍ଦିତ ହୋଇଛି ।

ଯାହା ପାଇଛି ତାଙ୍କ ଠାରୁ, ତାହା ତ ପାର୍ଥିବ ନୁହେଁ ଯେ ତାଙ୍କର ଅବର୍ତ୍ତମାନରେ ହଜିଯିବ ! ନିଜ ଭିତରକୁ ଦେଖିଲି । ସବୁ ତ ସେମିତି ପୂର୍ଣ୍ଣ ରହିଛି । ସେ ବିଶ୍ୱାସ, ସେ ନିର୍ଭରଶୀଳତା, ସେ ସ୍ୱୀକାର, ସେ ପ୍ରତ୍ୟୁତ୍ତର ସବୁ ତ ପାର୍ଥିବ ସଂପର୍କର ଉର୍ଦ୍ଧ୍ୱରେ ।

ମନ ଶାନ୍ତ ହୋଇ ଆସିଲା ଧୀରେ ଧୀରେ । ମୁଁ ବୁଝିଗଲି, କିଛି ହରାଇ ନାହିଁ ମୁଁ, କିଛି ବି ନୁହେଁ । ମୋର ଅସୀମ କୃତଜ୍ଞତା ମାଆଙ୍କ ପାଇଁ ତାଙ୍କ ପାଇଁ, ତାଙ୍କର ପରିବାରର ସମସ୍ତଙ୍କ ପାଇଁ । ମୁଁ କିଛି ହରାଇ ନାହିଁ ସତେ, କାରଣ ସେ ପ୍ରାପ୍ତି କେହି ହରାଇ ପାରିବ ନାହିଁ, ତାହାର ମୂଳ ବିନ୍ଦୁ ମାଆଙ୍କ ସହିତ ଜଡ଼ିତ, ତାହା ଚିରକାଳର । ପ୍ରଣାମ କରୁଚି ମୋର ଏ ଅତି ପ୍ରିୟ ମଣିଷଙ୍କୁ, କହିବାକୁ ଚାହୁଁଛି ଯେ ଅନେକ ପାଇଛି, କିଛି କିନ୍ତୁ ଦେଇ ପାରିନାହିଁ । କେବଳ ଅତି ଆନ୍ତରିକ ଭଲପାଇବା ବ୍ୟତୀତ ଆଉ କଣ ଦେଇ ହୁଏ ଏଭଳି ଅନନ୍ୟ ବ୍ୟକ୍ତିତ୍ୱଙ୍କୁ ?

ମମତା ଦାଶ, କବି, ଭୁବନେଶ୍ୱର




## ସେ ଏକ ବରଗଛ, ପାଖକୁ ଗଲେ ଶୀତଳ ଛାଇ ସୁନିଶ୍ଚିତ

ପ୍ରାଣୀ ମାତ୍ରକେ ଭିନ୍ନ ସ୍ୱର ଥିବା ଭଳି ସଫଳ ଲେଖକ ମାତ୍ରକେ ତାଙ୍କର ଗୋଟାଏ ନିଆରା ନିଜସ୍ୱ ସ୍ୱର ଥାଏ । ସେ ସ୍ୱର ସଙ୍ଗୀତର ସ୍ୱର ନୁହେଁ, ଅକ୍ଷରର ସ୍ୱର ବା ଶବ୍ଦର ଭାବଚିତ୍ର । ଲେଖକଙ୍କ ନାଆଁ ନଦେଖି ଲେଖାଟିକୁ ପଢୁ ପଢୁ ଜାଣି ହେବ ଯେ ଏହା ଅମୁକ ସ୍ରଷ୍ଟାଙ୍କର ସୃଷ୍ଟି । ତାହା ହିଁ ଜଣେ ପ୍ରକୃତ କାଳଜୟୀ ଲେଖକଙ୍କର ଅସଲ ସାହିତ୍ୟିକ ସିଗ୍ନେଚର୍ ବା ଚିପଚିହ୍ନ ।

ଏ ଭାଗ୍ୟ କେତେ ଲେଖକଙ୍କର ଥାଏ ?

ଶ୍ରୀ ମନୋଜ ଦାସ ଜଣେ ସଫଳ ଲେଖକ କେବଳ ନୁହନ୍ତି, ଜଣେ କାଳଜୟୀ ସ୍ରଷ୍ଟା ଭାବର ଜୀବନ୍ତ ଅବସ୍ଥାରେ ସେ ଯେମିତି ଥିଲେ ସମ୍ମାନାର୍ହ, ଇହକାଳ ତ୍ୟାଗ ପରେ ମଧ୍ୟ ତତୋଽଧିକ ସମ୍ମାନାସ୍ପଦ ହୋଇ ରହିବେ ବୋଲି ଯେକେହି ସ୍ୱୀକାର କରିବ । କବିତା, ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ଭ୍ରମଣ କାହାଣୀ, ଉପକଥା, ଲଳିତ ନିବନ୍ଧ ଆଦି ବିଭିନ୍ନ ବିଦଗ୍ଧ ସାହିତ୍ୟ-ଧାରା ସହ ପିଲାଙ୍କ ପାଇଁ କେତେକ ଚମତ୍କାର ସୃଷ୍ଟି କରି ସେ ଦେଶଗତ ପରିଧି ଠାରୁ ଆରମ୍ଭ କରି ଭାଷାଗତ ପରିଧି ମଧ୍ୟ ଅତି ସହଜରେ ଡେଇଁ ଯାଇଛନ୍ତି । ସତ କହିବାକୁ ଗଲେ ସେ ଆଜି ଜଣେ ଦେଶବନ୍ଦିତ ଓଡ଼ିଆ ଲେଖକ ।



ସାହିତ୍ୟର ବିଭିନ୍ନ ଇଲାକା ଭିତରୁ କ୍ଷୁଦ୍ରଗଳ୍ପର ଇଲାକାରେ ସେ ଅଧିକ ଉନ୍ମୁଖ । ନିଜର ଚମତ୍କାର ଓ ଅନନ୍ୟତା ପାଇଁ କ୍ଷୁଦ୍ରଗଳ୍ପ ବିଭାଗରେ ହିଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, କେନ୍ଦ୍ର ସାହିତ୍ୟ ଅକାଦେମି ଓ ସାରଳା ପୁରସ୍କାର ଲାଭ କରିଛନ୍ତି । ଉପନ୍ୟାସ 'ଅମୃତଫଳ' ପାଇଁ ସେ ସରସ୍ୱତୀ ସମ୍ମାନ ପାଇଛନ୍ତି । ତାହା ତାଙ୍କର ଗଳ୍ପ-ପରିବେଷଣ ଶୈଳୀକୁ ହିଁ ସେଥିରେ ଅଧିକ ପ୍ରଫେଳିତ କରିଛି ।

କୁହାଯାଏ ଯେ ପ୍ରତ୍ୟେକ ଲେଖା ଆତ୍ମଜୀବନୀମୂଳକ । ଗପ ହେଉ କି କବିତା, ଉପନ୍ୟାସ ହେଉ କି ନାଟକ, ନିଜ ଅଜାଣତରେ ଲେଖକ ନିଜେ ସେଥିରେ ପଶିଯାଏ । ନିଜ ଭାବ, ନିଜ ଭାଷା ଖୁବ୍ ସୂକ୍ଷ୍ମ ଭାବରେ ତା'ର ଶବ୍ଦଭୂମିରେ ଅଣାୟତ୍ତ ଉପସ୍ଥିତି ଜାହିର କରେ ।

ମନୋଜ ଦାସ ମଣିଷ ହିସାବରେ ଉଦାର, ମାନବଧର୍ମୀ, ଅଧ୍ୟାତ୍ମବାଦ, ପ୍ରଗତିଶୀଳ ପରମ୍ପରାମନସ୍କ ପୁଣି ପ୍ରଜ୍ଞାନୁସନ୍ଧାନୀ । ମାନବ ପ୍ରଜ୍ଞାର ଅନୁସନ୍ଧାନ ତ ଆପେ ଏକ ରହସ୍ୟମୟ କଥା । ସେ ଯେ ଯୁବାକାଳରେ ବାମପନ୍ଥୀ ଚେତନାରେ ଉବୁଟୁବୁ ହୋଇଥିଲେ ବା ପରବର୍ତ୍ତୀକାଳରେ ଶ୍ରୀଅରବିନ୍ଦଙ୍କ 'ଅତିମାନସ ଚେତନା'ରେ ନିଜକୁ ହଜାଇ ଦେଇଥିଲେ, ସେସବୁ ସ୍ତରସ୍ତର ହୋଇ ପ୍ରତିଫଳିତ ହୋଇଛି ତାଙ୍କର ଗଳ୍ପ ଭୂମିରେ । ତାହା 'ସମୁଦ୍ରର କ୍ଷୁଧା' ହେଉ କି 'ବିଷକନ୍ୟାର କାହାଣୀ' ହେଉ । ହେଉ ଅବା 'ଆବୁ ପୁରୁଷ' ବା 'ମନୋଜ ପଞ୍ଚବିଂଶତି' । ମନୋଜଙ୍କ ପ୍ରତିଟି ଗଳ୍ପ ମନୋଜଙ୍କ ଭଳି । ଭାଷା, ଭାବ, ଚରିତ୍ର ଓ ଉଚ୍ଚାରଣରେ ସବୁଗୁଡ଼ିକ ଖୋଦ୍ ମନୋଜଙ୍କର ସୋରା ସୋରା ପ୍ରତିବିମ୍ବ ଯେମିତି ।

ତାଙ୍କର ସବୁ ଗପକୁ ପଢ଼ିଦେଲେ ହଠାତ୍ ଜଣେ ସମ୍ପୂର୍ଣ୍ଣ ରୂପେ ପାଇଯିବ ତାଙ୍କୁ । ଜହ୍ନରାତି ତାଙ୍କର ପ୍ରିୟ; ଚେତନାର ସିଲ୍‌ହଟ୍‌ରେ ସବୁବେଳେ ଗୋଟିଏ କଇଁନାଡ଼ ପରି କଅଁଳ ହାତ ଥିବା ଛୋଟ ଝିଅ ଯେମିତି ତାଙ୍କୁ ଆକ୍ରାନ୍ତ କରି ରଖିଥାଏ ସବୁକାଳେ । ଦୁଃଖର କେତେ ଗଇଣ୍ଠାଳ ଫିଟାଇ ମଣିଷ ପାଇଁ ସେ ସୁଖ ସନ୍ଧାନୀ । ତାଙ୍କ ଗଳ୍ପରେ ଥାଏ ପ୍ରଚ୍ଛନ୍ନ ବ୍ୟଙ୍ଗ, ଅଥଚ ସବୁ ଯେମିତି ରହସ୍ୟମୟ ।

ଆମ ସମୟର ଅଦ୍ୱିତୀୟ କଥାକାର ଶ୍ରୀ ମନୋଜ ଦାସ ।

ଆପଣା ଗଳ୍ପଭୂମିରେ ସେ ଆପେ ମନୋଜାୟିତ ବରଗଛ । ପାଖକୁ ଗଲେ ଶୀତଳ ଛାଇ ସୁନିଶ୍ଚିତ ।

**ଦାଶ ବେନହୁର,** ସୁଖ୍ୟାତ ଲେଖକ, ଭୁବନେଶ୍ୱର

## ଅବଶ୍ୟ ସେ ମୋତେ ଦେଖା ଦେବେ

ମନୋଜ ଦାସ ମୋର ପ୍ରିୟ ଓ ପରମ ପୂଜ୍ୟ ଲେଖକ । ମୁଁ ଥରଟିଏ ତାଙ୍କ ଘରକୁ ଯାଇଛି, ସେ ବି ମୋ ଘରକୁ ଥରଟିଏ ଆସିଛନ୍ତି । ଫୋନ୍‌ରେ କେବେ କେମିତି ବାକ୍ୟାଳାପ । ଏତିକି ହିଁ ବ୍ୟକ୍ତିଗତ ସ୍ମୃତି ।



କିନ୍ତୁ ଭାବ ଜଗତରେ, ତାଙ୍କ ଲେଖା ଭିତରେ ସେ ମୋର ନିକଟତମ ଓ ଚିର ବନ୍ଦନୀୟ । ମୋ ପାଇଁ ଅମୂର୍ତ୍ତ ପ୍ରେରଣା ବି ।

ତାଙ୍କୁ ନେଇ ସ୍ମୃତି କଥା ଲେଖିବା କଷ୍ଟ, ଏତେ ସାମାନ୍ୟ ବ୍ୟକ୍ତିଗତ, ପାର୍ଥିବ ସମ୍ପର୍କକୁ ନେଇ । ଦେଢ଼ବର୍ଷ ତଳେ ମୁଁ ତାଙ୍କ ଠାରୁ ଫୋନ୍ ପାଇଥିଲି । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଘୋଷଣାର ଘଣ୍ଟାଏ ଭିତରେ ଫୋନ୍ ଆସିଥିଲା, ଅତି ଶ୍ରଦ୍ଧାସିକ୍ତ ସ୍ୱରରେ ସେ ମୋତେ ସମ୍ବୋଧିତ କରିଥିଲେ, ଆଶୀର୍ବାଦ ମାଗିଥିଲି । କଥା ଥିଲା, ଶୀଘ୍ର ଆମର ସାକ୍ଷାତ ହେବ ।

ସାକ୍ଷାତ ପାଇଁ ମୁଁ ଅପେକ୍ଷା କରିଛି । ଅବଶ୍ୟ ସେ ମୋତେ ଦେଖା ଦେବେ, ଭବିଷ୍ୟତର ନିଃସୀମ ଚନ୍ଦ୍ରାଲୋକରେ । ମୁଁ ଅପେକ୍ଷା କରିଛି ଆକାଶର ଇଶାରାକୁ । ତାଙ୍କ ଗଭୀର, ଆତ୍ମୀୟ ବ୍ୟକ୍ତିଗତ ସମ୍ପର୍କରେ ଆସିଛନ୍ତି ଅନେକ ଲେଖକ, ପାଠକ । ଆମେ ସେମାନଙ୍କ ଠାରୁ ଶୁଣିବା, ଧନ୍ୟ ହୋଇଯିବା । ମୁଁ କାହିଁକି ନିରସ, ନିରର୍ଥକ, ଶୋକବାର୍ତ୍ତା ଲେଖି ଅନ୍ୟଙ୍କୁ ଭାରାକ୍ରାନ୍ତ କରିବି !

ଆଶା, ଆପଣ ମୋ ହୃଦୟର ଭାଷା ବୁଝି ପାରିଛନ୍ତି । ତାଙ୍କ ତିରୋଧାନରେ ମୁଁ ସନ୍ତପ୍ତ, ଆପଣଙ୍କ ପରି । ଆପଣଙ୍କୁ ଗଭୀର ଶୁଭେଚ୍ଛା ଓ ମହାନ ପ୍ରଜ୍ଞା ପୁରୁଷଙ୍କୁ ବିନମ୍ର ପ୍ରଣାମ ।

**ତରୁଣକାନ୍ତି ମିଶ୍ର,** କଥାକାର, ଭୁବନେଶ୍ୱର

## ଅପେକ୍ଷା, ଆପଣଙ୍କ ନୂତନ ଅଭ୍ୟୁଦୟକୁ

ଓଡ଼ିଆ ସାରସ୍ୱତ ଗଗନର ଦୀପ୍ତିମନ୍ତ ସୂର୍ଯ୍ୟ ସେ । ତାଙ୍କର କେବେ ଅସ୍ତ ହୋଇ ପାରେନା । ତାଙ୍କର ଅନବଦ୍ୟ ସାରସ୍ୱତ ସୃଷ୍ଟି ସମ୍ଭାର ମାଧ୍ୟମରେ ସେ ଚିରକାଳ ଭାସ୍ୱର ହୋଇ ରହିଥିବେ ।

ତାଙ୍କ ଲେଖନୀ ପ୍ରସୂତ ପ୍ରତିଟି ଶବ୍ଦ...ପ୍ରତିଟି ଅକ୍ଷର ଅଭିମନ୍ତ୍ରିତ କରୁଥିବ ପ୍ରତିଟି ପାଠକର ହୃଦୟକୁ... ଚେତନା ହୋଇ ଯାଉଥିବ ଉତ୍ତରଣମୁଖୀ । ହେ ଚିର ନମସ୍ୟ-ସନ୍ତୁ ସାଧକ ! ଏ ପୃଥିବୀ ପୁଣି ଅପେକ୍ଷା କରିବ ଆପଣଙ୍କର ନୂତନ ଅଭ୍ୟୁଦୟକୁ... ।



**ପ୍ରବୀଣା ମହାନ୍ତି,**
ଗାଳ୍ପିକା, ଭୁବନେଶ୍ୱର

## ମନୋଜ ଦାସ: ପ୍ରାଚୀନ କଥା ପରଂପରାର ଜଣେ ନବୀନ ଉଦ୍‌ଗାତା

ଓଡ଼ିଆ କଥାସାହିତ୍ୟର ଗର୍ବ ଓ ଗୌରବ ମନୋଜ ଦାସ । ବାଲ୍ୟ-କୈଶୋରର ବର୍ଣ୍ଣାଢ୍ୟ-ବିହ୍ୱଳ ଜୀବନ କାହାଣୀକୁ ନେଇ ସ୍ମୃତିଲିପି ହେଉ କି ଫିଚର୍, କବିତା, ଭ୍ରମଣ କାହାଣୀ, ପ୍ରବନ୍ଧ ଓ ରମ୍ୟରଚନା ଅବା ଜୀବନୀ, ଇଂରାଜୀ ସୃଜନ ବା ସମ୍ପାଦନା, ପ୍ରତ୍ୟେକ କ୍ଷେତ୍ରରେ ସେ ଅନନ୍ୟ । ଶିଶୁ-କିଶୋର ମନସ୍ତତ୍ତ୍ୱ ରୂପାୟନରେ ସେ ଅବିସମ୍ବାଦିତ କୃତିତ୍ୱର ଅଧିକାରୀ, ପୁଣି ଔପନ୍ୟାସିକ ଭାବେ ସେ ଆଧ୍ୟାତ୍ମିକତା ଓ ମାନବବାଦର ମୁଗ୍ଧ ନାନ୍ଦିକାର । ତେବେ ଗଳ୍ପ ସମ୍ଭାର ପାଇଁ ସେ ସର୍ବାଧିକ ଜନପ୍ରିୟ ଓ ଫକୀରମୋହନଙ୍କ ପରେ ଓଡ଼ିଆ ଗଳ୍ପର ଅନ୍ୟତମ ଟ୍ରେଣ୍ଡ୍‌ସେଟର୍ ଭାବେ ବିରଳ ଯଶ ଓ ସମ୍ମାନର ଅଧିକାରୀ । ସେ କେବଳ ସ୍ୱାଧୀନତା ପରବର୍ତ୍ତୀ କଥାସାହିତ୍ୟର ପ୍ରଥିତଯଶା କଥାକାର ନୁହନ୍ତି, ପ୍ରାଚୀନ କଥା ପରଂପରାର ମଧ୍ୟ ନବୀନ ଉଦ୍‌ଗାତା । ସେ ଦୃଷ୍ଟିଭଙ୍ଗୀରେ ଯେପରି ଏକକ, ଗଳ୍ପ ପରିବେଷଣରେ ସେମିତି ମୌଳିକ । ତାଙ୍କ ସୃଜନ ପୃଥିବୀକୁ ସେ ସୃଜିଥାନ୍ତି ଆଧ୍ୟାତ୍ମିକ ଚେତନା ଓ ରହସ୍ୟମୟତାର କୋମଳ ସ୍ପର୍ଶରେ । ମନୋଜଙ୍କ ସୃଜନ କେବଳ ଜୀବନକୁ ପ୍ରତିଫଳିତ କରେ ନାହିଁ, ଯାହା ଜୀବନ ଠାରୁ ଅଧିକ ତାକୁ ବି ଉଦ୍‌ଭାସିତ କରିଦିଏ । ପ୍ରାଚୀନ ଲୋକକଥା ଓ କାହାଣୀ, ପରୀ ଗଳ୍ପ, ଫାଣ୍ଟାସି ଓ ରୁଚିଶୀଳ ଚିତ୍ରକଳ୍ପରେ ଉଦ୍‌ଭାସିତ ତାଙ୍କ ଗଳ୍ପ, ଭାରତରେ ଅନ୍ତର୍ନିହିତ ଚେତନା ଭିତରକୁ ଖୋଲିଦିଏ ପାଠକର ଅର୍ନ୍ତଦୃଷ୍ଟି ଏବଂ ଛଳନାପୂର୍ଣ୍ଣ ଆଡ଼ମ୍ବରର ଆବରଣ ତଳୁ ଆମକୁ ଚିହ୍ନେଇ ଦିଏ ସତ୍ୟର ଅସଲ ରୂପରେଖ । ପୁଣି 'ଦି ହେରିଟେଜ୍' ଭଳି କ୍ଲାସିକ୍ ପତ୍ରିକାର ସମ୍ପାଦକ ତଥା ଅନନ୍ୟ ବାଗ୍ମୀ ଭାବେ ତାଙ୍କ ସ୍ମୃତି ଚିରଭାସ୍ୱର ହୋଇ ରହିବ । ପ୍ରଣମ୍ୟଙ୍କୁ ପ୍ରଣାମ ।



**ପବିତ୍ର ପାଣିଗ୍ରାହୀ,** ଗାଳ୍ପିକ, ଭଦ୍ରକ

## ପିଲାବେଳୁ ତାଙ୍କ ବହି ପଢ଼ି ପଢ଼ି ବଡ଼ ହେଇଛୁ ଆମେ

ମୋ ବାପାଙ୍କର ପ୍ରିୟ ବନ୍ଧୁ ଥିଲେ ଶ୍ରୀଯୁକ୍ତ ମନୋଜ ଦାସ । ସେମାନେ ଛାତ୍ର ଅବସ୍ଥାରୁ ଏକାଠି କାମ କରୁଥିଲେ । ତେଣୁ ଆମ ଘରେ ପିଲାବେଳୁ ଆମେ ମନୋଜ ଦାସଙ୍କ ବହି ପଢ଼ି ପଢ଼ି ବଡ଼ ହେଇଛୁ । ବାଣୀବିହାରରେ ପଢ଼ିବା ବେଳେ ମୁଁ ଓ ଚିରଶ୍ରୀ ଥରେ ଦେଖା କରିବାକୁ ଯିବା ପାଇଁ ବାହାରିଥିଲୁ । କିଛି ଚିଠି ଲେଖିଥିଲି ଓ ତାର ଉତ୍ତର ବି ଆସିଥିଲା ପ୍ରତିଜ୍ଞା ଦେବୀଙ୍କ ଠାରୁ । ଅନେକଙ୍କ ଭଳି ମୋର ବି ସେ ସର୍ବ କାଳୀନ ପ୍ରିୟ ଲେଖକ ଥିଲେ । ଅନେକ ଥର ତାଙ୍କୁ ସଭା ସମିତିରେ ଶୁଣିଛି । ପୁଣି ବହୁ ବର୍ଷ ପରେ ଦେଖା ହେଲା, ବେଶ୍ କିଛି ସମୟ ପାଇଁ । ମତେ 'ବନ୍ଧୁ କନ୍ୟା' କହି ଚିହ୍ନି ପାରିଲେ । ମୋର ହସ ଓ ଚେହେରାରେ ମୋ ବାପାଙ୍କ ହସ ଓ ମୁହଁର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ଅଛି ବୋଲି କହିଲେ । ମୋ ସହ ଥିବା ବାନ୍ଧବୀ ମାନେ ବିସ୍ମିତ ହେଲେ ଏ କଥା ଶୁଣି । ମୁଁ ତାଙ୍କୁ ଏତେ ପ୍ରଶ୍ନ ପଚାରିଲି, ତାଙ୍କ ପ୍ରାକ୍ ତାରୁଣ୍ୟରୁ ଏଯାବତ୍, ସବୁ କଥା ସେ ଅସୀମ ଧୈର୍ଯ୍ୟର ସହ ବର୍ଣ୍ଣନା କରିଥିଲେ । ମୋ ପାଖରେ କିଛି କିଛି ରେକର୍ଡ଼ିଂ ବି ଅଛି ସେଦିନର କଥାବାର୍ତ୍ତାର । ବିଶ୍ୱାସ ହେଉନି ଯେ ସେ ନାହାନ୍ତି ।



ଓଡ଼ିଶାର ଗର୍ବ ଓ ଗୌରବ ଶ୍ରୀଯୁକ୍ତ ମନୋଜ ଦାସଙ୍କର ସଦା ଜ୍ୟୋତିର୍ମୟ ସତ୍ତା ପ୍ରତି ମୁଁ ଗଭୀର ସମ୍ମାନ ଜଣାଉଛି । ମୋର ସୌଭାଗ୍ୟ ଯେ ତାଙ୍କ ଅସୁସ୍ଥତାର ଅଳ୍ପ ଦିନ ପୂର୍ବରୁ ପଣ୍ଡିଚେରୀରେ ତାଙ୍କ ଘରେ ଓ ଭୁବନେଶ୍ୱରରେ ତାଙ୍କ ସହ କିଛି ସମୟ ବିତେଇ ଥିଲି । ଆମ କଲେଜର ସଭା ତାଙ୍କର ଛାତ୍ରଛାତ୍ରୀଙ୍କ ସହ ଶେଷ ଆଲୋଚନା ଓ ଏହିଥର ହିଁ ତାଙ୍କର ଶେଷ ଓଡ଼ିଶା ଗସ୍ତ ବୋଲି ସେ ବାରମ୍ବାର କହୁଥିଲା । ମହା ପୁରୁଷମାନେ ଭବିଷ୍ୟ ଦ୍ରଷ୍ଟା । ସେ ଏକ ସଫଳ ଏବଂ ପରିପୂର୍ଣ୍ଣ ଯାତ୍ରା ଶେଷରେ ବିଦାୟ ନେଇଛନ୍ତି । ତାଙ୍କର ସ୍ମୃତି ରକ୍ଷା ପାଇଁ ସ୍ୱତନ୍ତ୍ର  କିଛି ପଦକ୍ଷେପ ହିଁ ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ।

**ହିରଣ୍ମୟୀ ମିଶ୍ର,** ଗାଳ୍ପିକା, ଭୁବନେଶ୍ୱର

## ତାଙ୍କୁ ଭେଟିଲେ ଜଗନ୍ନାଥଙ୍କୁ ଭେଟିବା ପରି ଲାଗୁଥିଲା

ଯେତେବେଳେ ମୁଁ କୋଭିଡ୍ ସହ ସଂଘର୍ଷ କରୁଛି, ମନୋଜ ଦାସଙ୍କ ଏ ଦାରୁଣ ସମ୍ବାଦ ଠିକ୍ ସେତିକି ବେଳେ ମୋତେ ଗଭୀର ଭାବେ ମର୍ମାହତ କରୁଛି । ପଦ୍ମଶ୍ରୀ ପ୍ରଫେସର ମନୋଜ ଦାସଙ୍କ ମୃତ୍ୟୁ ସହିତ ମୋର ଏକ ଅଂଶ ମରିଗଲା । ତାଙ୍କ ସହିତ ମୋର ଏକ ଗୁରୁତ୍ୱପୂର୍ଣ୍ଣ, ସୃଜନଶୀଳ ଏବଂ ଗଭୀର ବ୍ୟକ୍ତିଗତ ଯୋଗଦାନ ଥିଲା । ମୁଁ ତାଙ୍କୁ ଭକ୍ତ  ପରି ଭଲ ପାଉଥିଲି । ଯେତେବେଳେ ବି ମୁଁ ତାଙ୍କୁ ଭେଟିଛି ମୋତେ ଲାଗିଛି  ପ୍ରଭୁ ଜଗନ୍ନାଥଙ୍କୁ ମୁଁ ଭେଟିଛି । ମୋ ପାଇଁ,ଦୁହିଁଙ୍କ ମଧ୍ୟରେ କିଛି ଅଦ୍ଭୁତ, ଆଧ୍ୟାତ୍ମିକ ସଂଯୋଗ ଥିଲା- ପ୍ରଭୁ ଜଗନ୍ନାଥ ଏବଂ ମନୋଜ ଦାସ ସାର୍ ।

ମୁଁ ପିଲାଦିନରୁ ସାର୍‌ଙ୍କ ଗପ ପଢ଼ି ଆସିଛି । ତାଙ୍କର ଅଧିକାଂଶ କାହାଣୀ ବିଦ୍ୟାଳୟ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମର ଏକ ଅଂଶ । ମୁଁ ତାଙ୍କୁ ଏବଂ ତାଙ୍କ ଚରିତ୍ର ଅବୋଲକରାକୁ ଭେଟିବାକୁ ଚାହୁଁଥିଲି । କବି ମାନସ ରଞ୍ଜନ ମହାପାତ୍ରଙ୍କ ଯୋଗୁଁ ୨୦୦୮ରେ ପ୍ରଥମଥର ପାଇଁ ତାଙ୍କୁ ଭେଟିବାର ସୌଭାଗ୍ୟ ପାଇଥିଲି । ଏହା ପରେ ୨୦୧୧ରେ ଆମ ବିଶ୍ୱବିଦ୍ୟାଳୟରେ ଏକ ଲୋକନୃତ୍ୟ ସେମିନାର୍ ଆୟୋଜନ କରିଥିଲି, ଯେଉଁଠାରେ ମନୋଜ ସାର୍‌ଙ୍କୁ ମୁଖ୍ୟ ଅତିଥି ଭାବରେ ମୁଁ ନିମନ୍ତ୍ରଣ କରିଥିଲି । ସେ ତାଙ୍କ ବକ୍ତୃତାରେ ଆମକୁ ବିସ୍ମିତ କରିଥିଲେ ।



ସାର୍ ଯେତେବେଳେ ବି ଦିଲ୍ଲୀ ଆସୁଥିଲେ ମୁଁ ତାଙ୍କୁ ଭେଟୁଥିଲି । ସେ ଅତ୍ୟନ୍ତ ଦୟାଳୁ, ସ୍ନେହୀ, ଯତ୍ନଶୀଳ ଥିଲେ । ମୋ ପୁଅ ସୋନୁଙ୍କୁ ଭେଟିବା ଏବଂ ଆଶୀର୍ବାଦ କରିବା ପାଇଁ ଥରେ ସେ ଆମ ଘରକୁ ଆସିଥିଲେ । ଏକ ନିରାଡ଼ମ୍ବର ମଧ୍ୟାହ୍ନ ଭୋଜନ କାଳରେ ସୋନୁ ଏବଂ ମୁଁ ଆମ ଘରେ ତାଙ୍କୁ ପାଇ ଆଶୀର୍ବାଦ ପ୍ରାପ୍ତ ହୋଇଥିଲୁ । ସେ ମୋତେ ତାଙ୍କ ଝିଅ ପରି ଭାବୁଥିଲେ । ହେଲେ ସବୁବେଳେ ସେ ମୋତେ 'ନନ୍ଦିନୀ ଜୀ' ବୋଲି ସମ୍ବୋଧନ କରୁଥିଲେ । ଥରେ ଏଥିରେ ମୁଁ ଆପତ୍ତି କରିବାରୁ ସେ ବୁଝାଇଥିଲେ, "ମୁଁ ତୁମ ଭିତରେ ଥିବା ଭାବନାକୁ ସମ୍ମାନ କରେ ।"

**ପ୍ରଫେସର ନନ୍ଦିନୀ ସାହୁ,** ଲେଖିକା, ନୂଆଦିଲ୍ଲୀ

ପ୍ରସଙ୍ଗ-୩

# ମନୋଜୀୟ ମୁହୂର୍ତ୍ତ

ଇଂଲିଶ୍ ଓ ଓଡ଼ିଆ ଭାଷା ସାହିତ୍ୟର ମହାତ୍ମା ମନୋଜ ଦାସଙ୍କ
ସମ୍ପର୍କରେ କଥୟିତ୍ରୀ ପ୍ରବୀଣା ମହାନ୍ତିଙ୍କ ଶ୍ରଦ୍ଧାର୍ଘ୍ୟ



# ମନୋଜ ଦାସଙ୍କ ଗଳ୍ପମାନଙ୍କରେ ଭେଟୁଥିବା କୁନି ଝିଅମାନଙ୍କ ଭିତରେ ନିଜକୁ ଆବିଷ୍କାର କରୁଥିବା ଝିଅ

**ପ୍ରବୀଣା ମହାନ୍ତି**

୩୦୫, ଲୋମାନୀ ଭିଲ୍ଲା, ଗୋଠପାଟଣା,
ମଳିପଡ଼ା, ଭୁବନେଶ୍ୱର-୭୫୧୦୨୯
ଫୋନ୍: ୯୯୩୭୩୬୭୨୪୮

ଫଟୋ ସୌଜନ୍ୟ : ସୁବ୍ରତ ବାହିନୀପତି
ପୋଟ୍ରେଟ୍ : ସଂଜୟ କୁମାର ରାଉଳ



▲ଲେଖିକା ପ୍ରବୀଣା ମହାନ୍ତି

ସେ ପର୍ଯ୍ୟନ୍ତ ବ୍ୟକ୍ତିଗତ ଭାବରେ ମୋର ପରିଚୟ ହୋଇ ନଥାଏ ମନୋଜ ଦାସଙ୍କ ସହିତ । ମୁଁ କିନ୍ତୁ ତାଙ୍କ ଗଳ୍ପମାନଙ୍କର ଅନ୍ତରଙ୍ଗ ପାଠିକାଟିଏ ହୋଇ ସାରିଥିଲି । ନା– କେବଳ 'ପାଠିକା' କହିଲେ ଠିକ୍ ହେବନାହିଁ, ତାଙ୍କ ଗଳ୍ପର ଚରିତ୍ରମାନଙ୍କ ସହିତ ଏକାତ୍ମ ହୋଇ ଯାଇଥିଲି । ଯେତେଥର ପଢ଼ିଥିଲେ ମଧ୍ୟ ତାଙ୍କର ଗଳ୍ପ ପଢ଼ିବାରେ ମୋର କ୍ଳାନ୍ତି ନଥାଏ, ଆଗରୁ ପଢ଼ି ସାରିଥିବାର ସବ୍‌ଜାନ୍ତା ଭାବ ନଥାଏ । ପ୍ରତ୍ୟେକଥର ଯେମିତି ନୂଆ ଏକ ଦିଗନ୍ତ ଉଦ୍‌ଭାସିତ ହୁଏ ମୋ ଚେତନାରେ । 'ଲକ୍ଷ୍ମୀର ଅଭିସାର' ପଢ଼ିଲାବେଳେ ମୁଁ ମଧ୍ୟ ଲକ୍ଷ୍ମୀ ସହିତ ମନ୍ଦିରର ପାହାଚ ଚଢ଼େ, ଘୁଙ୍ଗୁଡ଼ି ମାରୁଥିବା ପଣ୍ଡିତଙ୍କୁ ସନ୍ତର୍ପଣରେ ଅତିକ୍ରମ କରି ଯାଇ ଠାକୁରଙ୍କ ପାଖରେ ପହଞ୍ଚି ଯାଏ । ଠାକୁରଙ୍କ ସହିତ ଏକ ତରଫା କଥାବାର୍ତ୍ତା କରି ଆତ୍ମସନ୍ତୋଷ ପାଏ । ବଜାରରୁ ଆଦରିଣୀ କନ୍ୟା ପାଇଁ ଫ୍ରକ୍‌ଟିଏ କିଣି ନପାରି ନିଜର ଏକମାତ୍ର ପେଡ଼ିସାଇତା ଶାଢ଼ିରେ ଲକ୍ଷ୍ମୀର ବୋଉ ତା' ପାଇଁ ଯେଉଁ ଫ୍ରକ୍‌ଟି ତିଆରି କରୁଛି, ସେଇ ବୋଉର ସ୍ନେହପ୍ରବଣ, ମମତାମୟୀ ରୂପଟିରେ ମୁଁ ବିମୁଗ୍ଧ ହୁଏ । ପୁଣି ମନ୍ଦିରର ପୂଜାରୀ ତଥା କେତେକ ଅବିବେକୀ ଗ୍ରାମବାସୀଙ୍କ ତାଡ଼ନାରେ ସରଳହୃଦୟା ଲକ୍ଷ୍ମୀ ଜୀବନର ଶେଷ ପରିଣତି ମୋ ହୃଦୟକୁ ଶୋକାଚ୍ଛନ୍ନ କରେ । ଏଇ ଜଟିଳ ପୃଥିବୀରେ ସରଳ ମନଟିଏ କେତେ ଅସହାୟ ସତେ ! 'ଶେଷ ବସନ୍ତର ଚିଠି' ଗଳ୍ପଟି ପଢ଼ିବା ବେଳେ କେବେ ସେହି ବୟସ୍କ ଅଧ୍ୟାପକଙ୍କ ସହିତ ତ କେତେବେଳେ ମାଆ ପାଖରୁ ଚିଠିଟିଏ ପାଇବା ଆଶାରେ ଦ୍ୱିତଳ ବାରନ୍ଦାର ରେଲିଂ ଉପରେ ଭରା ଦେଇ ରାଜପଥର ଦୃଶ୍ୟମାନ ସୀମା ଯାଏଁ ଅନାଇ ରହିଥିବା ଟିକିଝିଅ ରୀନା ସହିତ ମୁଁ ଏକାତ୍ମ ହୋଇଯାଏ । ଶେଷ ଶଯ୍ୟାରେ ଶାୟିତା ସ୍ନେହମୟୀ ଜନନୀର ଏକମାତ୍ର ଚିଠି ଭଳି ପରମ ଐଶ୍ୱର୍ଯ୍ୟଟିକୁ ଆଉ ଜଣେ ପତ୍ରାଭିଳାଷୀ ବ୍ୟାକୁଳ-ହୃଦୟ ମଣିଷ ହାତରେ ସମର୍ପି ଦେଇ ମାତୃତ୍ୱର ଗାରିମାରେ ମହିମାମୟୀ ହୋଇଉଠେ ମୁଁ । 'ମଗ୍ନ ଉପତ୍ୟକା' ଗଳ୍ପରେ କ୍ଷୁଧାର୍ତ୍ତ ଅବୋଲକରାକୁ ଅତ୍ୟନ୍ତ ସ୍ନେହର ସହିତ ଖାଦ୍ୟ ପରଷି ଦେବା ବେଳର ଆତ୍ମତୃପ୍ତି ମୋ ଭିତରକୁ ସଞ୍ଚରି ଆସେ । 'ଦୂର ନିର୍ଜନର ସ୍ୱର' ଗଳ୍ପର ଅଝଟ ଘୂର୍ଣ୍ଣିବାତ୍ୟା ପରି ଟିକିଝିଅ ମୀନାର ଅଝଟପଣ ତଥା ଅଭିମାନକୁ ଅଙ୍ଗେ ନିଭାଇବାର ଅନୁଭବ କରେ ମୁଁ– ସେହି ଗଳ୍ପଟି ପଢ଼ିବା ବେଳେ । 'ମଧୁବନର ମେୟର୍'ଙ୍କର ଅସହାୟପଣର ଉପଲବ୍ଧି କରିଛି ମୁଁ– ପରିସ୍ଥିତି ହାତରେ କ୍ରୀଡ଼ନକ ହୋଇ ନିର୍ବସ୍ତ୍ର ଅବସ୍ଥାରେ ଡଙ୍ଗାରେ ବସି ନିର୍ଜନ ରାତ୍ରିରେ ନଈସୁଅ ମଧ୍ୟରେ ଭାସିଯିବା ଏବଂ ସେଇ ଅଦ୍ଭୁତ ମୁହୂର୍ତ୍ତରେ ନିଜର ସମସ୍ତ ଦମ୍ଭ, ଅହଂକାର ତଥା ଆତ୍ମ ଅଭିମାନରୁ ନିଜକୁ ମୁକୁଳାଇ ଆଣିବାର ଅନୁଭବରେ ହୃଦୟ ଆଲୋକିତ ହୋଇଛି । ଏହିଭଳି ଅନେକ ଗଳ୍ପ ରହିଛି– ଯାହା ମୋତେ ଅଭିଭୂତ କରିଛି । ପୁଲକିତ କରିଛି । ବିସ୍ମିତ କରିଛି ତ କେବେ ବିଷର୍ଣ୍ଣତାର କାରୁଣ୍ୟରେ ଭରି ଦେଇଛି ହୃଦୟ ।

ସେଦିନ ଥିଲା ମାର୍ଚ୍ଚ ୨୫ ତାରିଖ, ଉଣେଇଶି ଶହ ଅଣାନବେ ମସିହା । ତିଥି ଥିଲା ଦୋଳପୂର୍ଣ୍ଣିମା । ଆମ ଅନୁଷ୍ଠାନ ଆନୁକୂଲ୍ୟରେ ଏକ ବନ୍ଧୁମିଳନର ଆୟୋଜନ ହୋଇଥାଏ । ଶ୍ରୀଯୁକ୍ତ ମନୋଜ ଦାସ ସେଥିରେ ଯୋଗ ଦେଉଛନ୍ତି ଶୁଣି ମୋର ଆନନ୍ଦର ସୀମା ନଥିଲା । ତାଙ୍କର ବହିଗୁଡ଼ିକ ପଢ଼ିବା ସହିତ ମଞ୍ଚ ଉପରେ ତାଙ୍କ ପ୍ରଦତ୍ତ ଭାଷଣ କେତୋଟି ଶୁଣିବାର ସୁଯାଗ ପାଇଥିଲି । ତାଙ୍କ ଭଳି ଜଣେ ମହାନ ସାହିତ୍ୟିକଙ୍କୁ ଆମ ଅନୁଷ୍ଠାନ ପରିସରରେ ଭେଟିବାର ମହାର୍ଘ ମୁହୂର୍ତ୍ତଟିକୁ ମୁଁ ଉତ୍କଣ୍ଠିତ ଭାବରେ ଅପେକ୍ଷା କରିଥାଏ । ତାଙ୍କୁ ଭେଟିଲେ କ'ଣ ସବୁ ପଚାରିବି, ସେସବୁ କଥା ମୋ ମନ ଭିତରେ ଥାଏ । କିନ୍ତୁ ମନୋଜ ଦାସଙ୍କ ସହିତ ବିଶିଷ୍ଟ ବ୍ୟକ୍ତିମାନେ ବେଢ଼ି ରହିଥିବାର ଦେଖି ତାଙ୍କ ପାଖକୁ ଯିବାକୁ ସଂକୋଚ ହେଉଥାଏ । ଆମ ଅନୁଷ୍ଠାନ ସହ ନିବିଡ଼ ଭାବରେ ସଂପୃକ୍ତ ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ମୋତେ କହିଲେ, "ଆ– ତୋତେ ମନୋଜ ଦାସଙ୍କ ସହିତ ପରିଚୟ କରାଇଦେବି । କ'ଣ ସବୁ ତୋର ପଚାରିବାକୁ ଅଛି ବୋଲି କହୁଥିଲୁ ପରା ?" ଖୁବ୍ ଆନନ୍ଦରେ ମୁଁ ତାଙ୍କ ସହିତ ଗଲି । ନୀଳମଣି ମଉସା ମୋତେ ମନୋଜ ଦାସଙ୍କ ଆଗରେ ପହଞ୍ଚାଇ ଦେଇ କହିଲେ, "ଇଏ ପ୍ରବୀଣା । ଭଲ ଲେଖାଲେଖି କରୁଛି । ଆମର ଏଠି ଟିଚର୍ ଅଛି ।" ମୋତେ ଲାଗିଲା ଯେମିତି ବିରାଟ ବଟବୃକ୍ଷ ନିକଟରେ ଛୋଟିଆ ଦୂବଘାସଟିକୁ ସେ ପରିଚିତ କରାଉଛନ୍ତି, ଇଏ ବି ଗୋଟେ ଗଛ ।


Sanjay
1813

"ଆଚ୍ଛା! କ'ଣ ସବୁ ଲେଖୁଛନ୍ତି ଆପଣ ?" ସ୍ନେହକୋମଳ କଣ୍ଠରେ ପଚାରିଲେ ମନୋଜ ଦାସ । ଓଡ଼ିଆ ସାହିତ୍ୟର ଏହି ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କର ଉଜ୍ଜ୍ୱଳ ପ୍ରତିଭା ନିକଟରେ ମୁଁ ସାମାନ୍ୟ ଜୁଳୁଜୁଳିଆ ପୋକଟିଏ ମଧ୍ୟ ନୁହେଁ । କେମିତି କହିବି, ମୁଁ ଜଣେ 'ଲେଖିକା' ବୋଲି ? ଲଜ୍ଜା ଆଉ ସଂକୋଚରେ ମାଟିରେ ମିଶିଗଲା ଭଳି ମୋର ଅବସ୍ଥା । ସଶ୍ରଦ୍ଧ ପ୍ରଣାମଟିଏ ଜଣାଇ ମୁଁ ନୀରବରେ ଠିଆ ହେଲି । "ତୁ କ'ଣ ପଚାରିବୁ ପରା ମନୋଜ ବାବୁଙ୍କୁ ?" ନୀଳମଣି ମଉସା ମନେ ପକାଇଦେଲେ । ମୋ ଭିତରେ ଆଉ କିଛି ପ୍ରଶ୍ନ ନଥିଲା । ମୋର ପ୍ରିୟ ଲେଖକଙ୍କୁ ଭେଟିବାର ଆନନ୍ଦର ମୋ ହୃଦୟ ପରିପୂର୍ଣ୍ଣ ହୋଇଯାଇଥିଲା । କୁଣ୍ଠିତ ଭାବରେ ମୋର ଅଟୋଗ୍ରାଫ୍ ଡାଏରୀଟି ତାଙ୍କ ହାତକୁ ବଢ଼ାଇ ଦେଇ ସେଥିରେ ମୋ ପାଇଁ ଧାଡ଼ିଏ ଲେଖିଦେବାକୁ ଅନୁରୋଧ କଲି । ସେଥିରେ ଲେଖୁ ଲେଖୁ ସେ କହିଲେ, "ଆପଣଙ୍କର ଯଦି କିଛି ପଚାରିବାକୁ ଥିବ, ମୋତେ ଚିଠି ଲେଖିବେ ।" ମୁଁ ସମ୍ମତି ଜଣାଇ ତାଙ୍କ ପାଖରୁ ଚାଲି ଆସିଲି ।

ସେଦିନ ମୋ ଅଟୋଗ୍ରାଫ୍ ଖାତାରେ ଶ୍ରୀଅରବିନ୍ଦଙ୍କର ବାର୍ତ୍ତାଟିଏ ଲେଖି ଦେଇଥିଲେ ଶ୍ରୀଯୁକ୍ତ ମନୋଜ ଦାସ । ସେହି ବାର୍ତ୍ତାଟି ଥିଲା: An eternal perfection is moulding us into its own image. ପରବର୍ତ୍ତୀ ସମୟରେ ମୁଁ ଆହୁରି ଦୁଇଥର ତାଙ୍କ ଆଗରେ ମୋର ଅଟୋଗ୍ରାଫ୍ ଖାତାଟି ରଖିଛି ଥରେ ତା୧୦.୦୪.୧୯୯୪ରେ ଏବଂ ଆଉଥରେ ତା ୮.୧.୧୯୯୬ରେ । ଆଶ୍ଚର୍ଯ୍ୟ ହୋଇଛି ମୁଁ । ସେଇ ଗୋଟିଏ ବାର୍ତ୍ତା ହିଁ ପ୍ରତ୍ୟେକ ଥର ସେ ଲେଖିଛନ୍ତି ମୋ ପାଇଁ । ତୃତୀୟ ଥର ସେହି ବାର୍ତ୍ତାଟି ସେ ଲେଖିବା ପରେ ମୁଁ ବିସ୍ମିତ ହୋଇ ପଚାରିଥିଲି ଏହାର କାରଣ । ତାଙ୍କର ସ୍ୱାକ୍ଷର ଥିବା ସେହି ବାର୍ତ୍ତା ଲିଖିତ ଡାଏରୀଟି ମଧ୍ୟ ଦେଖାଇଲି ତାଙ୍କୁ । ପ୍ରଥମେ ସେ ଟିକେ ଆଶ୍ଚର୍ଯ୍ୟ ହେଲେ । ତା'ପରେ ହସିହସି କହିଲେ, "ଯଦିଓ ମୋର ସମ୍ପୂର୍ଣ୍ଣ ଅଜାଣତରେ ମୁଁ ଏକଇ ବାର୍ତ୍ତା ବାରମ୍ବାର ଲେଖିଛି । ବର୍ତ୍ତମାନ ମନେ ହେଉଛି ଏହି ବାର୍ତ୍ତା ପଛରେ ଆପଣଙ୍କ ପାଇଁ ନିର୍ଦ୍ଦିଷ୍ଟ କିଛି ଉଦ୍ଦେଶ୍ୟ ରହିଛି । ଏ କଥା ଆପଣ ଉପଲବ୍ଧି କରିବେ ବୋଲି ମୋର ବିଶ୍ୱାସ ।"

ଏତେବଡ଼ ଲେଖକଙ୍କୁ ଚିଠି ଲେଖିଲେ ସିଏ ଯେ ଉତ୍ତର ଦେବେ, ଏ ବିଶ୍ୱାସ ମୋର ନଥିଲା । ପୂର୍ବରୁ କୌଣସି ବିଶିଷ୍ଟ ଲେଖକ ଲେଖିକାଙ୍କର ଲେଖା ମନକୁ ଛୁଇଁଗଲେ ମୁଁ ଚିଠି ଲେଖୁଥିଲି । କିନ୍ତୁ କ୍ୱଚିତ୍ କାହା ପାଖରୁ ସୌଜନ୍ୟମୂଳକ ପତ୍ରଟିଏ ପାଉଥିଲି । ଇତିମଧ୍ୟରେ ମନୋଜ ଦାସଙ୍କ ଗଳ୍ପମାନଙ୍କୁ ଆହୁରି ନିବିଡ଼ ଭାବରେ ବୁଝିବା ପାଇଁ ପିଏଚ୍‌ଡି ଗବେଷଣା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟରେ ମୋର ନାମ ପଞ୍ଜିକୃତ କରାଇଥିଲି । ପ୍ରଫେସର୍ ସଂଘମିତ୍ରା ମିଶ୍ର ଥିଲେ ମୋର ମାର୍ଗଦର୍ଶିକା । ମୋର ଗବେଷଣାର ଆରମ୍ଭରେ ମନୋଜ ଦାସଙ୍କର ଆଶୀର୍ବାଦ କାମନା କରି ମୁଁ ଚିଠିଟିଏ ଲେଖିଥିଲି । ପିମ୍ପୁଡ଼ିଟିଏ ପର୍ବତର ବିରାଟତ୍ୱ କଳନା କରିବାର ଦୁଃସାହସ କରିଛି ବୋଲି ଲେଖିଥିଲି ମୋ ଚିଠିରେ । ଖୁବ୍ ଶୀଘ୍ର ତାଙ୍କ ନିକଟରୁ ଚିଠିଟିଏ ପାଇଲି । ତାଙ୍କ ଲେଖାର ଯେଉଁ ବିଷୟକୁ ନେଇ ମୋର ଗବେଷଣାର ଶୀର୍ଷକ ରଖିଥିଲି, ସେ ସମ୍ପର୍କରେ କିଛି ଦିଗ୍‌ଦର୍ଶନ ମଧ୍ୟ ଦେଇଥିଲେ ସେ ।

ଏଇଠୁ ଆରମ୍ଭ । ଯୋଉ କଥାସବୁ ପ୍ରତ୍ୟକ୍ଷରେ ପଚାରି ପାରିନଥିଲି, ପତ୍ର ମାଧ୍ୟମରେ ତାହା ଲେଖି ଉତ୍ତର ପାଇଗଲି । ମନୋଜ ଦାସଙ୍କର ପ୍ରତ୍ୟେକ ଚିଠି ମୋ ଭିତରର ଆତ୍ମବିଶ୍ୱାସକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛି । ପରବର୍ତ୍ତୀ ସମୟରେ ତାଙ୍କ ସହିତ ବହୁବାର ସାକ୍ଷାତ ହୋଇଛି । ତାଙ୍କର ସ୍ନେହପୂର୍ଣ୍ଣ ବ୍ୟବହାରରେ ଧୀରେ ଧୀରେ ମୋର ସମସ୍ତ କୁଣ୍ଠା ଦୂର ହୋଇ ଯାଇଛି । ସୁଯୋଗ ପାଇବା ମାତ୍ରେ ମୁଁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲେ । ଅତ୍ୟନ୍ତ ସହୃଦୟତାର ସହିତ ସେ ମୋର ସମସ୍ତ ପ୍ରଶ୍ନର ଉତ୍ତର ସହାସ୍ୟ ବଦନରେ ଦିଅନ୍ତି ।



ଥରେ ତାଙ୍କୁ ବିଦାୟ ଦେବା ପାଇଁ ଆମେ ଭୁବନେଶ୍ୱର ବିମାନ ବନ୍ଦରକୁ ଯାଇଥାଉ । ସେଇଠି ପହଞ୍ଚିବା ପରେ ଜାଣିବାକୁ ପାଇଲୁ ପ୍ଲେନ୍ ଦୁଇଘଣ୍ଟା ବିଳମ୍ବରେ ଆସିବ । ମନୋଜ ଦାସଙ୍କୁ ବିଦାୟ ସମ୍ଭାଷଣ ଜଣାଇ ଅନେକ ବ୍ୟକ୍ତି ଫେରିଗଲେ । ଆମେ ତିନି ଚାରିଜଣ ମାତ୍ର ରହିଲୁ ତାଙ୍କ ପାଖରେ । ଓଡ଼ିଶା ମାଟିର ଏଭଳି ସୁଯୋଗ୍ୟ ବରପୁତ୍ରଙ୍କୁ ଏକୁଟିଆ ଛାଡ଼ି ଦେଇ ଆସିବାକୁ ଚାହିଁନଥିଲୁ ଆମେ । ସେଇଠି ବସିଲୁ ଅପେକ୍ଷା ଗୃହରେ । ପ୍ରାୟ ଦୁଇଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ମୁଁ ପ୍ରଶ୍ନ ପଚାରି ଚାଲିଥାଏ । ସାହିତ୍ୟ ଠାରୁ ଆରମ୍ଭ କରି ରାଜନୀତି ତଥା ଆଧ୍ୟାତ୍ମିକତା ପର୍ଯ୍ୟନ୍ତ । ଯୋଉ ଯୋଉ ପ୍ରଶ୍ନ ସେତିକିବେଳେ ମୋ ମନକୁ ଆସିଲା, ଗୋଟିଏ ପରେ ଗୋଟିଏ ପଚାରି ଚାଲିଥାଏ । ଖୁବ୍ ଧୈର୍ଯ୍ୟର ସହିତ ଅକାତର ଭାବରେ ସେ ମୋର ସମସ୍ତ ଜିଜ୍ଞାସାର ପରିପୂର୍ତ୍ତି କରୁଥାଆନ୍ତି । ହଠାତ୍ ସଚେତନ ହେଲି ମୋ ନିଜ ଆଚରଣ ସମ୍ପର୍କରେ । କହିଲି, "ସାର୍, ଆପଣ ବିରକ୍ତ ହେଉ ନାହାନ୍ତି ତ ? ମୋତେ ଲାଗୁଛି ମୁଁ ଯେମିତି ରବି ଠାକୁରଙ୍କର 'କାବୁଲିଓ୍ୱାଲା' ଗପର 'ମିନି' ପାଲଟି ଯାଇଛି ଆପଣଙ୍କ ପାଖରେ ।" ଶ୍ରୀଯୁକ୍ତ ମନୋଜ ଦାସ ତାଙ୍କର ସ୍ୱଭାବ ସୁଲଭ ଅମାୟିକ କଣ୍ଠରେ କହିଲେ, "ବାଃ- ତୁମେ ନିଜ ପାଇଁ ବଢ଼ିଆ ରୋଲଟେ ବାଛି ନେଇ ମାତେ କାବୁଲିଓ୍ୱାଲା ବନେଇଦେଲ ।" ତାଙ୍କର କହିବାର ଢଙ୍ଗଟି ଏଭଳି ମଜାଳିଆ ଥିଲା ଯେ ଆମେ ସମସ୍ତେ ହସି ଉଠିଥିଲୁ ଖୁବ୍ ଜୋରରେ । ସେଇ ମୁହୂର୍ତ୍ତରେ ମୋର ମନେ ହୋଇଥିଲା ତାଙ୍କ ଗପମାନଙ୍କରେ ରୂପାୟିତ ହୋଇଥିବା ରୀନା, ମୀନା, ସୀତା, ଲକ୍ଷ୍ମୀ ଆଦି ଟିକି ଝିଅମାନଙ୍କ ସହିତ ମୁଁ ମଧ୍ୟ ସାମିଲ୍

▼ମନୋଜ ଦାସଙ୍କ ସହିତ ଲେଖିକା ପ୍ରବୀଣା ମହାନ୍ତି ଓ ତାଙ୍କ ସ୍ୱାମୀ ସୁରେନ୍ଦ୍ର ମହାନ୍ତି



ହୋଇଯାଇଛି । ତାଙ୍କ ପାଖରେ ଥିବାବେଳେ ମୋର ମନେହୁଏ, ବିଶ୍ୱବିଖ୍ୟାତ କୌଣସି ସାହିତ୍ୟିକଙ୍କ ନିକଟରେ ନୁହେଁ, ମୁଁ ଯେମିତି ମୋର ପରମ ଶୁଭେଚ୍ଛୁ, ସ୍ନେହୀ ମୋର ବାପା କିମ୍ବା ବଡ଼ଭାଇଙ୍କୁ ଭେଟୁଛି । ଧୀରେ ଧୀରେ ଏମିତି ହେଲା ଯେ ମୋର ସୁଖଦୁଃଖ, ଭଲମନ୍ଦ ସମସ୍ତ ବିଷୟ ନିର୍ଦ୍ୱନ୍ଦ୍ୱରେ ତାଙ୍କୁ ଜଣାଇ ପାରିଲି । ମୋ ପାଇଁ ଯାହା ଅତ୍ୟନ୍ତ ଜଟିଳ ସମସ୍ୟା ଭଳି ମନେ ହେଉଥାଏ, ସେଇ ବିଷୟଟି ତାଙ୍କୁ ଜଣାଇ ଦେଇ ମୁଁ ଆଶ୍ୱସ୍ତ ହୋଇଯାଏ । ତାଙ୍କ ପତ୍ରରେ ଯେଉଁ ସ୍ନେହ ତଥା ସଦିଚ୍ଛାର ସ୍ପର୍ଶ ଥାଏ, ମୋର ସବୁ ସମସ୍ୟାର ସମାଧାନ ହୋଇଯାଏ ଆପେ ଆପେ ।



▲ ମନୋଜ ଦାସଙ୍କ ସହିତ ଲେଖିକା ପ୍ରବୀଣା ମହାନ୍ତି

୧୯୯୩ ମସିହାରେ ମୋର ଗୋଟିଏ ଉପନ୍ୟାସ କୌଣସି ଏକ ପ୍ରତିଷ୍ଠିତ ସାହିତ୍ୟ ପତ୍ରିକାର ବାର୍ଷିକ ବିଶେଷାଙ୍କରେ ପ୍ରକାଶିତ ହେବା ପରେ ପାଠକପାଠିକାଙ୍କ ନିକଟରୁ ଅନେକ ପ୍ରଶଂସାଭରା ଚିଠି ପାଉଥାଏ । କେହି କେହି ପାଠକପାଠିକା ପତ୍ରିକାରୁ ମୋର ଠିକଣା ଦେଖି ମୋତେ ଭେଟିବାକୁ ଚାଲି ଆସୁଥାନ୍ତି ଆମ ଘରକୁ । ଦିନେ ଅପରାହ୍ଣ ସମୟରେ ତିନିଜଣ ଭାଇଭଉଣୀ ଆସି ପହଞ୍ଚିଲେ ଆମ ଘରେ । ସଂଭ୍ରାନ୍ତ ବଂଶଜ ଭଳି ମନେ ହେଉଥାଆନ୍ତି ସେଇ ସୁନ୍ଦର ପିଲାମାନେ । ସେମାନେ ମୋ ଲେଖାକୁ ଖୁବ୍ ପସନ୍ଦ କରନ୍ତି । ବିଭିନ୍ନ ପତ୍ରପତ୍ରିକା ଖୋଜି ସେମାନେ ମୋ ଲେଖା ପଢ଼ନ୍ତି ବୋଲି କହିଲେ । ଏଭଳି କଥା ଶୁଣି ଯେ କେହି ଲେଖକ ଆନନ୍ଦିତ ହେବ । ସେମାନେ କିନ୍ତୁ ଅଭିଯୋଗଟିଏ ନେଇ ମୋ ପାଖକୁ ଆସିଥିଲେ । "ଆମ ଭାଇଙ୍କ ବିଷୟରେ ଆପଣ ଏମିତି କାହିଁକି ଲେଖିଛନ୍ତି ? ଜାଣନ୍ତି, ଆପଣଙ୍କ ଉପନ୍ୟାସ ଯୋଗୁଁ ଆମ ଭାଇଙ୍କ ବାହାଘର ଭାଙ୍ଗିଗଲା ।" ସେମାନେ କହିଲେ । ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, "ତୁମ ଭାଇଙ୍କୁ ନେଇ ଲେଖିଛି ? କିଏ ତୁମ ଭାଇ କହିଲ ?" "ଜାଣି ନାହାନ୍ତି ? ଆପଣ ଯାହା ଯାହା ଲେଖିଛନ୍ତି, ବହୁତ କଥା ମିଶ ଯାଉଛି । ନିକଟରେ ଆଇ.ଏ.ଏସ୍. ପାଇବା, ଖବର କାଗଜରେ ତାଙ୍କର ନାଁ ବି ମିଶି ଯାଉଛି ।" କ୍ଷୋଭର ସହିତ କହିଲେ ସେମାନେ । "ଆମ ଭାଇଙ୍କ ବିଷୟରେ ଆପଣ ଯାହା ଲେଖିଛନ୍ତି, ସିଏ ଆଦୌ ସେମିତି ନୁହଁନ୍ତି ।"

ଭଦ୍ରଲୋକଙ୍କର ନାଆଁ ସେମାନଙ୍କ ଠାରୁ ଜାଣିବା ପରେ ମୋର ମନେପଡ଼ିଲା, ମୋ ଉପନ୍ୟାସରେ ସେଭଳି ନାଆଁଟିଏ ଅଛି । ଜଣେ ଚରିତ୍ରହୀନ ବ୍ୟକ୍ତି, ଯାହା ବିଷୟରେ ଉପନ୍ୟାସର ନାୟିକା କହୁଛି, "ଆଖି ତ ନୁହେଁ, କୁରୁସଭା ର ଦି'ଟା ଦୁଃଶାସନ ଯେମିତି ! ଥୁ... ।"

ମୋ ଅଜାଣତରେ ମୋର କୌଣସି ଲେଖା କାହାର ଏଭଳି କ୍ଷତି କରିଥିବ, ଏକଥା ମୁଁ କେବେ ଭାବି ନଥିଲି । ଅନିଚ୍ଛାକୃତ ମୋର ଏଭଳି ତ୍ରୁଟି ପାଇଁ ମୁଁ ଦୁଃଖ ପ୍ରକାଶ କରିଥିଲି । ମୁଁ ଯେ ଜାଣି ଜାଣି ତାଙ୍କ ଭାଇଙ୍କ ନାଆଁରେ କିଛି ଲେଖିନାହିଁ, ତା'ର ପ୍ରମାଣ ମଧ୍ୟ ଦେଖାଇଲି । ପ୍ରାୟ ପନ୍ଦର ବର୍ଷ ପୂର୍ବରୁ ସେହି ଉପନ୍ୟାସଟି ମୁଁ ଲେଖିଥିଲି । ଯାହାର କିଛି ଅଂଶ ସେ ସମୟରେ ପ୍ରକାଶିତ ହୋଇଥିବା ଗୋଟିଏ ସାହିତ୍ୟ ପତ୍ରିକାର ପ୍ରଥମ ସଂଖ୍ୟାରେ ବାହାରିଥିଲା, ଯୋଉ ପତ୍ରିକାର ଦ୍ୱିତୀୟ ସଂଖ୍ୟା ଆଉ ବାହାରି ନଥିଲା । ହଳଦିଆ ପଡ଼ି ଆସିଥିବା ସେଇ ଅଧାଲେଖା ପାଣ୍ଡୁଲିପି ଏବଂ ସେହି ପତ୍ରିକାଟିକୁ ସେମାନଙ୍କୁ ଦେଖାଇ କହିଥିଲି, "ପନ୍ଦରବର୍ଷ ତଳେ ମୁଁ ଯେତେବେଳେ ଏଇ ଉପନ୍ୟାସଟି ଲେଖିଥିଲି, ସେତେବେଳେ ତୁମମାନଙ୍କର ଭାଇ ସ୍କୁଲ୍‌ରେ ପଢୁଥିବେ । ଭବିଷ୍ୟତରେ ସିଏ କ'ଣ ହେବେ ମୁଁ କେମିତି ସେକଥା ଜାଣିବି ଯେ ଲେଖିବି ?" ସେ ପିଲାମାନେ ମୋ କଥାକୁ ଯଥାର୍ଥ ଭାବରେ ଉପଲବ୍ଧି କଲେ କି ନାହିଁ ମୁଁ ଜାଣିନାହିଁ । ତେବେ ଏକ ଭୟଙ୍କର ଅସ୍ୱସ୍ତିଭାବ ମୋତେ ଆବୋରି ବସିଲା । ସେ ଭଦ୍ରବ୍ୟକ୍ତିଙ୍କର ଠିକଣା ମୁଁ ରଖିଥିଲି ତାଙ୍କ ଭାଇଭଉଣୀଙ୍କ ପାଖରୁ । ତାଙ୍କ ପାଖକୁ ମୁଁ ଦୁଃଖ ପ୍ରକାଶ କରି ଚିଠିଟିଏ ଲେଖିଲି ଏବଂ ତା' ସହିତ ଏକଥା ମଧ୍ୟ ଲେଖିଲି ଯେ ସେ ଯଦି ଚାହିଁବେ ତ ସେହି ପତ୍ରିକାରେ ଗୋଟେ ବିବୃତ୍ତି ଛପାଇ ଦେବି ଯେ ମୋ ଉପନ୍ୟାସର ଘଟଣା, ଚରିତ୍ର ସବୁ କାଳ୍ପନିକ ବୋଲି । କିନ୍ତୁ ଏହାର ବିପରୀତ ପ୍ରତିକ୍ରିୟା ବି ହୋଇପରେ । ଯେଉଁମାନେ ଟିକେ ଟିକେ ସନ୍ଦେହ କରୁଥିବେ ସେମାନେ ଭାବିବେ ଏକଥାର ସତ୍ୟତା କିଛି ରହିଛି । ଭଦ୍ରଲୋକ ଯାହା କହିବେ ମୁଁ କରିବାକୁ ପ୍ରସ୍ତୁତ ବୋଲି ଜଣାଇ ଦେଲି ।

ସେ ଭଦ୍ରଲୋକ ମୋ ଚିଠିର ଉତ୍ତର ଦେଲେ ନାହିଁ । ମୋ ଲେଖା ଯେ କାହାର କିଛି ଅମଙ୍ଗଳ କରିଛି- ଏକଥା ଭାବି ମୁଁ ଖୁବ୍ ବିବ୍ରତ ହୋଇପଡ଼ିଲି । ଆଉ କିଛି ବି ଲେଖିବାକୁ ମୋର ଇଚ୍ଛା ହେଲା ନାହିଁ । କେମିତି ଏକ ବିଷର୍ଣ୍ଣତା ମୋତେ ଆବୋରି ବସିଲା । ସେହି ବିଷର୍ଣ୍ଣତା ମଧ୍ୟରୁ ବାହାରି ଆସିବା ପାଇଁ ମୋତେ ଦିଗ୍‌ଦର୍ଶନ ଦେବାକୁ ଅନୁରୋଧ କରି ଶ୍ରୀଯୁକ୍ତ ମନୋଜ ଦାସଙ୍କୁ ମୁଁ ଚିଠିଟିଏ ଲେଖିଲି । କଥା ପ୍ରସଙ୍ଗରେ ଥରେ ସେ ଆମକୁ କହିଥିଲେ ଏଭଳି ଏକ ଘଟଣାର କଥା । 'ଭାଇ ଭାଇ' ଚଳଚ୍ଚିତ୍ର ପାଇଁ ସଂଳାପ ଏବଂ ଗୀତ ରଚନା କରିଥିଲେ ସେ । ସେହି ଚଳଚ୍ଚିତ୍ରର କୌଣସି ଏକ ଦୃଶ୍ୟ ଗ୍ରହଣ ସମୟରେ ସଂପୃକ୍ତ କଳାକାର ଜଣେ ତାଙ୍କ ସଂଳାପରେ ଥିବା ଗୋଟିଏ ନାମକୁ ଠିକ୍ ଭାବରେ ଉଚ୍ଚାରଣ କରିପାରୁ ନଥିଲେ । ତେଣୁ ସେଇ ନାମଟିକୁ ସେଇଠି ପରିବର୍ତ୍ତିତ କରି ଦିଆଗଲା । ଶ୍ରୀଯୁକ୍ତ ମନୋଜ ଦାସ କିନ୍ତୁ ଜାଣି ନଥିଲେ ଖଳ ଚରିତ୍ରଟିର ପରିବର୍ତ୍ତିତ ନାମଧାରୀ କେହି ଜଣେ ବ୍ୟକ୍ତି ଅଛନ୍ତି ସେହିଭଳି ଏକ ଗ୍ରାମରେ । ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବାର ଅଳ୍ପଦିନ ପରେ ସେହି ବ୍ୟକ୍ତି ଜଣକ ମୋକଦ୍ଦମା କଲେ ଚଳଚ୍ଚିତ୍ର ନାମରେ । ଫଳରେ ସବୁଦିନ ପାଇଁ ସେହି ଚଳଚ୍ଚିତ୍ରଟି ଦର୍ଶକମାନଙ୍କର ଦୃଷ୍ଟି ଅନ୍ତରାଳରେ ରହିଗଲା ।

ମୋର ଚିଠିର ଉତ୍ତରରେ ଶ୍ରୀଯୁକ୍ତ ଦାସ ଯାହା ଲେଖିଥିଲେ, ତାହା ଏଠାରେ ଉପସ୍ଥାପନା କରୁଛି:

*କଲ୍ୟାଣୀୟାସୁ, ୨୬ ସେପ୍ଟେମ୍ବର ୯୩*

*ନମସ୍କାର । ଚିଠି ପାଇ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ଅପ୍ରତ୍ୟାଶିତ ସମସ୍ୟା ଜନିତ ମନସ୍ତାପ କଥା ଜାଣି ଦୁଃଖିତ ହେଲି । ଏଭଳି ଘଟଣା ବହୁ ଲେଖକଙ୍କ ଜୀବନରେ ହୋଇଛି । ଆପଣ ଜାଣିଶୁଣି କାହାର ବଦନାମ କରିବା ନିମନ୍ତେ ନାମଟିଏ ବାଛି ନାହାନ୍ତି । ତେଣୁ ଆପଣ ମନସ୍ତାପ କରିବାର ଯୁକ୍ତି ନାହିଁ । ଏଭଳି ଯୋଗାଯୋଗ ଉପରେ କାହାରି ହାତ ନାହିଁ । ସେ ଯାହାହେଉ, ବାସ୍ତବ ଜୀବନରେ ଯେଉଁ ଭଦ୍ରଲୋକଙ୍କର ସେହି ନାମଟି, ତାଙ୍କୁ ଚିଠି ଲେଖି ଆପଣ ଏଭଳି ଅନିଚ୍ଛାକୃତ ଅବସ୍ଥା ପାଇଁ ଦୁଃଖିତ- ଏହା ଜଣାଇବା ସଙ୍ଗେ ସଙ୍ଗେ ଲେଖିବେ ଯେ ପତ୍ରପତ୍ରିକା କେହି ସାଇତି ରଖେ ନାହିଁ । ଦୁଇ ଚାରିମାସ ପରେ*


ଚେତନା ଆମ ମାଟିର ସ୍ୱର



*ସମସ୍ତେ ତାହା ପାସୋରି ଦେବେ । ଭବିଷ୍ୟତରେ ଉପନ୍ୟାସଟି ଯଦି ସ୍ୱତନ୍ତ୍ର ବହି ଭାବରେ ପ୍ରକାଶ ପାଇବ, କିମ୍ବା ଆପଣଙ୍କର କୌଣସି ସଂକଳନରେ ରହିବ, ସେତେବେଳେ ସେ ନାମ ବଦଳାଇ ଦେବେ ।*

*ଏକ କାହାଣୀର ନାମ ସହ ଯୋଗାଯୋଗ ଯୋଗୁଁ ଯଦି ଜଣଙ୍କର ବିବାହ ପ୍ରସ୍ତାବ ଭାଙ୍ଗିଯାଏ, ସେଭଳି ପ୍ରସ୍ତାବ ଭାଙ୍ଗିବା ବର ପାଇଁ ଶୁଭ । କାରଣ ସେଭଳି କନ୍ୟାପକ୍ଷ ତାଙ୍କୁ ଅନ୍ୟ କୌଣସି ହାଲୁକା ହେତୁରୁ ବି ସନ୍ଦେହ କରନ୍ତେ ।*

*ଆପଣ ଏସବୁ ଉପରେ ବ୍ୟସ୍ତ ହେବେ ନାହିଁ । ଯେଉଁଠି ଆପଣଙ୍କର ଭୁଲ୍ ନଥିବା ସତ୍ତ୍ୱେ ଭୁଲ୍ ବୁଝାମଣା ହୋଇଯାଏ, ସେଠି ନିଜ ତରଫରୁ ସଚ୍ଚା କୈଫିୟତ୍ ଦେଇସାରିବା ପରେ ଏବଂ ସୌଜନ୍ୟ ଦୃଷ୍ଟିରୁ ଦୁଃଖ ପ୍ରକାଶ କରି ସାରିବା ପରେ ଆପଣଙ୍କର ଆଉ କିଛି କରିବାର ଆବଶ୍ୟକତା ନାହିଁ ।*

*ଶୁଭେଚ୍ଛା ଓ ଶ୍ରଦ୍ଧା ଗ୍ରହଣ କରନ୍ତୁ ।*

*ଇତି*

*ଆପଣଙ୍କର*

*ମନୋଜ ଦାସ*

ଏଭଳି ଆଶ୍ୱାସନାମୂଳକ ଚମତ୍କାର ଚିଠିଟି ପାଇବା ପରେ ମୋ ମନ ଶାନ୍ତ ହୋଇଗଲା । ବିଷର୍ଣ୍ଣତାବୋଧ ଭିତରୁ ନିଜକୁ ବାହାର କରି ପୁଣିଥରେ ମୋର ସୃଜନାତ୍ମକ କାର୍ଯ୍ୟରେ ମନୋନିବେଶ କଲି ।

ମୋର ଖୁବ୍ ଇଚ୍ଛା ଥିଲା ଗୁରୁ ଭାବରେ ସ୍ୱୀକାର କରିଥିବା ଏହି ମହାନ୍ ସାହିତ୍ୟିକଙ୍କୁ ମୋର ଖଣ୍ଡିଏ ବହି ଉତ୍ସର୍ଗ କରିବି । କିନ୍ତୁ ବିଶ୍ୱବିଖ୍ୟାତ ଏଡ଼େବଡ଼ ସାହିତ୍ୟିକଙ୍କୁ ଉତ୍ସର୍ଗ କରିବା ଯୋଗ୍ୟ ଲେଖା କାହିଁ ମୋର? ମୋର ସବୁଠାରୁ ଭଲଲେଖାର ସଂକଳନଟିଏ କେବେ ଯଦି ପ୍ରସ୍ତୁତ କରିବି, ତା'ହେଲେ ତାଙ୍କୁ ହିଁ ଉତ୍ସର୍ଗ କରିବି, ଏହି ପ୍ରକାର ଭାବନା ମୋ ମନରେ ରହିଥାଏ । ହଠାତ୍ ଗୁରୁତର ଭାବରେ ଅସୁସ୍ଥ ହୋଇପଡ଼ିଲି । ସେତେବେଳେ ମନରେ ଆସିଲା- ଏ ଜନ୍ମରେ ଆଉ ହୁଏତ ମୋର ଇଚ୍ଛାଟି ପୂରଣ ହୋଇ ପାରିବ ନାହିଁ । କିନ୍ତୁ ଈଶ୍ୱରଙ୍କ କରୁଣାରୁ ପୂରାପୂରି ସୁସ୍ଥ ହୋଇଗଲି । ତା'ପରେ ମୋର ଯେଉଁ ଗଳ୍ପ ସଂକଳନଟି ପ୍ରକାଶିତ ହେଲା, ମନରେ କୌଣସି ଦ୍ୱନ୍ଦ୍ୱ ନରଖି ସେଇଟିକୁ ମୋର ପୂଜ୍ୟ ଗୁରୁଙ୍କୁ ଉତ୍ସର୍ଗ କରିଦେଲି । ବହିଟିକୁ ତାଙ୍କ ପାଖକୁ ପଠାଇବା ବେଳେ ଚିଠିରେ ଲେଖିଥିଲି- "ଛୋଟ ପିଲାମାନେ ତାଙ୍କ ଖେଳଘରରେ ମାଟି, ଗୋଡ଼ି, ବାଲିରେ ଭାତ, ତରକାରୀ ରାନ୍ଧି ବଡ଼ମାନଙ୍କୁ ପରଷି ଦିଅନ୍ତି ଶ୍ରଦ୍ଧାରେ । ପିଲାଙ୍କ ପ୍ରତି ସ୍ନେହପରବଶ ହୋଇ ବଡ଼ମାନେ ମଧ୍ୟ ଶ୍ରଦ୍ଧାର ସହିତ ସେହି ମିଛିମିଛିକା ଭାତ ତରକାରୀକୁ ଖାଇବାର ଅଭିନୟ କରନ୍ତି । ଆପଣଙ୍କର ବିରାଟ ପ୍ରତିଭା ନିକଟରେ ମୁଁ ତ ଖୁବ୍ ସାନ ଝିଅଟିଏ ମାତ୍ର । ଆପଣଙ୍କ ଅମୃତଲେଖନୀ ପ୍ରସୂତ ଅଜସ୍ର ସାରସ୍ୱତ କୃତି ନିକଟରେ ମୋ ଲେଖା ସେଇ ପିଲାଙ୍କ ଖେଳଘରର ମିଛିମିଛିକା ଭାତ ତରକାରୀ ପରି । ମୋର ଏହି ଆସ୍ପର୍ଦ୍ଧାକୁ ଆପଣ ସ୍ନେହପରବଶ ହୋଇ ଗ୍ରହଣ କରିବେ ଏବଂ ଆଶୀର୍ବାଦ କରିବେ ବୋଲି ଆଶା କରୁଛି । ବହିଟି ପାଇବା ପରେ ଥରେ ସମୟ କରି ତା' ଉପରେ ଆଖି ବୁଲାଇ ନେବେ ଏବଂ ଦୁଇଧାଡ଼ି ନିଶ୍ଚୟ ଲେଖିବେ ମୋ ପାଖକୁ । ଆପଣଙ୍କ ହାତରେ ବହିଟିର ଉନ୍ମୋଚନ ହେଉ ବୋଲି ମୋର ଖୁବ୍ ଇଚ୍ଛା ଥିଲା । ମାତ୍ର ଆପଣଙ୍କର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ତାହା ସମ୍ଭବ ପର ହୋଇ ପାରୁନାହିଁ । ଏଇ ଜୁନ୍ ୨୧ ତାରିଖରେ ଇଡ଼କଲ୍ ଅଡ଼ିଟୋରିୟମରେ 'ଜହ୍ନର ଠିକଣା' ଉନ୍ମୋଚିତ ହେବାର ଅଛି । ଜୁନ୍ ୬ ତାରିଖ ଦେବସ୍ନାନ ପୂର୍ଣ୍ଣିମାରେ ଏହି କାର୍ଯ୍ୟକ୍ରମ ହେବାର ସ୍ଥିର କରା ଯାଇଥିଲେ ମଧ୍ୟ କେତେକ ଅନିବାର୍ଯ୍ୟ କାରଣରୁ ହୋଇ ପାରିଲା ନାହିଁ । ପୂର୍ଣ୍ଣିମାରେ ନହେଲା ନାହିଁ ଜୁନ୍ ୨୧ ତାରିଖ ଉଭା ଅମାବାସ୍ୟାରେ 'ଜହ୍ନର ଠିକଣା' ଖୋଜିବା ନିଶ୍ଚୟ ଅର୍ଥପୂର୍ଣ୍ଣ ମନେ ହେବ । ତା' ପୂର୍ବରୁ ଆପଣଙ୍କ ଠାରୁ ଚିଠି ଖଣ୍ଡିଏ ପାଇବି ବୋଲି ଆଶା ରଖୁଛି ।

ଅପାଙ୍କୁ ଆମର ସାଦର ପ୍ରଣାମ ଜଣାଇ ଦେବେ । ଦିବ୍ୟ ଜନନୀଙ୍କର କରୁଣା ଆପଣମାନଙ୍କୁ ଆନନ୍ଦ ଏବଂ ନିରାମୟତା ମଧ୍ୟରେ ସର୍ବଦା ରଖିଥାଉ । ଆପଣଙ୍କର ସ୍ନେହଧନ୍ୟା ପ୍ରବୀଣା ତା ୫.୬.୨୦୦୧ରିଖ

ଖୁବ୍ ଶୀଘ୍ର ମୋ ଚିଠିର ଉତ୍ତର ପାଇଗଲି । ଶ୍ରୀଯୁକ୍ତ ମନୋଜ ଦାସ ଲେଖିଥିଲେ :

*୧୦ ଜୁନ୍, ୨୦୦୧*

*କଲ୍ୟାଣୀୟାସୁ,*

*ନମସ୍କାର- ଆପଣଙ୍କୁ ଏବଂ ସୁରେନ୍ଦ୍ର ବାବୁଙ୍କୁ । 'ଜହ୍ନର ଠିକଣା' ପାଇଲି । ଉତ୍ସର୍ଗ ପାଇଁ ଧନ୍ୟବାଦ ଦେବା ପରିବର୍ତ୍ତେ ଆନ୍ତରିକ କଲ୍ୟାଣ କାମନା କରୁଛି । ବହିର ପ୍ରଥମ ଗଳ୍ପ ପଢ଼ି ସାରିଛି । ମିତାଲି ଏକ ଚମତ୍କାର ଚରିତ୍ର- ସ୍ମୃତିରେ ସ୍ୱାକ୍ଷର ରଖିଗଲା ଭଳି । ଅନ୍ୟସବୁ ଗଳ୍ପ ପରେ ପଢ଼ିବି । ଲେଖନୀ ଆହୁରି ରସସିକ୍ତ ହେଉ- ଏହି ପ୍ରାର୍ଥନା ଜଣାଉଛି ଦିବ୍ୟଜନନୀଙ୍କ ପାଦପଦ୍ମରେ । ଶୁଭେଚ୍ଛା ଗ୍ରହଣ କରନ୍ତୁ । ଇତି ।*

*ମନୋଜ ଦାସ*

ଗଭୀର କୃତଜ୍ଞତାବୋଧରେ ଭରି ଯାଇଥିଲା ହୃଦୟ । ଏଭଳି କୃତଜ୍ଞ ହେବାର ସୁଯୋଗ ବାରମ୍ବାର ମିଳିଛି ମୋର ପୂଜ୍ୟ ଗୁରୁଙ୍କର ଆମ ପରିବାର ପ୍ରତି ରହିଥିବା ଅନାବିଳ ଶ୍ରଦ୍ଧା ଓ ଭଲ ପାଇବା ଯୋଗୁଁ । କେବେ ଆମ ଘରକୁ ଆସିବେ ବୋଲି କହିଥିବାରୁ ନିଜେ ନିଜେ ଘର ଖୋଜି ପହଞ୍ଚି ଯାଇଛନ୍ତି ଆମକୁ ବିସ୍ମିତ କରି । ହସି ହସି କହିଛନ୍ତି, "ତୁମେ ତ ଖୁବ୍ ପ୍ରସିଦ୍ଧ ଲୋକ ଏଠି ! ତୁମ ଘର କୋଉଠି ପଚାରିବା ମାତ୍ରେ ସମସ୍ତେ କହି ଦେଉଛନ୍ତି ।" ହେ ଭଗବାନ- କିଏ କହୁଛନ୍ତି ଏକଥା ! ସ୍କୁଲ୍ ପାଖାପାଖି ରହୁଥିବା ଶିକ୍ଷକଟିକୁ ଆମ ପାଖର ଲୋକମାନେ ଜାଣିବାରେ କୋଉ ନୂଆ କଥା ଅଛି ଭଲା ! ବିଶ୍ୱବିଖ୍ୟାତ ମଣିଷ ସେ- କେତେ ସହଜ, ସରଳ, ଅହଙ୍କାର ବର୍ଜିତ । କେତେ ବିନମ୍ରତା ତାଙ୍କର ଆଚରଣ ଆଉ ଉଚ୍ଚାରଣରେ । ଖୁବ୍ ଆନନ୍ଦର ସହିତ ମୋ ହାତରନ୍ଧା କ୍ଷୀରିପିଠା ଖାଇଛନ୍ତି । ପ୍ରଶଂସା କରି କହିଛନ୍ତି, "ଯାହା ଯେମିତି, ଯେତିକି ହେବା କଥା ସବୁ ଏକଦମ୍ ପରଫେକ୍ଟ ।" ମୋ ପରିବାର ସହିତ ମିଶିବା ପରେ କହିଛନ୍ତି ସୁନାଝିଅ ପ୍ରବୀଣା, ବହୁତ ଭଲଝିଅ, ଭଲମାଆ ଆଉ ଯଥାର୍ଥ ସହଧର୍ମିଣୀ ।" ମୋ ସ୍ୱାମୀ ସୁରେନ୍ଦ୍ରଙ୍କୁ ସେ ଖୁବ୍ ଶ୍ରଦ୍ଧା କରନ୍ତି । ସବୁବେଳେ ଆମ ଦୁହିଁଙ୍କୁ ଏକାଠି ଦେଖିଲେ ଖୁସି ହୁଅନ୍ତି । ଦୁହିଁଙ୍କ ଭିତରୁ ଜଣଙ୍କୁ ଦେଖିଲେ ସାଙ୍ଗେ ସାଙ୍ଗେ ପଚାରନ୍ତି, ଅନ୍ୟ ଜଣକ କୁଆଡ଼େ ଗଲେ? ତିନି ଦଶନ୍ଧିର ପରିଚୟ ଏବଂ ସମ୍ପର୍କ ମଧ୍ୟରେ ତାଙ୍କ ଠାରୁ ଯେଉଁ ସ୍ନେହ, ଶ୍ରଦ୍ଧା ତଥା ଆଶୀର୍ବାଦ ମିଳିଛି ତାହା ଆମକୁ ଆଜୀବନ ଧନ୍ୟ କରି ଦେଇଛି । ସ୍ମୃତିର ଗନ୍ତାଘରେ ସାଇତା ହୋଇ ରହିଛି ଅମୂଲ୍ୟ ମୁହୂର୍ତ୍ତସବୁ । ସତରେ କି ସୌଭାଗ୍ୟ ଆମର ! ମନୋଜ ଦାସ ଆମକୁ ଚିହ୍ନନ୍ତି !

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬


ଫଟୋ ସୌଜନ୍ୟ : ସୂର୍ଯ୍ୟ ଦେଓ

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▲ ଲେଖିକା ଜୟନ୍ତୀ ରଥ

# ୧ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଏବେ ପଛକୁ ଫେରିଚାହେଁ ବେବି । କୁଆଡ଼େ ଚାଲିଗଲା ଏତେ ଗୁଡ଼ାଏ ବର୍ଷ । ୨୦, ଜୁନ୍ ୧୯୮୬ ରୁ ୩୧, ଜାନୁଆରୀ, ୨୦୨୦ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ବିଶାଳ ସୌଧ । ବିସ୍ତିର୍ଣ୍ଣ ପ୍ରାଙ୍ଗଣ ଭିତରେ ବିତୁଥିଲା ତାର ଦିନ ସବୁ ।  ଏହି ଅନୁଷ୍ଠାନ ଥିଲା ତା'ର ସାରସ୍ୱତ ସାଧନାର ପୀଠ । କେତେ ଗପ, କେତେ ପ୍ରବନ୍ଧ, କେତେ କବିତା ସାଧନାର ପୀଠ । କେତେ ଗପ, କେତେ ପ୍ରବନ୍ଧ, କେତେ କବିତା ରଚନା ପାଇଁ ଉପାଦାନ ପାଇଛି ସେ ଏଇ ପରିବେଶରୁ । କେତେ ବଡ଼ବଡ଼ ପ୍ରଜ୍ଞାପୁରୁଷ ଓ ପ୍ରଜ୍ଞାଶ୍ରୀମାନଙ୍କୁ ସେ ଭେଟିଛି ଏଇଠି । ଏଇ ଅନୁଷ୍ଠାନ ମେଣ୍ଟେଇଛି ତା'ର ଜ୍ଞାନର ତୃଷ୍ଣା । ବିରାଟ ପୁସ୍ତକାଗାରରେ ସଂରକ୍ଷିତ ପୁସ୍ତକମାନେ ତା' ହାତ ଧରି ନେଇ ଯାଇଛନ୍ତି ଶହଶହ ହଜାର ହଜାର ବର୍ଷ ପଛକୁ । ସେ ଭେଟିଛି ଦିଗ୍‌ବିଜୟୀ ସମ୍ରାଟ ଅଶୋକଙ୍କୁ ମହାମେଘବାହନ ଚେଦିବଂଶ ବର୍ଦ୍ଧନ ଐର ଖାରବେଳଙ୍କୁ । ଦର୍ଶନ କରିଛି ପୃଥିବୀର ଆଲୋକବର୍ତ୍ତିକା ଭଗବାନ ବୁଦ୍ଧଙ୍କୁ । ମହାବୀରଙ୍କୁ, ବିଚକ୍ଷଣ ରାଜନୀତଜ୍ଞ ଚର୍ଚ୍ଚିଲଙ୍କୁ, ଦାର୍ଶନିକ ବ୍ରଟାଣ୍ଡ୍ ରସେଲ୍‌ଙ୍କୁ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କୁ । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ । ଲୋକମାନ୍ୟ ତିଳକ, ମହାଦେବ ରନାଚଡ଼, ରାଜା ରାମମୋହନ ରାୟ ଆଦି ଜାତି ପାଇଁ ଉତ୍ସର୍ଗୀକୃତ ଜନନେତା । ଜାତିର  ନିର୍ମାତାମାନଙ୍କୁ । ଅବଲୋକନ କରିଛି ଉଜ୍ଜ୍ୱଳ ଆଭାମୟ ଐତିହାସିକ, ପୌରାଣିକ ଚରିତ୍ରମାନଙ୍କୁ ଓଡ଼ିଶାର ବରପୁତ୍ରମାନଙ୍କୁ । ତାର ଚେତନା ପ୍ରସାରିତ ହୋଇଛି । ତା'ର ଜ୍ଞାନ ଉଦ୍ଦୀପିତ ହୋଇଛି ଏଇ ଅନୁଷ୍ଠାନର ପବିତ୍ର ଭୂମିରେ । ଏଇ ଅନୁଷ୍ଠାନ ତାର ଯାବଜ୍ଜୀବନ ପ୍ରଣମ୍ୟ । ଏ ଅନୁଷ୍ଠାନକୁ ବାଦ୍ ଦେଲେ ତା' ଜୀବନର ଇତିହାସ ବୋଲି କିଛି ରହିବ ନାହିଁ । ଏଇଠୁ ଶିଖିଥିଲା ବେବି ଜୀବନର ମହାମନ୍ତ୍ର । ବ୍ୟକ୍ତିକୁ, ବସ୍ତୁକୁ କେବଳ ଦେଖିଲେ ବୁଝିପାରିବ ନାହିଁ । ତାହାକୁ ନିରୀକ୍ଷଣ କରିବାକୁ ପଡ଼ିବ । ମୂର୍ତ୍ତି ହେଉ, ଚିତ୍ରହେଉ, ଶିଳାଲେଖ ହେଉ, ମୁଦ୍ରା ହେଉ, ଘରେ ସଜେଇ ରଖିବା ଯୌତୁକପେଡ଼ି ହେଉ, ପାଣି ରଖିବା ପତ୍ର ତିଆରି ମୁଣା ହେଉ, ତମକୁ ତା' ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହେବାକୁ ପଡ଼ିବ । ତା'ର ସଠିକ୍ ସଂରକ୍ଷଣ ଓ ନିର୍ଭୁଲ ପ୍ରଦର୍ଶନ ପ୍ରତି ଧ୍ୟାନ ଦେବାକୁ ପଡ଼ିବ । ଯାହାକୁ ଇଂରାଜୀରେ କହନ୍ତି ଡକୁମେଣ୍ଟେସନ୍- ସେଇଟା ସଂଗ୍ରହାଳୟ ଅଧିକାରୀର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ।

ବେବି ଧୀରେ ଚାଲେ । ଧୀରେ କଥା କହେ । ଏଠାରେ ସେ ଅଭ୍ୟାସ କଲା ସବୁ ସାମଗ୍ରୀକୁ ଧୀରେ ଧୀରେ ଚାହିଁବାକୁ । ଗୋଟିଏ ଗୋଟିଏ ପୃଷ୍ଠା ଲେଖିବା ପାଇଁ ଶହଶହ ପୃଷ୍ଠା ପଢ଼ିବାକୁ ପଡ଼ିବ- ଏ କଥାର ଗୁରୁତ୍ୱ ସେ ଉପଲବ୍ଧି କଲା ଏହିଠାରେ । ଏହିଠାରେ ବୃତ୍ତିଚର୍ଯ୍ୟା ସହିତ ମିଶିଗଲା ଜୀବନଚର୍ଯ୍ୟା । ଛୁଟିଦିନରେ ବି ଥାକ ଥାକ ବହି ଭିତରେ ପୋତି ହୋଇଗଲା ତା ମୁହଁ । ଲୋହିତ, ଶ୍ୟାମଳ, ଧୂସର, ଶ୍ୱେତ, କୃଷ୍ଣ କେତେ ରଙ୍ଗ ପ୍ରକୃତିର, ସେଇ ରଙ୍ଗସବୁକୁ ସେ ଦିନବେଳେ ଦେଖୁଥିଲା ସଂଗ୍ରହାଳୟର ପାରମ୍ପରିକ ଚିତ୍ରକଳା ଗ୍ୟାଲେରୀରେ । ରାତିରେ କାଗଜର ପୃଷ୍ଠା ଉପରେ ବି ପ୍ରତିଭାତ ହେଉଥିଲେ ରଙ୍ଗସବୁ ।

ପ୍ରେମ ଅମୂର୍ତ୍ତ । କଳା, କବିତା ଓ ସଙ୍ଗୀତର ମାଧ୍ୟମରେ ପ୍ରେମକୁ ଭେଟିହୁଏ । ଚିହ୍ନଟ କରିହୁଏ, ପ୍ରେମୀଟିଏ ନହେଲେ ନା ଚିତ୍ର, ନା କବିତା, ନା ସଙ୍ଗୀତ କିଛିର ସର୍ଜନା ହୋଇପାରେନା । ସମୀକ୍ଷା ହୋଇ ପାରେନା । ଏହା ତା'ର ଉପଲବ୍ଧିକୁ ଆସେ ।

ସଂଗ୍ରହାଳୟ ନିର୍ମିତ ହୋଇଥିଲା ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ । ଏହା ଲୋକାର୍ପିତ ହୋଇଥିଲା ଡିସେମ୍ବର ୨୯, ୧୯୫୭ରେ, ଭାରତର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦଙ୍କ କରକମଳରେ । ପଦ୍ମଶ୍ରୀ ପମରନାନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ପଦ୍ମଶ୍ରୀ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଐତିହାସିକ କେଦାରନାଥ ମହାପାତ୍ର, ସଂସ୍କୃତଜ୍ଞ ପଣ୍ଡିତ ନୀଳମଣି ମିଶ୍ର, ଚିତ୍ରଶିଳ୍ପୀ ଦିନନାଥ ପାଠୀ, ହରିଶ୍ଚନ୍ଦ୍ର ସିହ୍ନାବାବୁ ଏବଂ ଆହୁରି କେତେ ବିଦ୍ୟାବାଗୀଶଙ୍କ ସେବାରେ ସମୃଦ୍ଧ ଏଇ ଅନୁଷ୍ଠାନ ।

ସଂଗ୍ରହାଳୟରେ କେତେଗୁଡ଼ିଏ ବିଭାଗ । ପ୍ରତ୍ନତତ୍ତ୍ୱ, ଲିପିତତ୍ତ୍ୱ, ମୁଦ୍ରାତତ୍ତ୍ୱ, ଭୂତତ୍ତ୍ୱ, ତାଳପତ୍ର ପୋଥି, ନୃତତ୍ତ୍ୱ, ଚାରୁକଳା ଓ କାରୁକଳା ଇତ୍ୟାଦି । ସବୁ ବିଭାଗର ଅଧୀନରେ ଥାଏ କେତେ ଗୁଡ଼ିଏ ଗ୍ୟାଲେରୀ । ବେବି ଉପରେ ଚାରୁକଳା ଓ କାରୁକଳା ବିଭାଗର ପାରମ୍ପରିକ ଚିତ୍ରକଳା ଗ୍ୟାଲେରୀର ଦାୟିତ୍ୱ ନ୍ୟସ୍ତ କରାଗଲା । ସେତେବେଳେ ଡକ୍ଟର ହରୀଶ ଚନ୍ଦ୍ର ଦାସ ଥିଲେ ସଂଗ୍ରହାଳୟର ଅଧୀକ୍ଷକ । ଗବେଷକ ଡକ୍ଟର ରବିନାରାୟଣ ଦାସ, ଡକ୍ଟର ସ୍ନିଗ୍ଧା ତ୍ରିପାଠୀ, ଡକ୍ଟର ରମେଶ ପ୍ରସାଦ ମହାପାତ୍ର,


BANDARIAA BANGLE

ପଣ୍ଡିତ ନୀଳମଣି ମିଶ୍ର, ଶିଳ୍ପୀ ଶ୍ୟାମସୁନ୍ଦର ପଟ୍ଟନାୟକ, ରାଜେନ୍ଦ୍ର ପ୍ରସାଦ ପୃଷ୍ଟି, କରୁଣାକର ବିଶୋଇ, ଭୁବନେଶ୍ୱର ସାମଲ, କୁମୁଦିନୀ ଆଚାର୍ଯ୍ୟ, ଗୀତାରାଣୀ ପ୍ରହରାଜ, ରାଜ କିଶୋର ମିଶ୍ର, ମଂଜୁଶ୍ରୀ ସାମନ୍ତରାୟ, ଓଡ଼ିଶୀ ନୃତ୍ୟଶିଳ୍ପୀ ନନ୍ଦିତା ପଟ୍ଟନାୟକ- ଏମାନେ ସମସ୍ତେ ଥିଲେ ତା'ର ବୟୋଜ୍ୟେଷ୍ଠ ସହକର୍ମୀ ।

ସଂଗ୍ରହାଳୟର ପ୍ରବେଶ କକ୍ଷରେ ଥିଲା ବାଗ୍‌ଦେବୀ ସରସ୍ୱତୀଙ୍କ କମନୀୟ ମୂର୍ତ୍ତି । ଏହାକୁ ଗଢ଼ିଥିଲେ ଶିଳ୍ପୀ ବିଶ୍ୱନାଥ ମହାରଣା । ମୂର୍ତ୍ତିର ମସ୍ତକ ଉପରେ ଏକ ଅଷ୍ଟଦଳ ପଦ୍ମର ଚିତ୍ର । ଗୋଟିଏ ଦଳ ରଙ୍ଗ ଇଡ଼ିଯାଇଥିବାର ଦୃଶ୍ୟ । ପ୍ରବେଶ କଲାବେଳେ ପ୍ରତ୍ୟହ


Ganga Fanam 12th Century AD

ସେ ମଥାନତ କରି ପ୍ରଣାମ କରୁଥିଲା ବାଗ୍‌ଦେବୀଙ୍କୁ ଶ୍ରଦ୍ଧାରେ । ଭକ୍ତିରେ । ସେଇ ଅବିନ୍ୟସ୍ତ ଦଳ ସଂପର୍କରେ ତା' ମନରେ ପ୍ରଶ୍ନ ଉଠି ନଥିଲା । ଦିନେ ଏମିତି ପ୍ରଣାମ କରୁକରୁ ତା' ପଛରେ ଆସି ଠିଆ ହୋଇଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ, ସଂଗ୍ରହାଳୟର ଚାରୁକଳା ଓ କାରୁକଳା ବିଭାଗର ପୂର୍ବତନ ସଂଗ୍ରହାଧ୍ୟକ୍ଷ ଦିନନାଥ ପାଠୀ । ହସି ହସି ପଚାରିଥିଲେ ଏ ମୂର୍ତ୍ତିର ବୈଶିଷ୍ଟ୍ୟ କ'ଣ ?

ଏତେ ବଡ଼ ଚିତ୍ରଶିଳ୍ପୀ, ପଚାରୁଛନ୍ତି ମାନେ ନିଶ୍ଚୟ କିଛି ଅର୍ଥ ଥିବ । ଭାବିଲା ବେବି ।

- ଉପରକୁ ଚାହାନ୍ତୁ । ମୁଣ୍ଡ ଉପରେ ବାଁ ପଟେ ଥିବା ଗୋଟିଏ ପାଖୁଡ଼ାରେ ରଙ୍ଗ ଢଳିଗଲା ପରି ଦିଶୁନି ।

- ହଁ ହଁ, କାହିଁକି ସେମିତି ହୋଇଛି ?

- ତା'ର ଅର୍ଥ ହେଉଛି ଜୀବନ ମାତ୍ରେ ଭ୍ରମ ରହିବ । ରହିବା ସ୍ୱାଭାବିକ । To err is humane ମାତ୍ର ଭ୍ରମରେ ଆମର ପତନ ନହେଉ । ଦେବୀ ଆମକୁ ରକ୍ଷା କରନ୍ତୁ । ଦୁର୍ଗାଙ୍କ ସ୍ତୋତ୍ରରେ ଲେଖା ହୋଇଛି ପଢିବେ-

ଯା ଦେବୀ ସର୍ବ ଭୂତେଷୁ ଭ୍ରାନ୍ତିରୂପେଣ ସଂସ୍ଥିତା

ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ

ନମୋ ନମଃ ।

ଏଇ ସ୍ତୋତ୍ର ସେ ଆଗରୁ ଆବୃତ୍ତି କରିଥିଲା ବହୁଥର । ମାତ୍ର ଏହାର ମର୍ମକୁ ଭେଦ କରିନଥିଲା । ସେହି ମୁହୂର୍ତ୍ତରେ ତା' ମନରେ ଶୁଭ ସଂକଳ୍ପଟିଏ ଜାଗିଲା । ଯଦି କିଛି ତ୍ରୁଟି ବିଚ୍ୟୁତି ହୋଇଛି, ସେଥିପାଇଁ ମନରେ ଗ୍ଲାନି ରଖିବ ନାହିଁ । ଅନୁଶୋଚନା ରଖିବ ନାହିଁ ।

ଏବେ ସେଇ ସରସ୍ୱତୀଙ୍କ ମୂର୍ତ୍ତି ଅଛି । ମାତ୍ର ପ୍ରବେଶ କକ୍ଷରେ ନୁହେଁ । ଗ୍ରନ୍ଥାଗାରର ସମ୍ମୁଖରେ । ଋତୁ ବଦଳେ । ପାଣିପାଗ ବଦଳେ । କର୍ତ୍ତୃପକ୍ଷଙ୍କର ମତିଗତି ବଦଳେ । ତତ୍କାଳୀନ ସଚିବଙ୍କ ନିର୍ଦ୍ଦେଶ ମତେ ସରସ୍ୱତୀ ସ୍ଥାନାନ୍ତରିତ ହେଲେ । ଓଡ଼ିଆ ଜାତିର ପ୍ରାଣବିନ୍ଦୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରା ଅବସ୍ଥାପିତ ହେଲେ ବିନା ଫୁଲ, ବିନା ନୈବେଦ୍ୟରେ ତିନି ଦିଅଁ ସେଠାରେ ପ୍ରଦର୍ଶନୀ ସାମଗ୍ରୀ ଭାବରେ ରହିଲେ କେତେ ବର୍ଷ ।

ପୁଣି ବଦଳିଲା ମତ । ଭାରତ ଧର୍ମନିରପେକ୍ଷ ରାଷ୍ଟ୍ର । ସଂଗ୍ରହାଳୟ ପ୍ରବେଶ ଦ୍ୱାରରେ ତିନି ଠାକୁରଙ୍କ ବିଗ୍ରହ ରହିବ କାହିଁକି । ଅଦଳବଦଳ ଯୋଜନା କରାଗଲା । ପ୍ରବେଶ ଦୁଇପାର୍ଶ୍ୱରେ ରହିଥିଲା ଓଡ଼ିଶାର ବରପୁତ୍ରମାନଙ୍କ ବିରାଟ ତୈଳଚିତ୍ର । ବ୍ୟାସକବି ଫକୀରମୋହନ, ଜ୍ୟୋତିର୍ବିଦ ସାମନ୍ତ ଚନ୍ଦ୍ରଶେଖର, ଯୁଗସ୍ରଷ୍ଟା ରାଧାନାଥ ରାୟ, ବିପ୍ଳବୀ ବୀର ସୁରେନ୍ଦ୍ର ସାଏ, ପଲ୍ଲୀକବି ନନ୍ଦକିଶୋର, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ, ସ୍ୱଭାବ କବି ଗଙ୍ଗାଧର ମେହେର, ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଭକ୍ତକବି ମଧୁସୂଦନ ରାଓ, ପ୍ରତ୍ୟହ ଏଇ ପୁଣ୍ୟଶ୍ଳୋକ ମହାପୁରୁଷମାନଙ୍କ ଦର୍ଶନରୁ ବଞ୍ଚିତ ହେବାକୁ ପଡ଼ିବ ଏ କଥା ଭାବି ବିମର୍ଷ ହୋଇ ପଡୁଥିଲା ବେବି । ତେବେ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଛଡ଼ା ଗତ୍ୟନ୍ତର ନଥିଲା । ସଂଗ୍ରହାଳୟର ଦର୍ଶକମାନଙ୍କୁ ଦେଖେଇବାକୁ ପଡ଼ିବ ଓଡ଼ିଶାର କଳା, ଐତିହ୍ୟ, ପରମ୍ପରା, କନ୍‌ସେପ୍‌ଟ୍, ଥିମ୍- ଏସବୁକୁ ଲୋକାଭିମୁଖୀ କରିବାକୁ ପଡ଼ିବ । ବେବିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତୈଳଚିତ୍ର ଗୁଡ଼ିକୁ ଏବଂ ତିନି ବିଗ୍ରହଙ୍କ ମୂର୍ତ୍ତିକୁ କେନ୍ଦ୍ରୀୟ ଭଣ୍ଡାର ମଧ୍ୟକୁ ନିଆଗଲା । ଏସବୁ କାର୍ଯ୍ୟ

**IVORY SPLENDOUR**



ଚାଲୁଥିବା ବେଳେ ବେବି ଗୁଣୁଗୁଣଉଥିଲା ଯବନ କବି ସାଲବେଗଙ୍କ ଭଜନ- କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ । ଆମ୍ଭେ ଦର୍ଶନ କରିବୁ କାହାକୁ । ବିଖ୍ୟାତ ଗାୟକ, ସଙ୍ଗୀତଜ୍ଞଙ୍କ ସ୍ୱରରେ ଏଇ ଗୀତଟି ଶୁଣିଲା ବେଳେ ସେ ସେତେବେଳେ ଆନମନା ହୋଇଯାଏ । ବିଧିର ବିଡ଼ମ୍ବନା ଯେ ସେ ନିଜେ ହିଁ ତିନି ବିଗ୍ରହଙ୍କୁ ଅପ୍ରକାଶ୍ୟ ହୋଇ ରହିବାର ବ୍ୟବସ୍ଥା କରିବାକୁ ପଡ଼ିଲା । ପ୍ରବେଶ କକ୍ଷରେ ଦୁଇ ପାର୍ଶ୍ୱରେ ଉତ୍କଳର ନୌବାଣିଜ୍ୟ ପରଂପରା ଓ ୧୮୧୭ ପାଇକ ବିଦ୍ରୋହ ଚିତ୍ର ରହିଲା । ମଝିରେ ରହିଲା ମୁକ୍ତେଶ୍ୱର ମନ୍ଦିର ତୋରଣର ରେପ୍ଲିକା ।

ଏହି ରୂପାନ୍ତର କାର୍ଯ୍ୟ ନ୍ୟସ୍ତ ହୋଇଥିଲା ଇନ୍‌ଟାକ୍ ଉପରେ । ଛାତ୍ରଛାତ୍ରୀ, ପର୍ଯ୍ୟଟକ, ଗବେଷକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲା ଏହି ନବ କଳେବର । ମାତ୍ର ବହୁଦିନ ପର୍ଯ୍ୟନ୍ତ ବେବିର ଅନ୍ତରରେ ଗୁଂଜରିତ ହେଉଥିଲା ସେହି ଚିତ୍ରମାନଙ୍କ ସମ୍ମିଳିତ ସ୍ୱର- ଆମକୁ କେଉଁଠି ରଖିବୁ । ଅନ୍ଧାରରେ ଅଣନିଃଶ୍ୱାସୀ ହୋଇ ରହିବୁ କେତେଦିନ ! ଚିତ୍ରମାନଙ୍କର କଥା ଥାଏ । ବ୍ୟଥା ଥାଏ । ଏହା ସେ ଗଭୀର ଭାବେ ଅନୁଭବ କଲା । ସେମାନଙ୍କୁ ପୁନଶ୍ଚ ଆଲୋକକୁ ଆଣିବାକୁ ଉଦ୍ୟମ ସେ ଅବ୍ୟାହତ ରଖିଲା । କୌଣସି ଶୁଦ୍ଧ ସଂକଳ୍ପ ବ୍ୟର୍ଥ ଯାଏ ନାହିଁ । ଅଳ୍ପ କେଇମାସ ଅନ୍ତରରେ ଏକ ସୁଦୃଶ୍ୟ ସମ୍ମିଳନୀ କକ୍ଷ ସଂଗଠନ କରାଗଲା ଏବଂ ଉପରୋକ୍ତ ତୈଳଚିତ୍ର ଗୁଡ଼ିକୁ ସେଠାରେ ପ୍ରଦର୍ଶନ କରାଗଲା ।



**AVALOKETSWARA**

ସ୍ମୃତିର ରୋମନ୍ଥନ ବେଳେ ପଛ କଥା ଆଗକୁ ଚାଲି ଆସୁଚି । ଆଗକଥା ପଛକୁ ଚାଲି ଯାଉଛି କ୍ରମାନ୍ୱୟରେ ସଜେଇ କହିବା ବଡ଼ କଠିନ ବ୍ୟାପାର ।

ଚାକିରି ଆରମ୍ଭ କଲାବେଳେ ତା' ଝିଅଟି ଛୋଟ ଥିଲା । ମାତ୍ର ଦେଢ଼ବର୍ଷର । ତାକୁ ବୋଉ ପାଖରେ ବାପୁଜୀ ନଗରରେ ଛାଡ଼ି ଆସିବା ବେଳେ ସେ ବହୁତ କାନ୍ଦୁଥିଲା । ଅଫିସ୍‌ରେ ପହଞ୍ଚିବା ପରେ ତା ମନ ଉଦାସ ହୋଇ ଯାଉଥିଲା । ସଂଗ୍ରହାଳୟ ଗ୍ରନ୍ଥାଗାରକୁ ଯାଇ ପସନ୍ଦ ମୁତାବକ ବହିମାନ ଆଣି ପଢ଼ୁଥିଲା । ନିଜ ମନକୁ ଭୁଲେଇବାକୁ ଚେଷ୍ଟା କରୁଥିଲା ।

ଲାଇବ୍ରେରୀରୁ ରୁମ୍‌କୁ ଫେରିବା ବାଟରେ ପଡ଼େ କେନ୍ଦ୍ରୀୟ ଭଣ୍ଡାର । ସେଠାରେ ସବୁଦିନ ଏକାଠି ବସି ଚା' ପିଅନ୍ତି ଚାରିପାଞ୍ଚଜଣ । ଗପ ଜମେ ଡିଙ୍କିଶାଳଠୁ ଢେଙ୍କାନାଳ ଯାଏଁ । ରାଜନୀତିଠୁ କ୍ରିକେଟ୍ ଖେଳ ଯାଏଁ । ଦିନେ ଦିନେ ବେବି ସେଠି ବସିଯାଏ । ତା'କୁ ଭଲ ଲାଗେ ଶୁଣିବାକୁ ପୃଷ୍ଟିବାବୁଙ୍କ କଥା । ନୃତତ୍ତ୍ୱବିଦ୍ ରାଜେନ୍ଦ୍ର ପ୍ରସାଦ ପୃଷ୍ଟି । ସୁନ୍ଦର ମଣିଷ । ସଂଯତ କଥା । ତାଙ୍କ ଗସ୍ତକାଳୀନ ଚମକପ୍ରଦ ଅନୁଭୂତି ସବୁ ରସେଇ ମଜେଇ ନିଠେଇ ନିଠେଇ ଗପନ୍ତି । ନୃତତ୍ତ୍ୱ ଉପରେ ତାଙ୍କ ଲେଖା ବହି କଲେଜର ପାଠ୍ୟକ୍ରମରେ ଥାଏ । ଏହି ବିଷୟ ଉପରେ ତାଙ୍କର ଗଭୀର ପ୍ରବେଶ । କନ୍ଧ, ଗଦବା, ସାନ୍ତାଳ, ଭୂୟାଁ, ବଣ୍ଡା ଆଦି ଓଡ଼ିଶାର ୬୨ଟି ଜନଜାତିଙ୍କର ଜୀବନଚର୍ଯ୍ୟା ସମ୍ପର୍କରେ ତାଙ୍କର ଧାରଣା ସ୍ୱଚ୍ଛ । ପ୍ରକୃତିର ଦାନ ଉପରେ ନିର୍ଭର କରି ବଞ୍ଚନ୍ତି ଏମାନେ । ବିଭିନ୍ନ ପ୍ରକାର ଉତ୍ସବକୁ ନେଇ ଏମାନଙ୍କ ଜୀବନ ରସପୂର୍ଣ୍ଣ, ରଙ୍ଗୀନ । ପୃଷ୍ଟିବାବୁ ଗସ୍ତରେ ଗଲାବେଳେ ଏଇମାନଙ୍କ ପିଣ୍ଡାରେ ଶୁଅନ୍ତି । ଏମାନେ ପରଷିଥିବା ମାଣ୍ଡିଆଜାଉ ଖାଆନ୍ତି । ଏମାନଙ୍କ ସମାଜରେ ପ୍ରଚଳିତ ଲୋକକଥା ସବୁ ମନଦେଇ ଶୁଣନ୍ତି । ତାଙ୍କୁ ଶୁଣି ଶୁଣି ମନେ ରଖିଛି ବେବି । ଗଦବା ସଂପ୍ରଦାୟର ଲୋକେ ଆଙ୍ଗୁଠି ଦେଖେଇ କଥା କହିବାଟାକୁ ଅଶାଳୀନ ମନେ କରନ୍ତି । ରାଜା ଦଶରଥ ଥରେ ଗୋଟିଏ ସଭାରେ ତର୍ଜନୀ ଆଙ୍ଗୁଠି ଦେଖେଇ କଥା କହିବାବେଳେ ତା'ର ତୀବ୍ର ପ୍ରତିବାଦ କରିଥିଲେ । ସଭାରେ ଉପସ୍ଥିତ ଗଦବା ଜାତିର ପ୍ରତନିଧି, ସେତେବେଳେ ରାଜତନ୍ତ୍ରରେ ଗଣମାନଙ୍କର ଭୂମିକା ଗୌଣ ନଥିଲା । ରାଜାଙ୍କର ଅହଂକାରରେ କ୍ଷୁବ୍ଧ ହୋଇ ଗଦବା ମୁଖ୍ୟ ତାଙ୍କୁ ଅଭିଶାପ ଦେଇଥିଲେ- ଯେଉଁ ଆଙ୍ଗୁଠି ଦେଖେଇ କଥା କହୁଚ, ସେ ଆଙ୍ଗୁଠି ତମର ପଚିଯିବ ।

ସତକୁ ସତ ତାଙ୍କ ଆଙ୍ଗୁଠି ପଚିଗଲା । ସେ ଖୁବ୍ କଷ୍ଟ ପାଇଲେ । ରାଜବୈଦ୍ୟଙ୍କ ପରାମର୍ଶ ଅନୁଯାୟୀ ଦୁଇପୁଅ ରାମ, ଲକ୍ଷ୍ମଣ ବଣକୁ ଯାଇ ଚେରମୂଳ ଖୋଜି ଆଣିଲେ । ତାକୁ ବାଟି କ୍ଷତରେ ଲେପ ଦେବା ପରେ ରାଜାଙ୍କ କ୍ଷତ ଶୁଖିଗଲା । ଏ କଥାଟି ଶୁଣିବା ପରେ ନିଜ ଅଲକ୍ଷ୍ୟରେ ବେବି ସଚେତନ ହୋଇ ଯାଇଥିଲା । କାହାକୁ କିଛି କହିଲା ବେଳେ ସେ ଆଙ୍ଗୁଠି ଉଠଉ ନଥିଲା ।

ତାଙ୍କଠୁ ଶୁଣି ବେବି ମନେ ରଖିଛି କୋୟାମାନଙ୍କର ଜୀବନଶୈଳୀ । ମହୁଲ ଗଛ ତଳେ ପଥର ଖଣ୍ଡେ ରଖି ସେମାନେ ପୂଜା କରନ୍ତି ବନଦେବୀ ଲେଲିଙ୍କୁ ସବୁ ପ୍ରକାର ସୁରକ୍ଷା ଦେବା ପାଇଁ । ନଈ, ଝରଣା, ପର୍ବତ, ଅଝାଡ଼ ଓ ଜଙ୍ଗଲ ପାର ହେଲାବେଳେ ସେମାନେ ସୁମରଣା କରନ୍ତି ଯମଙ୍କ ସ୍ତ୍ରୀ ଦିଓ୍ୱାର ମୁଟେଙ୍କୁ । ସେମାନଙ୍କ ବିଶ୍ୱାସ ଦିଓ୍ୱାର ମୁଟେ ସେମାନଙ୍କୁ ରକ୍ଷା

କରିବେ ସର୍ପ ଦଂଶନରୁ । ବନ୍ୟଜନ୍ତୁଙ୍କ ଆକ୍ରମଣରୁ । ତାଙ୍କର ଶୁଭ ଦୃଷ୍ଟି ଥିଲେ ସେମାନେ ଭଲ ଶିକାର ପାଇବେ । ରୋଷେଇ ଘରେ ଗୋଟିଏ କୋଣରେ ସେମାନେ ରନ୍ଧା ଖାଦ୍ୟ ଓ ମଦ ଦେଇ ଆବାହନ କରନ୍ତି ପୂର୍ବ ପୁରୁଷ 'ଗଣ୍ଡି'ଙ୍କୁ । ସେମାନଙ୍କ ଜଳ ଦେବତାଙ୍କ ନାଁ କଦ୍ଧ୍ । ଛୋଟ ଛୋଟ ପଥର ଖଣ୍ଡକୁ ଗଦେଇ କଦ୍ଧ୍‌ଙ୍କୁ ପୂଜା କରନ୍ତି ସେମାନେ ।

ଜନଜାତିଙ୍କର ବୈଚିତ୍ର୍ୟମୟ ଜୀବନ ସଂପର୍କରେ ଅଧିକରୁ ଅଧିକ ଜାଣିବା ପାଇଁ ସ୍ୱାଭାବିକ ଭାବେ ଆଗ୍ରହ ବଢ଼ିଥିଲା ବେବିର । ଜନଜାତିଙ୍କର ଚିତ୍ରକଳା ଉପରେ କେତୋଟି ସାରଗର୍ଭକ ପ୍ରବନ୍ଧ ଲେଖିଥିଲେ ନୃତତ୍ତ୍ୱ ବିଭାଗ ବରିଷ୍ଠ ସଂଗ୍ରହାଧ୍ୟକ୍ଷ ଓ ରବି ନାରାୟଣ ଦାସ୍ । ସଉରା ଓ ଗଣ୍ଡ ଜନଜାତିର ମଣିଷମାନଙ୍କର କଳାତ୍ମକ ଅଭିରୁଚି ଓ ସୌନ୍ଦର୍ଯ୍ୟବୋଧକୁ ଗଭୀର ଭାବେ ବିଶ୍ଳେଷଣ କରିଥିଲେ ଡକ୍ଟର ଦାସ । ସମାନୁପାତିକ ରେଖା, ବିନ୍ଦୁ ବଳୟକୁ ନେଇ ଏମାନେ ଖୁବ୍ ସରଳରେ ସୁନ୍ଦର ଭାବେ ଦେଖେଇ ପାରନ୍ତି ସ୍ରଷ୍ଟାଙ୍କ ବିପୁଳ ଜଗତର ରହସ୍ୟ । ଜୀବନ ପ୍ରତି ଅଖଣ୍ଡ ଆସ୍ଥା ଭାବରେ ସ୍ନିଗ୍ଧ, ମହିମ୍ନ ଏମାନଙ୍କ ଚିତ୍ରକଳା ।

ଜନଜାତି ବିଷୟରେ ପଢ଼ିବାକୁ ଯାଇ ଲାଇବ୍ରେରୀରେ ସେ ପାଇଥିଲା ବିଖ୍ୟାତ ଗବେଷକ ଭେରିୟର୍ ଏଲ୍‌ୱିନ୍‌ଙ୍କ ଲିଖିତ ବହିଟିଏ । ଗଣ୍ଡମାନଙ୍କର ଜୀବନ ଚର୍ଚ୍ଚା କରିବାକୁ ଯାଇ ସେ ମଧ୍ୟପ୍ରଦେଶର ଜଣେ ଗଣ୍ଡ ଯୁବତୀଙ୍କ ପ୍ରେମ ପାଖରେ ଆବଦ୍ଧ ହୋଇ ଯାଇଥିଲେ । ପରେ ପରେ ତାଙ୍କୁ ବିବାହ ବି କରିଥିଲେ । ଶିକ୍ଷା ସାମାଜିକ ସ୍ତର, ବର୍ଣ୍ଣ, ଭାଷା କେଉଁଥିରେ ବି ସମତା ନଥିଲା । ଇଂରାଜୀ ତ ଦୂର କଥା । ଏହି ରମଣୀ ହିନ୍ଦୀ ବି ଭଲରେ କହି ପାରୁ ନଥିଲେ । ପ୍ରେମର ଭିତ୍ତିରେ ଗଢ଼ି ଉଠିଥିଲା ଅତୁଟ ଦାମ୍ପତ୍ୟ । ବହିର ପୃଷ୍ଠାରୁ ପ୍ରେମିକାରୁ ପତ୍ନୀ ପାଲଟିଥିବା ଲୀଲାଙ୍କୁ ବିମୁଗ୍ଧ, ବିଭୋର ହୋଇ ଚାହିଁ ରହୁଥିଲା ବେବି । ତାଙ୍କ ଶ୍ୟାମଳ ତନୁଲତା ଭିତରୁ ବେବି ଶୁଣି ପାରୁଥିଲା ସଙ୍ଗୀତ ଶିରୋମଣି ରଘୁନାଥ ପାଣିଗ୍ରାହୀଙ୍କ ଗୀତର ମୂର୍ଚ୍ଛନା: ସୁଷମା ଗୋ ତୁମ ଅଙ୍ଗେ ଭରା ମଧୁ ଜୋଛନା... ।




# ହରିସିଂହଙ୍କ ଚିଠି



# ହରିସିଂହଙ୍କ ଚିଠି

**ମଣୀନ୍ଦ୍ର କୁମାର ମେହେର**

ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର-୭୫୬୦୮୯

ଫଟୋ ସୌଜନ୍ୟ : ଲେଖକ
ପୃଷ୍ଠଚିତ୍ର ଓ କାଲିଗ୍ରାଫି : ସମରେନ୍ଦ୍ର ବେହେରା

**ପ୍ରଫେସର୍ ମଣୀନ୍ଦ୍ର କୁମାର ମେହେର୍ ଆମର ଅନୁରୋଧ କ୍ରମେ ଓଡ଼ିଆ ସାହିତ୍ୟର ପ୍ରସିଦ୍ଧ କଥାକାହାଣୀ ମଧ୍ୟରୁ ଅମର ହୋଇ ଉଠିଥିବା କିଛି ଚରିତ୍ରର ବିରଳ ବିଶ୍ଳେଷଣ କରୁଛନ୍ତି, ଖାସ୍ କରି 'ରେବତୀ'ର ପାଠକପାଠିକାଙ୍କ ପାଇଁ । ଏହା ନିୟମିତ ପ୍ରକାଶ ପାଇ ଭିନ୍ନ ଭିନ୍ନ ଚରିତ୍ରକୁ ଚିହ୍ନାଇବ ବୋଲି ଆମର ଆଶା । ଏଥର ଫକୀରମୋହନଙ୍କ 'ଡାକମୁନ୍‌ସୀ'ରୁ ହରି ସିଂହ ଚରିତ୍ରର ବିଶ୍ଳେଷଣ ।**


▶ଲେଖକ ମଣୀନ୍ଦ୍ର କୁମାର ମେହେର

ଶହେ ବର୍ଷ ଅତିକ୍ରମ କରିଯିବା ପରେ ହେ ମୋର ସ୍ରଷ୍ଟା ବ୍ୟାସକବି ଫକୀରମୋହନ ଆପଣଙ୍କୁ ଲେଖୁଛି ଆଜି ଏ ପତ୍ର ଖଣ୍ଡିକ । ପ୍ରଥମେ ଆପଣଙ୍କ ପବିତ୍ର ଚରଣ ଯୁଗଳ ସ୍ପର୍ଶକରି ଓ ଆପଣଙ୍କ ପ୍ରତି ମୋର ଭକ୍ତି ନିବେଦନ କରିସାରି ବ୍ୟକ୍ତ କରୁଛି ମୋ ମନତଳର କଥା ।

ମୋ ପ୍ରତି ଆପଣଙ୍କ ସ୍ନେହ ସତେ କି ଗଭୀର ! ମୋର ହୃଦୟକୁ ମୋର ଆତ୍ମଜ ଗୋପାଳ ସିନା ବୁଝିପାରିଲା ନାହିଁ । କିନ୍ତୁ ଆପଣ ହିଁ ବୁଝିପାରୁଥିଲେ ତା'ପ୍ରତି ଥିବା ମୋର ଅକଳନ୍ତି ସ୍ନେହ ତଥା ପରବର୍ତ୍ତୀ ସମୟରେ ତାହାର ରୁକ୍ଷ ବ୍ୟବହାରରେ କ୍ଷତାକ୍ତ ମୋର ହୃଦୟର ବେଦନାକୁ । ବାସ୍ତବରେ ଆପଣ କିପରି ଅବା ନ ବୁଝନ୍ତେ ପିତୃ ହୃଦୟର ଆକାଂକ୍ଷା ଆଉ ସମ୍ବେଦନଶୀଳତାକୁ ! ନିଜେବି ତ ଆପଣ ଥିଲେ ସହୃଦୟ ପିତୃଦେବ । ନିଜ ପୁଅ ମୋହିନୀ ମୋହନଙ୍କୁ କେତେ ଭଲପାଇ ନଥିବେ ଆପଣ ! ଗୋପାଳ ପ୍ରତିଥିବା ଶୁଭେଚ୍ଛା ଓ ତା' ଲାଗି ଯେପରି ଭାବରେ ମୁଁ ଅକ୍ଲାନ୍ତ ପରିଶ୍ରମ କରୁଥିଲି ତାହା ଯଥାର୍ଥ ଭାବରେ ହୃଦୟଙ୍ଗମ କରିପାରୁଥିଲେ ଆପଣ ଏକ ମହାନ ପିତୃ ହୃଦୟ ସହିତ ଏକ ଅସାଧାରଣ ସାହିତ୍ୟ ଶିଳ୍ପୀର ସହାନୁଭୂତି ବହନକରି ।

ମୋର ପରମପ୍ରିୟ ପୁତ୍ର ଗୋପାଳ ମକ୍ରାମପୁରରେ ପୋଷ୍ଟ ଅଫିସ୍‌ର ହାକିମ ହୋଇ ଯେତେବେଳେ ଗଲା ଆଉ ତା' ପଛେପଛେ ଯେପରି ସବୁଜିନିଷ ପତ୍ର ରୁଣ୍ଡାଇ ପୁଣ୍ଡାଇ ଗୋଟାଏ ଗଣ୍ଠିଲି କରି ମୁଣ୍ଡରେ ବୋହି ବୃଦ୍ଧ ବୟସରେ ମୁଁ ଚାଲୁଥିଲି ଆଉ ଗୋପାଳର ବ୍ୟବହାରରେ ପରିବର୍ତ୍ତନ ଘଟିଥିବା କଥା ଭାବିଭାବି ଯାଉଥିଲି ସେହି କଷ୍ଟକର ମୁହୂର୍ତ୍ତକୁ ବଡ଼ ସରଳ ଭାଷାରେ ଆପଣ ରୂପ ଦେଇଛନ୍ତି । ମୁଁ ଗଲିସିନା ମକ୍ରାମପୁର । ରହିଲି ଗୋପାଳ ସାଙ୍ଗରେ । ମାତ୍ର ଇଏ କ'ଣ ସେହି ଗୋପାଳ, ଯିଏ ମୋତେ କେତେ ଆଦରରେ ଡାକୁଥିଲା ବାପା ବୋଲି ? ଯେଉଁ ରାତିରେ ମୋର କାଶ ବଢ଼ିଯାଇଥିଲା ଆଉ 'ବୁଢ଼ାଟାକୁ କିଆବାଡ଼ରେ ଫୋପାଡ଼ିଦେଇ ଆସ ବୋଲି' ପିଅନକୁ ସେ ଯେପରି ଆଦେଶ ଦେଲା ତାହା ମନେ ପଡ଼ିଲେ ମୋର ଛାତିଥରିଯାଏ । ଶେଷରେ ମୋ ଛାତିରେ ଦୁଇଟି ଇଂରାଜୀ ଘୁସିମାରି ମୋର ବିଛଣା ପତ୍ର ବାହାରକୁ ଫୋପାଡ଼ି ଦେଇଥିଲା ଗୋପାଳ ।

ଏସବୁ କଥା ତ ଆପଣ ଜାଣିଛନ୍ତି । 'ଡାକ୍‌ମୁନ୍‌ସୀ' ଗଳ୍ପର ପାଠକମାନେ ମଧ୍ୟ ସବୁ ଘଟଣା ଗୋଟି ଗୋଟି କରି ମନେରଖିଛନ୍ତି । ତେବେ ଆଜି କାହିଁକି ଏ ପତ୍ରଟି ଆପଣଙ୍କୁ ମୁଁ ଲେଖୁଛି ସେହି କଥା କହିବିଏବେ । ମୋର ପ୍ରିୟ ପୁତ୍ର ଗୋପାଳକୁ ଯେତେ ନିଷ୍ଠୁର ଭାବରେ ଆପଣ ଗଢ଼ିଲେ, ବାସ୍ତବରେ ସେ କ'ଣ ସେତିକି ପଥର ହୃଦୟର ? ସତରେ ମୋ ପ୍ରତି ତାର କ'ଣ କାଣିଚାଏ ଶ୍ରଦ୍ଧା ଓ ସ୍ନେହ ନଥିଲା ? ଏକଥା ସତ୍ୟ ଯେ ଇଂରାଜୀ ଶିକ୍ଷା ଲାଭ କରି ସେ ବିଶୃଙ୍ଖଳିତ ଓ ଉଦ୍ଧତ ହୋଇ ଉଠିଥିଲା । ମାତ୍ର ଯାହା ହେଲେ ବି ମୁଁ ତ ତା'ର ବାପା । ଯେତେ କଷ୍ଟବରଣ କରି ମୁଁ ତାକୁ ପାଠ ପଢ଼ାଇଲି ତାହା କ'ଣ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇ ବାହାର ଲୋକଙ୍କୁ ଯେପରି କର୍କଷ ବ୍ୟବହାର କରିବା କଥା ନୁହେଁ ତା'ଠାରୁ ଅଧିକ ରୁକ୍ଷ ହୋଇପାରିଲା ମୋ ପ୍ରତି କିପରି ସେ । ଆଜି ବି ମୋର ଆଦୌ ବିଶ୍ୱାସ ହେଉନି ମୋର ନିଜପୁତ୍ର ଗୋପାଳ ମୋ ପ୍ରତି ଏପରି ଆଚରଣ କରିଥିବ ବୋଲି । ଏହା କ'ଣ ବାସ୍ତବ ନା ଆପଣଙ୍କ ନିଜସ୍ୱ ପରିକଳ୍ପନା ? ପୁତ୍ରଟିକୁ ଏତେ ନିଷ୍ଠୁର କରିପାରିଲେ କିପରି ଆପଣ ?


ହେ ମୋର ପୂଜନୀୟ ସ୍ରଷ୍ଟା । ଏହି ଗଳ୍ପଟିରେ ବର୍ଣ୍ଣନା ରହିଛି ଯେ ମୁଁ ଗୋପାଳର ଅତ୍ୟାଚାର ସହିନପାରି ଗାଁକୁ ଫେରି ଆସିଲି । ପାଖରେ ଥିବା ଖୁବ୍ ଭଲ ଲୋକଙ୍କ ଠାରୁ ଆପଣ କୁଆଡ଼େ ଶୁଣିଲେ ମୋର ଅନୁପସ୍ଥିତିରେ ଗୋପାଳ ଥିଲା ଅତ୍ୟନ୍ତ ଆନନ୍ଦିତ । ଗାଁକୁ ଫେରିଆସି ଯେଉଁ ଦୁଇମାଣ ଜମିଥିଲା ତାକୁ ଭାଗରେ ଲଗାଇଦେଲି ମୁଁ । ପେନସନ ଟଙ୍କାରେ ନିଜର ଖର୍ଚ୍ଚ ଚଳିଥାଏ । ଘଣ ପିଣ୍ଡାରେ ବସି ମୁଁ ହରିନାମ ଜପ କରୁଥିଲି । ଆପଣ ଏ ଗଳ୍ପର ଶେଷରେ ଲେଖିଛନ୍ତି 'ଉଚ୍ଛୁଣି ବାପ ପୁଅ ଦୁହେଁ ଖୁସି । ପରର ସୁଖ ଦେଖି ପାଠକ ମହାଶୟ ଖୁସିହୁଅ ।' ଆପଣ ଏହା ସେତେବେଳେ ଲେଖିଦେଲେ ସିନା ମାତ୍ର ପୁଅ ଠାରୁ ବିଚ୍ଛିନ୍ନ ହୋଇ

ଗାଁରେ ଏକୁଟିଆ ମୁଁ କ'ଣ ଥିଲି ଖୁସିରେ? ଆଉ ଗୋପାଳ ବି ମୋତେ ତଡ଼ିଦେଇ ସତରେ କ'ଣ ଶାନ୍ତି ଲାଭ କରୁଥିଲା ତା'ର ପଦପଦବୀ କ୍ଷମତା ଓ ଅର୍ଥର ଅହଙ୍କାରକୁ ନେଇ । ସତକଥା କହିବା ପାଇଁ ଆଜି ମୁଁ ଆଦୌ କୁଣ୍ଠିତ ନୁହେଁ । ଗାଁରେ ରହିହରି ନାମ କୀର୍ତ୍ତନ କରୁଥିବା ବେଳେ ସୁଦ୍ଧା ମୋର ମନେପଡୁଥିଲା ଗୋପାଳ କେତେବେଳେ ଗାଧୋଇ ଥିବ, କେତେବେଳେ ଖାଇଥିବ ? ମୋର ଅନୁପସ୍ଥିତିରେ କି, ତା'ର ଯତ୍ନ ନେଉଥିବ ?

ତା' ମାଆ ଯେତେବେଳେ ଚିରଦିନ ପାଇଁ ଆଖିବୁଜିଦେଲା ସେ ତା'ର ମାତୃ ହୃଦୟ ଗୋଟିକୁ, ମୋ ହୃଦୟରେ ଏକାକାର କରିଦେଇ ଚାଲିଗଲା । ସେଦିନ ଠାରୁ ମୁଁ ହେଲି ଗୋପାଳର ବାପା ସହ ମା' ମଧ୍ୟ । ଉଭୟ ପିତୃ ଓ ମାତୃ ହୃଦୟର ମମତା ଦେଇ ତା'ର ଯତ୍ନ ନେଉଥିଲି ମୁଁ ଆଉ ଅପୂର୍ବ ଆନନ୍ଦ ତଥା ଗୌରବ ଅନୁଭବ କରୁଥିଲି ପ୍ରତିଟି ମୁହୂର୍ତ୍ତରେ । ଗୋପାଳ ମୋତେ ଯେଉଁ ରାତିରେ ଇଂରାଜୀ ଘୁସି ମାରିଲା ସେଦିନ ମୋ ଦୁଃଖରେ କାନ୍ଦ କାନ୍ଦ ହୋଇନଥିଲି । ମୋତେ ଆଘାତ ଦେଇ ଗୋପାଳ ହାତରେ ଯେଉଁ ପୀଡ଼ା ହେଉଥିବ ତାହାହିଁ ମୋତେ କଷ୍ଟ ଦେଉଥିଲା । ସେ ଡାକ ମୁନ୍‌ସୀ ବାବୁ ହେଇ ଭଦ୍ର ଲୋକଙ୍କ ଓ ଭଦ୍ର ମହିଳାଙ୍କ ମଧ୍ୟରେ ବସି ଭାବ ବିନିମୟ କରୁଥିଲା । ମୋ ଭଳି ମୁର୍ଖଟାକୁ, ମୁଲିଆଟାକୁ, ମଇଳାଲୁଗା ପିନ୍ଧିଥିବା ଲୋକଟିକୁ ସେ ବାପ ବୋଲି ଡାକିବାକୁ ଚାହୁଁନ ଥିଲା ବୋଲି ଆପଣ ଉଲ୍ଲେଖ କଲେ । ଏତେ ତଳକୁ ପୁଅଟି ମୋର ସତକୁ ସତ ଖସିଯାଇପାରେ ? ମୁଁ କାହିଁକି ଆଜି ବି ବିଶ୍ୱାସ କରିପାରୁନି ଯେଉଁ ବ୍ୟବହାର ମୋ ପ୍ରତି ପ୍ରଦର୍ଶନ କଲା ସେ ସତ ସତିକା ଗୋପାଳ ବୋଲି । ଆପଣ ପ୍ରକୃତରେ କ'ଣ ଜାଣିନଥିଲେ ଯେ ଗାଁରେ ଏକୁଟିଆ ଥାଇ ମୁଁ କେବଳ ଗୋପାଳ କଥା ହିଁ ଭାବୁଥିଲି ? ଆପଣ ଆଉ ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ ମୁଁ ପୁଅର ସେବା କରୁକରୁ ଧର୍ମକର୍ମ ଭୁଲିଯାଇଥିଲି । ଭଗବାନ କୁଆଡ଼େ ମୋ ଉଦ୍ଦେଶ୍ୟରେ କହିଥିଲେ "ଆରେ ନିର୍ବୋଧ ଏ କ'ଣରେ ! ଆଚ୍ଛା ବୁଝିବୁ ।'' ଭଗବାନ ପୁତ୍ର ସେହ ବିପଳିତ ପିତାକୁ ସତରେ କ'ଣ ଏମିତି କହି ପାରନ୍ତି ? ମୁଁ ତାରା ସେହି ହରିଙ୍କ ନାମ ସର୍ବଦା ସ୍ମରଣ କରିବା ପାଇଁ ପୁଅର ନାମ ରଖିଥିଲି ଗୋପାଳ । ଦିନକୁ ଯେତେଥର ଗୋପାଳ ଗୋପାଳ ବୋଲି ପୁଅକୁ ଡାକୁଥିଲି ସେଥିରେ କ'ଣ ମୋର ଈଶ୍ୱର ପୂଜା ସଂଘଟିତ ହେଉନଥିଲା ? ପୁଅର ନାମ ନାରାୟଣ ଯେଉଁମାନେ ରଖନ୍ତି ଅଥଚ ତାଙ୍କର ସ୍ୱଭାବ ହୋଇଥାଏ ଆସୁରିକ । ସେମାନେ ପରା ମଲା ବେଳକୁ 'ନାରାୟଣ' ଡାକିଦେଲେ ତାଙ୍କର ସ୍ୱର୍ଗପ୍ରାପ୍ତି ହେଉଥିଲା ଆଉ ମୁଁ ୁତ୍ର ପ୍ରତି ମୋର କର୍ତ୍ତବ୍ୟ କରି କେଉଁ ଭାବରେ ବା ହେବି ବିଭୂ-ବିମୁଖ ?

ଆପଣ ଶେଷରେ ଏକଥା ମଧ୍ୟ ଲେଖିଲେ ଯେ ବାପପୁଅ ଦୁଇଜଣ ପରସ୍ପର ଠାରୁ ବିଚ୍ଛିନ୍ନ ହୋଇ ସୁଖରେ ଅଛୁ । ସତରେ ଆପଣ କ'ଣ ଜାଣନ୍ତି ନାହିଁ ଯେ ରାତିସାରା ଗୋପାଳ କଥା ଭାବିଭାବି ମୋ ଦୁଇ ଆଖିରୁ ଅନବରତ ଝରୁଥାଏ ଲୋତକର ଧାରା ? ମୋ ଆଖିର ଏହି ଉଷ୍ଣ ଅଶ୍ରୁ ବିନ୍ଦୁର କ'ଣ କିଛି ପ୍ରଭାବ ନାହିଁ ? ମୋ କଥା ମନେପକାଇ ଗୋପାଳ କ'ଣ କ୍ଷଣେ ବି ବିଚଳିତ ହୋଇଯାଉ ନଥିବ ? ମୁଁ ଗାଁରେ ରହିଲି ସନା, ମାତ୍ର ସେଦିନଠାରୁ ଅପେକ୍ଷା କଲି ଗୋପାଳ ଦିନେ ନା ଦିନେ ଆସିବ ମୋ ପାଖକୁ ଓ ଡାକିବ ନିଜସାଥିରେ ରହିବାକୁ । ହେ ଫକୀରମୋହନ, ଆପଣ ସ୍ୱୟଯତ ଲେଖିଦେଇଛନ୍ତି 'ଅଜାଗା ଘା ଦେଖିହୁଏ ନାହିଁ, କି ଦେଖାଇହୁଏ ନାହିଁ ।'' ମୁଁ ଗାଁରେ ରହି ପାଞ୍ଚଜଣଙ୍କ ଆଗରେ ମୋ ପୁଅର ଦୁର୍ନାମ କିପରି କରିଥା'ନ୍ତି କହିଲ ? ଏସବୁ କଥା ତାହାକୁ ହିଁ ମନେମନେ ହିଁ କହେ ଯିଏ ମୋର ଧର୍ମପତ୍ନୀ ହୋଇ ଆସିଥିଲା ଓ ମୋ ପାଦଧୂଳି ନେଇ ଶେଷ ନିଃଶ୍ୱାସ ତ୍ୟାଗକଲା ଅତି କରୁଣ ଅବସ୍ଥାରେ । ମୁଁ, ମୋର ଧର୍ମପତ୍ନୀ ଓ ଗୋପାଳ– ଏହିଟା ମୋର ସଂସାର । ଏହା ହିଁ ମୋର ଛୋଟିଆ ପୃଥିବୀ । ଆମେ ତିନି ହେଁ ପରସ୍ପରକୁ ଅତି ଗଭୀର ଭାବରେ ଭଲପାଉଥିଲୁ । ଗୋପାଳର ଛୁଆଦିନ କଥା ମୁଁ କ'ଣ କେବେ ହେଲେ ପାଶୋରି ଦେଇପାରିବି ? ସେ ଆଜି ଚାକିରି କରି ପୋଷ୍ଟମାଷ୍ଟର ହୋଇ ମୋ ଦୃଷ୍ଟିରେ ସେ ଛୁଆଟିଏ ପରି । ତା'ର ଦୋଷ ଦେଖି ବା ତା'ର କର୍କଷ ବ୍ୟବହାରକୁ ମନରେ ଧରିବି ମୁଁ କାହିଁକି ?

ଏସବୁ କଥା ଲେଖୁଛି ବୋଲି କେହି ଯେପରି ନଭାବନ୍ତି ଯେ ଆପଣଙ୍କ ଗଳ୍ପ ରଚନା ଓ ଚରିତ୍ର ପରିକଳ୍ପନା ତ୍ରୁଟିଯୁକ୍ତ ବୋଲି । କ୍ଷୁଦ୍ର ଗଳ୍ପରେ ସବୁକଥା ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇ ନଥାଏ । ସେଥିପାଇଁ ବିଶ୍ୱକବି ରବୀନ୍ଦ୍ରନାଥ କହିଲେ, "ନାହିଁ ବର୍ଣ୍ଣନାର ଛଟା / ଘଟନାର ଘନଘଟା / ନାହିଁ ତତ୍ତ୍ୱ, ନାହିଁ ତତ୍ତ୍ୱ ନାହିଁ ଉପଦେଶ / ପୁଣି "ଅନ୍ତରେ ଅତୃପ୍ତିରବେ / ସାଙ୍ଗକରି ମନେ ହବେ/ ଶେଷ ହୟ ହଇଲନା ଶେଷ'' ଆପଣଙ୍କ ଡାକମୁନ୍‌ସୀ ଗଳ୍ପ ସାରିଛି, କିନ୍ତୁ ସରିଯାଇନାହିଁ । ଏହା ମଧ୍ୟ ଅନ୍ତର ମଧ୍ୟରେ ଗଭୀର ଅତୃପ୍ତି ଓ ଦୀର୍ଘଶ୍ୱାସ ଭରି ଦେଇଛି ପାଠକ ମନରେ । ଯେଉଁମାନେ କେବଳ ଆପଣଙ୍କ ଭାଷାର ବର୍ଣ୍ଣନା ବୁଝନ୍ତି ଅଥଚ ବ୍ୟଞ୍ଜନା ବୁଝନ୍ତି ନାହିଁ । ସେମାନେ ହିଁ ଭାବିପାରନ୍ତି ଯେ "ପରର ସୁଖ ଦେଖି ପାଠକ ମହାଶୟ ଖୁସିହୁଅ ।'' ଏହି ଗୋଟିଏ



ବାକ୍ୟମଧ୍ୟରେ ଆପଣ ଯେଉଁ ଗଭୀର ଓ ଗହନ ବେଦନାକୁ ଉନ୍ମୁକ୍ତ କରିଦେଇଛନ୍ତି ତାହା କେବଳ ଅନୁଭବି ପାଠକ ହିଁ ଯଥାର୍ଥ ଭାବରେ ବୁଝିପାରିବେ । ଆପଣ ପରର ସୁଖଦେଖି ଖୁସି ହୁଅ ବୋଲି ଲେଖିବା ପଶ୍ଚାତରେ ବହିବାକୁ ଚାହିଁଛନ୍ତି ଯେ ପିତାପୁତ୍ରଙ୍କ ବିଚ୍ଛେଦ ଦୁଃଖରେ ସମଦୁଃଖ ହେବାପାଇଁ । ଆପଣଙ୍କ ପରି ମହାନ ସାହିତ୍ୟ ସ୍ରଷ୍ଟାଙ୍କ ବାକ୍ୟରଚନା ଅନ୍ତରାଳରେ ଯେଉଁ ଭିନ୍ନ ଅର୍ଥ ଧ୍ୱନିତ ହେଉଥାଏ ତାହାକୁ ସମସ୍ତେ ବୁଝିପାରିବା ହୁଏତ ସମ୍ଭବହୋଇ ନପାରେ ।

ମୁଁ କହିଥିଲି ନା ଗୋପାଳ ନିଶ୍ଚୟ ମୋ କଥା ମନେପକାଇ ଆସି ନେଇଯିବ ତା'ସାଥେ । ଯଦିସିଏ ନଆସେ ? ତେବେ ମୁଁ କ'ଣ ମୋ ଗୋପାଳକୁ ଛାଡ଼ିଦେଇ ଏକୁଟିଆ ଏଠାରେ ପଡ଼ିରହିଥିବି ? ସେନ ଆସିଲେ ମୁଁ ପୁଣି ତା' ପାଖକୁ ନିଶ୍ଚୟ ଯିବି । ସେ ମୋତେ କର୍କଷ ଆଚରଣ ପ୍ରଦର୍ଶନ କଲେ ତା'ର ଛୋଟ ବେଳର ଭାଗିବା ଦୃଶ୍ୟକୁ ମନେପକାଉଥିବି ଓ ନିରନ୍ତର ତା' ପାଇଁ ପ୍ରାର୍ଥନା କରୁଥିବି ଭଗବାନଙ୍କ ନିକଟରେ । ମୋର ଦୃଢ଼ ବିଶ୍ୱାସ ଯେ ମୁଁ ଯେତେ ମୂର୍ଖ ହେଲେ ମଧ୍ୟ ପୁଅ ଗୋପାଳ ମୋତେ ଶେଷ ପର୍ଯ୍ୟନ୍ତ ଅନାଦର କରିପାରିବ ନାହିଁ । ଆପଣ ଏହି ଗଳ୍ପଟି ଲେଖିବା ଦ୍ୱାରା ଯେଉଁ ମହାନ ସନ୍ଦେଶ ଛାଡ଼ିଯାଇଛନ୍ତି ପ୍ରତିଟି ଯୁଗର ସମାଜ ପାଇଁ ତାହାହିଁ ସବୁଠୁ ଅଧିକ ମହତ୍ତ୍ୱମୟ । ପିତାପୁତ୍ରଙ୍କ ବିଚ୍ଛିନ୍ନତା ନୁହେଁ ସେମାନଙ୍କ ପାରସ୍ପରିକ ମମତାକୁ ଦୃଢ଼ୀଭୂତ କରିବା ପାଇଁ ଆପଣ ପ୍ରକାରାନ୍ତରେ ଦେଇଛନ୍ତି ବଳିଷ୍ଠ ପ୍ରେରଣା । ଉଚ୍ଚକୋଟୀର ଲେଖକମାନେ କାହାକୁ ବାସ୍ତବ ବା ଯେଉଁସବୁ ଘଟଣା ଘଟୁଛି ତାକୁ କେବଳ ଅଙ୍କନ କରନ୍ତି ନାହିଁ । ସେମାନେ ମଣିଷର ଚରିତ୍ର ଓ ଏହି ମାନବ ସମାଜ କିପରି ସୁନ୍ଦରତର ହୋଇଉଠିବ ସେଥିପାଇଁ ପ୍ରଦାନ କରିଥାନ୍ତି ପ୍ରଚ୍ଛନ୍ନ ଇଙ୍ଗୀତ । ଆପଣ ଠିକ ସେହିପରି ସୂକ୍ଷ୍ମ ସଂକେତ ପ୍ରଦାନ କରିଛନ୍ତି ପାରିବାରିକ ସଂପ୍ରୀତିକୁ ସୁଦୃଢ଼ କରିବାପାଇଁ ।

ଆପଣଙ୍କ ପୁତ୍ର ମୋହନୀମୋହନଙ୍କ ସମ୍ପର୍କରେ କେତେ ନୈରାଶ୍ୟ ବ୍ୟଞ୍ଜକ କଥା ଶୁଣିବାକୁ ମିଳେ । ସେସବୁର ସତ୍ୟତା କେତେ ଅଛି କେଜାଣି ! କିନ୍ତୁ ଶେଷରେ ଯେପରି ଭାବରେ ମୋହିନୀ ମୋହନ ଅଶ୍ରୁଳ ନୟନରେ ଆପଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲେ ସେ ଦୃଶ୍ୟ ଉଦ୍‌ବେଳିତ କରିଦିଏ ଆମ ହୃଦୟକୁ । ପିତା ପୁତ୍ରଙ୍କର ମିଳନ ଦୃଶ୍ୟରେ ତୃପ୍ତିଲାଭ କରେ ଆମର ଅତୃପ୍ତ ଆତ୍ମା । ଠିକ୍ ସେହିଭଳି 'ଡାକମୁନ୍‌ସୀ' ଗଳ୍ପର ପରିଣତିକୁ ଆପଣ ଛାଡ଼ିଦେଇଛନ୍ତି ପାଠକମାନଙ୍କ ସକାଶେ । ଅପୂର୍ଣ୍ଣତା ବ୍ୟଞ୍ଜକ ଗଳ୍ପକୁ ସମ୍ପୂର୍ଣ୍ଣ କରିବାର ଦାୟିତ୍ୱ ପ୍ରଦାନ କରିଛନ୍ତି ପାଠକମାନଙ୍କୁ ବା ସମାଜକୁ । ଯେତେଦୂର ପର୍ଯ୍ୟନ୍ତ ଗୋପାଳମାନେ ପଶ୍ଚାତାପ ଜର୍ଜରିତ ହୋଇନାହାନ୍ତି ଓ ଯେତେଦିନ ପର୍ଯ୍ୟନ୍ତ ମୋ ପରି ହରିସିଂହମାନେ ପୁତ୍ରର ସମସ୍ତ ଦୋଷକୁ କ୍ଷମା କରିଦେଇ ନାହାନ୍ତି ସେ ପର୍ଯ୍ୟନ୍ତ ଗଳ୍ପର ପରିସମାପ୍ତି ସମ୍ଭବ ନୁହେଁ । ସେଥିପାଇଁ ଗଳ୍ପଟିରେ ପରିସମାପ୍ତିର ଆଶା ଓ ବିଶ୍ୱାସ ଆଧାରିତ ବାକ୍ୟ ରଚନା କରିବାର ମହାନ ସୁଯୋଗ ଆପଣ ଅର୍ପଣ କରିଛନ୍ତି ପାଠକ ସମାଜକୁ । 'ଡାକମୁନ୍‌ସୀ' ଗଳ୍ପ ପିତାପୁତ୍ରର ସମ୍ପର୍କକୁ ମାଧୁର୍ଯ୍ୟଯୁକ୍ତ କରିବା ପାଇଁ ଯେଉଁ ଅମୃତମୟ ସନ୍ଦଶ ବହନ କରିଛି ତାହା ଯଥାର୍ଥ ଭାବରେ ଅନୁଭବ କରିପାରିଲେ ଆପଣଙ୍କ ଆକାଶୋପମ ବ୍ୟକ୍ତିତ୍ୱ ତଥା ଶିଳ୍ପୀଚତ୍ତ ପ୍ରତି ଆମେ କୃତଜ୍ଞ ହୋଇଉଠିବା ଏକାନ୍ତ ସ୍ୱାଭାବିକ । ଏ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ମହାନାୟକ ଫକୀରମୋହନ ଆପଣଙ୍କୁ ଏହି ହରିସିଂହର ଅୟୁତ ଦଣ୍ଡବତ ।


## ବାର୍ଷିକ ଗ୍ରାହକ ହୁଅନ୍ତୁ
## ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା





- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୪୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୪୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସଆପ୍‌କୁ ପଠାଇବେ ।
- ଟଙ୍କା ପେଡ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।

ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର

# ମଥୁରାର



# ମନ୍ଦିର



# ବିଶ୍ରାମଘର 'କୁବୁଜା ମନ୍ଦିର'

**ପ୍ରିୟଦର୍ଶିନୀ ସ୍ୱାଇଁ**
ବିଲ୍‌ଡ଼ିଙ୍ଗ୍ ବାଙ୍ଗପାମ୍, ଫ୍ଲାଟ୍ ନଂ- ୧୨୦୨, ଓମେକ୍ସ ପାମ୍
ଗ୍ରୀନ୍‌ସ୍ ଏମ୍ୟୁ, ଗ୍ରେଟର୍ ନୋଇଡ଼ା, ଉତ୍ତର ପ୍ରଦେଶ-୨୦୧୩୧୦
ଫୋନ: ୭୦୦୮୭୮୧୮୪୦

ଫଟୋ ସୌଜନ୍ୟ : ଲେଖିକା ଓ ମନୋଜ ସ୍ୱାଇଁ



▲ ଲେଖିକା ପ୍ରିୟଦର୍ଶିନୀ ସ୍ୱାଇଁ



ଭାରତ ଏକ ଐତିହାସିକ ଓ ଧର୍ମ ନିରପେକ୍ଷ ରାଷ୍ଟ୍ର । ଯାହା ଶ୍ରୀକୃଷ୍ଣଙ୍କ ଜନ୍ମଭୂମି ନାମରେ ବିଶ୍ୱରେ ବେଶ୍ ପରିଚିତ । ଭାରତବର୍ଷରେ ଅଗଣିତ ମନ୍ଦିର ରହିଥିଲେ ହିଁ ଆଜି ଏପରି ଏକ ମନ୍ଦିର ବିଷୟରେ ଅପଣମାନଙ୍କୁ କହିବି, ଯାହା ସମ୍ପୂର୍ଣ୍ଣ ଭିନ୍ନ । ସମଗ୍ର ଦେଶରେ ଭିନ୍ନ ଭିନ୍ନ ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ସହ ଭ୍ରାତା ବଳଭଦ୍ର ଓ ଭଗ୍ନୀ ସୁଭଦ୍ରା କିମ୍ବା ରାଧାକୃଷ୍ଣଙ୍କ ଦର୍ଶନ ମିଳିଥାଏ । କିନ୍ତୁ ଦିଲ୍ଲୀ ଠାରୁ ୧୮୦ କିଲୋମିଟର ଦୂର ମଥୁରା ନିକଟସ୍ଥ ବିଶ୍ରାମଘାଟରେ ଅବସ୍ଥିତ ଶ୍ରୀକୃଷ୍ଣ ବଳରାମ କୁବୁଜା ମନ୍ଦିର କିନ୍ତୁ ଟିକିଏ ଭିନ୍ନ । ଏହି ମନ୍ଦିରଟି ପାଞ୍ଚଶହ ବର୍ଷର ପୁରୁଣା ମନ୍ଦିର । 'ବିଶ୍ରାମ + ଘାଟ' ଯାହାର ଅର୍ଥ ହେଉଛି ନଦୀ କୂଳରେ (ଘାଟରେ) ବିଶ୍ରାମ କରିବା ସ୍ଥାନ । ଏପରି ଏକ ନାମକରଣର ମହତ୍ତ୍ୱ ହେଉଛି ଶ୍ରୀକୃଷ୍ଣ ମହାରାଜା କଂସଙ୍କୁ ବଧ କରି ପିତା ବସୁଦେବ ଓ ମାତା ଦେବକୀଙ୍କୁ ମୁକ୍ତ କରିବାକୁ ଆସିଥିଲେ । କଂସଙ୍କୁ ବଧ କରିବା ପରେ ଯମୁନା ନଦୀର ଏହି ଘାଟରେ ପିତାମାତାଙ୍କ ସହ ବିଶ୍ରାମ ନେଇଥିଲେ । ତେଣୁ ଘାଟଟି ବିଶ୍ରାମଘାଟ ନାମରେ ନାମିତ ।

ଏଠାରେ ଭଗବାନ ନିଜର ବଂଶୀ ଛାଡ଼ି ଯାଇଥିବା କଥା ଶୁଣିବାକୁ ମିଳେ । ମନ୍ଦିରଟିକୁ ନିର୍ମାଣ କରିଥିଲେ ଶ୍ରୀ ମାଧୋରାମ ଶାସ୍ତ୍ରୀ । ବର୍ତ୍ତମାନ ତାଙ୍କ ବଂଶଜ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ନିର୍ବାହ କରୁଛନ୍ତି । ଯାହାର ମୁଖ୍ୟ ପୂଜକ ହେଉଛନ୍ତି ଶ୍ରୀ ବିଷ୍ଣୁ ଶର୍ମା । ଏଠାରେ ମହିଳାମାନଙ୍କ ସୁବିଧାରେ ଦର୍ଶନ ନିମନ୍ତେ ଦୁଇ ଜଣ ମହିଳା ପୂଜାରୀ ରହିଛନ୍ତି । ଯାହା ଆମ ପାଇଁ ଥିଲା ପୂରା ନୂଆ କଥା ।

## ମନ୍ଦିରର ଦୁଇଟି ମହାତ୍ମ୍ୟ

ପ୍ରାୟ ସବୁ ମନ୍ଦିରରେ ବଳରାମ ବଡ଼ ହୋଇଥିଲେ ହିଁ ଏଠି କିନ୍ତୁ ଏକ ଅଦ୍‌ଭୁତ ଦୃଶ୍ୟ ଦେଖିବାକୁ ମିଳେ । ଏ ମନ୍ଦିରରେ ଶ୍ରୀକୃଷ୍ଣ ବଡ଼ ଏବଂ ବଳରାମ ସାନ ରୂପେ ଦର୍ଶନ ଦିଅନ୍ତି । ଏହାର କାରଣ ହେଉଛି କୃଷ୍ଣ ଯେତେବେଳେ କଂସଙ୍କୁ ବଧ କରିବା ପାଇଁ ଆସିଥିଲେ ନିଜର ବ୍ୟର୍ଥ ରୂପ ଧାରଣ କରିଥିଲେ । ତେଣୁ ଶ୍ରୀକୃଷ୍ଣ ଏଠାରେ ବଡ଼ ରୂପେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ମନ୍ଦିରର ଆଉ ଏକ ମହାତ୍ମ୍ୟ ହେଉଛନ୍ତି ରାଣୀ କୁବୁଜା । ଶ୍ରୀକୃଷ୍ଣ ମହାରାଜ

କଂସଙ୍କୁ ବଧ କରିବାକୁ ଆସୁଥିବା ସମୟରେ ଭେଟ ହୋଇଥିଲା ଏକ ଅଶୀତିପର କୁରୁପା ବୃଦ୍ଧା ମହିଳା । ଯାହାଙ୍କ ଶରୀରର ୧୬ଟି ସ୍ଥାନରେ କୁବୁଜ ରହିଥିଲା । ତେଣୁ ଲୋକମାନେ ପରିହାସ କରି ତାଙ୍କୁ 'କୁବୁଜା' ଡାକୁଥିଲେ । କୁବୁଜା କଂସର ଦାସୀ ଥିଲେ । ପ୍ରତିଦିନ ସୁବାସିତ ଘୃତ, ଅଙ୍ଗରାଗ ପ୍ରଲେପ ଦେଇ କଂସଙ୍କ ସେବା କରୁଥିଲେ । ଶ୍ରୀକୃଷ୍ଣ କୁବୁଜାଙ୍କୁ ଦେଖି ବିମୋହିତ ହୋଇ ଯାଇଥିଲେ । କୁବୁଜାଙ୍କ ପଥ ରୋକିବା ସହ ସୁନ୍ଦରୀ କହି ସମ୍ବୋଧିଥିଲେ । ଯେଉଁଥିରେ କୁବୁଜା ଦୁଃଖିତ ହୋଇ ଚିତ୍କାର କରି କାନ୍ଦିବା ଆରମ୍ଭ କରିଥିଲେ । କାନ୍ଦି କାନ୍ଦି ନିଜର ଦୁଃଖ ଦୂର କରିବାକୁ କହି ମୁହଁକୁ ଶ୍ରୀକୃଷ୍ଣଙ୍କ ହାତ ଉପରେ ରଖି ଦେଇଥିଲେ । ସେଇ ସମୟରେ ପ୍ରଭୁ କୁବୁଜାଙ୍କ ମୁଖମଣ୍ଡଳକୁ ହାତରେ ଟେକି ଦେଇ କୁବୁଜାଙ୍କୁ ଏକ ସୁନ୍ଦରୀ କନ୍ୟା ରୂପେ ପରିବର୍ତ୍ତନ କରିଥିଲେ । ଏଥିରେ ରାଣୀ କୁବୁଜା ଅତ୍ୟନ୍ତ ଖୁସି ହୋଇ ଜୀବନ ସାରା କଂସ ମହଲରେ କରୁଥିବା କୁକାର୍ଯ୍ୟରୁ ମୁକ୍ତି ଦେବା ସହ ଗୋଟିଏ ଦିନ ପାଇଁ ମୋ କୁଟୀରକୁ ଆସି ଅଙ୍ଗରାଗ ସେବାର ସୌଭାଗ୍ୟ ଦିଅନ୍ତୁ ବୋଲି ଅନୁରୋଧ କରିଥିଲେ । ପ୍ରଭୁ ଏ ଅନୁରୋଧକୁ ଆଦରର ସହ ଗ୍ରହଣ କରିଥିଲେ । କୁବୁଜାଙ୍କ ସେବାରେ ପ୍ରସନ୍ନ ହୋଇ ପ୍ରଭୁ କୁବୁଜାକୁ ପାଟରାଣୀ ଘୋଷଣା କରିଥିଲେ ।

### କିମ୍ବଦନ୍ତୀ ଓ ଦର୍ଶନ ନିର୍ଘଣ୍ଟ

କିମ୍ବଦନ୍ତୀ ଅନୁସାରେ, 'ରାଧା ରାଧା ସଂସାର କହିବେ କିନ୍ତୁ କୁବୁଜା ଥରେ ମାତ୍ର କହିଲେ ହୋଇଯାଏ ଦୁଃଖ ଦୂର' ବୋଲି ଏକ ଅଲୌକିକ ବାକ୍ୟ ରହିଛି । ଦର୍ଶନ ଦିନକୁ ମାତ୍ର ୨ଥର କରିବାର ସୁଯୋଗ ମିଳେ । ଭୋର୍ ସକାଳ ୪ରୁ ଦର୍ଶନ ଆରମ୍ଭ ହୋଇ ଦିନ ୧୨ ପର୍ଯ୍ୟନ୍ତ ଚାଲିଥାଏ । ସନ୍ଧ୍ୟା ୪ ରୁ ଆରମ୍ଭ ହୋଇ ରାତି ୮ଟା ପର୍ଯ୍ୟନ୍ତ ଦର୍ଶନ କରିହୁଏ ।

### ମନ୍ଦିରର ନୀତିକାନ୍ତି

ଭଗବାନଙ୍କ ଶରୀର ୫ଟି ତତ୍ତ୍ୱରେ ତିଆରି ହୋଇଛି । ଶ୍ରୀକୃଷ୍ଣ ବଳରାମ କୁବୁଜାଙ୍କ ସହ ୩୩ କୋଟି ଦେବତା ମଧ୍ୟ ବିରାଜମାନ ହୋଇଛନ୍ତି । ଏଥିମଧ୍ୟରେ କାକଡ଼ ଆରତୀ ଭୋର୍ ୫ଘଣ୍ଟା ସମୟରେ ହୋଇଥାଏ । ଦିନ ୧୦ଟାରେ ପ୍ରସାଦ ମାଖନ ମିଷ୍ଟି ଲାଗି ହୋଇ ପୂଜା କରାଯାଏ । ମନ୍ଦିର ଭିତରେ ଏକ ଭଣ୍ଡାର ଗୃହ ରହିଛି ଏବଂ ଭଗବାନଙ୍କ ପାଇଁ ଏକ ବିଶ୍ରାମ ଗୃହ ରହିଛି (ଯାହା ଭକ୍ତଙ୍କୁ ପ୍ରବେଶ ନିଷେଧ ) । ଦିନ ୧୨ଟାରେ ଦର୍ଶନ ବନ୍ଦ ରଖାଯାଇ ୨ଟି ଥାଳିରେ ୫୬ ଭୋଗ ପୂଜା ହୋଇଥାଏ । ଏହି ପୂଜା ସରିବା ପରେ ପ୍ରତିଦିନ ୭ଜଣ ବ୍ରାହ୍ମଣ ଭୋଜନ କରିଥାନ୍ତି । ପୁଣି ଅପରାହ୍ନ ୪ଟା ସମୟରେ ଦର୍ଶନ ଆରମ୍ଭ ହୋଇଥାଏ । ସେଇ ସମୟରେ ମନ୍ଦିରର ଗୋଶାଳାରେ ଖାଦ୍ୟ ଦିଆଯାଏ । ସନ୍ଧ୍ୟା ୭ଘଣ୍ଟା ସମୟରେ ପଞ୍ଚଆଳତୀ ପରେ ପୁଣି ଫଳ ଭୋଗ ଲାଗି ପୂଜା ସମ୍ପନ୍ନ ହୁଏ । ସମସ୍ତ ମନ୍ଦିରରେ ପ୍ରତିଦିନ ପୋଷାକ ବଦଳା ଯାଉଥିଲେ ମଧ୍ୟ ଏଠାରେ ଭଗବାନଙ୍କ ପୋଷାକ ୫ଦିନକୁ ଥରେ ପରିବର୍ତ୍ତନ କରାଯାଏ । ଯାହାର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଲୁକ୍କାୟିତ ରହିଛି । ମନ୍ଦିର ଭିତରେ ଯମୁନା ଦେବୀଙ୍କର ଏକ ମୂର୍ତ୍ତି ସ୍ୱତନ୍ତ୍ର ଭାବେ ପୂଜା ପାଆନ୍ତି । ଶ୍ରୀକୃଷ୍ଣ ଛାଡ଼ିଥିବା ବଂଶୀ ମଧ୍ୟ ମନ୍ଦିରର ମଧ୍ୟ ଭାଗରେ ପୂଜା କରାଯାଉଛି । ଯାହା ବର୍ତ୍ତମାନ ଭଗ୍ନାବସ୍ଥାରେ ରହିଛି ।


### ମୁଖ୍ୟପର୍ବ

ଏହି ଘାଟକୁ ଆସି ଭଗବାନଙ୍କୁ ମାନସିକ କଲେ ସମସ୍ତ ମନୋକାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି । ପୂଜକଙ୍କ କହିବାନୁସାରେ, ବିଶ୍ରାମଘାଟରେ କାର୍ତ୍ତିକ ମାସରେ ଭାଇ ଓ ଭଉଣୀ ଆସି ହାତ ଧରି ମିଶିକି ଯଦି ସ୍ନାନ କରିବେ, ତେବେ ସେମାନଙ୍କ ସ୍ୱର୍ଗପ୍ରାପ୍ତି ସହ ପାପ କ୍ଷୟ ହେବ । କାର୍ତ୍ତିକ ମାସ ସାରା ପୂଜା କରିବା ପାଇଁ ବିଭିନ୍ନ ସ୍ଥାନରୁ ଲକ୍ଷ ଲକ୍ଷ ମହିଳାମାନେ ଆସିଥାନ୍ତି । ଏଠାରେ ସବୁଠାରୁ ବଡ଼ ପର୍ବ ହେଉଛି 'ଯମୁନା ପୂଜନ' । ଯମୁନାନଦୀର ଏହି ଘାଟରେ ଡଙ୍ଗା ରହି ସୁସଜ୍ଜିତ ଆଲୋକମାଳା ସହ ଲକ୍ଷାଧିକ ଦୀପ ଜାଳି ଭକ୍ତମାନେ ମାତା ଯମୁନାଙ୍କୁ ଶାଢ଼ି ପିନ୍ଧାନ୍ତି । ନିଆରା ହେଉଛି ଶଙ୍ଖ, ହୁଳହୁଳି, କୀର୍ତ୍ତନ ସହ ଶୋଭାଯାତ୍ରା କରି ଗର୍ଭବତୀ ମହିଳାମାନଙ୍କୁ ପୂଜା କରାଯାଇଥାଏ । ଯେଉଁମାନେ ଏହି ପୂଜା କୌଣସି କାରଣରୁ କରିନଥାନ୍ତି ସେମାନେ ପୁଅଙ୍କର ବାହାଘର ସମୟରେ ଏହି ପୂଜା ସମ୍ପୂର୍ଣ୍ଣ କରିଥାନ୍ତି । ସେହି ସମୟରେ ଶ୍ରଦ୍ଧାଳୁ ସୁନାରୂପାର ଅଳଙ୍କାର ଭଗବାନଙ୍କୁ ଉପହାର ଦେଇଥାନ୍ତି । ଏଠାରେ ରଥଯାତ୍ରା ଦ୍ୱାରିକାଧୀଶ ମନ୍ଦିରରେ ହୁଏ । କିନ୍ତୁ ତାହା ପୁଣି ଦୋଳପୂର୍ଣ୍ଣିମା (ହୋଲି) ସମୟରେ ପାଳନ କରାଯାଏ । ବହୁ ପୁରାତନ ମନ୍ଦିର ହେତୁ କିଛି କକ୍ଷ ପ୍ରଶାସନ ପକ୍ଷରୁ ବନ୍ଦ କରି ଦିଆଯାଇଛି ।

ମଥୁରାରେ ପହଞ୍ଚୁ ପହଞ୍ଚୁ ୧୧.୩୦ ହୋଇ ଯାଇଥାଏ । ମନକୁ ଗୋଟିଏ ଭୟ ଆନ୍ଦୋଳିତ କରୁଥାଏ । ସତରେ କଣ ଭଗବାନଙ୍କୁ ଦର୍ଶନ କରିପାରିବି ନା ଫେରିଯିବାକୁ ପଡ଼ିବ ? ଯମୁନା ନଦୀକୂଳରେ ଡଙ୍ଗାରେ ଯାତ୍ରା ଆରମ୍ଭ କଲୁ । ସକାଳର କଅଁଳ କିରଣ ସାଙ୍ଗକୁ ଯମୁନାନଦୀର ଶୀତଳତା ଅତୁଳନୀୟ । କିଛି ସମୟ ପରେ ଦୂରରୁ ଶୁଭୁଥିଲା କିଛି ଶବ୍ଦ । ମୁହଁ ବୁଲାଇ ଦେଖେ ତ ପ୍ରକୃତିର ମନଲୋଭା ପରିବେଶରେ ରଙ୍ଗବେରଙ୍ଗ ପକ୍ଷୀଙ୍କର ଦୃଶ୍ୟ । ଆହାଃ କି ଆନନ୍ଦ ! ମନ ଖୁସିରେ ଭରିଗଲା । ଆଉ କିଛି ସମୟ ବିତେଇବାକୁ ଇଚ୍ଛା ଥିଲା । କିନ୍ତୁ ସମୟ ନଥିବା ହେତୁ ଆମେ ଦୂରେଇ ଆସିଲୁ ପକ୍ଷୀଙ୍କ ଦୁନିଆରୁ । ଠିକ୍ ସେଇ ସମୟରେ ନାଉରି ଭାଇ ଜଣକ କହିଲେ ବିଶ୍ରାମଘାଟ ମନ୍ଦିରରେ ଶ୍ରୀକୃଷ୍ଣଙ୍କ ସହ ରାଣୀ କୁବୁଜା ପୂଜା ପାଉଛନ୍ତି । ଯାହା ଶୁଣି ଆଶ୍ଚର୍ଯ୍ୟ ଲାଗିଲା । ସତରେ ଭଗବାନଙ୍କ ଲୀଳା କେହି ଜାଣି ପାରନ୍ତି ନାହିଁ । ଏହା ଭାବି ଏହାର କିମ୍ବଦନ୍ତୀ କଣ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲୁ । ଆଉ ତାହା ମୁଖ୍ୟ ପୂଜକଙ୍କ ଠାରୁ ଜାଣିଲୁ ।

ଭଗବାନଙ୍କର ପୂଜାର୍ଚ୍ଚନା ଦେଖି ଓ ଦର୍ଶନରେ ବିମୋହିତ ହୋଇ ଯାଉଥିଲି ନିଜେ । ଶୁଣିଥିଲି ତାଙ୍କ ମାୟା କେହି ଜାଣିପାରନ୍ତି ନାହିଁ ତାହା ସତ୍ୟ ପ୍ରମାଣିତ ହେଲା । ତାପରେ ଦ୍ୱାରିକାଧୀଶ ମନ୍ଦିର (ଶ୍ରୀକୃଷ୍ଣଙ୍କ ରାଜଭବନ), କଂସ ମହାରାଜାଙ୍କ ମହଲ (ପ୍ରଶାସନ ପକ୍ଷରୁ ଏବେ ଏହାକୁ ବନ୍ଦ ରଖାଯାଇଛି), ଦୁର୍ବାସା ଋଷିଙ୍କ ଆଶ୍ରମ (ଏବେ ମଧ୍ୟ ସେଇ ଆଶ୍ରମରେ- ଗୋମାତାଙ୍କ ଗୁହାଳ, ବିଭିନ୍ନ ପନିପରିବା ଚାଷ ହେଉଥିବା ସ୍ଥାନ, ଶିଷ୍ୟମାନଙ୍କ ମଣ୍ଡପ, ଋଷିଙ୍କ ଜପ ସ୍ଥାନ, ରୋଷେଇ ଗୃହ ସଂରକ୍ଷିତ ଅବସ୍ଥାରେ ରହିଛି । ଭଗବାନଙ୍କ ଦର୍ଶନ ସହ ପ୍ରାକୃତିକ ପରିବେଶ ଖୁବ୍ ମନଲୋଭା ଥିଲା । ଖୁସିର କଥା ଯେ, ମହାଭାରତର କିଛି ଦୃଶ୍ୟ ଆଖି ସାମ୍ନାରେ ଝଲସି ଉଠିଲା । ପ୍ରଭୁଙ୍କୁ ଦର୍ଶନ କରି ଆଖି ଭାବବିହ୍ୱଳ ହୋଇପଡ଼ିଲା ।

ଆପଣମାନେ ଯଦି ବିଶ୍ରାମଘାଟ ଯାଉଛନ୍ତି ତେବେ ପାଖରେ ଥିବା ଦୋକାନଗୁଡ଼ିକରୁ 'ମାଖନ୍ କ୍ଷୀର' ପିଅନ୍ତୁ । ଆଉ ଘରକୁ ଫେରିବା ସମୟରେ ମଥୁରାରୁ ପ୍ରସିଦ୍ଧ ପେଡ଼ା ନିଶ୍ଚୟ ଆଣନ୍ତୁ ।



# ପର୍ବର ନାଁ ମେରିଆ



# ବିଶ୍ୱାସର ପରବ


## ଦ୍ୱିତୀ ଚନ୍ଦ୍ର ସାହୁ

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା -୭୬୫୦୦୧
ଫୋନ: ୯୪୩୭୯୦୯୬୭୧


ଫଟୋ ସୌଜନ୍ୟ : ଲେଖକ

**ଏଠି ବିଶ୍ୱାସ ସବୁକିଛି । ପରଂପରା ପାଲଟିଛି ଅସ୍ମିତା । ସେଥିପାଇଁ ବର୍ଷ ବର୍ଷ ଧରି ଚାଲିଆସିଛି ପରବ । ପଡୁଛି ବଳି । ଆଗେ ଶିକାର ହେଉଥିଲେ ମଣିଷ । ଏବେ ପୋଢ । ଅତ୍ୟନ୍ତ ବ୍ୟୟବହୁଳ ଏଇ ପରବ ତଥାପି ଚାଲିଛି । ସଂଖ୍ୟାଧିକ ପଶୁପକ୍ଷୀଙ୍କୁ ବଳି ଚଢାଇ ତର୍ପଣ କରାଯାଏ 'ଧରତୀ ପେନୁ' ନିକଟରେ । ରାୟଗଡା ଜିଲ୍ଲାର ବିରଳ ଜନଜାତି ଡଂଗରିଆ କନ୍ଧଙ୍କ ମେରିଆ ପରବକୁ ନେଇ 'ରେବତୀ'ର ନିୟମିତ ଲେଖକ ଦ୍ୱିତୀ ଚନ୍ଦ୍ର ସାହୁଙ୍କ ତାତ୍ୱିକ ବିଶ୍ଳେଷଣ । ତେବେ ବଳିପ୍ରଥାକୁ 'ରେବତୀ' ସମର୍ଥନ କରେନା । ଆମେ କେବଳ ଏ ପ୍ରଥା ପଛରେ ଥିବା କାହାଣୀକୁ ଅବିକଳ ତୋଳି ଧରିବାର ପ୍ରୟାସ କରିଛୁ ।**



◀ ଲେଖକ ଦ୍ୱିତୀ ଚନ୍ଦ୍ର ସାହୁ

ସକାଳୁ ସକାଳୁ ଆମେ ଗାଁରେ ପହଁଚିଲୁ । ସାଥୀରେ ଥିଲେ ପୂର୍ବତନ ଜିଲ୍ଲାପାଳ ତଥା ବରିଷ୍ଠ ପ୍ରଶାସକ ଜଗନ୍ନାଥ ମହାନ୍ତି । ସକାଳ ଆଠଟା ହୋଇଥିବ । ସହର ଭଳି ଗାଁ ସେତେଟା ମୁଖରିତ ହୋଇନି । ଶୁଭୁଛି ଝୋଲା ଝରଣାର ଶବ୍ଦ । ନାମ ଜଣା ନଥିବା ଅଜଣା ପକ୍ଷୀଙ୍କ କଳରବ । ପିଟି ହେଉଥିବା ପବନର ସାଇଁ ସାଇଁ ସ୍ୱର । ମାଟି ତଳେ ଥିବା ଝିଙ୍କାରୀଙ୍କ କିଁକିଁଣା ଶବ୍ଦ । ଏତିକିବେଳେ ଗାଁ ଗାଁ ହୋଇ ଗାଡି ଅଧା ରାସ୍ତାରେ ଅଟକିଗଲା । ଉପରକୁ ନ ଉଠି ତଳକୁ ଖସିଲା । ତରବର ହୋଇ ଓହ୍ଲାଇ ପାଖରେ ପଡିଥିବା ପଥର ଗୋଟେ ଚକା ତଳେ ଦେଲି । ହଁ ହୋଇ ଅଟକିଗଲା ଠିକ୍ ବୋଲ ମାନୁଥିବା ବଳଦ ଶଗଡ ଭଳି । ସବୁ ଗାଡି ଏ ଅଂଚଳରେ ଶଗଡ ଭଳି ଚାଲେ । ଉଠାପକା ରାସ୍ତା । ତା ସହିତ ବୁଲାଣି ମୋଡାମୋଡି ହୋଇ ଶୋଇଥିବା ବୋଡା ସାପ ପରି । ରାୟଗଡା-ବିଷମକଟକ ରାଂଚି-ବିଜୟୱାଡା ରାଜପଥ ଦେଇ ରାୟଗଡାରୁ ୪ ୨ କିଲୋମିଟର ଗଲେ ଚାଟିକଣା । ରେଳରେ ଭୁବନେଶ୍ୱର କିମ୍ବା ବିଶାଖାପାଟଣା ଅଥବା ସମ୍ବଲପୁରରୁ ଆସିଲେ ଦକ୍ଷିଣ-ପୂର୍ବ ମୁଖ୍ୟ ରେଳପଥରେ ପଡିବ ଛୋଟିଆ ହିଲ୍ ଷ୍ଟେସନ ବିଷମକଟକ ରୋଡ । ମୁଖ୍ୟ ରାସ୍ତାରୁ ବାଁକୁ ମୋଡିଲେ ଆରମ୍ଭ ଡଂଗରିଆ ଅଂଚଳ । ଏଠାକୁ ହାଟ ସଉଦା ପାଇଁ ଆସନ୍ତି ବିରଳ ଜନଜାତିର ଲୋକ ଡଂଗରିଆ । ନିଜର ଉତ୍ପାଦିତ ସାମଗ୍ରୀକୁ ମଧ୍ୟ ବିକ୍ରି କରନ୍ତି ଏଠାକାର ହାଟରେ । ଏଇ ରାସ୍ତା ଧରୁ ଧରୁ ଦିଶିବେ ଡଂଗରିଆ । ସେଇଠୁ ଆରମ୍ଭ ନିୟମଗିରି । ଦ୍ୱାର ମୁହଁରେ ଅଛନ୍ତି ସ୍ୱୟମ୍ଭୁ ପାତାଳେଶ୍ୱର । ପ୍ରସିଦ୍ଧ ଶୈବ ପୀଠ । ପୀଠକୁ ଲାଗି ଜଳପ୍ରପାତ । ଅପରୂପ ଶୋଭାରାଜି ଭିତରେ ଶୈବପୀଠ ଥିବାରୁ ବହୁ ପର୍ଯ୍ୟଟକଙ୍କ ଭିଡ ଏଠି । ପିକ୍‌ନିକ୍ ଲାଗି ବି ମନ୍ତ୍ରମୁଗ୍ଧ ପରିବେଶ । ତାକୁ ପାରି ହେଲେ ତୁଛା ପାହାଡି ଘାଟି ସରୁ ରାସ୍ତା । ସର୍ତକତାର ସହ ଚଳେଇବାକୁ ହେବ ଗାଡି । ଦି' ପଟେ ଘଂଚ ଜଂଗଲ । ଶାଳ, ପିଆଶାଳ, ଗମ୍ଭାରୀ, ଖଇର, ଖଡିକା, ବାଉଁଶରେ ଭରପୂର । ବସନ୍ତରେ ଆହୁରି କମନୀୟ ଦିଶୁଥିଲା ନିୟମଗିରି ପାହାଡ ପୁଂଜ । ହରରଂଗୀ ଫୁଲର ପସରା ପାହାଡରେ ନେସି ହୋଇ ରହିଛି । କିଏ ଯେମିତି ଆକାଶରୁ ଥାଇ ରଂଗୀନ ମୁରୁଜ ବିଂଚି ଦେଇଛି । ରାସ୍ତା କଡେ କଡେ ସାଥୀ ହୋଇ ବୋହୁଛି ଗଦଗଦା ନାଳ । ଛୋଟ ଛୋଟ ପାହାଡରେ ଧକ୍କା ଖାଇ ଡେଇଁ ଡେଇଁ ଆଗଉଛି । ଦୋହଲି ଦୋହଲି ଯାଉଥିବା ଗାଡି ଭିତରୁ ବାହାରର ପ୍ରକୃତି ମନକୁ ମତୁଆଲା କରିଦିଏ । ସ୍ଥାନେ ସ୍ଥାନେ ଅଟକି ଫଟୋ ନେବାକୁ ବାଧ୍ୟ କରିବ ।

ଖମ୍ବେସି ଗାଁକୁ ଲମ୍ବିଥିବା ରାସ୍ତା ଛାଡି ବାଁ କଡେ ଗାଡି ମୋଡି ହେଲା ସାଥୀରେ ଥିବା ଡଂଗରିଆ ଉନ୍ନୟନ ସଂସ୍ଥାର କର୍ମଚାରୀ ତଥା ଡଂଗରିଆ ବିଶେଷଜ୍ଞ **ସୂର୍ଯ୍ୟ ନାରାୟଣ ପାଢୀ**ଙ୍କ ନିର୍ଦ୍ଦେଶକ୍ରମେ । ଅଧାରୁ ଗାଡି ନ ଉଠିବାରୁ ସେଠାରେ ଗାଡିକୁ ଛାଡି ଚାଲିବାକୁ ପଡିଲା । ନୂଆ ରାସ୍ତା ତିଆରି ଲାଗି ଘାଟି କଟା ହୋଇଛି ସତ । ହେଲେ ଚାଲିଲା ବେଳେ ଆଂଠୁ ପାଖକୁ ମୁହଁ ଆସି ଯାଉଥିଲା । ଦୁଇଟି ମୋଡ ବୁଲିଲା ପରେ ବାଁ ପଟରେ ଜନଜାତିଙ୍କ ଦେବତା ଯାତ୍ରାକୁଡି । ନୂଆ ଗାଁ ତିଆରି ପୂର୍ବରୁ ଏହାକୁ ସ୍ଥାପିତ କରାଯାଏ । ଜଂଗଲ ମଧ୍ୟରେ ଯାତ୍ରାକୁଡିର ଉପସ୍ଥିତି ଆଗନ୍ତୁକଙ୍କୁ ଆଗରେ ଗାଁ ଥିବାର ସୂଚନା ଦିଏ । ଏଇ କାରଣରୁ ଏମିତି ଯାତ୍ରାକୁଡି ଗାଁର ବହୁ ପୂର୍ବରୁ ସ୍ଥାପନ କରାଯାଇଛି । ଏଥିସହ ଏହା ଦୁଷ୍ଟ ଶକ୍ତିରୁ ରକ୍ଷା କରେ ଗାଁକୁ । ଗୋଟିଏ ଡଂଗରିଆ ଗାଁକୁ ପ୍ରବେଶ କଲେ ଭେଟିବାକୁ ହୁଏ କ୍ରମାନ୍ୱୟରେ ଯାତ୍ରାକୁଡି, ଘଂଟକୁଡି, ମୁଦ୍ରାବାଲି, କୁଟେବାଲି ଏବଂ ଝାଙ୍କିରୀପେନୁ । ପୁଣି କିଛି ସମୟ ପରେ ଘାଟି ଚଢିବାକୁ ପଡିଲା । ତାପରେ ଡାହାଣ ପଟ ଭେଟ ହେଲା ଘଂଟକୁଡି । ଏକାଧିକ ଘଂଟ କୁଡିଆ ସେଠାରେ ଥିଲା । ଗାଁରେ ଯିଏ ଘଂଟ ଯାତ୍ରା ଆଣେ ସେ ଏଠାରେ ନିଜ ସମ୍ବଳ ମୁତାବକ ଘଂଟ କୁଡି ତିଆରି କରେ ଏବଂ ସେଥିରେ ଘଂଟ ଯାତ୍ରାରେ ବ୍ୟବହୃତ ସାମଗ୍ରୀ ସାଇତି ରଖେ । ଏଥର ଦିଶିଲା କାତ୍ରାଗୁମ୍ଫା ଗାଁ । ଗାଁର ମୁହଁରେ ଅଛି ସାଲେବାଡା । ବାଉଁଶରେ ବୁଣା ହୋଇଥିବା ଅସ୍ଥାୟୀ ବାଡ । ଗାଁର ଚାରି ପାଖେ ନିବୁଜ କରାଯାଇଛି । କେହି ଯେମିତି ବିନା ଅନୁମତିରେ ପ୍ରବେଶ କରିପାରିବେନି । ଏହା କେବଳ ବାଡ ନୁହେଁ । ଏକ ଆଧ୍ୟାତ୍ମିକ ପାଚେରୀ । ଏହାର ପୂର୍ବରୁ ରହିଛି ମୁଦ୍ରାବାଲି । ମାନେ ସନ୍ଧି ଦେବତା । ଗାଁ ଭିତରକୁ ପ୍ରବେଶ କରୁଥିବା ଦୁଷ୍ଟ ଶକ୍ତି ପ୍ରବେଶ କରିବାକୁ ଦିଏନା ମୁଦ୍ରାବାଲି ବୋଲି ଡଂଗରିଆଙ୍କ ବିଶ୍ୱାସ । ମୁଦ୍ରାବାଲି ପଛକୁ ଲାଗି ରହିଛି ସଦ୍ୟ କଟା ଯାଇଥିବା ବାଉଁଶରେ ତିଆରି ଜାଫିରିର ବାଉଁଶ ବାଡ । ସେଇଠି ମାଟି ତଳେ ଜାନୀ ଓ ଦିଶାରୀଙ୍କ ଦ୍ୱାରା ପୂଜିତ ଚେରମୂଳି କାଳେ ପୋତା ଯାଇଥାଏ । ଗାଁ ଭିତରକୁ ଆସୁଥିବା

ଲୋକଙ୍କ ମଧ୍ୟରେ ଆସୁରିକ ପ୍ରବୃତ୍ତି କାଳେ ହ୍ରାସ ପାଏ ପୋତା ଯାଇଥିବା ଚେରେମୂଳି ଦ୍ୱାରା । ସେଇଠି ଠିଆ ହୋଇଥିଲେ ଗାଁର ବାରିକ ଓ କିଛି ଗ୍ରାମବାସୀ ପରବ ପୂର୍ବରୁ ଆସୁଥିବା ଆଗନ୍ତୁକଙ୍କୁ ଏମାନେ ପରିଚୟ ପଚାରି ଭିତରକୁ ପ୍ରବେଶ ଲାଗି ଅନୁମତି ଦିଅନ୍ତି । ମେରିଆ ପରବ ପୂର୍ବରୁ ଏଇ ପ୍ରଥା ପ୍ରଚଳିତ । ତା ପରେ ଅତିଥିଙ୍କୁ ଖଟରେ ବସାଇ ଗାଁ ପ୍ରଦକ୍ଷିଣ କରାନ୍ତି । ଭିତରକୁ ପ୍ରବେଶ କରିବା ପରେ ଗାଁ ବାରିକର ନିର୍ଦ୍ଦେଶକ୍ରମେ ସାଥିରେ ଥିବା ପୂର୍ବତନ ଜିଲ୍ଲାପାଳ ତଥା ବରିଷ୍ଠ ପ୍ରଶାସକ ଜଗନ୍ନାଥ ମହାନ୍ତିଙ୍କ ସମେତ ସମସ୍ତଙ୍କୁ ଖଟରେ ବୁଲାଇ ଆଣିଲେ । ସେଇଠୁ ଭେଟ ହେଲା ଜାନୀ ଜିରିଣ୍ଡି କାଡ୍ରକାଙ୍କ ସହ । ଆରମ୍ଭ ହେଲା ମେରିଆ ସଂପର୍କିତ ଆଲୋଚନା ।

ମାଟି ମାଆକୁ ସନ୍ତୁଷ୍ଟ କରିବା ଓ ଗ୍ରାମରେ ସମସ୍ତେ ନିରୋଗ ରହିବା ଲାଗି ଏଇ ପର୍ବ ମୁଖ୍ୟତଃ ପାଳନ ହୁଏ । ପୂର୍ବେ ଏଇ ପରବରେ ନରବଳି ଦିଆ ଯାଉଥିଲା । ଏବେ ତାର ସ୍ଥାନ ନେଇଛି ପୋଢ । ଡଂଗରିଆଙ୍କ ଭାଷାରେ କଡ୍ଡୁ । ସେଥିପାଇଁ ଏଇ ପରବର ନାଆ କଡ୍ଡୁ ପାରବୁ । ନିର୍ଦ୍ଦିଷ୍ଟ ବର୍ଷ ବ୍ୟବଧାନରେ ଏଇ ପର୍ବ ପାଳନ ହୁଏନି । ପାଳନ ଲାଗି ଅନେକ କିଛି ଉପରେ ନିର୍ଭର କରିବାକୁ ପଡେ । ଦିପାବଳୀ ପୂଜା ପରେ ଗାଁର ବୟସ୍କ ଓ ବଡ ଲୋକଙ୍କ ସଭା ବସେ । ସେଥିରେ ଗାଁର ସବୁ ପରିବାରର ଲୋକେ ଅଂଶ ଗ୍ରହଣ କରନ୍ତି । ବାରିକ, ବେଜୁଣୀ, ଦିଶାରୀ, ବିଶିମାଝୀ, ମଣ୍ଡଳ ପ୍ରମୁଖ ଉପସ୍ଥିତ ଥାନ୍ତି । ମେରିଆ ପରବ ନେଇ ଆଲୋଚନା ହୁଏ । ପ୍ରତି ପରିବାରର ଫସଲ ପାଚି, ଭଲମନ୍ଦ ଓ ଆର୍ଥିକ ସ୍ଥିତି ସଂପର୍କରେ ଆଲୋଚନା ହୁଏ । କାରଣ ମେରିଆ ଏକ ବ୍ୟୟବହୁଳ ପରବ । ସମସ୍ତେ ସହମତି ପ୍ରକଟ କଲା ପରେ ଯାଇ ସେଇ ବର୍ଷ ମେରିଆ ପରବ କରିବା ଲାଗି ସ୍ଥିର ହୁଏ । ଥରେ ସହମତି ପ୍ରକଟ ପାଇବା ପରେ ଦିଶାରୀ ଶୁଭ ବେଳା ବାହାର କରେ । ସେଇ ତିଥିରେ ଜାନୀ ଜଂଗଲକୁ ଯାଇ ସରଗି(ଶାଳ) ଗଛକୁ ପୂଜା କରେ ଓ ତାକୁ କାଟି ଆଣି ଗାଁରେ ଶୁଭ ଖୁଂଟି ସ୍ଥାପନ କରେ । ସେଦିନୁ ମେରିଆ ଲାଗି ଗାଁ ଉତ୍ସବ ମନସ୍କ ହୋଇପଡେ । ଶୁଭ ଖୁଂଟି ସ୍ଥାପନର ପର ମୁହୂର୍ତ୍ତରେ ପୁଣି ଗାଁରେ ବୈଠକ ହୁଏ । ସେଠାରେ ପୂଜା ପାଇଁ ଖର୍ଚ୍ଚ ଆକଳନ ହୁଏ । ଘର ପ୍ରତି ଚାନ୍ଦା ଧାର୍ଯ୍ୟ ହୁଏ । ତତ୍‌ପରେ ଦିଶାରୀ ଦିନ ସ୍ଥିର କରେ । ବାରିକ, ଦିଶାରୀ, ଜାନୀ ସମେତ ଗାଁର ପ୍ରମୁଖ ବ୍ୟକ୍ତି ହାଟ ହାଟ ଘୁରି ବୁଲନ୍ତି ମେରିଆ ଲାଗି ପୋଢ ଚୟନ ପାଇଁ । ପୋଢ ଚୟନ ଲାଗି ଏକ ମାପଦଣ୍ଡ କାଳେ ଥାଏ । ପୋଢ ଅକ୍ଷତ ହୋଇଥିବା ଆବଶ୍ୟକ । ତା ଦେହରେ କୌଣସି ଖୁଣ ନ ଥିବ କିମ୍ବା କୌଣସି ଅଘାତର ଚିହ୍ନ ନଥିବ । ଜାନୀ ପୋଢ ନିକଟକୁ ଗଲେ ଗହଳି ଭିତରେ ବି ସେ ଆପେ ଆପେ ଜାନୀ ନିକଟକୁ ଆସି ନିଜର ଆବିଳତା ପ୍ରକଟ କରେ ଏବଂ ଏମିତି ହେଲେ ମେରିଆ ଲାଗି ପୋଢ ଚିହ୍ନିବାରେ କଷ୍ଟ ହୁଏନି ବୋଲି ଜାନୀ ଗିରିଣ୍ଡି କହନ୍ତି । ସେଇକ୍ରମରେ ଗୋଟିଏ ପୋଢ, ଘୁଷୁରୀ ଓ ଛେଳି ଚୟନ କରାଯାଏ । ମେରିଆ ଲାଗି ଗାଁ ପକ୍ଷରୁ ୧୪ଟି କୁକୁଡା, ଗୋଟିଏ ମେରିଆ ପୋଢ, ଗୋଟିଏ ଛେଳି ଓ ଗୋଟିଏ ଘୁଷୁରୀ ବଳି ଲାଗି ଆବଶ୍ୟକ ହୁଏ । ଏଥି ସହ ଜାନୀ, ଦିଶାରୀ, ଗାଁ ମୁଖିଆ, ବିଶି ମାଝୀ, ମଣ୍ଡଳ ଆଦି ଲାଗି ଧଳା ଲୁଗା, ନୂଆ କୁଲା, ମହୁଲ ମଦ, ମାଟି ଦୀପ, ଝୁଣା, ମାଟି ହାଣ୍ଡି ଇତ୍ୟାଦି ଆବଶ୍ୟକ ହୁଏ । ହାଟରୁ ଗାଁକୁ ମେରିଆ ପୋଢ ଆଣିବା ପରେ ଗାଁରେ ଆଗରୁ ପୂଜା ଉପଚାର ସବୁ କିଛି ପ୍ରସ୍ତୁତ ହୋଇଥାଏ । ଗାଁ ଭିତରେ ଥିବା କୁଟେବାଲି ଏବଂ ତା ପାଖକୁ ଲାଗିଥିବା ଝାଙ୍କରୀ ପେନୁ ନିକଟରେ ପୂଜା କରାଯାଏ । କୁଟେବାଲି ଡଂଗରିଆଙ୍କ ପୁରୁଷ ଦେବତା ଏବଂ ଝାଙ୍କରୀ ହେଉଛି ଦେବୀ । ଧରଣୀ ପେନୁ ଅର୍ଥାତ ଧରିତ୍ରୀ ମାତା । ହଳଦୀ ପାଣିରେ ପୋଢର ମୁଣ୍ଡ, ଗୋଡ ଓ ଦେହକୁ ସ୍ନାନ କରାଯାଏ । ଶିଂଘରେ ଗେରୁ ମାଟି ଲଗାଇ ରଂଗ କରାଯାଏ । ଦେହ ସାରା ଜଡା ତେଲ ଘର୍ଷଣ କରାଯାଏ । ସେଇଠୁ କଡ୍ଡୁକୁ ଏକ ସ୍ୱତନ୍ତ୍ର ଘରେ ରଖାଯାଏ । ଖାଇବା ଲାଗି ସ୍ୱତନ୍ତ୍ର ଭାବେ ଖାଦ୍ୟ ପ୍ରସ୍ତୁତ ହୁଏ । କୌଣସି ଅଇଁଠା ଖାଦ୍ୟ ଦେବା ମନା । ପ୍ରତିଦିନ ଗାଁର ଘର ଅନୁସାରେ ସ୍ୱତନ୍ତ୍ର ଭାବେ ଭାତ ଓ କାନ୍ଦୁଲ ଶିଝା ଖାଇବାକୁ ଦିଆଯାଏ । ସେଇ ପ୍ରସ୍ତୁତ ଖାଦ୍ୟକୁ କେହି ଖାଆନ୍ତି ନାହିଁ । କେବଳ କଡ୍ଡୁ ଲାଗି ହିଁ ରୋଷେଇ କରାଯିବାର ବିଧି ରହିଛି । ଏଇ ସମୟରେ ଦୈବାତ କଡ୍ଡୁ ଗାଁରେ କୌଣସି ଫସଲ ଖାଇଦେଲେ ତାକୁ ପୁଣ୍ୟ ବୋଲି ଚିନ୍ତା କରାଯାଏ । କେହି ତାକୁ ଆଘାତ ଦେବା ମନା । ଗାଁକୁ କଡ୍ଡୁ ପହଁଚିବା ପରେ ପ୍ରତିଦିନ ନାଚଗୀତର ଆସର ଚାଲେ । ଚାଷ ଅମଳ ପରେ ଡଂଗରିଆଙ୍କ ହାତରେ ଥାଏ



ଢେର ଅବସର ସମୟ । ସେଇ ସମୟତକ ପାରଂପରିକ ବାଦ୍ୟ ବଜାଇ ନାଚଗୀତ ମଧ୍ୟରେ ସମୟ କାଟେ । ଦିନରାତି ଏଇ ବାଜାର ଶବ୍ଦ ଅନ୍ୟ ଗାଁ ଲୋକଙ୍କୁ ଜଣାଇଦିଏ ମେରିଆ ପର୍ବର ପ୍ରସ୍ତୁତି ସଂପର୍କରେ । ଅନ୍ୟ ଗ୍ରାମର ଲୋକମାନେ ବି ଏଥିନେଇ ସଚେତନ ହୁଅନ୍ତି ।

ପୌଷ ମାସ ବେଳକୁ ମେରିଆର ପ୍ରକୃତ ଉତ୍ସବ ଆରମ୍ଭ ହୁଏ । ଦିଶାରୀ ଯୁଗ ଦେଖେ । ମେରିଆ ବଳି ଲାଗି ଦିନ ସ୍ଥିର ହୁଏ । ମେରିଆ ବଳିର ଦୁଇଦିନ ପୂର୍ବରୁ ପ୍ରାକ୍ ପୂଜୋତ୍ସବ ଗାଁରେ ହୁଏ । ମୋଟାମୋଟି ତିନି ଦିନ ଧରି ମେରିଆ ପର୍ବ ଚାଲେ ।



## ପ୍ରଥମ ଦିବସ

ପ୍ରଥମ ଦିନରେ ଛତର ପୂଜା ହୁଏ । ଛତର ପୂଜା ପୂର୍ବରୁ ଘରଗୁଡିକ ଲିପାପୋଛା ହୋଇ ଶୁଦ୍ଧିକରଣ କରାଯାଇଥାଏ । ସମସ୍ତେ ଭଲ ପୋଷାକ ପିନ୍ଧି ସଜବାଜ ହୋଇଥାନ୍ତି । ପ୍ରତି ଘର ସାମ୍ନାରେ କଦଳୀ କାନ୍ଦି ଓହଳିଥିବା ଦୁଇଟି ଗଛକୁ ଦୁଆର ମୁହଁରେ ସଜେଇଥାନ୍ତି । ସେହିପରି କୁଟେବାଲିଙ୍କ ଆସ୍ଥାନର ଦୁଇ ପାର୍ଶ୍ୱରେ ଏଭଳି ଫଳନ୍ତି କଦଳୀ ଗଛକୁ ସ୍ଥାପନ କରାଯାଇଥାଏ । ଏହାକୁ ଶୁଭ ବୋଲି ଧରନ୍ତି ସେମାନେ । ଜାନୀ ଘରେ ବର୍ଷତମାମ ପୂଜା ପାଇ ଆସୁଥାଏ ଛତର । ଛତର ଦେବତାଙ୍କ ପ୍ରତୀକ । ଅଗ୍ର ଭାଗରେ ପିତ୍ତଳ ଦ୍ୱାରା ଆଚ୍ଛାଦିତ ଏକ ସୁଉଚ୍ଚ ଲମ୍ବର ପୂଜା ପାଉଥିବା ବାଉଁଶକୁ ଛତର ଭାବେ ବିଶ୍ୱାସ କରନ୍ତି ଡଂଗରିଆ । ଛତରରେ ନୂଆ ଧଳା କପଡା ଲଗାଇବା ସହ ଜାନୀ କୁକୁଡା ବଳି ଦେଇ ଘରୁ ଆମନ୍ତ୍ରଣ ହୋଇ ଆସନ୍ତି କୁଟେବାଲି ନିକଟକୁ । କୁଟେବାଲି ଏଥିପୂର୍ବରୁ ସଜ୍ଜିତ ହୋଇଥାଏ । କୁଟେବାଲିର ଉପରେ ବାଉଁଶର ପାତ ଦ୍ୱାରା ଛାନ୍ଦୁଆ ଭଳି ଲଗା ଯାଇଥାଏ । ତାକୁ ପାଲାବାରା କୁହାଯାଏ । କୁଟେବାଲି ନିକଟରେ ଏକ ବେଲ ଗଛକୁ ପୋତାଯାଇଥାଏ । ବେଲ ଗଛ ସହ ଛତର ସ୍ଥାପନ କରାଯାଏ । ମୂଖ୍ୟ ଜାନୀ  କୁଟେବାଲି ନିକଟକୁ ଆସି ମନ୍ତ୍ର ପାଠ କରେ । ତାକୁ କାଳସୀ ଲାଗେ । ତା' ସହ ଆଖପାଖ ଗାଁର ଜାନୀମାନେ ଏକତ୍ରିତ ହୁଅନ୍ତି । ମନ୍ତ୍ରପାଠ ପରେ ମୁଠାଏ ଅରୁଆ ଚାଉଳକୁ ମନ୍ତୁରାଇ ଛେଳିକୁ ଖାଇବାକୁ ଦିଆଯାଏ । ପରେ ଘାତକ ଦ୍ୱାରା ସେଠାରେ ଛେଳିକୁ ବଳି ଦିଆଯାଏ । ତାର ଚକ୍ତକୁ କୁଟେବାଲି ଓ ଛତରରେ ଢଳାଯାଇ ପୂଜା କରାଯାଏ । ଏହାପରେ ପ୍ରତିଘରୁ କୁକୁଡା, ପାରା ଓ ଛେଳି ପୂଜନର ପରଂପରା ରହିଛି । ଜାନୀ ପ୍ରତି ଘରୁ ଆସିଥିବା ନୂଆ କୁଲାରେ ଥିବା ଚାଉଳକୁ ମନ୍ତୁରାଇ ଘରୁ ଆସିଥିବା କୁକୁଡା, ପାରା ଅବା ଛେଳିକୁ ବଳି ଖୁଆଯାଏ । ନୂଆବସ୍ତ୍ରକୁ ମୁଣ୍ଡରେ ଲଗାଇ ଫେରାଇ ଦିଏ । ପରେ ସେହି ବସ୍ତ୍ରକୁ ଘରର ପୁରୁଷ ଲୋକେ ପିନ୍ଧନ୍ତି । ପରେ କୁଟେବାଲି ନିକଟରେ ବଳି ଦେବା ଆରମ୍ଭ ହୁଏ । ବଳି ରକ୍ତକୁ ଛତର ନିକଟରେ ଢଳାଯାଏ । ଶରୀରରୁ ଅଲଗା ହୋଇଥିବା ମୁଣ୍ଡଗୁଡିକୁ କୁଟେବାଲି ନିକଟରେ ରଖାଯାଏ । ଏତିକିରେ ପ୍ରଥମ ଦିବସର ପୂଜା ସରିଯାଏ । କିନ୍ତୁ ଏଇଠୁ ଉତ୍ସବ ଆରମ୍ଭ ହୁଏ । ଗାଁକୁ ଅନ୍ୟ ଗ୍ରାମର ଲୋକ ଅତିଥିଭାବେ ଆସିବା ଆରମ୍ଭ କରନ୍ତି ।



ସାଲେବାଡା ନିକଟରେ ପୂର୍ବରୁ ବୈଠକରେ ନିର୍ଦ୍ଧାରିତ ପ୍ରକାରେ ପୁରୁଷଙ୍କୁ ମହିଳାମାନେ ଏବଂ ମହିଳାଙ୍କୁ ପୁଅମାନେ ସ୍ୱାଗତ କରି ପାଛୋଟି ନିଅନ୍ତି । ଗ୍ରାମ ଅନୁସାରେ ପ୍ରତି ଘରକୁ ଅତିଥି ଚର୍ଚ୍ଚାର ଦାୟିତ୍ୱ ଅର୍ପଣ କରାଯାଇଥାଏ । କାଡ୍ରାଗୁମ୍ମା କାଡ୍ରାକା ମୁଠାର ଅଂଶବିଶେଷ ହୋଇଥିବା ବେଳେ ସେଇ ଗ୍ରାମରେ ଥିବା ଅନ୍ୟ ମୁଠାର ଲୋକମାନେ ସୂତାରେ ବନ୍ଧା ହୋଇଥିବା ଆମ୍ବପତ୍ରରେ ଗୁଡା ହୋଇଥିବା କଂଚା ହଳଦୀ ଖଣ୍ଡିକୁ ଅତିଥିମାନଙ୍କ ହାତରେ ବାନ୍ଧନ୍ତି । ହଳଦୀ ପାଣିରେ ଗୋଡ ଧୁଅନ୍ତି । ତା ସହିତ ଗାଁର ଅତିଥିମାନଙ୍କୁ ଖଟିଆରେ ବସାଇ ଗାଁ ପରିକ୍ରମା କରାନ୍ତି । ଏହା ଡଂଗରିଆଙ୍କ ଅତିଥି ଚର୍ଚ୍ଚାର ମାଧ୍ୟମ । ଅତିଥିମାନେ ଯାହା ଦିଅନ୍ତି ତାକୁ ଏକତ୍ର ସଂଗୃହୀତ କରି ପୂଜା ପାଇଁ ବ୍ୟବହାର କରାଯାଏ । ଦିନରେ ଏସବୁ




କାମ ଚାଲିବା ସହ ଗାଁରେ ଭୋଜିଭାତର ଆସର ଚାଲେ ।

### ଦ୍ୱିତୀୟ ଦିବସ

କୁଆଁରୀ ଝିଅମାନେ ଝାଙ୍କିରୀ ପୀଠ ଓ କୁଟେବାଲି ନିକଟରେ ପାରଂପରିକ ଡଂଗରିଆ ଚିତ୍ରକଳାରେ ସଜେଇବା ଆରମ୍ଭ କରନ୍ତି । ପ୍ରାକୃତିକ ରଂଗ ସହ ଅଗ୍ର ଭାଗ ଛେଛା ହୋଇଥିବା ବାଉଁଶ କାଠି ସହାୟତାରେ ନିଜେ କାନ୍ଥ ଗୁଡିକରେ ଡଂଗରିଆଙ୍କ ଚିତ୍ର ଅଂକନ କରନ୍ତି । ଏଥିରେ ମୁଖ୍ୟତଃ ଚାରି ପ୍ରକାରର ରଂଗ ବ୍ୟବହାର କରିଥାନ୍ତି । ଦ୍ୱିତୀୟ ଦିନ ଜାନୀ ସହାୟତାରେ ଝାଙ୍କରୀ ପୀଠରେ ପୂଜା କରାଯାଏ । ଅନୁରୂପ ଭାବେ ଜାନୀ ପ୍ରଥମେ ଝାଙ୍କରୀ ପେନୁ ମୂଳେ ପୂଜା କରି ବଳି ଦିଏ । ତା ପରେ ପ୍ରତି ଘରୁ କୁକୁଡା ଆଣି ବଳି ଦିଆଯାଏ । ବଳି ପଡିଥିବା କୁକୁଡାକୁ ନେଇ ଘରେ ରୋଷେଇ କରି ପ୍ରସାଦ ରୂପେ କୁଣିଆ ସହ ଘର ଲୋକେ ମିଶି ଖାଆନ୍ତି ଓ ମଦ୍ୟପାନ କରନ୍ତି । ପାରଂପରିକ ଅସ୍ତ୍ର, ଟାଂଗି, ଫାର୍ଶା ସହ ସ୍ୱତନ୍ତ୍ର ଭାବେ ଢାମଣା କାଠରେ ତିଆରି ଏକ ଲାଠିକୁ ଧରି ନାଚି କରିଥାନ୍ତି । ଉପର ଭାଗ ମୁନିଆଁ ହୋଇଥିବା କୁଲୁମୁଣ୍ଡା, ଗୋଜିଆ ସହ ସାମନ୍ୟ ତଳକୁ ଖୋଦନ କରାଯାଇଥିବା ଜହ୍ନି ମୁଣ୍ଡା, ପାଲକା ମୁଣ୍ଡାକୁ କାନ୍ଧରେ ଧରି ଗାଁର ଏ ମୁଣ୍ଡରୁ ସେ ମୁଣ୍ଡ ହୋଇ କେବଳ ପୁରୁଷ ଲୋକେ ଦଳ ଦଳ ହୋଇ ବାଦ୍ୟର ତାଳେ ତାଳେ ନାଚି ଗାଇ ମଜା କରନ୍ତି ।  କାଠି ସହାୟତାରେ ନିଜର ଟାଂଗିରେ ଆଘାତ କରି ସୁନ୍ଦର ଶବ୍ଦ ସହ ଗୀତ ଗାଆନ୍ତି । ଗୀତରେ ବିଭିନ୍ନ ବିଷୟ ସାମିଲ ହୁଏ । ଅତୀତର କାହାଣୀ, ମେରିଆର ଗାଥା, ନିୟମ ରଜାର କଥା, ଚିରାଚରିତ ପରଂପରା, ଡଂଗରପାହାଡର କଥା, ଝୋଲା ଝରଣାର ବ୍ୟଥା, ହାଣ ମୁହଁକୁ ଯାଉଥିବା ପୋଢ ପ୍ରତି ସମ୍ବଦନଶୀଳତା, ମହିଳାମାନଙ୍କ ପ୍ରତି ପ୍ରେମ ନିବେଦନ ଆଦି ଗୀତରେ ଗୀତରେ କହିଥାନ୍ତି । ଗୀତକୁ ଗୀତ ମିଶାଇ ଜଣେ ପରେ ଜଣେ ଏଭଳି ଗୀତ ବୋଲିବା ପରଂପରା ଚାଲିଥାଏ ଦିନ ତମାମ୍ । ସନ୍ଧ୍ୟା ସମୟରେ ନିଆଁ ଲଗାଇ ତାର ଚାରିପଟେ ବାଦ୍ୟ ବଜାଇ ଗାଇବାର ପରଂପରା ରହିଛି । ଅବଶ୍ୟ ଏବେ ବିଜୁଳି ଆଲୁଅ ହେବା ପରେ ନିଆଁର ଧୁନି ଜାଳିବା ଦରକାର ପଡୁନି ।

## ମେରିଆ ହେଉଛି ବିଶ୍ୱାସର ପର୍ବ

ଗତ ତିରିଶ ବର୍ଷ ଧରି ଡଂଗରିଆ କନ୍ଧ ଉନ୍ନୟନ ସଂସ୍ଥାରେ ମୁଁ କାର୍ଯ୍ୟ କରି ଆସୁଛି । ବର୍ଷ ବର୍ଷ ଧରି ନିୟମଗିରିର ଡଂଗରିଆ କନ୍ଧ ଗ୍ରାମ ଗୁଡିକରେ ରହି ଆସିଛି । ସେମାନଙ୍କ ଜନଜୀବନ, ସଂସ୍କୃତି ଓ ପରଂପରାକୁ ନିଜ ଆଖିରେ ଦେଖିଛି । କ୍ରମଶଃ ବଦଳୁଥିବା ଡଂଗରିଆ ସଂସ୍କୃତିକୁ ମଧ୍ୟ ନିରେଖି ଦେଖିଛି । ମେରିଆରେ ମଣିଷ ବଳିକୁ ନେଇ ଅନେକ କଥା ଓ କାହାଣୀ ବୟସ୍କ ଡଂଗରିଆଙ୍କ ଠାରୁ ଶୁଣିଛି । ସେତେବେଳେ ଉଭୟ ପୁଅ ଓ ଅବିବାହିତ କନ୍ୟାଙ୍କୁ କୁଆଡେ ବଳି ଦିଆ ଯାଉଥିଲା । କିଏ ବଳି ପଡିବ କୌଣସି ଡଂଗରିଆ ଜାଣିପାରୁ ନ ଥିଲେ । ମେରିଆ ଦିନ ହିଁ ଲୋକଲୋଚନକୁ ଆସୁଥିଲା ମେରିଆ ବଳି ଲାଗି ରହିଥିବା ମଣିଷ । ପାଖାପାଖି ତିରିଶିଟି ମେରିଆ ପରବରେ ସାମିଲ ହୋଇଛି । ପୂର୍ବେ ମେରିଆ ଯାତ୍ରାକୁ ନେଇ ଡଂଗରିଆଙ୍କ ଭିତରେ ବିଶେଷ ଉତ୍ସାହ ଥିଲା । ମାସ ମାସ ଧରି ନାଚଗୀତରେ ମସ୍‌ଗୁଲ୍ ହେଉଥିଲେ ଡଂଗରିଆ । ରାତି ରାତି ଧରି ନାଚୁଥିଲେ । ଏବେ ଆଧୁନିକତା ପଶି ଆସିଛି । ପୂର୍ବ ମାଦକତା ନାହିଁ । କେବଳ ପରଂପରାକୁ ପାଳନ କରିବା ଲାଗି ଚାଲିଛି ମେରିଆ ପରବ । କିନ୍ତୁ ସେମାନଙ୍କ ଭିତରେ ସେଇ ବିଶ୍ୱାସ ଆଜି ବି ଅଛି । ବସନ୍ତ, ଝାଡାବାନ୍ତି କିମ୍ବା ଭୂତପ୍ରେତ ଭଳି କଥା ଆସିଲେ ଡଂଗରିଆ ମେରିଆର ଶୁଖା ମାଂସକୁ ଘୋରି ଖାଉଛି । ମେରିଆ କେବଳ ଏକ ପାରଂପରିକ ପ୍ରଥା ନୁହେଁ ଡଂଗରିଆଙ୍କ ପାଇଁ ବିଶ୍ୱାସ ଓ ଅସ୍ମିତାର ପର୍ବ ।



**ସୂର୍ଯ୍ୟ ନାରାୟଣ ପାଢୀ**
କର୍ମଚାରୀ ତଥା ଡଂଗରିଆ କନ୍ଧ ସଂସ୍କୃତି ବିଶେଷଜ୍ଞ
ଡଂଗରିଆ କନ୍ଧ ଉନ୍ନୟନ ସଂସ୍ଥା, ଚାଟିକଣା, ରାୟଗଡା

### ତୃତୀୟ ଦିବସ

ସକାଳୁ ସକାଳୁ ଗାଁ ଚଳଚଂଚଳ ହୋଇଯାଏ ।  କଡ୍ଡୁ ବା ପୋଢକୁ ସ୍ୱତନ୍ତ୍ର ଘରୁ ବାହାରକୁ ଅଣାଯାଇ ତାକୁ ଭଲ ଭାବେ ଗାଧୋଇ ଦିଆଯାଏ । ଶିଂଘରେ ଗେରୁ ରଂଗ ଲଗାଯାଏ ।  ମୁଣ୍ଡରେ

ହଳଦୀ ଲଗାଯାଏ । ଗୋଡଗୁଡ଼ିକୁ ହଳଦୀ ପାଣିରେ ଧୁଆଯାଏ । ଦେହସାରା ଜଡା ତେଲ ଲଗାଯାଏ । ବେକରେ ଜାନୀ ଦ୍ୱାରା ଅଭିମନ୍ତ୍ରିତ ଫୁଲ ମାଳକୁ ପୋଢ ବେକରେ ପିନ୍ଧାଯାଏ । ତାକୁ ନେଇ ଝାଙ୍କରୀ ପୀଠ ନିକଟରେ ଥିବା କୁଡୁ ମୁଣ୍ଡା ନିକଟରେ ବନ୍ଧା ଯାଏ । ପୋଢ ପୂଜା ସରିଲା ପରେ ଜାନୀ ଗାଁର ପ୍ରତି ଘରକୁ ଯାଏ । ଘରେ ହାନଲା କୁଡା ବା ଦେବତା ଘର ନିକଟରେ ପୂଜା କରେ । ଏଥିପାଇଁ ସକାଳୁ ଘରର ମୁରବୀ ପୂର୍ବ ପ୍ରସ୍ତୁତି ହୋଇଥାଏ । ଜାନୀକୁ ଘରକୁ ପାଛୋଟି ଆଣିଲା ପରେ ହାନଲା କୁଡା ନିକଟରେ ଇଷ୍ଟକୁ ସୁମରଣା କରି କୁକୁଡା ବଳି ଦିଏ ଜାନୀ । ପ୍ରତି ଘରେ ଏମିତି ପୂଜା କରେ ଜାନୀ । ଶେଷ ଦିନରେ ଜାନୀ ଦିନତମାମ୍ ଅଖିଆ ହୋଇ ଉପବାସ କରେ । କେବଳ ମହୁଲ ମଦ ସମୟେ ସମୟେ ମୁନ୍ଦେ ମୁନ୍ଦେ ପିଇଥାଏ । ଗାଁରେ ଜାନୀ ଘରଗୁଡିକରେ ପୂଜା ସରିଲା ପରେ ଝାଙ୍କିରୀ ପୀଠରେ କୁକୁଡା ବଳି ଦେଇ ପୂଜା କରେ । ଏଇ କୁକୁଡାକୁ ସେଠାରେ ରୋଷେଇ କରି ଡଂଗରିଆ ପୁରୁଷମାନେ ପ୍ରସାଦ ରୂପେ ଖାଆନ୍ତି । ଏହାପରେ ବଳି ଲାଗି ଉର୍ଦ୍ଦିଷ୍ଟ ପୋଢକୁ ବାଦ୍ୟ ବଜାଇ ଘରକୁ ଘର ବୁଲାଯାଏ । ଘର ନିକଟକୁ ପୋଢ ପହଁଚିବା ପରେ ଘର କର୍ତ୍ତୀ ହଳଦୀ ପାଣିରେ ଗୋଡ ଧୋଇବା ସହ ଶିଂଘରେ ଗେରୁଆ ରଂଗ ଲଗାଏ । ପୋଢ ଲାଗି ପ୍ରସ୍ତୁତ ହୋଇଥିବା ଅନ୍ନକୁ ଖାଇବାକୁ ଦିଆଯାଏ । ଏଥିସହ ପ୍ରାର୍ଥନା କରେ । ଗାଁର ଭଲ ଲାଗି ଦେବତାଙ୍କ ନିକଟରେ ପ୍ରାଣ ବଳି ଦେଉଥିବାରୁ ପୋଢ ନିକଟରେ କ୍ଷମାପ୍ରାର୍ଥନା କରେ । ପୋଢକୁ କେବଳ ନିଜ ଗ୍ରାମରେ ନୁହେଁ ଆବଶ୍ୟକସ୍ଥଳେ ନିକଟବର୍ତ୍ତୀ ଗ୍ରାମକୁ ମଧ୍ୟ ବୁଲେଇବାକୁ ନିଆଯାଏ । ପୋଢକୁ ବୁଲେଇବା କାର୍ଯ୍ୟକ୍ରମ ପରେ ଶେଷରେ ପଦର ନିକଟକୁ ନିଆଯାଏ । ପଦର କହିଲେ ଗ୍ରାମର ପୁରୁଣା ଝାଙ୍କିରୀ ପୀଠ । ସେଠି ପୂର୍ବରୁ ବଳି ଲାଗି ସମସ୍ତ ବନ୍ଦୋବସ୍ତ କରାଯାଇଥାଏ । ପୋଢକୁ ରଖିବା ଲାଗି ଅର୍ଗଳି ବା ଗରଡା କାଠ ପୋତି ତିଆରି କରାଯାଏ । ସଂଜରୁ ଅଧିକରୁ ଅଧିକ ଲୋକଙ୍କ ସମାଗମ ଆରମ୍ଭ ହେବା ଲାଗିଯାଏ । ଏଇ କାରଣରୁ ସାଲେବାଡା ନିକଟରେ କୌଣସି ଅପ୍ରିତୀକର ପରିସ୍ଥିତି ସୃଷ୍ଟି ନ କରିବା ଲାଗି ପ୍ରତିଜ୍ଞା ସହ ଭିତରକୁ ପ୍ରବେଶ କରିବା ଲାଗି ସମସ୍ତ ବ୍ୟବସ୍ଥା ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥାଏ । ପଦର ନିକଟ ବିସ୍ତୃତ ଅଂଚଳକୁ ସଫାସୁତୁରା କରା ଯାଇଥାଏ । ଏଠାରେ ସମସ୍ତ ଲୋକଙ୍କ ସମାଗମ ହୋଇଥାଏ ରାତିରେ । ମଧ୍ୟରାତ୍ର ଅତିକ୍ରାନ୍ତ ପରେ ପ୍ରଥମେ ପିତାପାଜି କରାଯାଏ । ପିତାପାଜି କ୍ରମରେ ଦୁଇଟି କୁକୁଡା ବଳି ସହ ଘୁଷୁରୀ ବଳି ଦିଆଯାଏ । ପାହାନ୍ତ ପହର ବେଳକୁ ପୋଢର ବେକକୁ ଅର୍ଗଳି ଭିତର ଭର୍ତ୍ତି କରାଯାଏ । ଜାନୀକୁ କାଳସୀ ଲାଗି ଯାଇଥାଏ । ଏତିକିବେଳେ ଲାଠି ଧରି ଚାରି ସ୍ତରରେ ଗୋଲେଇ ହୋଇ ପ୍ରହରୀ ଭଳି ଗାଁଲୋକେ ସଜେଇ ହୋଇ ରହିଯାନ୍ତି ଯେଉଁଭଳି କୌଣସି ଲୋକ ସମୟ ପୂର୍ବରୁ ପୋଢ ଉପରେ ଚୋଟ ନ ପକାଇପାରେ । ବାହାରେ ବିଭିନ୍ନ ଲୋକ ନିଜର ତୀକ୍ଷଣ ଟାଂଗି ଧରି ଉଦଣ୍ଡ ନାଚରେ ମସ୍‌ଗୁଲ୍ ହୋଇ ରହିଥାନ୍ତି । ଘାତକ ପ୍ରସ୍ତୁତ ଥାଏ ବଳି ଚୋଟ ଦେବାକୁ । କିନ୍ତୁ ଅନେକ ସମୟରେ ମେରିଆ ପୋଢ ଉପରେ ପ୍ରଥମ ଚୋଟ ଦେବାର ଗୌରବ ହାସଲ ଲାଗି ହମ ହମ ହେଉଥାନ୍ତି ଡଂଗରିଆ ଯୁବକ । ଏଇକ୍ରମରେ ଚାରିଥାକିଆ ମାନବ ସୁରକ୍ଷା ବଳୟ ଭେଦି କିଏ ଯଦି ଭିତରେ ପଶି ପୋଢ ଉପରେ ବଳି ଚୋଟ ଦିଏ । ସେ ଉତ୍‌ଫୁଲିତ ହୋଇ ନାଚି ଉଠେ । ସେ ଡଂଗରିଆ ଜନଜାତି ପାଖରେ ଗୌରବର ଅଧିକାରୀ ହୁଏ । ତେବେ ଏଭଳି କରିବା ମାତ୍ରେ ଅନ୍ୟମାନେ ବଳୟ ଭେଦି ଭିତରକୁ ଯିବାକୁ ଉଦ୍ୟମ କରନ୍ତି । ତାପରେ ବଳୟ ଖୋଲିଯାଏ । ଏଭଳି ଠେଲାପେଲା ଭିତରେ ଟାଂଗିଆ ଚୋଟରେ ଡଂଗରିଆମାନେ କ୍ଷତାକ୍ତ ହୁଅନ୍ତି । ପୋଢର ରକ୍ତ ସହ ଏବେ ବି ମଣିଷ ରକ୍ତ ପଦର ନିକଟରେ ପଡେ । ଏକଦା ମେରିଆରେ ମଣିଷ ବଳି ଦେଇ ତାର ରକ୍ତ ତର୍ପଣ କରା ଯାଉଥିବା କଥା ଅନେକାଂଶରେ ଏବେ ବି ସତ୍ୟ ପ୍ରମାଣିତ ହେଉଛି ଏବଂ ମେରିଆର ମହିମାକୁ ବହୁ ଗୁଣିତ କରୁଛି ।

ଠେଲାପେଲା ହୋଇ ପୋଢର ବିଭିନ୍ନ ଅଂଶକୁ ହାଣି ଓ ହାତରେ ଧରି ଦୌଡିବାର ବିଭତ୍ସ ରୂପ ଦେଖିଲେ ଲୋମ ଟାଂକୁରୀ ଉଠେ । ନିରୀହ ପ୍ରାଣୀଟି କଲବଲ ହୋଇ ଗାଁ ଗାଁ ହେଉଥିବା ବେଳେ ବାଜା ସହ ତାର ବିଭିନ୍ନ ଅଂଶକୁ ପାଇ ଡଂଗରିଆମାନେ ଉତ୍‌ଫୁଲିତ ହୋଇ ନାଚନ୍ତି । ଏଇ ଦୃଶ୍ୟ ବେଶ ହୃଦୟ ବିଦାରକ ଲାଗେ । ହୃଦୟ ଥରି ଉଠେ । ଆଖି ପତା ଆପେ ଆପେ ବୁଜି ହୋଇଯାଏ । ଧୀରେ ଧୀରେ ଛଟପଟ ହେଉଥିବା ଶରୀର ଥମ ହୋଇ ରହିଯାଏ । ସେହି ସ୍ଥଳରେ ରକ୍ତର ଧାର ଛୁଟେ । ପୋଢର ମୁଣ୍ଡକୁ ଧରଣୀ ପେନୁ ନିକଟରେ ରଖଯାଏ । ପିଚିକାରୀ ମାରୁଥିବା ରକ୍ତକୁ ସିଆଳି ପତ୍ରର ଠୋଲାରେ ରଖି ଦେବୀଙ୍କୁ ଅର୍ପଣ କରାଯାଏ । ସେଥିରୁ କିଛି ଅଂଶକୁ ଡଂଗରିଆମାନେ ନିଜ ଜମିରେ ପୋତି ଦିଅନ୍ତି । ଭଲ ଫସଲ ହେବା ପାଇଁ ଧରଣୀ ପେନୁକୁ ପ୍ରାର୍ଥନା କରେ । ଆଉ ବାକି କିଛି ଅଂଶକୁ ଘରେ ସାଇତି ରଖିବା ଲାଗି ରଖେ । ଏଇ ମାଂସକୁ ଶୁଖାଇ ଘରର ହାନଲକୁଡା ନିକଟରେ ସାଇତି ରଖେ । ଗାଁରେ କେବେ ଝାଡାବାନ୍ତି ହେଲେ ଅଥବା ଗାଁରେ କିଛି ମଡକ ହେଲେ ଏହା ମହୌଷଧି ଭଳି କାମ କରେ । ପିଲାଙ୍କ ନିକଟରେ ଡୁମାର ଭୟ ଥିଲେ ସେହି ମାଂସକୁ ଘୋରି ଖାଇଲେ ତୁରନ୍ତ ସୁଫଳ ମିଳେ ବୋଲି ବିଶ୍ୱାସ ରହିଛି । ଏଥିପାଇଁ ଘରେ ଘରେ ମେରିଆ ବଳିର ମାଂସକୁ ଶୁଖେଇ ରଖିଥାଁ ଡଂଗରିଆ ପରିବାର । ମେରିଆ ବଳି ପରେ ମାଂସକୁ ନେଇ ବଡ ଧରଣର ଭୋଜି ହୁଏ । ବାହାର ଅତିଥି ସହ ଗାଁର ସମସ୍ତେ ମିଳି ମିଶି ଖାଆନ୍ତି । ପରେ ମେରିଆରେ ବ୍ୟବହୃତ ସାମଗ୍ରୀ ଝାଙ୍କିରୀ ପୀଠରେ ସାଇତା ହୋଇ ରହେ । ସେହିପରି ବ୍ୟବହୃତ ଅସ୍ତ୍ରଶସ୍ତ୍ର ଜାନୀ ଘରେ ରୁହେ ଆଗାମୀ ମେରିଆ ପରବ ଲାଗି ।

ଏକାଧିକ ପଶୁପକ୍ଷୀଙ୍କ ବଳିକୁ ନେଇ ଏଇ ପରବର ହୃଦୟ ବିଦାରକ ଦୃଶ୍ୟ ଶବ୍ଦରେ ପ୍ରକାଶ କରିହେବନି । କିଛି ସମୟ ପାଇଁ ବିଚଳିତ ହେବାକୁ ବାଧ୍ୟ ହେବାକୁ ପଡେ । ଅତି ନିର୍ମମ ଅଥଚ ହାଲ୍‌କା ଭାବେ ପଶୁପକ୍ଷୀଙ୍କ ବେକକୁ କାଟି ଯେଉଁଭଳି ଟାଂଗି ଧରି ହର୍ଷ ଉଲ୍ଲାସରେ ଡଂଗରିଆମାନେ ନାଚି ଯାଆନ୍ତି ତାହା ଅତ୍ୟନ୍ତ ଦୁଃଖ ଲାଗେ । ନିରୀହ ପଶୁପକ୍ଷୀଙ୍କ ଅସହାୟ ଆଖିଗୁଡିକ ମନରେ ନାଚି ଉଠେ । ଛଟପଟ ହେଉଥିବାର ବୀଭତ୍ସ ଦୃଶ୍ୟ ବିଚଳିତ କରେ । ମନ ମରିଯାଏ । ଏମିତି ଅକଥନୀୟ ଅବ୍ୟକ୍ତ ଦୁଃଖ ଓ ଯନ୍ତ୍ରଣାକୁ ଧରି ଲେଉଟିବାକୁ ପଡିଲା ମେରିଆ ପରବରୁ । ଫେରିବା ବାଟରେ ନିୟମଗିରିର ପାହାଡ ପୁଂଜ, ଜଂଗଲ ଝରଣା ସେମିତି ଗୁଂଜରିତ ହୋଇ ସ୍ୱାଭାବିକ ଭାବେ ନିଜର ଉପସ୍ଥିତି ଜାହିର କରୁଥିଲେ । କିନ୍ତୁ କେତେ କେତେ ମଣିଷ, ଜୀବଜନ୍ତୁଙ୍କ ଆର୍ତ୍ତ ଚିତ୍କାର ଏଇ ପ୍ରକୃତି ଭିତରେ ଲୁଚି ଯାଇଥିବ ତାର ହିସାବ ହୁଏତ କାହା ନିକଟରେ ନ ଥିବ !

## ମଣିଷ ବଳିର କାହାଣୀ

ମେରିଆ କଥା ଆଲୋଚନା କଲାବେଳେ ସେଇ ମହାନ ବିଦେଶୀ ନୃତତ୍ୱବିତ୍ ଭେରିଅର୍ ଏଲୱିନ(Verrier elwain)ଙ୍କ କଥା ମନେପଡେ । ମେରିଆ ସଂପର୍କରେ ସେ ଅନେକ ଅନାଲୋଚିତ ଫର୍ଦ୍ଦ ଓଲଟାଇଥିଲେ । ଗହନ ବନ ଭିତରେ ବିଶ୍ୱାସ ଓ ପରଂପରା ନାମରେ ଘଟି ଯାଉଥିବା ଲୋମ ଟାଂକୁରା କଥାକୁ ଲୋକ ଲୋଚନକୁ ଆଣିଥିଲେ । ପ୍ରାକ-ସ୍ୱାଧୀନତା କାଳରେ ଓଡିଶା ବିଶେଷକରି ଅବିଭକ୍ତ କୋରାପୁଟ ଭୂଖଣ୍ଡ ଗସ୍ତ କଲାବେଳେ ଜନଜାତିକୁ ନେଇ ବହୁ ତଥ୍ୟ ଉନ୍ମୋଚନ କରିଥିଲେ । ଏଇକ୍ରମରେ ମେରିଆକୁ ନେଇ କିଛି ମାର୍ମିକ ତଥ୍ୟ ଉଲ୍ଲେଖିତ କରିଛନ୍ତି । ଏକଦା ଆଦିବାସୀ ଗାଁଗୁଡିକ ବୁଲିଲା ବେଳେ ଥରେ ଜଣେ ଜାନୀଙ୍କୁ ମେରିଆରେ ବ୍ୟବହୃତ ସାମଗ୍ରୀ ଓ ମେରିଆ ସ୍ଥଳକୁ ଦେଖାଇ ସେ ପ୍ରଶ୍ନ କରିଥିଲେ- "ଏସବୁ ଦେଖିଲେ ତୁମର କିଛି ପ୍ରତିକ୍ରିୟା ହୁଏନି କି ?" ଜାନୀ ଜଣକ ଭାବବିହ୍ୱଳ ହୋଇ ଉତ୍ତର ଦେଲେ- "ଏସବୁ ଦେଖିଲେ ହୃଦୟ ମନ୍ଥି ହୋଇଯାଏ । ମେରିଆ ପର୍ବରେ ତ ଥରେ ବଳି ଦିଆଯାଏ । କିନ୍ତୁ ଏହାକୁ ଦେଖିଲେ ଲାଗୁଛି ପ୍ରତିଦିନ ମୁଁ ପୁଅକୁ ବଳି



ଦେଉଛି । ଭୟ ଓ ଆତଙ୍କରେ ଦିନ କଟୁଛି । ଆଗାମୀ ବଳି କାହାକୁ ଦିଆଯିବ ସେଥିନେଇ ଚିନ୍ତା ଲାଗି ରହୁଛି !” ଏଥିରୁ ଜଣାପଡେ କେତେ ଭୟଙ୍କର ଓ ଦାରୁଣ ଦୁଃଖ ଭରା ଥିଲା ଏଇ ମେରିଆ ପରବ । ସେତେବେଳେ ମଣିଷ ବଳି ଦିଆ ଯାଉଥିଲା । ଜନଜାତିର ଜନଶ୍ରୁତି ମୁତାବକ ପ୍ରଥମେ ସମଗ୍ର ଆଦିବାସୀ ଜନଜାତିର କଲ୍ୟାଣ ସାଧନ ପାଇଁ ଜାନୀ ନିଜକୁ ସମର୍ପିତ କରୁଥିଲା ଧରତୀ ପେନୁ ନିକଟରେ । ସେଥିପାଇଁ ଧରତୀ ରାଣୀର ସନ୍ତୁଷ୍ଟି ଲାଗି ଜାନୀ ନିଜ ପିଲାଙ୍କୁ ବଳି ଚଢାଉଥିଲା । ନରବଳି ଦେଇ ମାଟି ମାଆକୁ ସନ୍ତୁଷ୍ଟ କରୁଥିଲା । ପରବର୍ତ୍ତୀ ସମୟରେ ଜନଜାତିର ଲୋକେ ଆପଣାର ଲୋକଙ୍କୁ ହରାଇବା ଦୁଃଖକୁ ଏଡାଇବା ଲାଗି ଅନ୍ୟ ପନ୍ଥା କାଳେ ଆପଣେଇଥିଲେ । ଏହି ଅଜଣା ଅଂଚଳକୁ  ବୁଲି ଆସୁଥିବା ଅଚିହ୍ନା ଯୁବକଙ୍କୁ ଅପହରଣ କରି ଘରେ ବନ୍ଦୀ ଭାବେ ରଖୁଥିଲେ । ମେରିଆ ବଳି ଭାବେ ପରେ ତାକୁ ବ୍ୟବହୃତ କରୁଥିଲେ । ବିଭିନ୍ନ ମହଲରୁ ଦାବୀ ଓ ନିବେଦନକ୍ରମେ ନରବଳି ବଦଳରେ ପୋଢ ବଳି ଦିଆଯାଉଛି । ତେବେ ଇଂରେଜ ଶାସନକାଳରୁ ଏଥିରେ ସଂସ୍କାର ଆସିଥିବା କୁହାଯାଉଛି । ସମୟ ବଦଳିଛି ଅଥଚ ପରଂପରା ବନ୍ଦ ହୋଇନି । ଆଜି ବି ମେରିଆ ପରବ ହୁଏ । ବଳି ଦିଆଯାଏ । କଟା ମୁଣ୍ଡରୁ ନିଗିଡି ପଡୁଥିବା ରକ୍ତକୁ ଧରିତ୍ରୀ ମାଆକୁ ସମର୍ପି ଦିଏ । ନାଚଗୀତରେ ମସ୍‌ଗୁଲ୍ ରହେ ।

ଏଇକ୍ରମରେ ଆମେ ଅନ୍ୟ ଏକ ଡଂଗରିଆ ଗାଁ ଗର୍ତଲୀକୁ ଗଲୁ । ମଣିଷ ବଳି ଦିଆ ଯାଉଥିବା ଶିକୁଳିର ଅଂଶ ବିଶେଷକୁ ଏଯାଏଁ ଏକ ପଥର ଖୋଲରେ



ସାଇତି ରଖା ଯାଇଥିବା ଖବର ପାଇବା ପରେ ଉତ୍ସୁକତା ବଢିଗଲା । ସେଠାରେ ପହଁଚି ଆମେ ଖୋଜିଲୁ ଜାନୀ ଲକ୍ଷ୍ମଣ ଓଡକାଙ୍କୁ । ଡଂଗରକୁ ଯାଇଥିଲେ ସେ । ଖବର ପାଇବା ପରେ ତୁରନ୍ତ ଆସିଲେ । ଆମ ଆଗ୍ରହକ୍ରମେ ସେ ଗାଁ ପାଖ ଏକ ମୁଣ୍ଡିଆ ବିରାଟ ପଥର ନିକଟକୁ ନେଲେ । ପଥର ଭିତରେ ଥିବା ଖୋଲରେ ହାତ ଭର୍ତ୍ତି କରି  ବାହାର କଲେ ଶିକୁଳିର ଅଂଶ ବିଶେଷ । ଅତୀତରେ ମେରିଆ ବଳି ବେଳେ ମଣିଷକୁ ଶିକୁଳିରେ ବନ୍ଧା ଯାଉଥିଲା । ମେରିଆ ବଳି ପରେ ସେହି ଶିକୁଳିକୁ ପୁଣି ଆଣି ପଥର ଖୋଲ ଭିତରେ ରଖା ଯାଉଥିଲା । ପରଂପରାକ୍ରମରେ ଏମିତି ଚାଲି ଆସୁଥିଲା । ଏବେ ସ୍ମୃତି ହୋଇ କେବଳ ପଥର ଖୋଲ ଭିତରେ ରହିଛି ତାର ଅଂଶ ବିଶେଷ । ଏହା ଦେଖିବା ପରେ ମଣିଷକୁ ବଳି ଦିଆ ଯାଉଥିବା କଥା ଯାହା ଶୁଣୁଥିଲୁ ସେଥିରେ ବିଶ୍ୱାସ କରିବାକୁ ବାଧ୍ୟ ହେଲୁ ।

ଆଇନକାନୁନ



**ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।**

## ଆଇନ ପରାମର୍ଶ - ୧୧

# ଆଇନରେ ଦ୍ୱିତୀୟ ବିବାହ




**ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍

ଫୋନ : ୯୩୦୯୧୧୯୬୨୫


ବିବାହ ଏକ ପବିତ୍ର ବନ୍ଧନ । ବେଳେବେଳେ ଭୁଲ୍ ବୁଝାମଣା ଯୋଗୁଁ ବିବାହ ପରି ପବିତ୍ର ସମ୍ପର୍କରେ ଫାଟ ଆସିଥାଏ । ଯଦ୍ୱାରା ଡିଭୋର୍ସ ଆଡ଼କୁ କଥା ଯାଇଥାଏ । ଡିଭୋର୍ସ ପରେ ବହୁତ ଜଣ ଦ୍ୱିତୀୟ ବିବାହ କରିଥାନ୍ତି । ଏହି ଦ୍ୱିତୀୟ ବିବାହ କେତେବେଳ ଓ କେମିତି ଆଇନ୍ ସଙ୍ଗତ ହୋଇଥାଏ ଆସନ୍ତୁ ଜଣିବା ।

ସୁପ୍ରିମକୋର୍ଟ ରାୟ ଅନୁସାରେ ଏହି ଦ୍ୱିତୀୟ ବିବାହ କେତେବେଳେ ଓ କେମିତି ମାନ୍ୟ, ବିସ୍ତୃତ ଭାବେ ଜାଣିବା । ସବୁକିଛି ଜାଣିଲା ପରେ ଆପଣ କିମ୍ବା ଆପଣଙ୍କ ପରିବାରର କୌଣସି ସଦସ୍ୟ କି ସମ୍ପର୍କୀୟ ଯଦି ଏପରି ପରିସ୍ଥିତି ଦେଇ ଗତି କରୁଥିବେ, ତେବେ ଆପଣ ମଧ୍ୟ ତାଙ୍କୁ ସଠିକ୍ ପରାମର୍ଶ ଦେଇ ପାରିବେ ।

ଆମେ ସମସ୍ତେ ଜାଣିଛେ, ଦ୍ୱିତୀୟ ବିବାହ ଆଇନ୍ ବିରୋଧୀ ଅଟେ ବା ଅପରାଧ ବୋଲି ସମସ୍ତେ ଜାଣିଥାଉଁ । ଯଦି ଦ୍ୱିତୀୟ ବିବାହ କରୁଛନ୍ତି ତେବେ ଦଣ୍ଡ ମିଳିବ । ଯଦି ଦ୍ୱିତୀୟ ବିବାହ କରିବାର ଅଛି ତେବେ ପ୍ରଥମ ବିବାହକୁ ସମ୍ପୂର୍ଣ୍ଣ ଭାବେ ସମାପ୍ତ କରିବା ପରେ ଯାଇ ଦ୍ୱିତୀୟ ବିବାହ କରିପାରିବେ ।

ନିକଟରେ ଦିଲ୍ଲୀ କୋର୍ଟରେ ଏପରି ଏକ ମାମଲା ସାମ୍ନାକୁ ଆସିଥିଲା, ଯେଉଁଠି ଦ୍ୱିତୀୟ ବିବାହକୁ ଅବୈଧ ଘୋଷଣା କରି ଦିଆଯାଇଥିଲା । ଏହି ମାମଲା ସୁପ୍ରିମକୋର୍ଟକୁ ଯିବା ପରେ ଏହା Valid Second Marriage ଦର୍ଶା ଯାଇଥିଲା । ମାମଲାଟି ଏହିପରି ଥିଲା ଯେ ପତିପତ୍ନୀଙ୍କର ଡିଭୋର୍ସ ମାମଲା ଚାଲିଥିଲା ଏବଂ ଡିଭୋର୍ସ ମଂଜୁର୍ ମଧ୍ୟ ହୋଇଗଲା । ତା'ପରେ ପତ୍ନୀ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ୍ କଲେ ଯେ ଡିଭୋର୍ସ ଯେଉଁ ଗ୍ରାଉଣ୍ଡରେ ମଂଜୁର୍ ହୋଇଛି ତାହା ଭୁଲ୍ । ଏହାପରେ ଦିଲ୍ଲୀ ହାଇକୋର୍ଟରେ ମାମଲା ଚାଲିଲା । ସେହି ଭିତରେ ପତିପତ୍ନୀଙ୍କ ମଧ୍ୟରେ ପରସ୍ପର ବୁଝାମଣା ହୋଇ ଅପିଲ୍‌କୁ ଫେରାଇ ନେବାକୁ ସ୍ଥିର କଲେ । ସମସ୍ୟାର ସମାଧାନ ହେଲା ।

ତା'ପରେ ସେମାନେ ଅପିଲ୍ ପାଇଁ ପିଟିସନ୍ (ଆବେଦନ ପତ୍ର) ଦେଲେ, ଅପିଲ୍‌କୁ ୱିଥ୍‌ଡ୍ର (ଫେରାଇ ନେବାକୁ) କରିବାକୁ । ଏହି ସମୟରେ ପତି ଦ୍ୱିତୀୟ ବିବାହ କରିନେଲେ । ସେତେବେଳେ ମାମଲାଟି ଚାଲିଥିଲା । ଯେତେବେଳେ ଦ୍ୱିତୀୟ ବିବାହ କଥା ହାଇକୋର୍ଟରେ ଜଣାଗଲା ସେତେବେଳେ ହାଇକୋର୍ଟ ଦ୍ୱିତୀୟ ବିବାହକୁ ଖରଜ କରିଦେଲା । ଦ୍ୱିତୀୟ ବିବାହ ମାନ୍ୟ ନୁହେଁ ବୋଲି ଜଣାଇଲା । କାହିଁକି ନା ମାମଲାଟି ଚାଲୁ ରହିଥିଲା, ସମାପ୍ତ ହୋଇ ନଥିଲା ।

ଏହି ମାମଲା ଯେତେବେଳେ ସୁପ୍ରିମକୋର୍ଟକୁ ଗଲା ସୁପ୍ରିମକୋର୍ଟ ଏହାର Interpretation କଲା ଏବଂ ସୁପ୍ରିମକୋର୍ଟ କହିଲା, ଡିଭୋର୍ସ ମଂଜୁର୍ ହୋଇ ସାରିଛି ଏବଂ ପତିପତ୍ନୀ ପରସ୍ପର ମଧ୍ୟରେ ବୁଝାମଣା ହୋଇ ସାରିଥିଲା ଅପିଲ୍‌କୁ Withdrew କରିବା ପାଇଁ । Withdrew ପାଇଁ ଆପ୍ଲିକେସନ ମଧ୍ୟ ଦିଆ ସରିଥିଲା । ଏହାପରେ ଦୁଇଜଣଙ୍କ ମଧ୍ୟରୁ ଜଣେ କେହି ଦ୍ୱିତୀୟ ବିବାହ କଲେ ଦ୍ୱିତୀୟ ବିବାହକୁ Valid Second marriage ବୋଲି ଧରାଯିବ ।

ଭିନ୍ନ ଭିନ୍ନ କେସ୍ ଉପରେ ଏହାର ରାୟ ନିର୍ଭର କରେ । ଯଦି ଆପଣ ଡିଭୋର୍ସକୁ ନେଇ କିଛି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କିମ୍ବା ଡିଭୋର୍ସ ଉପରେ କିଛି ଜାଣିବାକୁ ଚାହୁଁଛନ୍ତି, ତେବେ ନିକଟସ୍ଥ ଆଇନଜୀବୀଙ୍କ ସହ ପରାମର୍ଶ ତୁରନ୍ତ କରନ୍ତୁ ।









# ପଳାଶ ପସରା

ଜନ୍ମରୁ ମୃତ୍ୟୁ ଯାଏଁ, ଶୁଭେଚ୍ଛାରୁ ଶ୍ରଦ୍ଧାଞ୍ଜଳି ଯାଏଁ, ସବୁଠି ସମସ୍ତଙ୍କର ହୃଦୟକୁ ଛୁଇଁଥାଏ ଫୁଲ । ଜୀବନର ପ୍ରତିଟି ସଫଳତାରେ ଫୁଲ ମାଧ୍ୟମରେ ହିଁ ଆମେ କାହା ପ୍ରତି ଆମର ଭାବାବେଗ ପ୍ରତିପାଦନ କରିଥାଉଁ ତ କେହି ଆମକୁ ପୁଷ୍ପଗୁଚ୍ଛଟିଏ ଭେଟି ଦେଇ ସେମାନଙ୍କର ଶ୍ରଦ୍ଧା ବା ଶୁଭେଚ୍ଛା ଅଜାଡ଼ି ଦିଅନ୍ତି । ପୃଥିବୀରେ ଏମିତି କେହି ନାହିଁ ଯିଏ ଫୁଲକୁ ଆଦର କରୁନଥିବ । ସେ ନର ହେଉ କି ଅସୁର, ଦେବତା ହେଉ କି ଦାନବ । ଅନେକ ଫୁଲ ଈଶ୍ୱରଙ୍କ ପୂଜାରେ ଲାଗନ୍ତି, ଅନେକ ଫୁଲ ଘରସଜାରେ ଲାଗନ୍ତି, ଅନେକ ଫୁଲକୁ ଆମେ ଶୃଙ୍ଗାର ଭାବେ ବ୍ୟବହାର କରୁ ତ ଅନେକ ଫୁଲ ସୁଗନ୍ଧ ନଥିଲେ ମଧ୍ୟ ପ୍ରକୃତିର ଶୋଭା ବଢ଼ାଇଥାନ୍ତି । ପ୍ରକୃତି ମାନବ ଜୀବନକୁ ଅନେକ ଉପହାର ଦେଇଛି । 'ପଳାଶ ଫୁଲ' ହେଉଛି ତନ୍ମଧ୍ୟରୁ ଏକ ଦିବ୍ୟ ଉପହାର, ଯାହା କେବଳ ସ୍ୱାସ୍ଥ୍ୟ ବା ଔଷଧୀୟ ଉପଚାର ନୁହେଁ, ଏହାର ଅତି ମୋହକ ରଙ୍ଗ, ଉତ୍ସାହ, ଉମଙ୍ଗ ଓ ସର୍ବଦା ଖୁସି ରହିବାକୁ ପ୍ରେରିତ କରେ । ବୁଦ୍ଧିର ବିକାଶ ଉପରେ 'ପଳାଶ' ବୃକ୍ଷର ଗଭୀର ପ୍ରଭାବ ରହିଥିବାରୁ ବୌଦ୍ଧଧର୍ମୀମାନେ ପଳାଶକୁ ବିଶ୍ୱାସ ସହିତ 'ସିନ୍‌ହାଲା' କହିଥାନ୍ତି । ପଳାଶ ଗଛର ମୂଳରେ ଠିଆ ହେଲେ ବିଜୁଳି ମାରେ ନାହିଁ ।


## ପଳାଶର ପରିଚୟ

ଦୀପର ଉଜ୍ଜ୍ୱଳ ଆଲୋକ ପରି ଲାଲ୍ ଓ କେଶର ରଙ୍ଗରେ ଝଲସି ଉଠୁଥିବା ଖୁବ୍ ସୁନ୍ଦର ସୌନ୍ଦର୍ଯ୍ୟମୟ ଫୁଲ ହେଉଛି 'ପଳାଶ' । ବସନ୍ତର ଆଗମନରେ

# ଜ୍ୟୋତିର୍ମୟୀ ପଳାଶ

**ଶ୍ୱେତା ରାଉତ**
ରାଉତ କମ୍ପ୍ଲେକ୍ସ, କଟକ ରୋଡ୍
ଭୁବନେଶ୍ୱର-୭୫୧୦୦୬
ଫୋନ:୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଲେଖିକା





▶ ଲେଖିକା ଶ୍ୱେତା ରାଉତ

ସତେ ଯେମିତି ଜଙ୍ଗଲରେ ଅଗ୍ନିବାଣ ନିକ୍ଷେପଣ କଲା ପରି ଦାଉ ଦାଉ ଜଳିବା ପ୍ରାୟ ଦିଶୁଥାଏ ପଳାଶର ଫୁଲଭର୍ତ୍ତି ବୃକ୍ଷ । ଶୁଆର ଥଣ୍ଟପରି ଆକାର ଓ ରଙ୍ଗ ହୋଇଥିବାରୁ ଶୁଆର ଏକ ପର୍ଯ୍ୟାୟବାଚୀ ନାମ 'କିଂଶୁକ' ନାମାନୁସାରେ ପଳାଶକୁ 'କିଂଶୁକ' କୁହାଯାଇଥାଏ । ନିଆଁ ପରି ଜ୍ୟୋତିର୍ମୟ ଔଜ୍ଜ୍ୱଲ୍ୟ ପ୍ରାୟ ଦିଶୁଥିବାରୁ ଏହାକୁ 'ଜଙ୍ଗଲ ନିଆଁ' ମଧ୍ୟ କୁହାଯାଏ । ଭାରତର ସବୁ ପ୍ରଦେଶ ଓ ସବୁ ସ୍ଥାନରେ ପଳାଶ ଫୁଲ ଦେଖିବାକୁ ମିଳେ । ଏହା ତିନିଟି ରୂପ ଯଥା– ବଗିଚାରେ ବୃକ୍ଷ ରୂପରେ, ପାହାଡ଼ିଆ ଜାଗାରେ ଝାଡ଼ି ରୂପରେ ଓ ଲତା ରୂପରେ ଏହା କମ୍ ଦେଖିବାକୁ ମିଳିଥାଏ । ପାହାଡ଼ିଆ ସ୍ଥାନମାନଙ୍କରେ ଏହା ଲାଗି ଲାଗି ବହୁତ ବୃକ୍ଷ ଥାଏ । ଏହାର ପତ୍ର ପଇସା ଭଳି ଗୋଲାକାର, ତିନୋଟି ଲେଖାଏଁ ଲାଗି ଲାଗି ଥାଏ । ଏହାର ଛାଲ ମୋଟା ଓ ଡାଳଗୁଡ଼ିକ ବଙ୍କାଟଙ୍କା ହୋଇଥାଏ ।



ଏହାର ଫୁଲ ଛୋଟ ଛୋଟ, ଅର୍ଦ୍ଧଚନ୍ଦ୍ରାକାର ଏବଂ ଗଭୀର ଲାଲ ରଙ୍ଗର ଉଜ୍ଜ୍ୱଳ ଦେଖାଯାଏ । ଫାଲ୍‌ଗୁନ୍‌ର ଶେଷ ଓ ଚୈତ୍ରର ଆରମ୍ଭରେ ଫୁଟିଥାଏ । ଏହି ସମୟରେ ପତ୍ରଝଡ଼ା ଯୋଗୁଁ ଗଛରୁ ସବୁପତ୍ର ଝଡ଼ି ଯାଇଥାଏ ଓ ଲାଲ୍ ଟହଟହ ପଳାଶ ଫୁଲାର ଭର୍ତ୍ତି ଗଛ ପ୍ରକୃତିକୁ ଏକ ଅନନ୍ୟ ସୌନ୍ଦର୍ଯ୍ୟ ପ୍ରଦାନ କରିଥାଏ । ପୂର୍ବରୁ ଲୋକମାନେ ପଳାଶ ଫୁଲକୁ ଗରମ ପାଣିରେ ଫୁଟାଇ ସେଥିରୁ ଏକ ହଳଦିଆ ରଙ୍ଗ ବାହାର କରି ହୋଲି ରଙ୍ଗ ଖେଳରେ ବ୍ୟବହାର କରୁଥିଲେ । ଏହାର ଫଳକୁ ଚୂର୍ଣ୍ଣକରି ଅବିର ଭାବେ ପ୍ରୟୋଗ କରାଯାଏ । ପଳାଶ ମୂଳରୁ ଏକ ପ୍ରକାର ଅଠା ବାହାରେ ଯେଉଁଥିରୁ ଜରି ବା କାଗଜ ତିଆରି ହୋଇଥାଏ । ଏହାର ପତଳା ଶାଖାଗୁଡ଼ିକୁ ଫୁଟାଇ ଏକ ପ୍ରକାର କ୍ୟାଟେଚୁ ପ୍ରସ୍ତୁତ କରାଯାଏ ଯାହା କିଛି ମାତ୍ରାରେ କମ୍ ଏବଂ ବଙ୍ଗଳାରେ ଅଧିକ ଖିଆଯାଏ । ଏହାର ମୋଟା ଡାଳଗୁଡ଼ିକୁ ଜାଳି କୋଇଲା ପ୍ରସ୍ତୁତ କରାଯାଏ । ପଳାଶ ଛାଲିର ଗୁଣ୍ଡକୁ 'ଚୁନିଆଗୋନ୍ଦ୍' ବା ପଳାଶ ଗୋନ୍ଦ କୁହାଯାଏ । ପଳାଶ ହିନ୍ଦୁମାନଙ୍କର ପବିତ୍ର ବୃକ୍ଷମାନଙ୍କ ମଧ୍ୟରୁ ଗୋଟିଏ, ଯାହାର ବର୍ଣ୍ଣନା ବେଦରେ ମଧ୍ୟ ଉଲ୍ଲେଖ ରହିଛି । ଶ୍ରୋତସୂତ୍ରରେ ଅନେକ ଗୁଡ଼ିଏ ଯଜ୍ଞ ପାତ୍ର ପଳାଶ କାଠରେ ତିଆରି ହୋଇଥିବାର ବର୍ଣ୍ଣନା ରହିଛି । ଗ୍ରୀଭାସୂତ୍ରଙ୍କ ଅନୁଯାୟୀ ଉପନୟନ ସମୟରେ ବ୍ରାହ୍ମଣକୁମାରଙ୍କୁ ପଳାଶ କାଠର ଦଣ୍ଡ ଧରାଇବାର ବିଧି ରହିଛି । ପଳାଶ ଦେଖିବାକୁ ଅତିବ ସୁନ୍ଦର, ମନୋରମ ଅଥଚ ଏହା ସୁଗନ୍ଧହୀନ । ଭାରତର ଅନେକ ରାଜ୍ୟ ଯଥା ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଓ ଝାଡ଼ଖଣ୍ଡର ଜାତୀୟ ଫୁଲ ଭାବେ 'ପଳାଶ'କୁ ବିବେଚନା କରାଯାଇଛି । 'ଭାରତୀୟ ଡାକତାର ବିଭାଗ' ଦ୍ୱାରା ଡାକ ଟିକଟ ଉପରେ ପଳାଶର ଛବି ପ୍ରକାଶ କରି ସମ୍ମାନିତ କରାଯାଇଛି ।

## ପଳାଶର ନାମକରଣ କେଉଁଠି କେମିତି

ପଳାଶର ଅନେକଗୁଡ଼ିଏ ପର୍ଯ୍ୟାବାଚୀ ନାମ ରହିଛି, ଯଥା- କିଂଶୁକ, ପର୍ଣ୍ଣ, ଯଜ୍ଞକ, ରକ୍ତପୁଷ୍ପ, କ୍ଷାରଶ୍ରେଷ୍ଠ, ବାତ-ପୋଥ, ବ୍ରହ୍ମାବୃକ୍ଷ, ବ୍ରହ୍ମା ବୃକ୍ଷକ, ବ୍ରହ୍ମୋପନେତା, ସମିନ୍ଧର, କରକ, ତ୍ରିପତ୍ରକ, ବ୍ରହ୍ମାପାଦପ, ପଳାସକ, ତ୍ରିପର୍ଣ୍ଣ, ପୁତଦ୍ରୁ, ରକ୍ତପୁଷ୍ପକ, କାଷ୍ଠଦ୍ରୁ, ବୀଜସ୍ନେହଁ, କୃମିଘ୍ନ, ଚକ୍ରପୁଷ୍ପକ, ସୁପର୍ଣ୍ଣୀ, କେସୁଦୋ, ବ୍ରହ୍ମକଳସ ଇତ୍ୟାଦି । ବିଭିନ୍ନ ସ୍ଥାନରେ ମଧ୍ୟ ପଳାଶର ନାମକରଣ ଭିନ୍ନ ଭିନ୍ନ ରହିଛି, ଯଥା- ଇଂରାଜୀରେ ପ୍ୟାରୋଟ୍ ଟ୍ରି, ଫ୍ଲେମ୍ ଅଫ୍ ଦି ଫରେଷ୍ଟ, ବ୍ୟୁଟିଆ ମୋନୋସ୍ପର୍ମା, ବାଷ୍ଟାର୍ଡ ଟିକ୍', ହିନ୍ଦୀରେ ଚିଚ୍ରାଟେସୁ, ଡେସୁକା ଝାଡା, ଢାକ, ପଳାସ, ଚଲଚା, କାନକେରୀ, ଛେଉଲା, ମରାଠୀରେ ପଳାଶ୍, ଗୁଜୁରାଟୀରେ କେସୁଦୋ, ଖାକରୀ, ଉର୍ଦ୍ଦୁରେ ପଳାଶ ପାପରା, କନ୍ନଡରେ ମୁତୁଙ୍ଗ୍, ମୁଥୁଗା ବେଙ୍ଗଲୀରେ କିଂଶୁକ, ପୋଲାଶ, ଦ୍ରାବିଡ଼ରେ ପୋଲାଶଂ, ମରାଠୀରେ ଛବରୋ, ବର୍ମୀରେ ପକ୍, ଅହମିଆରେ ପୋଲାକ୍ସ, ତାମିଲରେ ପାରାସୁମ୍ ପାରାସୁ, ମାଲାୟଲମ୍‌ରେ ମୌରିକ ଶାମ୍‌ଟା ସେମାରକଟ୍ ଆପି, ମୁରକ୍କଜୁମ୍, ତେଲ୍‌ଗୁରେ ମୋଦୁଗୁ, ଜାପାନୀରେ ପ୍ଲୋସୋ, ସଂସ୍କୃତରେ କିଂଶୁକ ଓ ଓଡ଼ିଆରେ ପୋରାସୁ ବା ପଳାସ କୁହାଯାଇଥାଏ ।

## ପଳାଶ ଉତ୍ପତ୍ତିର ଧାର୍ମିକ ବିଶ୍ୱାସ

ହିନ୍ଦୁ ବିଶ୍ୱାସ ଅନୁଯାୟୀ ଏମିତି ଅନେକ ପୌରାଣିକ ଲୋକକଥାମାନ ପଳାଶକୁ ନେଇ ଉଲ୍ଲେଖ ରହିଛି ଯାହା ଆମକୁ ବାଧ୍ୟ କରାଏ 'ପଳାଶ'କୁ ଏକ ଦିବ୍ୟପୁଷ୍ପ ଭାବେ ସ୍ୱୀକାର କରିବା ପାଇଁ । ହିନ୍ଦୁ ବିଶ୍ୱାସ ଅନୁଯାୟୀ 'ପଳାଶ' ବେଦର ଦେବତାମାନଙ୍କ ଦ୍ୱାରା ପ୍ରସ୍ତୁତ ପାନୀୟ ବା ନୈବେଦ୍ୟ ସୋମରସରେ ଭିଜି ଯାଇଥିବା ଏକ ବାଜପକ୍ଷୀର ପକ୍ଷୀରୁ ଉତ୍ପନ୍ନ । ମାନ୍ୟତା ଅଛି ଏକଦା ଗରୁଡ଼ ରୂପରେ ମା ଗାୟତ୍ରୀ ଆକାଶଦୀପ ପର୍ବତ ସୁଜବନାରୁ ସୋମରସ ପ୍ରାପ୍ତ



କରିବା ପାଇଁ ଯାଇଥିଲେ । ସୋମରସ ନେଇ ଫେରିବା ସମୟରେ ପାହାଡ଼ର ଏକ ସୁରକ୍ଷାକର୍ମୀ ଗରୁଡ଼ ଉପରେ ତୀର ଚଳାଇବାରୁ ଗରୁଡର ଏକ ସୋମରସ ଜୁଡୁବୁଡୁ ପକ୍ଷ ଛିଡ଼ି ତଳେ ପଡ଼ିଗଲା ଏବଂ ସେଥିରୁ ପଳାଶ ବୃକ୍ଷ ଜନ୍ମନେଲା ।



ଅନ୍ୟ ଏକ ଲୋକକଥା ଅଛି ଯେ ଦେବୀ ପାର୍ବତୀ ଉପବାସ ରଖି ଅଗ୍ନିଦେବଙ୍କୁ ସ୍ମରଣ କରୁଥିଲେ ଅଗ୍ନିରୂପରେ ଏକ ବୃକ୍ଷ ଭାବେ ଜନ୍ମନେବାକୁ । ପାର୍ବତୀଙ୍କ ସାଧନାରେ ତୃପ୍ତ ହୋଇ ଅଗ୍ନିଦେବ ପାର୍ବତୀଙ୍କୁ ତଥାସ୍ତୁ କରିଥିଲେ ଓ ପାର୍ବତୀ ପଳାଶ ବୃକ୍ଷ ଭାବେ ଜନ୍ମ ନେଇଥିଲେ । କେହି କେହି ଏକଥା ମଧ୍ୟ କୁହନ୍ତି, ମାତା ପାର୍ବତୀ ବ୍ରହ୍ମାଙ୍କୁ ଅଭିଶାପ ଦେଇଥିଲେ ପଳାଶ ବୃକ୍ଷ ହୋଇ ମର୍ତ୍ତ୍ୟରେ ରହିବାକୁ । ପଳାଶ ବେଦମାତାର ଅଂଶ ଗରୁଡ ରୂପୀ ପକ୍ଷରୁ ଉତ୍ପନ୍ନ ହୋଇଥିବାରୁ ପ୍ରତ୍ୟେକ ହୋମଯଜ୍ଞରେ ପଳାଶକୁ ସମିଧ ଭାବେ ବ୍ୟବହାର କରାଯାଇ ହୋମଯଜ୍ଞ କରାଯାଇଥାଏ । ଏମିତି ଏକ ମାନ୍ୟତା ମଧ୍ୟ ରହିଛି ପଳାଶ ବୃକ୍ଷ ଉପରେ ବସି କାମଦେବ, ଶିବଙ୍କର ଧ୍ୟାନଭଙ୍ଗ କରିଥିଲେ ଏବଂ ମହାଦେବ ଶିବ କ୍ରୋଧରେ ନିଜ ତୃତୀୟ ନେତ୍ର ଦ୍ୱାରା କାମଦେବଙ୍କୁ ଭସ୍ମ କରି ଦେଇଥିଲେ । କାମଦେବ ପଳାଶ ବୃକ୍ଷ ଉପରେ ବସିଥିବାରୁ କାମଦେବଙ୍କ ସହିତ ପଳାଶ ବୃକ୍ଷ ବି ଜଳି ଯାଇଥିଲା । ପଳାଶ ଅତି ଦୁଃଖରେ ଶିବଙ୍କୁ ଗୁହାରୀ କଲା: "ପ୍ରଭୁ ମୋତେ କାହିଁକି ଭସ୍ମ କରିଦେଲ, ମୋର ଦୋଷ କ'ଣ ? ମୋତେ କ୍ଷମା କରିଦିଅ ।" ସେତେବେଳେ ଶିବଶଙ୍କର ପଳାଶକୁ ସାନ୍ତ୍ୱନା ଦେଇ ପ୍ରସନ୍ନ ଚିତ୍ତରେ ବରଦାନ ଦେଇଥିଲେ ପଳାଶର ପତ୍ର ଶିବଙ୍କର ତ୍ରିନେତ୍ର ପରି ତିନୋଟି ଓ ଫୁଲ ଅଗ୍ନିପରି ଔଜ୍ଜ୍ୱଲ୍ୟମୟ, ଜ୍ୟୋତିର୍ମୟ ହେବ । ବୌଦ୍ଧଧର୍ମରେ ମଧ୍ୟ ପଳାଶକୁ ନେଇ ଅନେକ ଲୋକକଥା ରହିଛି । ଦ୍ୱିତୀୟ ବୁଦ୍ଧ ମେଧଙ୍କର ଏହି ପଳାଶ ବୃକ୍ଷ ମୂଳରେ ବସି ଧ୍ୟାନଯୋଗ କରନ୍ତି । ମହାଭାରତରେ ଉଲ୍ଲେଖ ଅଛି ଯେତେବେଳେ ଆରଣ୍ୟକ ପର୍ବତରେ ପାଣ୍ଡବମାନେ ବନବାସ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ପ୍ରଥମେ ପଳାଶ ବୃକ୍ଷକୁ ପୂଜା କରି ଆଶୀର୍ବାଦ ନେଇଥିଲେ । ଏକ ପୁରାଣକଥା ଏହା ମଧ୍ୟ ଅଛି ଯେ, ଶିବ ଏବଂ ପାର୍ବତୀଙ୍କର ଏକାନ୍ତ ଭଙ୍ଗ କରିଥିବାରୁ ମହାଦେବ କ୍ରୋଧ ହୋଇ ଅଗ୍ନିଦେବଙ୍କୁ ପୃଥିବୀରେ 'ପଳାଶ ବୃକ୍ଷ' ହୋଇ ଜନ୍ମ ନେବାକୁ ଅଭିଶାପ ଦେଇଥିଲେ । ସେଥିପାଇଁ ବୋଧହୁଏ ପଳାଶର ରଙ୍ଗ ଦାଉ ଦାଉ ଜଳିବା ପ୍ରାୟ ଅଗ୍ନିବର୍ଣ୍ଣା ଦିଶେ । ତନ୍ତ୍ରମନ୍ତ୍ର ସାଧନାରେ ପଳାସର ବହୁଳ ବ୍ୟବହାର କରାଯାଇଥାଏ । ତାନ୍ତ୍ରିକମାନେ 'ଡାମର ତନ୍ତ୍ର, ଉଦ୍ଧାମରେଶ୍ୱର ତନ୍ତ୍ର'ରେ ଚଣ୍ଡୀ କାଳକରଣୀ ଯକଶାଣୀଙ୍କୁ ପଳାଶ ଫୁଲ ଅର୍ପଣ କରି ସିଦ୍ଧିପ୍ରାପ୍ତ କରିଥାନ୍ତି । ଶ୍ୱେତପଳାଶକୁ ବିଶେଷକରି ତାନ୍ତ୍ରିକମାନେ ବଶୀକରଣ ମନ୍ତ୍ର ପାଇଁ ବ୍ୟବହାର କରନ୍ତି ।



## ପଳାଶର ପ୍ରଜାତି ଓ ପ୍ରକାରଭେଦ

ପଞ୍ଚାଙ୍ଗ ବ୍ୟବହୃତ ହେଉଥିବା ଦିବ୍ୟପୁଷ୍ପ 'ପଳାଶ' ମ୍ୟାଗ୍ନେଲିଓଫାଇଟ୍ ବିଭାଗ, ମ୍ୟାଗ୍ନେଲଓସ୍ପିଡା ବର୍ଗ, ଫାବାସିଆ ବ୍ୟୁଟିଆ ବଂଶର ବି ମୋନୋସ୍ପରର୍ମା ପ୍ରଜାତିର ଫୁଲ । ଏହାର ବନସ୍ପତିକ ନାମ ହେଉଛି 'ବ୍ୟୁଟିଆ ମୋନୋସ୍ପର୍ମା' ଏହାର ମୁଖ୍ୟତଃ ତିନୋଟି ପ୍ରଜାତି ଯଥା- 'ବ୍ୟୁଟିଆ ଫ୍ରୋନୋଡୋସା' (ଜଙ୍ଗଲୀ), 'ଏରିଥ୍ରିନା ମୋନୋସ୍ପର୍ମା ଲାମ୍', 'ପ୍ଲାସୋ ମୋନୋସ୍ପର୍ମା' ପ୍ରାୟ ସବୁଆଡ଼େ ଦେଖିବାକୁ ମିଳେ । ବ୍ୟୁଟିଆ ମୋନୋସ୍ପର୍ମା ଭାରତୀୟ ଉପମହାଦେଶ ଏବଂ ଦକ୍ଷିଣ ପୂର୍ବ ଏସିଆର ଟ୍ରପିକାଲ୍ ଏବଂ ସବ୍-ଟ୍ରପିକାଲ୍ ଅଂଶର ଏକ ପ୍ରଜାତି ଯାହାକୁ 'ଜଙ୍ଗଲନିଆଁ, ପଳାଶ ଏବଂ 'ବାଷ୍ଟାର୍ଡଟିକ୍' ବୋଲି କୁହା ଯାଇଥାଏ । ଭାରତ, ବାଂଲାଦେଶ, ନେପାଳ, ଶ୍ରୀଲଙ୍କା, ମିଆଁମାର, ଥାଇଲାଣ୍ଡ, ଲାଓସ୍, କାମ୍ବୋଡ଼ିଆ, ଭିଏତ୍‌ନାମା, ମଲେସିଆ ଏବଂ ପଶ୍ଚିମ ଇଣ୍ଡୋନେସିଆରେ ପଳାଶ ବୃକ୍ଷ ବହୁ ମାତ୍ରାରେ ଦେଖିବାକୁ ମିଳେ । ଭାରତ ବର୍ଷରେ ପଳାଶର ତିନୋଟି ରଙ୍ଗର ଫୁଲ ଦେଖିବାକୁ ମିଳେ, ଯଥା- ଗେରୁଆ ବା ଲାଲ୍, ହଳଦିଆ ଓ ଧଳା । ଏହା ତିନୋଟି ରୂପରେ ବୃକ୍ଷ, ଲତା ଓ ଝାଡ଼ି ବା ବୁଦା ଭଳି ଦେଖିବାକୁ ମିଳେ । ବୃକ୍ଷ ଓ ଝାଡ଼ି ରୂପରେ ପଳାଶ, ବଗିଚାଠୁ ଆରମ୍ଭ କରି ପାହାଡ଼, ପର୍ବତ ଯାଏ ସବୁଠି ଦେଖିବାକୁ ମିଳେ । କିନ୍ତୁ ଲତା ରୂପ କ୍ୱଚିତ୍ ଦେଖାଯାଇଥାଏ । ଲତା ପଳାଶ ଦୁଇପ୍ରକାର ଥାଏ ଲାଲ ରଙ୍ଗର ଓ ଧଳା ରଙ୍ଗର । ଲାଲ୍ ରଙ୍ଗ ପଳାଶର ବୈଜ୍ଞାନିକ ନାମ 'ବ୍ୟୁଟିଆ ସୁପର୍ବା' ଓ ଧଳା ରଙ୍ଗର ପଳାଶକୁ 'ବ୍ୟୁଟିଆ ପାର୍ବୀଫ୍ଲୋରା' କୁହାଯାଏ । ଧଳା ଏବଂ ନାଲି ରଙ୍ଗର ପଳାଶକୁ ବାଦ୍ ଦେଲେ ହଳଦିଆ ରଙ୍ଗର ପଳାଶ ମଧ୍ୟ ଖୁବ୍ ଦୁର୍ଲ୍ଲଭ ଓ ଚମତ୍କାରୀ ଫୁଲ ଭାବେ ବିବେଚନା କରାଯାଏ । ତିନୋଟି ରଙ୍ଗର ପଳାଶର ନିଜସ୍ୱ ସ୍ୱାତନ୍ତ୍ର୍ୟ ରହିଛି ।

## ଧଳା ବା ଶ୍ୱେତପଳାଶ

ଭାରତବର୍ଷରେ ବିଲୁପ୍ତ ପ୍ରାୟ ଶ୍ୱେତପଳାଶର ପତ୍ର ଓ ଫୁଲକୁ ଈଶ୍ୱରଙ୍କୁ ଅର୍ପଣ କଲେ ମନୋବାଞ୍ଛା ପୂର୍ଣ୍ଣ ହୁଏ ବୋଲି ଧାର୍ମିକ ବିଶ୍ୱାସ ରହିଛି । ଯଦିଓ ବର୍ତ୍ତମାନ ଧଳା ପଳାଶ ବିଲୁପ୍ତପ୍ରାୟ, ତଥାପି ରାୟପୁରର ଜଣେ ଜଙ୍ଗଲ କର୍ମଚାରୀ ଧାର୍ମିକ ବିଶ୍ୱାସ ଓ ଔଷଧୀୟ ଚମତ୍କାରିତାକୁ ଦୃଷ୍ଟିରେ ରଖି ପନ୍ଦର ବର୍ଷ ତଳେ କୋରବା ଜଙ୍ଗଲରୁ ଏକ ଧଳା ପଳାଶର ବୃକ୍ଷ ନର୍ସରୀରେ ଲଗାଇ ନିଜ ତତ୍ତ୍ୱାବଧାନରେ ଯତ୍ନ ନେଉଥିଲେ । ରାୟପୁର ଜଙ୍ଗଲ ବିଭାଗର ଗୋରି ନର୍ସରୀରେ କାର୍ଯ୍ୟରତ ଚନ୍ଦ୍ରଶେଖର ଧୁରନ୍ଦର ଦୀର୍ଘ ଦଶବର୍ଷ ଧରି ଏ ବିଲୁପ୍ତ ପ୍ରଜାତିକୁ ବଞ୍ଚାଇ ରଖିବା ଓ କଟିଂ କରି ଆହୁରି ଉର୍ଜନ ପ୍ଲାଣ୍ଟ ରୋପଣ କରିବାରେ ସଫଳ ହୋଇଛନ୍ତି । ଧଳା ପଳାଶ କୁଷ୍ଠରୋଗ ଓ ଫାଇଲେରିଆ ରୋଗ ପାଇଁ ଏକ ଚମତ୍କାରୀ ଔଷଧ ଭାବେ କାମ ଦେଇଥାଏ । ଛତିଶଗଡ଼ ସରକାର ୨୦୨୫ ସୁଦ୍ଧା ଛତିଶଗଡ଼ରୁ ଫାଇଲେରିଆ ଓ କୁଷ୍ଠରୋଗ ସମ୍ପୂର୍ଣ୍ଣ ନିରାକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ, ଚନ୍ଦ୍ରଶେଖରଙ୍କର ଶ୍ୱେତ ପଳାଶ ବୃକ୍ଷର ଅବଦାନ ନିଶ୍ଚୟ ପ୍ରଶଂସନୀୟ । ପଳାଶର ମୂଳ, ପତ୍ର ଏବଂ ଫୁଲ ସମ୍ପୂର୍ଣ୍ଣ ଭାବେ ଧର୍ମ ଏବଂ ଔଷଧ ଉଭୟ କ୍ଷେତ୍ରରେ ଗୁରୁତ୍ୱ ବହନ କରେ ।

## ହଳଦିଆ ପଳାଶ

ଜଙ୍ଗଲ କାଟି ସଫା କରିବା କାରଣରୁ ଅନେକ ଦୁର୍ଲ୍ଲଭ ପୁଷ୍ପବୃକ୍ଷ ଆଜି ବିଲୁପ୍ତ ପ୍ରାୟ । ତନ୍ମଧ୍ୟରୁ ଏକ ଦୁର୍ଲ୍ଲଭ ପୁଷ୍ପ 'ହଳଦିଆ ପଳାଶ' ଯାହାକୁ 'ଫ୍ଲାୱାର୍ ଅଫ୍ ମଧ୍ୟପ୍ରଦେଶ' କୁହାଯାଏ ।

ଚିତ୍ରକୂଟରେ ବିଭିନ୍ନ ସୁଶୋଭିତ ଫୁଲମାନଙ୍କ ଆସର ଦେଖିବାକୁ ମିଳିଥାଏ । ସେଠି ହଳଦିଆ ପଳାଶ ଭଳି ଦୁର୍ଲ୍ଲଭ ଫୁଲ ମଧ୍ୟ ଥାଏ । ଧାର୍ମିକ ବିଶ୍ୱାସ ହେଉ କି ବୈଜ୍ଞାନିକ କାରଣ ଚିତ୍ରକୂଟରେ ପାଣିପାଗ, ତାପମାନର ପରିବର୍ତ୍ତନ ନିର୍ଭର କରେ ଫୁଲମାନଙ୍କ ରଙ୍ଗ ପରିବର୍ତ୍ତନରେ । ଦୀନଦୟାଲ୍ ଗବେଷଣା ସଂସ୍ଥାନର ଆରୋଗ୍ୟ ଧାମରେ କାର୍ଯ୍ୟରତ ବନସ୍ପତି ବିଜ୍ଞାନର ବୈଜ୍ଞାନିକ ଡା. ରାମଲଖନ୍ ସିଂ ସିକରବାର୍‌ଙ୍କ କହିବା ଅନୁଯାୟୀ ଚିତ୍ରକୂଟରେ ତାପମାନ ଅନୁସାରେ ଯଦିଓ ସମସ୍ତ ଫୁଲ ନିଜର ରଙ୍ଗ ପରିବର୍ତ୍ତନ କରିଥାନ୍ତି, କିନ୍ତୁ ଦୁର୍ଲ୍ଲଭ ପଳାଶର ହଳଦିଆ ରଙ୍ଗର ଫୁଲ ସବୁବେଳେ ସତେଜ ଓ ସମାନ ରଙ୍ଗରେ ଫୁଲ ଭର୍ତ୍ତି ହୋଇ ଗଛରେ ରହିଥାଏ । ତାଙ୍କ କହିବା ଅନୁଯାୟୀ ହଳଦିଆ ପଳାଶକୁ ମଧ୍ୟପ୍ରଦେଶର ଶ୍ରେଷ୍ଠଫୁଲ ଭାବେ ସମ୍ମାନିତ କରାଯାଏ ଓ ଏହା ମଧ୍ୟପ୍ରଦେଶର ନୀମଚ, ଶିବପୁରୀ, ଝାବୁଆ ଆଦି ଜିଲ୍ଲାମାନଙ୍କରେ ଅଧିକ ଦେଖିବାକୁ ମିଳେ । ଏହି ହଳଦିଆ ପଳାଶ ସର୍ବପ୍ରଥମ ବନ ଅଧିକାରୀ ସୈଗ୍ରୀୟା ୧୯୩୯ରେ ଚିହ୍ନଟ କରିଥିଲେ ଓ ନିଜ ବନସ୍ପତି ଗ୍ରନ୍ଥରେ ଏହାର ନାମ 'ବ୍ୟୁଟିଆ ଲ୍ୟୁଟିଆ' ରଖିଥିଲେ । ୧୯୬୧ରେ ଡାକ୍ତର ମହେଶ୍ୱରୀ ଲାଲ ପଳାଶର ପ୍ରଜାତି ଭାବେ ଚୟନ କରି ଏହାର ନାମ 'ବ୍ୟୁଟିଆ ମୋନୋସ୍ପର୍ମା' ରଖିଲେ । ଏହା ତର୍କ ରଖିଥିଲେ ଯେ ଲାଲ ଓ ହଳଦିଆ ଉଭୟ ରୂପ ଓ ଗୁଣରେ ସମାନ, କେବଳ ରଙ୍ଗରେ ଭିନ୍ନ । ପଳାଶର ବ୍ୟୁଟିଆ ନାମ, ସାର୍ ୱିଲିୟମ୍ ରାକ୍ସବର୍ଗ ୧୮୦୦ ଶତାବ୍ଦୀରେ ପରିବେଶ ପ୍ରେମୀ ଜନ୍ ସ୍ଟୁଅର୍ଟ ଅର୍ଲ ଅଫ୍ ବ୍ୟୁଟ୍' (ଇଂଲଣ୍ଡର ପ୍ରଧାନମନ୍ତ୍ରୀ)ଙ୍କ ସ୍ମୃତିରେ ରଖିଥିଲେ । ହଳଦିଆ ପଳାଶକୁ 'ବ୍ୟୁଟିଆ ଲ୍ୟୁଟିଆ' ନାମକରଣ କରିଥିବା ଡା. ରାମଲଖନ ସିଂଙ୍କ ମତାନୁସାରେ 'ବ୍ୟୁଟିଆ' ଅର୍ଥ ଫଳ ବା ମଞ୍ଜି ଓ ଲ୍ୟୁଟିଆ ଅର୍ଥ ହଳଦିଆ ରଙ୍ଗ । ହଳଦିଆ ପଳାଶକୁ ଏହା ଦର୍ଶାଇଥାଏ । ମହାରାଷ୍ଟ୍ରୀୟମାନେ ଏହି ପଳାଶକୁ ଗୁଣ୍ଡି ନିଜ ଘରେ ସକାରାତ୍ମକ ଉର୍ଜା, ଶାନ୍ତି ଓ ସମୃଦ୍ଧିର ବୃଦ୍ଧି ପାଇଁ ଟଙ୍ଗାଇଥାନ୍ତି ।




## ଲାଲ ପଳାଶ

ଅଗ୍ନି ଭଳି ଔଜ୍ଜଲ୍ୟମୟ ଲାଲ୍ ଟହଟହ 'ଜଙ୍ଗଲର ଜ୍ୱାଳାମୁଖୀ' କୁହା ଯାଉଥିବା ଲାଲ୍ ପଳାଶର ବର୍ଣ୍ଣନା ଆମେ ଋକ୍‌ବେଦରେ ପାଇବା । ପଳାଶର ବିଶେଷ ମହିମାର ବର୍ଣ୍ଣନାରୁ ଜଣାଯାଏ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନିବାସ ସ୍ଥଳ ହେଉଛି ପଳାଶ ବୃକ୍ଷ । ତେଣୁ ଗ୍ରହଶାନ୍ତି ପାଇଁ ପଳାସ ବୃକ୍ଷର ଉପଯୋଗ କରାଯାଇଥାଏ । ଜ୍ୟୋତିଷ ଶାସ୍ତ୍ର, ବାସ୍ତୁଶାସ୍ତ୍ରରେ ମଧ୍ୟ ଲାଲ୍ ପଳାଶର ଉପଯୋଗର ବର୍ଣ୍ଣନା ଦେଖିବାକୁ ମିଳେ । ବ୍ରାହ୍ମଣ କୁମାରମାନଙ୍କ ବ୍ରତ ଉପନୟନ ଅଥବା ହୋମଯଜ୍ଞରେ ପଳାଶର କାଠ ବା କାଠ ନିର୍ମିତ ବସ୍ତୁ ବ୍ୟବହାର କରାଯାଇଥାଏ । ଲାଲ ପଳାଶର ପଞ୍ଚାଙ୍ଗ, ଯଥା- ଡାଳ,ପତ୍ର, ମୂଳ, ଫଳ ଓ ଫୁଲ ବ୍ୟବହୃତ ହେଉଥିବା ଏକ ଦିବ୍ୟ ଫୁଲ ଯାହାର ବର୍ଣ୍ଣନା ଅନେକ ପୁରାଣରେ ଦେଖିବାକୁ ମିଳେ । ଲାଲ ବା ଗେରୁଆ ରଙ୍ଗ, ଉଦୟ ସୂର୍ଯ୍ୟର ରଙ୍ଗ । ଆମ ଭାରତୀୟ ଜାତୀୟ ପତାକାରେ ଏହି ରଙ୍ଗ ରହିଥିବାରୁ ଅଗ୍ନିର ଜ୍ୟୋତି ପରି ରକ୍ତିମ ସୁନେଲି ବା ଲାଲ ରଙ୍ଗ ଭଳି ପଳାଶର ରଙ୍ଗ ହୋଇଥିବାରୁ ଏହାକୁ ଦିବ୍ୟ, ଚମତ୍କାରୀ ଓ ଅଲୌକିକ ଫୁଲ ଭାବେ ବିବେଚନା କରାଯାଏ ।

## ଔଷଧୀୟ ବ୍ୟବହାରରେ ପଳାଶ

ପଳାଶ ଏପରି ଏକ ଚମତ୍କାର ଫୁଲ ଯାହା କେବଳ ଦେଖିବାକୁ ମନୋହର ନୁହେଁ ଦୁର୍ଲ୍ଲଭ ଜଡ଼ିବୁଟି ବା ଔଷଧୀୟ ବ୍ୟବହାରରେ ଖୁବ୍ ଫଳପ୍ରଦ ହୋଇଥାଏ । ଏକ ପୁରୁଣା କଥା କିମ୍ବଦନ୍ତୀରେ କୁହାଯାଏ ହଳଦିଆ ପଳାଶ ଫୁଲର ରସ ପାନ କଲେ ବ୍ୟକ୍ତି ଅଦୃଶ୍ୟ ହୋଇଯାଆନ୍ତି । ଏହାର ସତ୍ୟତା କେତେ ଯଦିଓ ଆମେ ଜାଣିନେ, ତଥାପି ଜଣାଯାଏ ହଳଦିଆ ପଳାଶକୁ ତନ୍ତ୍ରମନ୍ତ୍ରର ସିଦ୍ଧି ପାଇଁ ତାନ୍ତ୍ରିକମାନେ ଖୁବ୍ ବ୍ୟବହାର କରନ୍ତି । ଆୟୁର୍ବେଦରେ ପଳାଶକୁ ବ୍ୟବହାର କରି ଅନେକ ଔଷଧ ପ୍ରସ୍ତୁତ କରାଯାଇଛି । ପଳାଶ ଛାଲରେ କିନୋଟାନିକ୍ ଏସିଡ୍, ଗାଲିକ୍ ଏସିଡ୍ ଏବଂ କ୍ଷାର ମଞ୍ଜିରେ ପାଲାସୋନିକ୍ ଓ ଏକ ସ୍ଥିର ତେଲ ମିଳିଥାଏ । ପଳାଶ ପତ୍ରରେ ଲିନୋଲିକ୍ ଏସିଡ୍, ଗ୍ଲୁକୋସାଇଡ୍, ଅଲିଏକ୍



# ପଳାଶ ଫୁଲ : କବି-ମତ



ପଳାଶ ଫୁଲ ପ୍ରତି ପିଲାଦିନୁ ଦୁର୍ବଳତା ରହି ଆସିଛି । ପ୍ରଥମତଃ ଏହାର ରଙ୍ଗ ଓ ସୌନ୍ଦର୍ଯ୍ୟ ଯୋଗୁଁ । ଦ୍ୱିତୀୟରେ, ପଳାଶ ଆମ ଗ୍ରାମ୍ୟ ଜୀବନର ଏକ ଅନ୍ତରଙ୍ଗ ଅଂଶ ହୋଇଥିବା ଯୋଗୁଁ । ଲାଲ ମିଶା ନାରଙ୍ଗି ରଙ୍ଗର ଫୁଲରେ ଯେବେ ଭରିଯାଏ ପଳାଶ ଗଛ, ଓଃ ! କି ଅପୂର୍ବ ଲାଗେ ପ୍ରକୃତି ! ପାଖାପାଖି ଅନେକ ଗଛ ଥିବା ଯୋଗୁଁ ଓ ପେନ୍ଥା ପେନ୍ଥା ହୋଇ ପ୍ରଚୁର ଫୁଲ ଫୁଟୁଥିବାରୁ ଦୂରରୁ ବି ମନକୁ ଲୋଭାଏ । ଲାଗେ ଯେମିତି ଗଛକୁମାରୀମାନେ ଲାଲ୍ ଓଢ଼ଣୀ ଉଡ଼ାଇ କାହାକୁ ଇସାରା କରୁଛନ୍ତି ।

ଫେବୃଆରୀ ଶେଷ ଓ ମାର୍ଚ୍ଚ ପ୍ରଥମ ସପ୍ତାହ ବେଳକୁ ପଳାଶ ଫୁଲ ଫୁଟିବା ଆରମ୍ଭ ହୋଇ ଯାଇଥାଏ । ହଳଦିଆ ରଙ୍ଗର ପଳାଶ ବି ଥାଏ । କିନ୍ତୁ ଖୁବ୍ କମ୍ ଦେଖିବାକୁ ମିଳେ । କବିମାନେ ତେଣୁ ବେଶି ଚର୍ଚ୍ଚା କରନ୍ତି ଲାଲ ପଳାଶର । ପଳାଶ ଫୁଲକୁ ଯୌବନର ପ୍ରତୀକ କୁହାଯାଏ । ନିଆଁ ଫୁଲ ବୋଲି ବି କହନ୍ତି କବିମାନେ । ମୋତେ ବି ପଳାଶ ଫୁଲର ସୌନ୍ଦର୍ଯ୍ୟ ଏକ ସକାରାତ୍ମକ ଉଲ୍ଲାସ ଦିଏ । କୁହାଯାଇପାରେ ପଳାଶ ଫୁଲର ସୌନ୍ଦର୍ଯ୍ୟ ମୋତେ ନିଶା ପରି ଘାରେ । ରାସ୍ତାରେ ଯେଉଁଠି ବି ଦେଖେ ଘଡ଼ିଏ ଅଟକେ ନିଶ୍ଚୟ । ପଳାଶର ବାସ୍ନା ନଥିବା ହେତୁ ଏହାକୁ ନକାରାତ୍ମକ ପ୍ରତୀକ ଭାବେ ବି ଲୋକ ମୁଖରେ ବ୍ୟବହୃତ ହେବା ଶୁଣିଛି । ସମ୍ବଲପୁରୀ ଭାଷାରେ ଯେମିତି କହନ୍ତି- "ଦେଖନ୍ ସୁନ୍ଦର ଫଲଶା ଫୁଲ୍' । ପଳାଶ ଫୁଲକୁ ହୋଲି ସମୟରେ ଫୁଲ ହୋଲି ଖେଳିବା ପାଇଁ ଏବଂ ଘର ସଜାଇବା ପାଇଁ ବ୍ୟବହାର କରୁ ଆମେ । ପଶ୍ଚିମ ଓଡ଼ିଶାରେ ଆମ୍ବ କଷିଥିବା ସମୟରେ ଏକ ପୂଜା କରାଯାଏ ଯାହାକୁ 'ଗୁଁଡ଼ିଛଡ଼ା' କହନ୍ତି । ଏଇ ପୂଜା କଲା ପରେ ଯାଇ କଂଚା ଆମ୍ବ ବା ନୂଆ ଆମ୍ବ ଖିଆଯାଏ । ତା ପୂର୍ବରୁ ଆମ୍ବ କେହି ଚାଖନ୍ତି ନାହିଁ । ଏଇ ପୂଜାରେ ପଳାଶ ଫୁଲ ଲାଗେ । ପଳାଶ ଗଛର ବିଭିନ୍ନ ଅଂଶର ଅନେକ ଔଷଧୀୟ ଗୁଣ ମଧ୍ୟ ଥାଏ ବୋଲି ଜାଣିଛି । ପଳାଶ ପତ୍ରରେ ଗାଁମାନଙ୍କରେ ଖଲି ଓ ଦାନା ତିଆରି କରି ସାଇତି ରଖାଯାଏ । ପଳାଶ ଫୁଲରୁ ରଙ୍ଗ ବି ତିଆରି ହୁଏ ।

**କବି ଶର୍ମିଷ୍ଠା ସାହୁ**

ଏମ.ସି.ଏଲ, ହିଙ୍ଗୁଳା ଏରିଆ, ବଳରାମ ଟାଉନସିପ

ନେହେରୁ ଶତାବ୍ଦୀ ନଗର, ତାଳଚେର, ଅନୁଗୁଳ

ଏସିଡ୍ ଏବଂ ଲିଙ୍ଗୋସେରିକ୍ ଏସିଡ୍ ବହୁତ ଭଲ ପରିମାଣରେ ଥାଏ । ପଳାଶ ଡାଳରେ ବା ଛାଲରେ ଗାଲିକ ଏସିଡ୍ ସିଆନାଇଡିଂ, ଲୁପାନୋନ୍, ପଲିମିଟ୍ରାଇନ୍, ବଟିନ୍, ବଟୋଲିକ୍, ଏସିଡ୍ ଏବଂ ପାଲାସିସାଇଡ୍ ଥାଏ । ପଳାଶ ଅଠାରେ ଟେନିନ୍, ପିରୋଟେକ୍ ଚିନ୍ ଓ ଅସନ୍ତୁଳିତ ପଦାର୍ଥ ଥାଏ । ଏହାର ଫୁଲରେ ଫ୍ଲାଭୋନାଏଡ୍, କେରୋପସିନ୍, ଟ୍ରାଇଟର ପେନ୍ଆଇସୋବୁ୍ଲଟିନ୍, ଆଇସୋକ୍ରୋପ୍ସିନ୍ ଏବଂ ସଲ୍ଫୁରିନ୍ ମଧ୍ୟ ଭଲ ପରିମାଣରେ ମିଳିଥାଏ । ପଳାଶ ବିଭିନ୍ନ ରୋଗ ପାଇଁ ଖୁବ୍ ଫଳପ୍ରଦ ।

**ମଧୁମେହ** : ଶୁଖିଲା ପଳାଶ ଫୁଲର ପାଉଡର ପ୍ରସ୍ତୁତ କରି ମିଶ୍ରି ସହିତ ମିଶାଇ ପ୍ରତିଦିନ ୨ ଗ୍ରାମ୍ ଲେଖାଏଁ ସେବନ କଲେ ମଧୁମେହରୁ ମୁକ୍ତି ମିଳେ । ମଧୁମେହ ପାଇଁ ପଳାଶର ଅନ୍ୟ ଏକ ଉପାୟ ହେଲା ପଳାଶ ଫୁଲକୁ ଶୁଖାଇ ଏକ ଡବାରେ ରଖି ପ୍ରତିଦିନ ରାତିରେ ଏକ ଗ୍ଲାସ୍ ପାଣିରେ ଗୋଟେ ଲେଖାଏଁ ପଳାଶ ଫୁଲ ପକାଇ ସକାଳକୁ ସେଇ ପାଣି ପିଇବା ଦ୍ୱାରା ମଧୁମେହ ଦୂର ହୋଇଥାଏ ।

**କୁଷ୍ଠରୋଗ** : କୁଷ୍ଠରୋଗ ପାଇଁ ପଳାସ ମଞ୍ଜିର ତେଲକୁ ଇଞ୍ଜେକସନ୍ ଭାବେ ଶରୀରରେ ବ୍ୟବହାର କଲେ ଉପଶମ ମିଳିଥାଏ ।

**ଆଖିରୋଗ** : ଆଖି ଫୁଲିବା, କୁଣ୍ଡେଇ ହେବା, ଦରଜ ଲାଗିବା ଓ ଆଖିର ଅନ୍ୟସବୁ ସମସ୍ୟା ପାଇଁ ପଳାଶର ସତେଜ ମୂଳ ବା ଚେରର ରସ ଏକ ବୁନ୍ଦା ଆଖିରେ ପକାଇଲେ ଆଖି ରୋଗରୁ ମୁକ୍ତି ମିଳେ । ଏହାର ଏକ ବୁନ୍ଦା ରସ ମୋତିଆବିନ୍ଦୁ ମଧ୍ୟ ଦୂର କରିଥାଏ ।

**ନାକରୁ ରକ୍ତସ୍ରାବ** : ରାତିସାରା ଥଣ୍ଡା ପାଣିରେ ଭିଜାଇ ରଖିଥିବା ପଳାଶ ଫୁଲକୁ ସକାଳୁ ଛାଣି ଅଳ୍ପମାତ୍ରାରେ ଚିନି ମିଶାଇ ପିଇଲେ ନାକରୁ ରକ୍ତସ୍ରାବ ବନ୍ଦ ହୋଇଥାଏ ।

**ଏପିଲେପ୍ସି** : ପଳାଶର ମୂଳକୁ ବାଟି ତା'ର ରସକୁ ୪/୫ ବୁନ୍ଦା ନାକରେ ପକାଇଲେ ଏପିଲେପ୍ସି ଆକ୍ରାନ୍ତଙ୍କୁ ଉପଶମ ମିଳେ ।

**ଟାଇଫଏଡ୍** : ପଳାଶର ମୂଳକୁ ଗ୍ରାଇଣ୍ଡ୍ କରି କାନ ତଳେ ବାନ୍ଧିବା କିମ୍ବା କାନରେ ଲଗାଇବା ଦ୍ୱାରା ଟାଇଫଏଡ୍ରୁ ମୁକ୍ତି ମିଳେ ।

**ହଜମ ଶକ୍ତି** : ପଳାଶର ତାଜା ମୂଳ ସହିତ ବେଲପତ୍ରକୁ ବାଟି ତା'ର ରସକୁ ୪/୫ ବୁନ୍ଦା ଖାଇଲେ ହଜମ ଶକ୍ତି ଭଲ ହୋଇଥାଏ ।

**ପେଟ ଯନ୍ତ୍ରଣା** : ପଳାଶ ପତ୍ରର ରସ ୩୦-୪୦ ମିଲିଲି ଡିକୋକ୍ସନ ପିଇବା ଦ୍ୱାରା ପେଟଯନ୍ତ୍ରଣାରୁ ଉପଶମ ମିଳେ । ପଳାଶ ମଞ୍ଜିକୁ ଚୂର୍ଣ୍ଣକରି ଏକ ଚାମଚ୍ ଦିନକୁ ଦୁଇଥର କିମ୍ବା ତିନିଥର ସେବନ କଲେ ପେଟରେ କୃମି ରୋଗରୁ ରକ୍ଷା ମିଳେ ।

**ଘା' ବା କ୍ଷତ** : ପଳାଶକୁ ଜାଳି ଏହାର ପାଉଁଶ ୧୦ ରୁ ୨୦ ଗ୍ରାମ୍, ରଶୁଣ ଓ ଗାଇ ଘିଅ ମିଶାଇ ବାଟି ଲେପ ଦେଲେ ଶରୀରର ଘା' ବା କ୍ଷତ ଶୁଖିଯାଏ ।

**ଡାଇରିଆ** : ଏକ ଚାମଚ୍ ପଳାଶ ମଞ୍ଜିର ଚୂର୍ଣ୍ଣ ଓ ଏକ ଚାମଚ୍ ଛେଳି କ୍ଷୀରର ମିଶ୍ରଣ କରି ଦିନକୁ ଦୁଇଥର ଖାଇବା ପରେ ସେବନ କଲେ ଡାଇରିଆରୁ ଉପଶମ ମିଳେ ।

**କୁଣ୍ଡିଆ** : ପଳାଶ ମଞ୍ଜିକୁ ଲେମ୍ବୁ ରସ ସହିତ ବାଟି, ଲେପ ଦେଲେ ଯାଦୁ ବା କୁଣ୍ଡିଆ ଭଲ ହୋଇଥାଏ ।

**ଦୀର୍ଘାୟୁ ହେବା ପାଇଁ** : ପଳାଶ ଗଛର ଛାଇର ଶୁଖା ଯାଇଥିବା ପଳାଶର ପଞ୍ଚାଙ୍ଗର ଚୂର୍ଣ୍ଣ ମହୁ ଏବଂ ଗାଇ ଘିଅ ସହତ ମିଶାଇ ପ୍ରତିଦିନ ଏକ ଚାମଚ୍ ଲେଖାଏଁ ପ୍ରଭାତରୁ ଓ ସନ୍ଧ୍ୟାରେ ସେବନ କଲେ ଦୀର୍ଘାୟୁ ହୋଇଥାନ୍ତି ।

**ଗଳଗଣ୍ଡ** : ପଳାଶର ଚେରକୁ ଘୋରି କାନ ମୂଳରେ ଲଗାଇବା ଦ୍ୱାରା ଗଳଗଣ୍ଡ ରୋଗ ଦୂର ହୋଇଥାଏ ।

**ରକ୍ତ ଅର୍ଶ** : ପଳାଶର ପଞ୍ଚାଙ୍ଗକୁ ଜାଳି ତା'ର ପାଉଁଶ ୧୦ ରୁ ୨୦ ଗ୍ରାମ୍ ହାଲ୍କା ଉଷୁମ ଘିଅ ସହିତ ସେବନ କଲେ ରକ୍ତାର୍ଶ ଭଲ ହୋଇଥାଏ । କିଛିଦିନ ପର୍ଯ୍ୟନ୍ତ ଦୈନନ୍ଦିନ ବ୍ୟବହାର କଲେ ମଳକଣ୍ଟକ ଭଲ ହୋଇଥାଏ ।

**ଫୁଲା** : ଶରୀରର କୌଣସି ଅଙ୍ଗ ଫୁଲିଥିଲେ ପଳାଶର ଫୁଲକୁ ପେଷ୍ଟ୍ ବନେଇ ଉକ୍ତ ସ୍ଥାନରେ ଲେପଦେଲେ ଫୁଲା କମି ଯାଇଥାଏ ।

ପଳାଶ ଶରୀର ପାଇଁ ଯେତିକି ଉପକାରୀ ଏହାର ଅତ୍ୟଧିକ ମାତ୍ରା ମଧ ଶରୀର ପାଇଁ ସେତିକି କ୍ଷତିକାରକ । ଗର୍ଭବତୀ ମହିଳା ପଳାଶର ବ୍ୟବହାରରୁ ଦୂରେଇ ରହିବା ଉଚିତ୍ । ପଳାଶକୁ ଔଷଧ ଭାବେ ବ୍ୟବହାର କରୁଥିବା ଗର୍ଭବତୀ ମହିଳାମାନଙ୍କ ଗର୍ଭକୁ ଆଘାତ ଲାଗିପାରେ । ପଳାଶର ସୌନ୍ଦର୍ଯ୍ୟ ବର୍ଣ୍ଣନା କରି ଅନେକ କବି ଅନେକ କବିତା ଲେଖିଛନ୍ତି । ସୁଗନ୍ଧ ନଥିଲେ ମଧ ପଳାଶର ମନୋହର ରୂପ ପ୍ରତିଟି ହୃଦୟକୁ ମନ୍ତ୍ରମୁଗ୍ଧ କରିଥାଏ । ସତେ ଯେମିତି ପ୍ରକୃତିକୁ ସଜାଇବାକୁ ଈଶ୍ୱର ପୁଷ୍ପଗୁଚ୍ଛ ଭରା ବୃକ୍ଷମାନ ଖଞ୍ଜି ରଖିଛନ୍ତି । ଧିରେ ଧିରେ ବିଲୁପ୍ତ ପ୍ରାୟ ଲାଗୁଥିବା ପଳାଶ ବୃକ୍ଷର ପୁନରୁଦ୍ଧାର କରାଗଲେ ସତରେ କେଡ଼େ ସୁନ୍ଦର ନବବଧୂ ପ୍ରାୟ ଦିଶନ୍ତା ପ୍ରକୃତି ।


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ମଡେଲ୍ : ଖୁସି କୁମାର (ସୁଦେଶା ମହନ୍ତ)
ଫଟୋଗ୍ରାଫି: ପପୁ ବେହେରା, ମିଡ଼ିଆ କ୍ରିଏସନ୍
ଉଚ୍ଚତା : ୫ ଫୁଟ୍ ୨ଇଞ୍ଚ୍
ଶିକ୍ଷା : ହିନ୍ଦୀରେ ସ୍ନାତକୋତ୍ତର
ବୃତ୍ତି : ଆଙ୍କର ଓ ଡବିଂ ଆର୍ଟିଷ୍ଟ
ମେକ୍‌ଅପ୍
ଓ କଷ୍ଟ୍ୟୁମ୍ : ପ୍ରିୟା ଜେନା, ଶାଇନ୍ ଆଡ୍ ଗ୍ଲୋ
ବିଉଟି ଏକାଡ଼େମୀ, ବେତନଟୀ
ସ୍ଥାନ : ବେତନଟୀ

ଲେଣ୍ଡର

# ମଇ - ୨୦୨୧

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୦ | ୩୧ | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

୦୧/୦୫/୨୦୨୧ : ଶ୍ରମିକ ଦିବସ
୧୪/୦୫/୨୦୨୧ : ଇଦ୍-ଉଲ୍-ଫିତର
୧୫/୦୫/୨୦୨୧ : ଅକ୍ଷୟ ତୃତୀୟା
୨୬/୦୫/୨୦୨୧ : ଚନ୍ଦନ ଓ ବୁଦ୍ଧ ପୂର୍ଣ୍ଣିମା

### କାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | | | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୩


## ପ୍ରଫୁଲ୍ଲ କୁମାର ମହାନ୍ତି


ରାତିସାରା ପ୍ରାସାଦ ସ୍ୱପ୍ନ ଦୁଃସ୍ୱପ୍ନରେ
ବିତିଗଲା ଦ୍ରୌପଦୀର ରାତି
ମୁକ୍ତତାରା ନିଭିବା ପୂର୍ବରୁ ଯେବେ
କାମ୍ପିଲ୍ୟ ପ୍ରାସାଦରେ ଗୁଞ୍ଜିରିଲା ବୀଣାଧ୍ୱନି
ଶଂଖନାଦର ମନ୍ଦ୍ର ଜାଗତିକା
ପ୍ରଭାତ କାକଳୀରେ ପକ୍ଷୀଏ ସ୍ୱାଗତ କଲେ
ଉଷାରାଗରେ ଦ୍ରୌପଦୀର ପ୍ରଥମ ସୂର୍ଯ୍ୟୋଦୟ

ରାଜସଖୀ ଅଲ୍‌ପନା ମୃଦୁ ଡାକ ଦେଲା
ଉଠ ରାଜଜେମା ଅନ୍ଧାର କଟିଲା
ମାଜଣା ପାଇଁ ପ୍ରସ୍ତୁତ ସୌରଭୀ ପ୍ରଭାତିନୀ ।
ଅନ୍ତଃପୁର ପୁଷ୍କରିଣୀ ସ୍ଫଟିକ ବରଣା
ମଲ୍ଲୀ ଚମ୍ପାକଢ଼ ଆଉ ଚନ୍ଦନ ରେଣୁରେ
ଦ୍ରୌପଦୀର ଆଖିନାକ ମହକିଲା ପୁଲକ ପୁରବୀ
ଉଲ୍ଲସିତ ଦାସୀ ଗହଣରେ ହେଲା କଳରବୀ ।


ବିବସ୍ତ୍ର ଦ୍ରୌପଦୀ ପହଁରିଲା
ଜଳପରୀ ଛନ୍ଦରେ ପାଣିକୁ ଆଚ୍ଛନ୍ନ କଲା
ଅଲ୍‌ପନା ପରିହାସେ କ୍ରୋଧ ଛଳନାରେ
ଉଠି ଆସିଲା ପାଞ୍ଚାଳୀ ତୃତୀୟ ପାହାଚେ
ସୂର୍ଯ୍ୟ ଛୁଆଁ ରାଜକନ୍ୟା ପଦ୍ମିନୀ ଭ୍ରମରେ
ସୂର୍ଯ୍ୟକୁ ନୂଆଁଇ ଦେଲା ନମ୍ର ସୋହାଗରେ
ପ୍ରଣମିଲା ଅଗ୍ନିସୂତା ଆଲୋକଚର୍ଚ୍ଚିତା ।

ବେଶ କଲାବେଳେ ଅଲ୍‌ପନା କହିଲା ଜେମା !
ତୁମ ଆଖି ଏତେ ଉଜ୍ଜ୍ୱଳ ଯେ ମନେହୁଏ
ହୀରକ କିରଣ ଦୀପ୍ତି ଝଟକୁଛି ଇନ୍ଦ୍ରଭବନରେ
ରାଶି ରାଶି ଆନନ୍ଦର ଅମରତ୍ୱରେ
ବିଶ୍ୱପ୍ରକୃତିର ଐଶ୍ୱର୍ଯ୍ୟରେ ତୁମ ରୂପକାନ୍ତି
ଶୁଖିଲା ପତ୍ରରେ ବୋଳେ ନୂଆ ପ୍ରାଣଶକ୍ତି
ସୁଠାମ ସ୍ତନତଟ ସୁବର୍ଣ୍ଣ ଗୋଲକ
ରକ୍ତଗୋଲାପର କଢ଼ି ସ୍ତନାଗ୍ରେ ମୋଭିତ- ଥାଉ
ସେତିକି ଥାଉ- ହେ ଅଲ୍‌ପନା ତୁ କଣ କବି ନା
ଘୋଷାପାଠର ଶୁଆ ମନରଖା
ମିଠା କଥାର ଅଭ୍ୟସ୍ତ ସେବିକା ?

ନା ଜେମାମଣି ମୁଁ ପଞ୍ଜୁରୀ ଶୁଆ ନୁହେଁ
ତୁମେ ଅପରୂପା ମୋ ମନରେ ଆପେ ଆପେ
ଫିଟିଯାଏ ମହମହ ସତ୍ୟର କବିତା- ଯାଃ
ତୁ ନିଶ୍ଚୟ କିଛି ପଢ଼ିଛୁ ଶାସ୍ତ୍ର ପୁରାଣ
ହଁ ଜେମାମଣି ମୁଁ ଶିଖିଛି କିଛି ପାଠ
ଦେଖିଛି କିଛି ଜୀବନର ନାଟ ଖାଇଛି ମଧ୍ୟ ଛାଟ
କିନ୍ତୁ ମୁଁ ତୁମ ରୂପର ଚାଟ ଚାଟୁକାର ନୁହେଁ
ହସିଲା ଦ୍ରୌପଦୀ- ହଉ ବେଶ୍ ହେଲା
ମତେ କହ ପ୍ରାସାଦ ଚଳଣୀ କଥା
କେଉଁଠି କଣ ଅଛି ରାଜଧାନୀ ଆସେପାଶେ
କହ ମତେ ସକଳ ବାରତା
ପୃଥିବୀର ପରିଚୟ ରାଜା ପ୍ରଜା ପରିଚୟ
ମଣିଷର ପରିଚୟ ଖୋଜିବି ମୁଁ
ଘରବାଡ଼ି ନଦୀ ପର୍ବତ ଲତା ।




♥ 'ଚିତ୍ରକାବ୍ୟ', ଶିଶୁ ବିହାର,
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୮୦୩୬୨୩

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳୀନ କବିତା




ଚିତ୍ର : ଶିଳ୍ପୀ ଗାୟତ୍ରୀ ମାଭୁରୁ



ଚିତ୍ର : ଶିଳ୍ପୀ ନିତ୍ୟାନନ୍ଦ ସାହୁ

# ତୁମ ଗାଁ ଖରା

**ଧନଞ୍ଜୟ ସ୍ୱାଇଁ**



ଫଟୋ ସୌଜନ୍ୟ କବି

ଝାଞ୍ଜିଖରା ତା' ଝାଡୁରେ ଓଳାଏ
ବନ୍ଧ୍ୟାବିଲର ମାଟି
କେବେ ସେଇ ଖରା କୁଆଁରୀ କୁହୁରେ
ସାଉଁଳେ ଫୁଲର ପିଠି ।

ଆମ୍ବପତରରେ ମହୁରି ଫୁଙ୍କଇ
ତୁମକୁ ଦେଖିଲେ ଖରା
ତୁମକୁ ଦେଖିଲେ ପବନ ବି ଖେଳେ
ପୁଚି ଦି'ପହର ସାରା ।

ଖରା ଖଣ୍ଡା ଧରି ଜଗିଥାଏ ତୁମ
ଆମ ଗାଁ ଦୋ'ସମାଳି
ଶିମୁଳି ଶାଖାରେ ଖରା ଚିକିମିକି
ଶାଣଦିଆ ଖଣ୍ଡେ ଛୁରୀ ।

ଖରାର ମଦିରା ପିଇ ଏ ପବନ
ଅବାଟେ ପକାଏ ପାଦ
କେବେ ସେ ପବନ ତୁମ ମୋ ନାଁରେ
ରଟୁଥାଏ ଅପବାଦ ।

ନିଦାଘ ପବନେ ପହଁରି ଏ ଖରା
ଆସେ ନିଆଁ-ନାଚ କରି
ତୁମକୁ ଦେଖିଲେ ଖୁସିରେ ହୁଅଇ
କାଳିଶି ଲାଗିଲା ପରି ।

ବରଷା ବିନ୍ଦୁକୁ ସିନ୍ଧୁ ଭାବି ଏଇ
ମଳାମାଟି ନିଏ ଶୋଷି ।
ତୁମ ଅଭିମାନୀ ମନ ତଳ ରାଗ
ନିଦାଘ ତାତି ଠୁ ବେଶି ।

♥ ଅତିରିକ୍ତ ଶାସନ ସଚିବ, ଶକ୍ତି ବିଭାଗ,
ଖାରବେଳ ଭବନ, ଭୁବନେଶ୍ୱର-୭୫୧୦୦୧
ଫୋନ:୯୪୩୭୦ ୦୦୬୩୬

# ଜ୍ୟେଷ୍ଠ ପବନ

## ଅଜିତ ପାତ୍ର

ପବନ ବିଞ୍ଛି ଚାଲିଛି
ଲାଖାଇସିନି, ବୁଢ଼ାଆମ, ମଡ଼କା
ପାହାଡ଼ରୁ ପାହାଡ଼ରେ ।

କେଉଁଠି କୌଣସି ସବୁଜିମାର
ଚିହ୍ନବର୍ଣ୍ଣ ନାହିଁ,
ନାହିଁ କେଉଁଠି ବି କେହି
ମାଟି ଝରା କାନ୍ଥରୁ ଲାଲ୍‌ପୋଷ୍ଟର୍
କେବେ ଉଭାନ ହୋଇଯାଇଛି ।

ଡେଙ୍ଗା ନଳକୂପ ଠିଆ ରହିଛି
ପାଦର କଂକ୍ରିଟ୍ ଫାଟି ନିର୍ବାକ୍ ।
ସ୍ୱାଧୀନତାର ବାସ୍ତରୀ ବର୍ଷରେ
ଛିଣ୍ଡା ତାର, ଦୂର ଦୂରରେ ଥୁଣ୍ଟା ଖୁଣ୍ଟ
କୋଉଠି ପାଣିର ଦେଖା ନାହିଁ
ମୌସୁମୀ ଅଟକି ଅଛି କେଉଁଠି
ଚେନାଏ ମେଘ ଝୁଲି ଅଛି
କେନ୍ଦୁର ଅଗଡାଳରେ ।

ହାତୀରଙ୍ଗର ପାହାଡ଼ ଠାଏ ଛିଡ଼ା
ଦିନରେ ଧୂଳିଝଡ଼
ଉପରଓଳି ପବନ ବିଞ୍ଛି ଚାଲିଛି
ତେନ୍ତୁଳି ଗଛରେ ରାତିର ମଞ୍ଚା
ତଳେ ସାପ ଦୋହଲୁଛି
ହରିବାବୁ ମଞ୍ଚାରେ
ରାତିସାରା ଜ୍ୟେଷ୍ଠ ପବନ...

♥ ସଦସ୍ୟ: ଓଡ଼ିଶା ସାହିତ୍ୟ
ଏକାଡ଼େମୀ, ଭୁରୁଡାକୋଟା
ବାରିପଦା, ମୟୂରଭଞ୍ଜ
ଫୋନ:୯୮୬୧୬୨୯୭୦୨



▲ କବି ଅଜିତ ପାତ୍ର

# ଖରା

## ସିତାଂଶୁ ଲେଙ୍କା

ଏ ଖରା
ଦେ ଧରା ।

ଖରାକୁ ହାତ ବଢ଼େଇଲି

ମାଛର କାତି
ନାରୀର ଦେହ ଭଳି
ଖରାର ଦେହ

ଏ ଖରାକୁ
ମହୁଲଗଛର ଫଳ ଡାକୁଚି ଆ
ଆମ୍ୱକଶିଆ ବଉଳ ଡାକୁଚି ଆ
ପଳାଶ ଡାକୁଚି
କପାଗଛର କଢ଼ ଡାକୁଚି ଆ ।

ଖରା ଧାଇଁଚି
ଝରଣାର ଗୀତ ନଈର ଧାରା ଶୁଖେଇ
ଏଣେ ତେଣେ
ଖିନ୍‌ଭିନ୍ ହେଇ ଧାଇଁଚି ।

ପିଲାମାନେ ଖରା ପଛେ ପଛେ
ବାହାରି ଯାଉଚନ୍ତି କୁଆଡ଼େ
ଗୋରୁଗାଈଙ୍କ ପରି ଖୋଜା ଚାଲିଚି
ଏଇ ଖରାବେଳେ

ଖରାକୁ ଶୁଖୁଚି
ହାଣ୍ଡିହାଣ୍ଡି ଉଁଷା ହେଇଥିବା ଧାନ,
ଘରଚଟିଆ, କାଉ ବଣି
ନେଇ ଯାଉଚନ୍ତି ଥଣ୍ଟରେ ଟିକେ ଟିକେ

ଏତେ ବଡ଼ ଖରାରେ
ସେଇ ବୁଢ଼ୀଲୋକଟି
ଢଙ୍କେଇ ରଖିଚି ତା ମୁହଁକୁ ଓଢ଼ଣୀରେ

ଖରା ଡେଇଁ ପଡୁଚି
ହାବୁକା ହାବୁକା ପବନରେ
ଖୁବ୍ ନିର୍ଜନତା ବୁଣି ଦେଉଚି ଖରା
କୋଉଠି କୋଉଠି ପୁଅଟିଏ ଝିଅଟିଏ
ଯାକିଯୁକି ହେଇ ଚାଲିଚନ୍ତି
ଛତାର ଛାଇରେ
ଖୁବ୍ ଖରାବେଳେ

ଏ ଖରାକୁ ଧରା
କୋଳେଇ ନେଇଚି ସବୁବେଳେ ।

♥ ମେଘଡମ୍ବରୁ, କୁରୁଡ଼ା
ବାଲେଶ୍ୱର-୭୫୬୦୫୬
ଫୋନ:୯୪୩୭୧୫୯୬୭୯
୯୦୪୦୪୭୨୭୯



▲ କବି ସିତାଂଶୁ ଲେଙ୍କା

# ଅବକ୍ଷୟ

## ତପନ ପଟ୍ଟନାୟକ

ଆକାଶର ରଙ୍ଗ
ପାଚିଲା ଟମାଟୋ ପରି
ଟହଟହ ଲାଲ୍
ରାତି ପାହିଲାଣି ସତ
ଭଲ କରି ଦିଶିନାହିଁ
ବାଳୁତ ସୂର୍ଯ୍ୟର
ପୂରିଲା କପାଳ ।

ଦିଗନ୍ତ ବି ଅଧା କୁହୁଟିଆ
ଧୂଳି ଧୂସରିଆ
ଝୁଙ୍କି ପଡ଼ିଚି କି ଖଣ୍ଡେ
ଚିରା ଫଟା ବାଦଲର ଚିତ୍ର
ସକାଳ କାନ୍‌ଭାସ୍‌ରେ
ଦିଶୁଚି ବିଚିତ୍ର ।

ଭୋର୍‌ର ବାସ୍ତୁରା ପବନ କାଟି
ସେ ପାରିରୁ ଆସୁଚି କି
ଖଣ୍ଡେ ପଟେ ନାଆ
ଆସ୍ତେ ଆସ୍ତେ ଚାରିଆଡ଼
ଦିଶିଲାଣି ଫର୍ଚ୍ଚା
ନଦୀତଟ ଚା' ଦୋକାନରେ
ଘଟଣା ଓ ଦୁର୍ଘଟଣା
କେତେ କ'ଣ ଚର୍ଚ୍ଚା ।



ସକାଳଟା ବାଡ଼ିଦିଏ
କେତେକେତେ
ନିଆରା ସନ୍ଦେଶ
ଅନେକ ବର୍ଣ୍ଣମାଳାରେ
ସୁସଜ୍ଜିତ
ଖରା, ଢେଉ
ନାନାବର୍ଣ୍ଣୀ ଚଢ଼େଇଙ୍କ
ଶୁଭ୍ର ସମାବେଶ ।

ପାହାଡ଼ ତୀଖରେ ଖରା
ତଳପଟେ ନାଇଁ
ଭଜନା ବୁଢ଼ାର ଚଂପୂ
ଚାଙ୍ଗୁ ସାଙ୍ଗେ
ଶୁଭେ ଟାଇଁଟାଇଁ ।

ମାନ୍ଧାତା ଅମଳ ସ୍ୱର
ଗଲା କଥା ଗଲାଣି ସଙ୍ଗୀତ
ଗୋଟିଏ ଗୀତରେ ତାର
ସରିଲାଣି ବୟସର
ସବୁ ଯାନିଯାତ ।

ସୂର୍ଯ୍ୟ ଢଳିଯିବ ଯେବେ
ଆକାଶରେ ଫୁଟିବ ବି ତରା
ଆଗେ ଆଗେ
ସାନ୍ଦ୍ର ହୋଇଯିବ ପୁଣି
ରାତିର ଏ ଗୋପନ ବଖରା ।
ନିର୍ଜନତା ଆଣିଦେବ
ସଙ୍ଗୀତର ଶେଷ ସ୍ୱରଟିଏ
ଚାଂଗୁ ଶବ୍ଦ ଶୁଭିବନି ଆଉ
ସବୁ ଭୁଲି ଯାଇଥିବେ
ଭଜନା ନାଆଁରେ ପୁଣି
ଥିଲା ଜଣେ କିଏ !

ସକାଳ ଯେମିତି ଥିଲା ତେଜସ୍କର
ନିଷ୍ପାପ ଶିଶୁର ହସ ପରି
ଶୁଭ୍ର ଶୁଭଙ୍କର
ଚେତନାର ଆବେଗିକ ଭାବପ୍ରବଣତା
ଲାଗୁଥିଲା ସବୁଜ ସବୁଜ
ନିବିଡ଼ ହେଉ ନହେଉ
ଆସ୍ତରଣ
ଗମ୍ଭୀର ନିବୁଜ !
ସଂଧ୍ୟାର ପ୍ରିୟମାଣତା
ମତେ କଲା
ମୂକ ଓ ଅଥର୍ବ
ଆହାଃ କେତେ ଦୟନୀୟ
ବିଷାଦର ପର୍ବ !

ମୁଁ ଏମିତି
ଅସହାୟ ଜଗୁଆଳ ହୋଇ
ସମୟର ଖୋଲା ଦ୍ୱାରେ
କେତେବେଳେ
ପଡ଼ିବିରେ ଶୋଇ ।
ଘମାଘୋଟ ନିଘୋଡ଼ ନିଦରେ
ନୀଳନୀଳ ପ୍ରଶାନ୍ତି ହ୍ରଦରେ ।
କିଏ ଆସି ଡାକିଲାକି ଡାକିଲାନି
ଉଠିବାକୁ ଗହନ ନିଦରୁ

ହଜାର ହଜାର ବର୍ଷ
ଯା' ଭିତରେ ଚାଲିଗଲା
ନିରବଧି କାଳ ଆଢୁଆଳେ

ସଂଭ୍ରମା ଲଜ୍ଜାବତୀ
ସ୍ୱପ୍ନ କେତେ ଜନ୍ମ ନେଲ ।
ସମସ୍ତଙ୍କ ଅଜାଣତେ
ଗୋପନ ଉହାଡ଼େ ।
ପୁଣି ଏ ପୃଥିବୀ ଦେହ
କ୍ରମେ କ୍ରମେ ହେଉଥିଲା କ୍ଷୟ
ଲିଭିଲି ଯାଉଥିଲା
କେତେ ପ୍ରାକ୍ ଐତିହ୍ୟର
ସ୍ନିଗ୍ଧ ପରିଚୟ ।


ବିଦାୟର ଶେଷ ଗୀତ ଗାଇ
ଲାଲ୍ ହୋଇ ଉଠୁଥିଲା
ଧୂମାଭ ଦିଗନ୍ତ
କେଡ଼େ କେଡ଼େ
ଅସମାପ୍ତ ଆସକ୍ତିର
ଅନ୍ତହୀନ ଅନ୍ତ ।

ବାଲୁଗାଁ, ଖୋର୍ଦ୍ଧା-୭୫୨୦୩୦,
ଫୋନ:୮୨୪୯୦୩୪୫୦୪

ସହଜରେ ଦେଖେ ଓ ନିଜର କରେ ?

ବୋଧେ ମୁଁ ଏକ ଅସଂପୂର୍ଣ୍ଣ ଆକାର । ତମେ ହିଁ ମତେ
ପ୍ରାର୍ଥନାରେ ଓ ଜୀବନ କଟାଇବାର ବରଦାନରେ ସଂପୂର୍ଣ୍ଣ
କର । ସବୁ ଜାଣି ସବୁ ପଢ଼ି ସବୁ ଗ୍ରହଣ କରି
ତମକୁ ଏମିତି ଅପରିଚିତ ରଖିଥିବା ସାଂସାରିକତାରେ
ମୁଁ ଇ ଅଭିଶପ୍ତ, ତମେ ଇ ବରଦାନ । ଏଇ ଜୀବନର ।


ଏନ୍-୧୯୪, ଗ୍ରେଟର୍ କୈଳାଶ୍-୧
ନୂଆଦିଲ୍ଲୀ-୧୧୦୦୪୮
ଫୋନ: ୯୯୧୦୯୦୭୯୯୯

ଫଟୋ ଅମରେନ୍ଦ୍ର ଖଟୁଆ

# ସହଧର୍ମିଣୀ

## ଅମରେନ୍ଦ୍ର ଖଟୁଆ

ବୟସ୍କ ଜୀବନକୁ ନିୟନ୍ତ୍ରିତ ରୁଟିନ୍ ଦେଇଛି
କନ୍ଦର୍ପ ପରି ପୁତ୍ରଟିଏ ଓ ମୃତ୍ୟୁ ଭୟ ସମୟରେ
ସଂଯୋଜନାର ବରାଭୟ । ଅନେକ ବର୍ଷର
ଚଲାପଥରେ ସ୍ଥାନାନ୍ତରର ଭଙ୍ଗା କାନ୍ଥରେ
ଆବଶ୍ୟକତାର ପଲସ୍ତରା ଲଗାଇଛି, ବିଚାରି,
ନିଜ ଇଚ୍ଛା ଓ ଆବେଗରେ ।
ତା ପାଇଁ ତମେ ଖୁବ୍ ସାଧାରଣତାର କୃତଜ୍ଞ
ବର୍ତ୍ତମାନରେ ଗୀତଟିଏ, ଫୁଲଟିଏ, ପାରିବାରିକ
ଖୁସିର ଦର୍ପଣଟିଏ, ବିଶ୍ୱାସର କାନଫୁଲ ଦୁଇଟି
କଣ ଦେଇଛ ? ଦେଇଛ ନା ନାହିଁ ?

ଇତିହାସ ପୁରାଣ ଲୋକକଥା କିମ୍ବଦନ୍ତୀ ଜନଶ୍ରୁତି
ଓ ଆଧୁନିକ ସାହିତ୍ୟ- ସବୁ ଏମିତି ବନେଇ ଦିଅନ୍ତି
ତମକୁ ଦେବୀ, ପ୍ରେମିକା ଓ ସହଚରୀ । କିନ୍ତୁ ସାରା
କାହାଣୀ ମୋ ବିଷୟରେ, ନାୟକର ଜୀବନ ନେଇ
ଆଶଙ୍କା ଓ ଅନୁଭବର ଦିଗ୍‌ବିଜୟରେ ଏମିତି ସବୁ
କିଛି ଏଇ ପୁରୁଷର । ତମେ କୁଆଡ଼େ ଥାଅ ? ତମ
ଅଭାବ, ଦୁଃଖ, ଜଞ୍ଜାଳ ଓ ଇଚ୍ଛାର ଛୋଟଛୋଟ ମହମବତୀଙ୍କ
ପବନରେ ଏମିତି ହଲୁଥିବାର ଚିତ୍ର କଣ ମୁଁ ନିତ୍ୟାନ୍ତ



ଚିତ୍ର : ଶିଳ୍ପୀ ତରାତ୍ ଆଁମ

# ତମସାଘର

## କେଦାର ମିଶ୍ର

ଏ ଅନ୍ଧାର ବି ତୋ ପରି
ଟିକେ ଦୃଶ୍ୟ ଓ ଅନେକ ଅନେକ ଅଦୃଶ୍ୟ ।

ତୋର ବେଦନା ଫୁଲ ହୋଇ ଫୁଟୁଥିବାର
କବିତା ହୋଇ ମହକୁଥିବାର
ଓ ଗୀତ ପରି ଚହଲୁଥିବାର
ମୁଁ ଦେଖି ପାରେନା ।

ମୋତେ ଦିଶେ ତୋ ଓଠ ପ୍ରବାଳ ପରି
ତୋ ଆଖି ଦୁଇଟି ଉଜ୍ଜ୍ୱଳ ତାରା
ତୋ ଦେହ ହିମାଳୟର ବରଫ ଉପରେ
ଚନ୍ଦ୍ରକିରଣର ପତାକା
ମୋତେ ଆହୁରି ଦେଖାଯାଏନା ଅନ୍ଧାର ସେ ପାଖେ
ତୋର ଢେଉ ଭାଙ୍ଗୁଥିବା ଭଲପାଇବା ।



▶ଚିତ୍ର : ଶିଳ୍ପୀ ତରାବ୍ ଖାଁନ

ମୁଁ ଏଇ କିଛିଦିନ ହେଲା ପ୍ରଚୁର ଶୋଧିଛି ନିଜକୁ
ଶୋଧିଛି ମୋ ଭିତରର ପ୍ରେମିକକୁ
ମୁଁ ମୋ ପ୍ରେମକୁ ଖଣ୍ଡ ଖଣ୍ଡ କରି କାଟିଛି
ଓ ପ୍ରତି ଖଣ୍ଡରେ ଆଙ୍କିଛି ତୋର ଆଖି ।

ତୋ ଆଖି ଉଦାସ କପୋତ ପରି ଏକ୍‌ଲା
ତୋ ଆଖି ହଜିଯାଉଥିବା ବୋଇତ ପରି ଗଭୀର ସମୁଦ୍ରରେ ଉଦାସୀନ
ତୋ ଆଖି ହଜାର ବର୍ଷରେ ଥରେ ମାତ୍ର ଫୁଟୁଥିବା
ଗୋଟେ ଆଶ୍ଚର୍ଯ୍ୟ ଗଛର ଫୁଲ ।

ମୁଁ କାହିଁକି ଦେଖି ପାରିଲି ନାହିଁ ତୋ ଆଖିକୁ ପଚିଶ ବର୍ଷ ଆଗରୁ ?
କାହିଁକି ମୁଁ ତୋତେ ସେବେ ଭେଟିଲି ନାହିଁ
ଯେତେବେଳେ ତୋ ଦେହରେ ଉଡ଼ିବା ଆରମ୍ଭ କଲେ ପ୍ରଜାପତି ?
କାହିଁକି ମୁଁ ଏତେ ଦୂରରେ
ତୋତେ ନେଇ ତିଆରିକଲି କୁହୁଡ଼ି ରଙ୍ଗର ପୃଥିବୀ ?
ମୁଁ ପ୍ରଶ୍ନ ପଚାରିଛି ଓ ବାରମ୍ବାର ନିଜକୁ ଶୋଧିଛି ।

ଏବେ ମୁଁ ମୋ ଭିତରେ ତିଆରି କରୁଛି
ଅନ୍ଧାରକୁ ନେଇ ନୂଆ ଏକ ଘର
ଏ ଘର ଭିତରେ ବାକି ଜୀବନ କବାଟ କିଳି ରହିବୁ ଆମେ ଦୁହେଁ
ମୁଁ ଓ ଅନ୍ତରତମ ବେଦନା ତୋର ।

♥ ବିନୋଦିନୀ ନିବାସ, ୨୬୫/୧୭୩୬- ଏ, ଶାସ୍ତ୍ରୀ ନଗର,
ୟୁନିଟ-୪, ଭୁବନେଶ୍ୱର-୭୫୧୦୦୯
ଫୋନ: ୯୪୩୭୧୫୪୪୪୫



▶କବି କେଦାର ମିଶ୍ର

# ଦଙ୍ଗାବାଦ


## ଅମିୟ ରଞ୍ଜନ ମହାପାତ୍ର


ସେମାନଙ୍କ ଲୁହ ଓ ଲହୁକୁ
ହତିଆର୍ ଆଉ ହାତବାରିସୀ କରିବାରେ
ବେଶ୍ ମାହିର୍ ତମେ ।
ତମ ସପକ୍ଷରେ କଥା କହୁନଥିବା
ପ୍ରତିଟି ବାକ୍ୟ ବିରୁଦ୍ଧରେ
ଜଣେ ଜଣେ ଯୁଦ୍ଧଡାକରା ପରି
ସେମାନଙ୍କୁ ତିଆରି ସାରିଛ ତମେ ।

ଭୋକ, ରାଜପୁଅ ନୁହେଁ ଯେ
ପକ୍ଷୀରାଜ ପିଠିରେ ବସି ଆସିବ ମହାଜନେ !
ଲୁହର ଗୀତ ସବୁବେଳେ ବେସୁରା
ତମେ ଗାଅ କି ମୁଁ କି ସେମାନେ !

ଶବ୍ଦକୁ ଅସ୍ତ୍ର ଧରେଇ ଓହ୍ଲେଇ ଦିଅନି ରାସ୍ତାରେ !
ତମ ପିଲାମାନେ ବିଦେଶୀ
ବିଦ୍ୟାଳୟରେ ସଭ୍ୟତା ଶିଖିବେ
ହତିଆର୍ ଥିବ ସେମାନଙ୍କ ହାତରେ !

ତମେ ନିଜ ପାଇଁ ଘର ଗଢୁଥିବ, ଅଥଚ
ଦେଶ ଭାଙ୍ଗିବା କହିବ,
ସେମାନେ ସତ ବୋଲି ଧରିନେବେ ।
ଆକାଶରେ ମେଘ ଉଡ଼ିଲେ ଭାବିବେ
ସେମାନଙ୍କ ଆଳୁଅ ବିରୁଦ୍ଧରେ ଷଡ଼ଯନ୍ତ୍ର
ବର୍ଷାକୁ ବି ଅଗ୍ରାହ୍ୟ କରିଦେବେ ।

ତମେ କହିବ ପଥର ଆଗରେ ନୁଆଁନି ମଥା
ସେମାନେ ଭାବିନେବେ ପଥର ଉଠେଇବା କଥା

ପଥରଟେ ଉଠିବ ମାନେ ତ
କୋଉଠି ନା କୋଉଠି ପଡ଼ିବ ନିଶ୍ଚୟ ।
ଅନେକ ଭୁଲ୍ କାରଣ ପାଇଁ
ସେମାନେ ପାଲଟିବେ ଖବରର ଶୀର୍ଷକ ।
ତମେ ଶୋଭାଯାତ୍ରାର
ଆଗଧାଡ଼ିରୁ ସ୍ଲୋଗାନ୍ ଦେଉଥିବ
ନିଆଁକୁ ଡେଇଁପଡ଼ିବାକୁ ତମ ସହ
ଲକ୍ଷ ଲକ୍ଷ ପତଙ୍ଗ ପରି ଲୋକ !

ତମେ ବୁଝେଇ ଦେଉଥିବ
ଦେଶର ସ୍ୱାଧୀନତା ମାନେ
ଶତ୍ରୁଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଘୋଷ !
ସେମାନେ ନିଜକୁ ଭାବୁଥିବେ
ଜଣେ ଜଣେ ଅତ୍ୟାଚାରିତ ଉପନିବେଶ !

ତମେ ଭୂଗୋଳ ବହି ପଢ଼ିଛ, ସେମାନେ
ଓଲଟେଇ ନାହାନ୍ତି ଗୋଟେ ବି ପୃଷ୍ଠା
ଯୋଉ ଗାରକୁ ଅଗ୍ରାହ୍ୟ କର ବୋଲି କହିବ
ସେମାନେ ଧରିନେବେ ନିଆଁର ବିବସ୍ତ୍ର ଇଚ୍ଛା ।

ଘୋଡ଼ାର ଘଷରା ନାଲ ପରି ସେମାନଙ୍କ ଜିଇଁବା ।
ତମେ ସବାର୍ ହେଇଥିବ ଘୋଡ଼ା ପିଠିରେ
ସେମାନେ ଭାବୁଥିବେ
ତମ ଉଚ୍ଚାରଣ ଇ ମନ୍ତ୍ରମୟ ଆବାଜ୍ ।
ଘୋରି ହେଉଥିବେ ଲହୁଲୁହାଣ ହେଇ
ଆଉ ଘାରି ହେଉଥିବେ
ଈଶ୍ୱର ଓ ସର୍କାର, ସମସ୍ତେ ଦଗାବାଜ୍ !

କେବେ ଜିଇଁବା କଥା
ଭାବିବାକୁ ଦେଲ ଯେ ସେମାନଙ୍କୁ ?
ତମ ଅର୍ଜିତ କୌଶଳରେ
ଖାଲି ତ ମରିବା ମାରିବା ଶିଖେଇଲ !
ରେରେକାରରେ ଭର୍ତ୍ତିକଲ
ସେମାନଙ୍କ କାନର କଳସ
ସେମାନେ ଧରିନେଲେ ତମ କଥା ଛଡ଼ା
ପୃଥିବୀର ଆଉସବୁ ଶବ୍ଦ ମିଛ !

ଅନ୍ୟମାନଙ୍କ ଓଠର ହସ କାଳେ
ସେମାନଙ୍କ ଲୁହ ପ୍ରତି ପରିହାସ
ବିହନ ବୁଣିଲା ପରି ବାରୁଦ ବିଞ୍ଚିଦିଅ ।
ଫୁଲ ବଗିଚାରେ ଫଳ ହେଲାନି
ତ ମାଳୀର ଦୋଷ
ତୀରରେ ନାଆଁ ଲେଖିଦିଅ !

ତମେ ଉଜ୍ଜ୍ୱଳ ଦିଶୁଥାଅ ଦିନକୁଦିନ
ଉଜୁଡ଼ି ଯାଆନ୍ତି ସେମାନେ ।
ନିଶାଖୋର୍‌ମାନଙ୍କୁ ତମେ
ଶୁଣାଅ ନିଝୁମ୍ ରାତିର ଗୀତ
ଆହୁରି ଆହୁରି ଅନ୍ଧାର
ପାଲଟି ଯାଆନ୍ତି ସେମାନେ... !


♥ କଳାମଣ୍ଡପ ରାସ୍ତା, ପିଠାପୁର, କଟକ-୧
ଫୋନ:୯୪୩୭୦୨୭୫୭୦



▶ ଫଟୋ: ଅମିୟ ରଞ୍ଜନ ମହାପାତ୍ର

# ଅନୁପମାର ଡାଏରୀ

## ମୋହିତ ଚକ୍ରବର୍ତ୍ତୀ

ଆଜି ଡିସେମ୍ବର ୨୯
୩୦୨୧ ମସିହା
ରବିବାର !

ଆଜି ଖରା ଆସିଲା ଅନେକ ଡେରିରେ
ଯେହେତୁ କାଲି ନିଦ ଆସୁ ଆସୁ
ହେଇଯାଇଥିଲା ବହୁତ ରାତି

ସାରା ରାତି ମୋର ଝର୍କା ଖୋଲା
ହାତ ପାହାନ୍ତାରେ ଆକାଶ
କାନ୍ଥରେ ଝୁଲୁଛି
୨୦୨୧ ମସିହାର
ସେଇ ପୁରୁଣା କ୍ୟାଲେଣ୍ଡର୍

ସେଇ ଡିସେମ୍ବର ୨୯ ଉପରେ
ଲାଲ୍ ଦାଗ
ସେଦିନ ସେ ଆସିଥିଲା ଏଇଠିକୁ,
ଏଇ ଘରକୁ
ଏଇ ସେଇ ଫ୍ଲାଟ୍ ନମ୍ବର ୩୭୦

ଏଇ ସେଇ ଫୁଲଦାନୀ ଉପରେ
ଚାଇନିଜ୍ ଫୁଲର ବସନ୍ତ
ବୁଦ୍ଧଙ୍କର କ୍ଷମାମୟ ନିମିଳିତ ଆଖି

ସାମ୍ନା ଗଛରେ ମହୁଫେଣା
କାଠହଣା ଚଢ଼େଇର
ଅବିଶ୍ରାନ୍ତ ସଂଘର୍ଷ
ସେ ଚେଷ୍ଟା କରୁଥିଲା
ଚାବି ପେନ୍ଥାରୁ ଛୋଟ ଚାବିଟେ
କାଢ଼ିବା ପାଇଁ

ହେଲେ ତା ହାତ ଥରୁଥିଲା
ଅଜଣା ଭୟରେ
ସେ ଦେଖୁଥିଲା
ଝର୍କା ସେପାଖର ଆକାଶକୁ

ଯେଉଁଠି ଉଡୁଥିବା ଚଢ଼େଇମାନେ ଅଟକିଯାଇ
ତାକୁ ଦେଖୁଥିଲେ କି !
ଫେରୁଥିଲେ କି ମେଘମାନେ
ମରୁଭୂମି ଆଡ଼କୁ !

ଘାସ ଉପରର କାକର ଟୋପା
ଓଦା କରୁଥିଲା
ମାର୍ଗଶୀରର ଡାଳାକୁ

ଆକାଶର ବ୍ଲାକବୋର୍ଡ଼ରୁ
ଅବଶିଷ୍ଟ ତାରାମାନଙ୍କୁ
ଲିଭେଇ ଦେଉଥିଲା ଖରାର ଡଷ୍ଟର୍

ନଇ ଫେରୁଥିଲା
ପାହାଡ଼ର ହାତ ମୁଠାକୁ

ଛାତି ଉପରେ ସବାର ହେଉଥିଲା
ମେଘ ନା ପଥର ଖଣ୍ଡେ

ଅଟକି ରହିଥିଲା
ଲୁହ ଦି'ଟୋପା
ଅପଲକ ଆଖି କୋଣରେ

ତା'ର ଉତ୍ତର ଆସିବା ଆଗରୁ
ମୋର ପ୍ରଶ୍ନ ନିଶ୍ଚିହ୍ନ
ନିଶ୍ଚିହ୍ନ ସବୁ ଦ୍ୱନ୍ଦ୍ୱ
ସବୁ ଦ୍ରବୀଭୂତ ଇଚ୍ଛା
ପଞ୍ଜୁରୀ ଭିତରକୁ ଫେରୁଥିଲା
ଚୈତ୍ରର ଚଢ଼େଇ

ଓଠକୁ
ପ୍ରଥମ ଚୁମ୍ବନର ଲିପ୍‌ଷ୍ଟିକ୍
ହେଲେ ଯା ଭିତରେ ହଜାରେ ବର୍ଷ ?

କାଠହଣା ଚଢ଼େଇ
ଚନ୍ଦନ ଗଛରୁ କାଟିଥିଲା
ମାତ୍ର ଦି'ଇଞ୍ଚର କାଠ

ମହୁଫେଣାରେ
ରାଣୀ ମହୁମାଛି ମାପି ରଖିଥିଲା
ସେଇ ସଞ୍ଚିତ
ଦି'ଚାମୁଚ୍ ମହୁର ହିସାବ
ଉତ୍ତରା ଫାଲଗୁନୀ ନକ୍ଷତ୍ରରେ
ଅଟକି ରହିଥିଲା
ଦିନ, କାଳ, ସ୍ଥାନ, ପାତ୍ର
ଅଟକି ରହିଥିଲା
ସେଇ ଦୁଇଟି ଚରିତ୍ର

ଡାଇରୀର ପୃଷ୍ଠା ଓଲଟିଲା
ସେଇ ସୁନାର ତାରିଖ ଆଡ଼କୁ

ସେଇ ପୁରୁଣା ପୃଷ୍ଠା
କଡ଼ ଲେଉଟାଇଲା
ଡିସେମ୍ବର କୁହୁଡ଼ିର
ଚାଦର ତଳେ

ହେଲେ ପଢ଼ି ଦେଖୁଛି କିଏ !
କେତେ ସତ, କେତେ ମିଛ ?
କେତେ ଗୋପନୀୟ
କେତେ ଉନ୍ମୁକ୍ତ କେତେ ଛଳନା, କେତେ ବାହାନା
ଲେଖା ଥାଏ କି ଡାଏରୀରେ
ଛଦ୍ମନାମରେ ଛଦ୍ମବେଶୀ ଈଶ୍ୱରର ଠିକଣା
ଡାଏରୀର ପୃଷ୍ଠା ଉପରେ
ପୁରୁଣା ଦି'ଟୋପା ଲୁହର ଦାଗ
ଆଲୋକିତ
ଗୋଧୂଳିର ପଶ୍ଚିମ ଦିଗ

ଏବଂ ବାହାରେ
ପୁରୁଣା ପରିଚିତ ପାଦ ଶବ୍ଦ ?
ସେ ଫେରିଲା କି !
ସେଇ ପୁରୁଣା କଲିଂବେଲ୍‌ର ସାଉଣ୍ଡ୍
ସେଇ ପୁରୁଣା ପରଫ୍ୟୁମ୍‌ର ଧୂପ
କବାଟ ଖୋଲିଲା ପରେ
ଦୁଆର ମୁହଁରେ ସେ

ହାତରେ ସେଇ
ପୁରୁଣା ଚାବିପେନ୍ଥା
ଏତେଦିନ ଲାଗିଗଲା ତାକୁ
ତାଲା ଖୋଲିବାକୁ ?
ହଜାରେ ବର୍ଷ !

ହେଲେ ଏତେ କଥା ତ
ଲେଖା ନଥାଏ
ଅନୁପମାମାନଙ୍କ
ଡାଏରୀରେ !

♥ ଫ୍ଲାଟ୍ ସି/୧୧୯୫/୩୧, ସିଡ଼ିଏ-୬, କଟକ
ଫୋନ:୯୪୩୭୧୨୪୮୭୬



▲ ଫଟୋ ମୋହିତ ଚକ୍ରବର୍ତ୍ତୀ

# ଯୀଶୁ: କ୍ରୁଶବିଦ୍ଧ ବେଳେ

## ଚିତ୍ତରଂଜନ ନାୟକ

ଯୀଶୁ ଖୋଲି ପାରିନଥିଲେ ଦେହରୁ କଣ୍ଟା
ସେଦିନ କ୍ରୁଶବିଦ୍ଧ ହେବା ପରେପରେ
କହି ପାରିନଥିଲେ ମୁକୁଳାଅ ଏ ରକ୍ତରଙ୍ଗ ଅସ୍ତ୍ର
ମୁକୁଳାଅ ହାହାକାର, ଏ କ୍ଲେଶର ସଙ୍ଗୀତ ।

କାରଣ ସେ ଅନୁଭବୁଥିଲେ
ଯୁଗପତ୍ ଯନ୍ତ୍ରଣା ପାଖୁଡ଼ାପାଖୁଡ଼ା ପବିତ୍ରତା
କେମିତି ଛୁଇଁଛୁଇଁ ଯାଉଥିଲା ହାଡ଼ରକ୍ତ ମାଂସ
କେମିତି ସମାହିତ ହେଉଥିଲା ଆଲୋକିତ ଦୁଃଖ
ଦେହରେ ସଞ୍ଚରୁଥିଲା ଅଦ୍ଭୁତ ସେ ନିର୍ବାଣର ହସ
ଯାହା ଛାଇ ଭଳି ପଛେପଛେ ଚାଲିଲେ ବି
ଆଲିଙ୍ଗନ କରି ପାରିନଥିଲା ବର୍ଷ ପରେ ବର୍ଷ ।



▲ ଚିତ୍ତରଂଜନ ନାୟକ

ଯୂପକାଠ ପାଲଟିଥିଲା ଜିଜ୍ଞାସାର ଯଜ୍ଞବେଦୀ
କଣ୍ଟାମାନେ ସାଜିଥିଲେ ମାୟାବୀ ଅନ୍ଧାର
ରକ୍ତସବୁ ସାଜିଥିଲା ପୃଥିବୀର ପାହୁନଥିବା ରାତି
ଶତ୍ରୁ ସବୁ ସାଜିଥିଲେ ପାପ ଓ ପୁଣ୍ୟର ପରୀକ୍ଷାଗାର ।

ଚେଇଁ ଉଠିଥିଲା ମରୁଭୂମିର ଭୋକ
ତାତି ଉଠିଥିଲା ଉପେକ୍ଷାର ଟାଙ୍ଗରା ଭୂଇଁ
ଅଜାଡ଼ି ହେଇ ପଡ଼ିଥିଲା ଈର୍ଷାର ଆଗ୍ନେୟଗିରି
ଘୃଣାର ଦୂଷିତ ଜଳରେ
ଶବ ହେଇ ଭାସୁଥିଲା ପ୍ରେମର ପୂନେଇଁ ।
ଶିରାରେ ଶିରାରେ ବିଜୁଳି ପରି ଚମକୁଥିଲା
ଗୋଟେ ସ୍ୱରହୀନ, ଲୟହୀନ ଗୀତ
ସବୁ ଅଭିଯୋଗ ଆଉ ଆଶୀର୍ବାଦକୁ
ଆଉଁସି ଚାଲିଥିଲା ହଳେ ଇତିହାସର ହାତ ।

ଯୀଶୁ ଖୋଲି ପାରିନଥିଲେ ଦେହରୁ କଣ୍ଟା
ସେଦିନ କ୍ରୁଶବିଦ୍ଧ ହେବା ପରେ
ନିରବରେ ଭୋଗିଥିଲେ ଆକାଶର ଅଖଣ୍ଡ ଆଧିପତ୍ୟ
ପବନର ମନ୍ଦମନ୍ଦ ଆଲିଙ୍ଗନ
ପୃଥିବୀର ପାପ ସବୁ ଖେଳୁଥିଲେ ପ୍ରଜାପତି ପରି
ପୁଣ୍ୟର ପ୍ରତିଧ୍ୱନି ଲାଗୁଥିଲା ତଥାପି ମୁଖର
ଦୂର ସମୁଦ୍ରରେ ଝଡ଼ ଆସି ମେଲିଥିଲା ସପନର ତରୀ ।

ସେ ଭଲଭାବେ ବୁଝିଥିଲେ
ଦେହରୁ କଣ୍ଟା ଖୋଲିବାଠୁ ଢେର୍ ଭଲ
ଦେହର ଏ ପୁଞ୍ଜିଭୂତ ସାମର୍ଥ୍ୟ ମାପିବା
ଦେହର ଏ ଗୁମ୍ଫାରୁ ଆତ୍ମାର ଅକ୍ଷର ଖୋଜିବା
ଦେହର ଏ ଭାଙ୍ଗି ଯାଉଥିବା ଡାଳରୁ
ସଂସାରର ସର୍ବପୁରାତନ ଫୁଲଙ୍କୁ ଦେଖିବା
ଓ ଆଘାତର ଅସଂଖ୍ୟ ଶବ୍ଦରେ
ଈଶ୍ୱରଙ୍କ ପାଇଁ ଈଶ୍ୱରଙ୍କ ତପସ୍ୟା ଭାଙ୍ଗିବା ।

♥ ଅତିରିକ୍ତ ବିଡ଼ିଓ, ଘଟଗାଁ ବ୍ଲକ୍, କେନ୍ଦୁଝର-୭୫୮୦୨୭,
ଫୋନ:୯୯୩୭୫୭୫୪୯୨

# ବାସ୍ନା

## ସଂଜିତ୍ କୁମାର ବଳ



ଚିତ୍ର : ଶିଳ୍ପୀ ତରାବ୍ ଖାଁନ

ଜୀବନ ଅଛି ତା ବାସ୍ନାର ।

ମୁଁ ରାତି ଖୋଜି ଉଜାଗର,
ସବୁ ଋତୁର ପବନରେ
ଛପର କରୁଥାଏ ସ୍ୱପ୍ନଘର,
କାଲି ଯୋଉ ସୁଖର ମୁହଁଟି ଦିଶିଯିବ
ତା ଆଖିରୁ ଆଣି
ଅନ୍ଧାର ଦୁଆରେ
ଲଗାଇ ଦିଏ ଟିପେ କଜଳ ।

ମୋ ବାସିନିଦରେ ଛାପିଯାଏ
ସ୍ୱପ୍ନରୁ ମୋ ପଛେପଛେ ଆସିଥିବା
ଅନେକ ଶବ୍ଦଙ୍କ ଶୋକଚିହ୍ନ
ତା ବାସ୍ନା ସେ ଶବ୍ଦମାନଙ୍କ ସହ
ଲୁହଚୋରି ଖେଳେ ସାରାଦିନ ।

ଯୋଉ ନିରୀହ ରାସ୍ତା
ଆଲୁଅରେ ଥରେ ପହଁରି ଆସି
ଘଡ଼ିଏ ଥକ୍‌କା ମାରେ
ମୁଁ ତା କଅଁଳ ବିଶ୍ୱାସରୁ
ନିଗିଡ଼ି ପଡୁଥିବା
ବୁଂଦେ ଦୁଃଖରେ ବୁଡ଼ ପକାଏ,
ଅଣନିଃଶ୍ୱାସୀ ହୋଇପଡୁଥିବା ଧୂଳିକୁ
ତା ବାସ୍ନା ସରାଗରେ ପୋଛିଦିଏ ।



କବି ସଂଜିତ କୁମାର ବଳ

ଏତେ ନିର୍ଦ୍ଦୟ ହ' ନା ରେ ଖରା
ମୁଁ କାହାକୁ ଚିହ୍ନାଇବି
କେମିତି ଯେ ତୁମେ ହିଁ
ଶ୍ରେଷ୍ଠ କାରିଗର ଝାଳବୁଂଦାର,
ତା ବାସ୍ନା ସହ କେମିତି ପରିଚିତ କରାଇବି
କହିବାକୁ ଏକଥା ଯେ
ସେ ଚଳନ୍ତି ପଥର ମୋ ପାପତୁଠର ।

ବେଳେବେଳେ ସେ ବାସ୍ନା
ମୋ ଭିତର ଶୋଷକୁ
ଢୋକେଢୋକେ ପି'ଯାଏ
ଢୋକର ଶବ୍ଦରେ
ଗଢ଼ି ହେବାରେ ଲାଗେ ମାଠିଆଟେ
ଓ ମୋର ଯେତେସବୁ ଅବ୍‌ସୋସ୍
ମାଠିଆର ଶୂନ୍ୟତାରେ
ଚିତ୍‌ପହଁରା ଦିଏ ।

ରଂଗ ଅଛି ତା ବାସ୍ନାର,
ଫିକା ପଡ଼ିଥିବା ଦୃଶ୍ୟରେ
ଯାହା ବୋଲି ହେଇ
ମୋ ଆଖିକୁ କରିନିଏ ନିଜର,
ସ୍ୱପ୍ନ ପାଇଁ ଏତେ ରାତି କାଇଁ
ଭାବିଲା ବେଳକୁ
ସେ ବାସ୍ନା ଲାଗେ ରାତି ରଂଗର ।

ମୁଁ ରାତି ଖୋଜି ଉଜାଗର
ଆଉ ତା ବାସ୍ନା ପ୍ରମାଣ ହେବାକୁ
ଫର୍ଦ୍ଦେ ପାହାନ୍ତିରେ
ପାଲଟେ ମୋହର ।

ମୂଷାଙ୍ଗ, ତିହିଡ଼ି, ଭଦ୍ରକ
ଫୋନ: ୮୨୪୯୦୮୧୯୨୭

# ଘର

## ସରୋଜ ମହାନ୍ତି

ବୋଧହୁଏ ଶେଷ ଯାଏଁ ମିଳେନା ସେ ଘର ।

ଗୋଟେ ମାଟିର ପାଟେନ୍ ଘର ଥିଲା ଗାଁରେ
କେତେ ସମ୍ପୂର୍ଣ୍ଣ ସୁରକ୍ଷିତ ଓ ସୁନ୍ଦର ଥିଲା ସେ ଘର
ଯେତେବେଳେ ଚାହିଁଲେ ବି ସେଠିକି
ଫେରିହେବ ବୋଲି ବିଶ୍ୱାସ ଦେଉଥିଲା
ଆମେ ବଡ଼ ହେଲୁ ଆଉ ଛୋଟ ହେଇ ଗଲା ସେ ଘର
ଆତ୍ମୀୟତାର ମାଟିଗୋବର ଲିପା
ଯତ୍ନର ଖପରଛୁଆଁ ଅଭାବରେ ସେ ବି ମାଟିରେ ମିଶିଲା
ନୂଆଁଖାଇରେ ଦେଖି ଆସିଲି
ସେଠି ଏବେ ଛତି ଫୁଟୁଛି 'ଭୁଦୋ ମଂଗଲା' ।

ସତରେ ସେ ଭାଂଗି ନଥିଲେ ବି କ'ଣ
ଆମେ ଫେରିଥାନ୍ତୁ ସେ ଘରକୁ ?
ଆମ ଭିତରେ ଯେ କେତେ କଣ ଭାଂଗିଛି
ଦେଖେଇ ହେଉଛି ନା ବଖାଣି ହେଉଛି ।

ସହରରେ ଗୋଟେ ଭଡ଼ାଘର
ପ୍ରତିବର୍ଷ ଚୁକ୍ତି କରୁଛି ଘର ମାଲିକ ସହ
କ'ଣ କ'ଣ କରିପାରିବି ନାହିଁ ଏ ଘରେ
ଯଦ୍ୱାରା ଘରଟା ହେଇ ରହିବ ସୁଦ୍ଧୁ ଭଡ଼ାଘର



ସେ ବି ଆମ ଛାତି ପରି ଏତେ ସଙ୍କୁଚିତ ଯେ
ମାବାପା ସହର ସେ ମୁଣ୍ଡରେ
ସୁଖଦୁଃଖରେ ଯେତେ ଯିବା ଆସିବା କଲେ ବି
ଏ ମୁଣ୍ଡରେ କି ସେ ମୁଣ୍ଡରେ
କୋଉଠି ବି ହେଇପାରୁନଥାଏ ଗୋଟିଏ ଘର ।

ଯେଉଁମାନେ ପ୍ରତି ବଡ଼ ନଗର ସହର ରାଜଧାନୀରେ ତୋଳୁଥାନ୍ତି
ବିଦେଶରେ ବି କିଣୁଥାନ୍ତି
ମୁଁ ଜାଣେନା ତାକୁ କହିହେବ କି ନାହିଁ ଘର
ଆଉ ସେମାନଙ୍କ ଘର କଥା କହିବା
ଏକାସାଂଗରେ ଜଟିଳ ଓ ବିପଦପୂର୍ଣ୍ଣ ଯେଉଁମାନେ
ଜାତି ଧର୍ମ ଦେଶ ଓ ବିକାଶର ଦଂଗାରେ ଘର ହରେଇ
ଖୋଜୁଥାନ୍ତି ନୂଆ ଗୋଟେ ଘର
ସତରେ କ'ଣ ସେ ମିଳେ ?
ଡ଼ରିଡ଼ରି ନୂଆ ଘର ତୋଳୁଥିଲା ବେଳେ
ସେମାନେ ବାରବାର ଫେରୁଥାନ୍ତି ନିଜ ପୁରୁଣାଘରକୁ
ଯାହା ସମୟ ଗର୍ଭରେ ଲୀନ ହେଇସାରିଥାଏ କେବେଠୁ
ଜରୁରୀ ନୁହଁ ସଭିଏଁ ଘର ପାଇବେ ଇତିହାସରେ ।

ପଛକୁ ଫେରିଲେ କି ଭବିଷ୍ୟତ ଆଡ଼କୁ ମାଡ଼ିଗଲେ ବି
ମିଳେନା ନିଜର ଘର
କାହିଁ କୋଉଠି ବି ଘରଟାଏ ଥାଏ କି ?
ଘରଟିଏ ନଥାଏ ବୋଲି କ'ଣ
ଆମ ଭିତରେ ଘରର ଏତେ ଆକର୍ଷଣ ?

ବଡ଼ କଷ୍ଟ ଏତକ ଜାଣିବା ଯେ
ଏ ଘର ଖୋଜା, ଅତୀତ ଲାଗି ନା ଭବିଷ୍ୟତ ଲାଗି
ସେ ଏକ ସ୍ମୃତି ନା ସ୍ୱପ୍ନ
ସେ ଏକ ଯାତ୍ରା ନା ଯାତ୍ରାର ଅନ୍ତ
କେବଳ କ'ଣ କିଛି
ବିଶ୍ରାମ ଆତ୍ମରତି ଆତ୍ମଦର୍ଶନ ଓ ଆତ୍ମସ୍ୱୀକୃତି
ଲାଗି ଲୋଡ଼ା ଏକ ଘର
ଯେଉଁଥିରେ ସବୁବେଳେ ଆମେ କିଛି ଯୋଡୁଥାଉ ଭାଂଗୁଥାଉ
ଅଦରକାରୀ ବୋଲି ଯାହା କାଢ଼ିଥାଉ
ସେ ଭିତରୁ କିଛି ପୁଣି ପେଡ଼ିପୁଟୁଳା ବାନ୍ଧି ରଖି ଦେଉଥାଉ
ଏଇ କାଢ଼ିବା ରଖିବା କ'ଣ ଜୀବନ ?

ଜୀବନ ଯଦି ଏକ ଯାତ୍ରା
ରହିଯିବା ଦରକାର କ'ଣ ଯେ
ଏହାଠୁ ଆହୁରି ଏକ ଭଲ ସଂସାର ଲାଗି
ଘରେ ପଶି ବାହାରି ଯିବା ପୁଣି ଖୋଜିବା
ଶେଷଯାକେ ନ ମିଳୁ ପଛେ ସେ ଘର ।


ଶତପଥୀ ଭବନ, ଏଲ୍ ଆର୍ ଲ' କଲେଜ୍ ଲେନ୍
ପେନ୍‌ସନ୍ ପଡ଼ା, ସମ୍ବଲପୁର-୧
ଫୋନ : ୮୮୯୫୧୫୭୦୬୬



▲ ଚିତ୍ର : ଶିଳ୍ପୀ ନିକୁଞ୍ଜ ବିହାରୀ ଦାସ

# ଭଙ୍ଗାଭାଗ୍ୟ

## ନିରାକାର ଦାସ

ଜୀବନକୁ ସାତରଂଗରେ ସଜେଇ
ହୃଦୟକୁ ପାଟବସ୍ତ୍ର ପିନ୍ଧେଇ
ଆଶାର ଆକାଶରେ ସ୍ୱପ୍ନର ପର ଝାଡ଼ି
ଉଡ଼ି ବୁଲୁଥିବା ଏ ମନ,
ଏବେ ନିରାଶାର ମରୁବାଲି ପରେ ପଡ଼ିରହି
ପଚାରୁଛି ଆକାଶକୁ,
ପଚାରୁଛି ଆଲୋକିତ ଅନ୍ଧକାରକୁ,
କାହିଁକି କଚାଡ଼ି ଦେଲୁ ମୋ ଭାଗ୍ୟକୁ
ଏମିତି ଏ ନିର୍ଜୀବ ମରୁଭୂମି ପରେ ?

କାହିଁକି ଉଜାଡ଼ି ଦେଲୁ ମୋ ସ୍ୱପ୍ନର ସହର
ଏ ଭଙ୍ଗାହୃଦୟ ପିଠିରେ ?
ବେସୁରା ବନେଇ ଦେଲୁ ମୋ ସମ୍ଭାବନାର ସ୍ୱର,
ଭାଙ୍ଗିଦେଲୁ ଭରସାରେ ଭିତ୍ତି ପକେଇଥିବା
ମୋ ଶାନ୍ତିର କୁଟୀର
କେଉଁ ପ୍ରତାରକର ପ୍ରପଞ୍ଚ ଠେଚରେ ?

ଏବେ ବାରମ୍ବାର ଏ ଭାଗ୍ୟ ଭସେଇ ନେଉଛି
ବୁଡ଼େଇ ମାରିବାକୁ ବିଫଳତାର ମହା ସମୁଦ୍ରରେ,
ଶୁଖେଇ ପିଙ୍ଗିବାକୁ ଯନ୍ତ୍ରଣାରତ ତତଲା ବାଲିରେ ।
ନା ମୁଁ ଉଡ଼ି ପାରୁଛି ପ୍ରୀତିର ପର ଲଗେଇ
ଖୋଲା ଆକାଶରେ,
ନା ମୁଁ ଗଡ଼ି ପାରୁଛି ମାଟିମନସ୍କ ହୋଇ
ମୁକ୍ତିର ନିଶାରେ,
ନା ମୁଁ ଦୌଡ଼ି ପାରୁଛି ସୁଖର ଠିକଣା ପାଇଁ
ବିଭୋର ଚିତ୍ତରେ ।

ଏବେ ମୋ ଚାରିଆଡ଼େ ବିଛେଇ ହୋଇ ପଡ଼ିଥିବା
ନିରାଶାର ନିଷ୍ଠୁର ନିୟତିମାନେ
ନଚଉଛନ୍ତି ମୋ ଇଚ୍ଛା ଅନିଚ୍ଛାକୁ ବାଉଁଶରାଣୀ ଖେଳରେ ।
ଲହୁ ଲୁହାଣ କରୁଛନ୍ତି
ମୋ ଛାତିତଳେ ସାଇତି ରଖିଥିବା କରୁଣାର କବଚକୁ
କପଟ ବେଶରେ ।

ତଥାପି ବଞ୍ଚିବାର ବାଇଶି ପାହାଚ୍ ଚଢ଼ିବାକୁ
ଇଚ୍ଛାମାନଙ୍କୁ ଏକାଠି କରି ପାଦ ଟେକିଲେ
ଏ ଭଙ୍ଗାଭାଗ୍ୟ ଭୁଷୁଡ଼ି ପଡୁଛି
ଅଦୃଷ୍ଟର ଅନ୍ୟାୟ ଇଙ୍ଗିତରେ ।

♥ ଜେ/୨, ରେଳକୁଞ୍ଜ, ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର-୭୫୧୦୧୭, ଫୋନ: ୮୪୫୫୮୮୫୦୧୩



# ବୁଢ଼ୀ ବରଗଛ

## କିଶୋର ପାଣିଗ୍ରାହୀ

କୋଉ କାଳୁ
ବାହୁ ମେଲି, କୋଳ ଖୋଲି,
ସେନେହର ସାତଫଟା କାନିକୁ ବିଛେଇ,
ସେମଟା ଗୋଡର ଗୋଛାଗୋଛା କଳା ଶିର ପରି
ଶିଅ ଲମ୍ବେଇ ଅନେଇ ବସିଚି,
ବିଦେଶରେ ନାଗରିକତା ନେଇସାରିଥିବା ପୁଅଙ୍କର
ବିଧବା ମାଆଟେ ଯେମିତି !

ଆଉ କୋଉ ପତର ଅଛି କି !
ବିଛେଇ ଦେବି,
ଶୁଆ ଡେଣା ପରି ପଣତ କାନିର ଛାଇ ?
ହଳଫିଟା ହାଲିଆ ଦିହରୁ
ଝାଳ ଶୋଷି ନେବି ପଙ୍ଖା କରି !
ଆଉ କୋଉ ପତର ଅଛି କି,
ଅଣେଇ ପଡିବି !
ତୁ କଂଚିରେ ଗୁନ୍ଥିକି ମୁକୁଟ କରିବୁ,
ଓଟେଇ ଦବୁ ଅଂଟାରେ, କାନ୍ଧରେ
ରଜା ହବୁ, ବରବେଶ ହବୁ,
କଣ କାଟି, ମଝି ପେଟରେ କାଠି ଫୋଡି
ସୁଲୁକା ବାଆରେ କୌତୁକର
ଘିରିଘିରି ଚକିରି ଖେଳିବୁ !

ହଁ,
ଅଛି କେଇଟା ଚେମଟା ଓହଳ ପରି ଲୁହ ଦୁଇ ଧାର,
ସେଥିରେ ଛନ୍ଦ ପକେଇ ପାରିବୁ ତ ?
ଖେଳ୍ ଖେଳ୍, ମନମତ ଝୁଲି ଖେଳ୍ ।

ଆଉ କୋଉ ପତର ଅଛି କି,
ଉଡ଼ି ଆସିବେ ତୋ ସ୍ମୃତିରୁ ଚଢ଼େଇ !
ଖେଳଛୁଟି ଘଂଟା ବାଜିଗଲେ,
ସେମାନଙ୍କ ଘରକରଣା,
କିଚିରିମିଚିରି, ଚଂଚୁ ଘଷା, ଡେଣା ଆଉଁସା
ଦେଖିବୁ ଛକିକି,
ପାଦ ଚିପିଚିପି ଠାବ କରିବୁ
କୋଉ ଗୀତର ଚଢ଼େଇ କିଏ କି !
ତକେଇଥିବୁ ଗୁଣ୍ଡୁଚିକି,
ମୁଲାଏମ୍ ନଡ଼ିଆ ଜାଳିର ଟେଳାଟେ କାମୁଡ଼ି
ଦକସରେ କନକନ ହୋଉଥିବ
ଉଷୁମ ଉଷୁମ ନୂଆ ନିର୍ମାଣର ନିଶା କେମିତି !

ଏବେ ତ ହତାରେ ହତାରେ ଖତମ୍ ସବୁ ଖେଳଛୁଟି !
ଯୋଉଠୁ ମୋର ଥୁଂଟି ଦେଖାଯାଏ ନାହିଁ
ଉହୁଙ୍କି ଦେଖିଲେ ଗୋଇଠି ଟେକିକି,
ଏତେ ଉଂଚା ପାଚେରୀର ବେଢ଼ାରୁ କେବେ ବି !

ଦିନ ଥିଲା,
ଜଣା ପଡୁ ନଥିଲା,
ଜହ୍ନିଫୁଲିଆ ସଂଜ କଡ଼ ଧରି,
ବାଟ ବାଁରେଇ ଯାଉଥିଲା,
ଆଉଜେଇ ଆଣୁଥିଲା ଭିତରୁ ଦରଜା,
କଳ ମୋଡ଼ି କମେଇ ଦୋଉଦୋଉ ଲଣ୍ଠନର ଫିତା,
ଥୋଳାଥୋଳା ଆଦିମ ଅନ୍ଧାର
ବାଦୁଡ଼ି ହେଇ, ଉଡ଼ିଆସି ଝୁଲି ପଡୁଥିଲେ,
ରାତ୍ରିଚର ଚଢ଼େଇଙ୍କ ଚାପାଗଳାରେ
ଅଶରୀରୀ ଇସାରାର କଥାଭାଷା,
ମାତୁଥିଲା ରାତି ଭାଲୁ ପରି ଦାଲୁଦାଲୁ,
ଜିଭ ହାଲୁହାଲୁ କରି ।
ସମୁଦ୍ରେ ଅନ୍ଧାର ଜୁଆର ଟେକିଲା ପରି
କିଛି ବୁଝି ହେଉନଥିବା ଚାପା ଗର୍ଜନ
କୁନିକୁନି ଅଝଟଙ୍କୁ ତୁନି କରୁଥିଲା;
ସକାଳକୁ,
କଅଁଳ ଖରାର ଉଶ୍ୱାସ ଚହଟୁଥିଲା,
ଶ୍ୟାମଳ ଉଲ୍ଲାସର
ଛାଇ କୋଳ ଚପଳତାଙ୍କୁ ଡାକୁଥିଲା,
'ଆସ, ଆସ...' ବୋଲି ।

ଦିନ ଥିଲା,
ଋତୁମାନଙ୍କର ବଦଳୁଥିଲା ପାଳି
ମୋ ଡାଳରେ, ପତ୍ରରେ,
ମୋ ଚଢ଼େଇଙ୍କ ଗୀତ ଗାଇବାରେ ।
ଏବେ ତ ଏଇ ଗୋଟିଏ ଋତୁ ଅସରନ୍ତି ଲାଗେ,
ମୋ କେନ୍ଦରାରେ ଏଇ ଗୋଟେ ବୋଲି ସୁର
ବୁଢ଼ୀ ପୃଥିବୀର ଧୂଷର କାନିଟି ପରି
ପବନରେ କାନ୍ଦଣାର ଲହରଟେ ହେଇ ଲମ୍ବୁଥାଏ
ଦିଗ୍‌ବଳୟ ନଛୁଇଁବା ଯାଏଁ ।

ମୁଁ କ'ଣ ଚାହିଁଥିଲି ଏମିତି ଋତୁଟେ ?
କେନିମନ୍ତିଆମାନେ କାହିଁକି ଯେ
ପାଖ ଛାଡ଼ନ୍ତି ନାହିଁ ଏତେ ସହଜରେ !

ସେଦିନରୁ ନିଛାଟିଆ ମଉକା ଦେଖି,
ହାଡ଼ ଖୁମ୍ପି
କାଠହଣା ଯୋଉ ଖୋପ କରୁଥିଲା,
ସେଥିରୁ କେଇଟା ଏବେ
ପଚି, ଘା' ହେଇ ଛତୁ ଫୁଟିଲାଣି,
ଯୋଉ ସବୁ କୋରଡ଼ରେ
ଶୁଆ, ହଳଦୀବସନ୍ତ, ଭଦଭଦଳିଆଙ୍କ
ବଂଶ ବଢୁଥିଲା,
ସେଠି ସରୀସୃପଙ୍କର କୁଳ ବିଶାଳ ହେଲାଣି,
କେବେଠୁ ତ ବିସ୍ଥାପନ ମାନିନେଇଚନ୍ତି
ମୋ ଚଢ଼େଇ, ଗଣ୍ଡୁଚି;
ଯୋଉ ଅଗ ଡାଳରେ,
ଦିହଛପା ଦେଇ ବସନ୍ତର ଗୀତ ଗାଉଥିଲା କୋଇଲି,
ସେଠି ମଲାଙ୍ଗଟେ ପୁଷ୍ଟ ହୋଉଚି,
ବଟରୁ କାଠ ହବାକୁ,
ପତ୍ରଡାଳୁଆ ଝଟା ହବାକୁ,
ଆଉ କେତେ ବାକି ଅଛି କି !

ଏଯାଏ ଛୁଆଙ୍କୁ ଭିସା ମିଳିନାଇଁ ବୋଲି
ଚାରିକାତ ମେଲି
ବୁଢ଼ାଏ ତୁଳସୀ ପାଣିକୁ ତରାସି ଆଁ କରିଚି...
ବିଧବା ମାଆଟି ଯେମିତି !

♥ ବିରୁହାଁ, ଜାହାଙ୍ଗୀର, ଭଦ୍ରକ
ଫୋନ୍: ୭୦୦୮୧୧୭୯୬୪



ଚିତ୍ର: କିଶୋର ପାଣିଗ୍ରାହୀ

# ସଂଖ୍ୟା

## ଦେବାଶିଷ ଚକ୍ରବର୍ତ୍ତୀ

ସଂଖ୍ୟା ପାଇଁ କଣ କିଛି କମ୍ ମିହନ୍ତ
ନା କିଛି କମ୍ ଇଲତ ?
ଏଇ ସଂଖ୍ୟା ପାଇଁ ତ ଅପନ୍ତରା ବି
ପାଲଟି ଯାଏ ତୀର୍ଥ
ଲଙ୍ଗଳା ଅସନା ଛୁଆ ବି
ମନେ ହୁଅନ୍ତି ଦେବଶିଶୁ
'ପର' ଶବ୍ଦଟି ସତେ ଯେମିତି
ନିଖୋଜ୍ ହୋଇଯାଏ ଅଭିଧାନରୁ
ଚିହ୍ନା ଅଚିହ୍ନା ସଭିଏଁ
ଗୋଟିପଣେ ଆପଣାର ।

ଏହି ସଂଖ୍ୟା ହିଁ ତ
ବାଘଛେଳି, ସାପନେଉଳ
ଏକାଠି କରିପାରେ ସଭିଙ୍କି
ରାଜନୀତିର ଅଗମ୍ୟ ଅରଣ୍ୟ
ମନେହୁଏ ସତେ ଯେମିତି
ଆପଣାପଣର ନୈମିଷାରଣ୍ୟ ।


ଏଇ ସଂଖ୍ୟା ପାଇଁ ତ
କେତେ କୂଟକପଟ, କେତେ ନାଟ
କିଏ ଶୁଣେଇଲାଣି ରାମଲାଲାର
ମନମତାଣିଆର ଲୋରି ତ
କିଏ ଭୋଟର ରୂପୀ ମୃଗଶିଶୁଙ୍କ ପାଇଁ
ବିଛେଇଲାଣି କାଳିଆ କି ଉଜାଲା ।

କମ୍ବୁ, କମଳ, ଧନୁତୀର
ଦାଆ, ହାତୁଡ଼ି କି ଘାସଫୁଲ
ସଂଖ୍ୟା ପାଇଁ କେତେବେଳେ
କିଏ ଏକାଠି ତ, ପୁଣି
ଥାଳିରେ ଧୂଳି ପଡ଼ିଲେ
ଭିନେ ହେଲା ଭାଇ ପରି
ଅହିନକୁଳ ।

ସଂଖ୍ୟାର କଣ କମ୍ ତାକତ୍ କି
ମୂକ ବି ପାଲଟିଯାଏ ବାଚାଳ
ନହେଲେ, ଜଘନ୍ୟ ଆତତାୟୀ
ଗଡ୍‌ସେକୁ ଗଡ୍ ବୋଲିବାକୁ
କଣ ଜିଭ ଲେଉଟିଥାନ୍ତା
କାହାର ?

ଗଣତନ୍ତ୍ର କଣ ସତରେ
ଏହିପରି ହୋଇ ରହିଥିବ
କେବଳ ସଂଖ୍ୟାର ଖେଳ ?
ମୂଢ଼ଜନ ବି ପଣ୍ଡିତଙ୍କୁ
କରି ଦେଉଥିବ ଅଭାଜନ ?
ଯେତେଦିନ ଏଇମିତି
କୁର୍ସି ଦଖଲ ପାଇଁ
ଜାରି ରହିଥିବ ସଂଖ୍ୟାଖେଳ
ନିରସ୍ତ୍ର ସକାଳଙ୍କୁ
ଭେଟୁଥିବ
ଆମ ବିମର୍ଷ ବିବେକ
କେବଳ ।

♥ ମଣ୍ଡୁଆ, କେନ୍ଦୁଝରଗଡ଼-୭୫୮୦୧୪
ଫୋନ:୯୪୩୭୭୫୨୩୯୫




▲ଚିତ୍ର : ସ୍ମିତା ଓରାଓଁ



▲ଦେବାଶିଷ ଚକ୍ରବର୍ତ୍ତୀ

ଧାରାବାହିକ
ଚରିତ-ଉପନ୍ୟାସ

# ଦାସେ ଆପଣେ



୧୩

# ଦାସେ ଆପଣେ


## ପବିତ୍ର ମୋହନ ଦାଶ

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ




ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଲ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଏକାବେଳକେ ଏମ୍.ଏ. ଆଉ ବି.ଏଲ୍. ଶ୍ରେଣୀରେ କିଛି କାଳ ପଢ଼ା ଚାଲିଲା ଗୋପବନ୍ଧୁଙ୍କର । କାହିଁକି କେଜାଣି ତାଙ୍କୁ ଲାଗିଲା ଏମ୍.ଏ. ପଢ଼ା କଣ ପାଇଁ? ସେ ତ ସ୍ୱାଧୀନ ବୃତ୍ତି ଆଦରିବା ଲକ୍ଷ୍ୟରେ ଅଛନ୍ତି । ରାମଚନ୍ଦ୍ର ଦାସଙ୍କ ଆଗରେ ମନଖୋଲି ଆଖି ଛଳଛଳ କରି ମନକଥା କହିଛନ୍ତି ଯେ -ସେ ଦେଶ ପାଇଁ କାମ କରିବେ । ଅନୁଜ ବନ୍ଧୁମାନଙ୍କ ମେଳରେ ଭାର୍ଗବୀ କୂଳେ ଚନ୍ଦ୍ରପକ୍ଷ ରାତିରେ ଶପଥ ନେଇଛନ୍ତି- ସରକାରୀ ଚାକିରି କରିବେ ନାହିଁ । ଦେଶ ପାଇଁ କିଛି କାମ କରିବେ । ଜନ୍ମ ବେଳେ ଦେଶକୁ ଯାହା ଦେଖି ଥାଇ ମଲା ବେଳେ ତା ଠାରୁ ଉନ୍ନତ ଦେଖି ମରିବେ । ଆଉ ଏ ଏମ୍.ଏ. ଡିଗ୍ରୀ କଣ ହେବ! ଏ ଡିଗ୍ରୀ ପଛରେ ଧାଇଁବା ବିଳାସ ମାତ୍ର । ତେଣୁ ଦୃଷ୍ଟି କେବଳ ଲ' ଉପରେ । ବି. ଏଲ୍. ପଢ଼ା ତାଙ୍କୁ ସାମାଜିକ ନ୍ୟାୟ ପାଇଁ ଲଢ଼େଇରେ ସହାୟକ ହେବ । ଓଡ଼ିଶା ଆସିଲେ ସେ କଲିକତା ଅନୁଭୂତିର କଥା କହନ୍ତି । ଦିନକର ବ୍ରାହ୍ମଣ ସମିତିରେ ରାମଚନ୍ଦ୍ର, ଦିବାକର, ନୀଳକଣ୍ଠ ପ୍ରମୁଖଙ୍କ ସହ ଗୋପ ବସିଥାନ୍ତି । ରାମଚନ୍ଦ୍ର ତ ସବୁବେଳେ ଗୋପଙ୍କ ସୁବିଧା ଅସୁବିଧା ଚିନ୍ତା କରିବା ମୁରବି । ପଚାରି ବସିଲେ, "କଲିକତାରେ ଯେଉଁଠି ଅଛ ସେଠି ସବୁ ସୁବିଧା ତ?"



ଶଶିଭୂଷଣ ରାୟଚୌଧୁରୀ

"ଆଇନ୍ ପଢ଼ାରେ ସୁବିଧା ଆଉ ପରୀକ୍ଷା ଦେବା ଲାଗି ଯାଇ ମୁଁ ରହୁଛି ସତାବନ ନମ୍ବର ହାରିସନ୍ ରୋଡ଼୍‌ର ଚାରି ତାଲା ବିଶିଷ୍ଟ ମେସ୍ ଘରେ ।" ଉତ୍ତର ଦେଲେ ଗୋପ ।

"ମେସ୍‌ରେ ପିଲା ସଂଖ୍ୟା କେତେ?"

"ମେସ୍‌ରେ ସମୁଦାୟ ଷାଠିଏ ବି.ଏଲ୍. ଛାତ୍ର । ଦିନ ରାତି ସେ ଚାରି ତାଲା କୋଠା ଉଠେ ପଡ଼େ ।"

"ଏତେ ଉତ୍ତେଜନା କଣ ପାଇଁ?" ପଚାରନ୍ତି ଦିବାକର ।

"ବଙ୍ଗଭଂଗକୁ ନେଇ ଅନେକଙ୍କ ଭିତରେ ଜାତୀୟ ଭାବନାର ଉଦ୍‌ବେଳନ ଖେଳୁଛି ।"

"ତୁମ ରୁମ୍ ମେଟ୍ କିଏ, କେମିତି ଲୋକ?" ପଚାରିଲେ ରାମଚନ୍ଦ୍ର ।

"ମୁଁ ସତୀଶ ଚନ୍ଦ୍ର ରାୟଚୌଧୁରୀଙ୍କ ସହ ଗୋଟିଏ କୋଠରୀରେ ରହେ । ବଡ଼ ସୁଧାର ଆଉ ସଂସ୍କୃତିବନ୍ତ ।"

ସବୁବେଳେ ଓଡ଼ିଆଙ୍କ ଚିନ୍ତା କରୁଥିବା ରାମଚନ୍ଦ୍ର ପଚାରିଲେ, "ମେସ୍‌ରେ ଓଡ଼ିଆ ଅନ୍ତେବାସୀ କେତେ?"

"ମେସ୍‌ର ଅନ୍ତେବାସୀ ପ୍ରାୟ ସମସ୍ତେ ବଙ୍ଗାଳୀ । ଓଡ଼ିଆଙ୍କ ପ୍ରତି ବଡ଼ ହେୟ ଓ ନ୍ୟୁନ ଭାବ । ଓଡିଆମାନେ ସେଠି ଚାକର ନହେଲେ ପୂଜାରୀ ।" ଉତ୍ତର ଦେଲେ ଗୋପ । ପୁଣି କହି ଚାଲିଲେ, "ସେମାନଙ୍କ ଭିତରେ ଯେ ଓଡ଼ିଆ ଅଛନ୍ତି ସେମାନେ ବି ପରସ୍ପର ଭିତରେ ବଙ୍ଗଳାରେ କଥା ହେଉଥିଲେ । ମୋତେ ବି ଜଣେ କର୍ମଚାରୀ ପଚାରିଥିଲା 'ତୋମାଦେର୍ ବାଡ଼ି କୋଥାଏ?' ସମସ୍ତେ ଏ କଥାରେ ହସି ଉଠିଲେ । ତା'ପରେ ମୁଁ କହିଲି 'ତୁମେ ମୋତେ ଓଡ଼ିଆ ଜାଣି ମଧ୍ୟ ବଙ୍ଗଳା କହୁଛ?' ତା ପରେ ଧୀରେ ଧୀରେ ସେମାନଙ୍କ ଭିତରେ ପରିବର୍ତ୍ତନ ହେଲା । ଏବେ ଅନ୍ତତଃ ମେସ୍‌ର ଓଡ଼ିଆ କର୍ମଚାରୀମାନେ ପରସ୍ପର ଭିତରେ ଓଡ଼ିଆରେ କଥା ହେଉଛନ୍ତି ।"

"ଯା ମୂଳରେ ଅଛି ଆମର ହୀନମନ୍ୟତା!" ଖେଦୋକ୍ତି କଲେ ରାମଚନ୍ଦ୍ର ।

"ଆଚ୍ଛା ମେସ୍‌ର ପରିଚାଳକ କିଏ?"

"ମେସ୍ ପରିଚାଳକ କ୍ଷତ୍ରୀୟ ଆନ୍ଦୋଳନର ନେତା ମଇମନ ସିଂହର କେଦାର ଚକ୍ରବର୍ତ୍ତୀ । ବଡ଼ ସାହସୀ ଲୋକ । ସାହେବମାନଙ୍କୁ ଜବାବ ଦେଇ ପାରନ୍ତି ।"

"ବଙ୍ଗାଳୀ ଅନ୍ତେବାସୀମାନେ ତୁମ ପ୍ରତି କେମିତି ବ୍ୟବହାର କରନ୍ତି?"

"ବଙ୍ଗାଳୀ ଅନ୍ତେବାସୀମାନେ ପ୍ରଥମେ ମୋ ପ୍ରତି ବଡ଼ କୌତୁହଳି ହେଲେ । କାନରେ ପଇତା ଖୋସି, ମୁଣ୍ଡରେ ଗାମୁଛା ଠେକା ବାନ୍ଧି ହାତରେ ପାଣି ଢାଳେ ଧରି ନିତ୍ୟକର୍ମ ପାଇଁ ଯାଉଥିବା ଏ ଲୋକ ଜଣକ ସେମାନଙ୍କୁ ପ୍ରଥମେ ବଡ଼ ମରହଟି ଲାଗିଲା । ଗଙ୍ଗାରେ ଗାଧୁଆ ସାରି ଗାମୁଛା କଛା ମାରି ତନ୍ମୟ ଭାବେ ମନ୍ତ୍ର ପଢି ଆସୁଥିବା ବେଳେ ମୋତେ କେମିତି ବ୍ୟଙ୍ଗଭରା ଆଖିରେ ଚାହୁଁଥିଲେ । ହେଲେ ଧୀରେ ଧୀରେ ସବୁ ବଦଳି ଗଲା । କାହିଁକି କେଜାଣି ସେମାନେ ମୋତେ ସଂଭ୍ରମ କରିବା ଆରମ୍ଭ କଲେ । ମୋ ସହ ବିଭିନ୍ନ ରାଜନୈତିକ ପ୍ରସଙ୍ଗ ଆଲୋଚନା କଲେ । ଅନେକ ବେଳେ ଜଗନ୍ନାଥଙ୍କ ଜାଗାର ଲୋକ ବୋଲି ଟିକେ ଅଧିକ ସମ୍ମାନ କଲେ ।

ତା ପରେ ବଂଗଭଂଗ ଆଲୋଚନାର ପରିସରକୁ ଆସିଲା । କର୍ଜନଙ୍କ ପଦକ୍ଷେପରେ ୧୯୦୫ ଜୁଲାଇରେ ନିଆ ଯାଇଥିବା ବଂଗଭଂଗ ନିଷ୍ପତ୍ତିର ବିଷ ଜ୍ୱାଳାରେ ଥରହର ବଙ୍ଗ ।

କଲିକତାରୁ ଢାକା ଉଠୁଛି ପଡୁଛି । ଶାସନଗତ ସୁବିଧା ନାଁରେ ଲର୍ଡ଼ କର୍ଜନଙ୍କ ନିଷ୍ପତ୍ତି ଜାତୀୟତା ବାଦୀ ବଙ୍ଗବାସୀଙ୍କ ମନରେ ଦେଇଛି ଚରମ ଆଘାତ । ବଙ୍ଗାଳୀ ହିନ୍ଦୁମାନେ ଏହାକୁ ଦୁଇ ଦିଗରୁ ବିପଜ୍ଜନକ ମନେ କରୁଛନ୍ତି । ପ୍ରଥମତଃ ମୁସଲମାନ ବହୁଳ ପୂର୍ବ ବଙ୍ଗକୁ ପଶ୍ଚିମ ବଙ୍ଗଠୁ ଅଲଗା କରିବା ଦ୍ୱାରା ଧାର୍ମିକ ବିଦ୍ୱେଷର ବିଷ ବୁଣା ହେଉଛି ବୋଲି ହିନ୍ଦୁବହୁଳ ପଶ୍ଚିମବଙ୍ଗବାସୀଙ୍କ ମନରେ ଧାରଣା ସୃଷ୍ଟି ହୋଇଛି । ଦ୍ୱିତୀୟତଃ ଓଡିଶା, ବିହାର ସହ ପଶ୍ଚିମବଙ୍ଗ ରହିବା ଦ୍ୱାରା ଭାଷା ଦିଗରୁ ବଙ୍ଗାଳୀମାନେ ସଂଖ୍ୟା ଲଘୁ ହୋଇଯିବେ ବୋଲି ଆଶଙ୍କା କରୁଛନ୍ତି ।"

ଗୋପଙ୍କର ଏ କଥାରୁ ସମସ୍ତେ ସ୍ଥିତିର ଗମ୍ଭୀରତା ଅନୁଭବ କଲେ ।

କଲିକତାର ଅନୁଭୂତି ଅଭିଜ୍ଞତା ବର୍ଣ୍ଣନା ଭିତରେ ଗୋପ ଆଲୋଚନାକୁ କେତେବେଳେ ବ୍ୟାପକ ଓ ଗଭୀର କରି ପକାଇଲେ ଜଣା ପଡିଲା ନାହିଁ । ସେଠାରେ ଦାନା ବାନ୍ଧୁଥିବା ଜାତୀୟତାର ଭାବ ବିଷୟରେ ପୁରୀର ବନ୍ଧୁମାନଙ୍କ କହି ସେମାନଙ୍କ ମନରେ ନୂଆ ଉତ୍ସାହ ଓ ପ୍ରେରଣା ସୃଷ୍ଟି କଲେ । କଥା ଭିତରେ ଆସିଲା ଫରାସୀ ବିପ୍ଳବ କଥା, ମାଜିନି, ଗାରିବଲଡ଼ିଙ୍କ କଥା ପୁଣି ବଙ୍ଗର ବିଖ୍ୟାତ ଅରବିନ୍ଦ ଘୋଷଙ୍କ କଥା ।

"ମାଜିନିଙ୍କ କଥା ଦେଖ ।"

ପାଖରେ ଥିବା ସମସ୍ତେ ହଁ ମାରିଲେ ।

"ଇଟାଲୀ ଜାତିର ଏକତ୍ରିକରଣ ପାଇଁ କି ସ୍ୱପ୍ନ କି ସାଧନା । କି ଦକ୍ଷ ଆନ୍ଦୋଳନ ପରିଚାଳନା । ଦିନରାତି ଜାତୀୟତାର ଭାବନା । ହେଲେ ସେ ସଂକୀର୍ଣ୍ଣ ନଥିଲେ । ସେ ବିଶ୍ୱାସ କରୁଥିଲେ- ଯଦି ଫରାସୀ ବିପ୍ଳବ ବ୍ୟକ୍ତିର ମୁକ୍ତି କଥା କହିଛି ତେବେ ଆଜିକାର ବିପ୍ଳବ ଜାତିର ମୁକ୍ତି ପାଇଁ ଲଢ଼ିବ । କେତେ ତ୍ୟାଗ କାରାବାସ ସେ ଭୋଗ କରି ନାହାନ୍ତି । କେତେ ବନ୍ଧୁ ସହୋଦରଙ୍କୁ ହରାଇ ନାହାନ୍ତି, ହେଲେ ତାଙ୍କ ପଣ ଥିଲା ଦୃଢ଼ ।"



ନୀଳକଣ୍ଠ ଦାସ

ଆଉ ଗାରିବଲଡ଼ି । ଏପରି ଜେନେରାଲ ବିରଳ । ଅସହ୍ୟ କଷ୍ଟ, ଲାଞ୍ଛନା ଭୋଗ କରି ମଧ୍ୟ ସେ ଜଣେ ବୀର ପରି ଇଟାଲୀ ଜାତିର ଏକତ୍ରିକରଣ ପାଇଁ କାମ କରିଗଲେ । ଆମେ ଏଥିରୁ ପ୍ରେରଣା ନେବା ।

କଥା ପ୍ରସଙ୍ଗରେ ଆସିଲା ଅରବିନ୍ଦ ଘୋଷଙ୍କ କଥା । ସେ ଆଇ.ସି.ଏସ୍. ଚାକିରିକୁ ମଧ୍ୟ ଭ୍ରୁକ୍ଷେପ କଲେ ନାହିଁ । ଛାଡି ଆସିଲେ । ବାପା ତାଙ୍କର ପଠାଇଥିଲେ ବିଦେଶ ଯେ ପୁଅ ସାଇବ ହେବ । ତା ଦେହରେ ନେଟିଭ୍‌ଙ୍କ ଗନ୍ଧ ନବାକୁ । ହେଲେ ସେଇ ପୁଅ ଦେଶକୁ ଫେରି ଏ ଦେଶର ଆତ୍ମା ଖୋଜୁଛି । ଆଉମାନଙ୍କ ପରି ସାଇବ ନହୋଇ, ବିଦେଶୀ ସଭ୍ୟତାର ବାବଦୂକ ନ ହୋଇ ଆମ ଭାରତୀୟ ସଂସ୍କୃତିର ମହାନତା ବର୍ଣ୍ଣନା କରୁଛି । ସତୀଶ ଚନ୍ଦ୍ର ବସୁ, ପ୍ରମଥ ମିତ୍ର, ଅରବିନ୍ଦ ଘୋଷ ପ୍ରମୁଖ ପୁଣି ନିକଟରେ ପ୍ରତିଷ୍ଠା କରିଛନ୍ତି ଅନୁଶୀଳନ ସମିତି । ଦୁଇ ତିନି ବର୍ଷ ହେବ କି ନାହିଁ ସଂଗଠନ ବ୍ୟାପି ଗଲାଣି । ପ୍ରତିଷ୍ଠିତ ହୋଇଛି ଗୋପନ ବ୍ୟାୟାମ ଶାଳା । ଉଦ୍ଦେଶ୍ୟ ଶାରୀରିକ ଭାବେ ଶକ୍ତ ହେବା । ବିଦେଶୀ ସରକାର ବିରୁଦ୍ଧରେ ଆହ୍ୱାନ ସୃଷ୍ଟି କରିବା । କେବଳ ଶରୀର ବଳ ନୁହେଁ ଆଧ୍ୟାତ୍ମିକ ବଳ ଆହରଣ ପାଇଁ ମଧ୍ୟ ଚାଲିଛି ଚେଷ୍ଟା । ଦେଶ ହେଉଛି ମା । ଆଉ ଜୀବନ ମା ପାଇଁ ଆତ୍ମବଳୀ । ବିବେକାନନ୍ଦଙ୍କ ଠାରୁ ବଙ୍କିମଚନ୍ଦ୍ର ଯାଏଁ ଏମାନଙ୍କ ପଛରେ ପ୍ରେରଣା । ଆମ ସହରର ଜାଗା ଆଖଡାଗୁଡିକୁ ମଧ୍ୟ ଆମେ ସେହିପରି ଅନୁଷ୍ଠାନରେ ପରିଣତ କରି ପାରିବା । ଅରବିନ୍ଦ ତ ନ୍ୟୁ ଲାମ୍ପସ୍ ଫର୍ ଓଲ୍ଡ଼ ପରି ଲେଖାଲେଖି କଂଗ୍ରେସର ସାଲିସବାଦୀ ନୀତିକୁ ବି ଆହ୍ୱାନ ଦେଇଛନ୍ତି ।

ସବୁକଥା ଶେଷରେ ଗୋପବନ୍ଧୁ ଆତ୍ମତ୍ୟାଗର କଥା କହନ୍ତି । ଏହା ତ ତାଙ୍କର ସବୁ କଥାର ସାର । ମନେ ପଡ଼ିଲା ଏମିତି ଦିନେ ଆତ୍ମ ବଳିଦାନର କଥା କହୁକହୁ ହଠାତ ନୀଳକଣ୍ଠ ତାଙ୍କ କଥା କହି ବସିଥିଲେ ।

"ବିବାହ କଲେ ଆତ୍ମତ୍ୟାଗ ଅସମ୍ଭବ ।"

କଣ୍ଠ ମୁହଁରେ ଉତ୍ତେଜନା ଦେଖି ଗୋପ ପଚାରିଥିଲେ,

"କଣ କିଛି ଅସୁବିଧା ହୋଇଛି ?"

"ଆପଣଙ୍କ ପୁଅର ମରଣ ପରେ ଆପଣଙ୍କ ଶୋକ ଦେଖି ମୋର ସଂସାର କରିବାର ଇଚ୍ଛା ଲୋପ ପାଇଛି । ଆପଣଙ୍କ ପରି ମଣିଷ ପୁତ୍ର ଶୋକରେ ବିଧୁର ହୋଇ ମାସ ମାସ ଲୁହ ଝରାଇବା ଦେଖି ମୁଁ ବୁଝି ପାରିଛି ସଂସାର କଣ ?"

"ଆଚ୍ଛା ।"

"ଆପଣଙ୍କ ପରି ତ୍ୟାଗୀ ଯଦି ଏତେ ଶୋକ ଗ୍ରସ୍ତ ହୋଇପାରେ ସଂସାର କେଡେ ଦୁଃଖମୟ । ମୁଁ ଏକଥା ନନାଙ୍କୁ କହିବାରୁ ସେ ଦୁଃଖିତ ।"

"ସେଥିପାଇଁ ତୁମେ ବୟସ୍କମାନଙ୍କ ସହ ବି ଯୁକ୍ତି ଆରମ୍ଭ କରିଦେଇଛ ।"

"ଆପଣ ଜାଣନ୍ତି କାଳିକା ଦେବୀ ସାହିର ବିଖ୍ୟାତ ନାଟ୍ୟକାର ହରିରଥ ଆମଘରକୁ ତାଙ୍କ ଝିଅର ପ୍ରସ୍ତାବ ପଠାଇଥିଲେ । ନନାଙ୍କୁ କହିଲେ, ନଗଦ ଚାରିହଜାର ଟଙ୍କା ନିଅ । ନିର୍ବନ୍ଧ କର । ଆଉ ଅଳଙ୍କାର ଢେର ପାଇବ ।"

"ନନା ତାଙ୍କୁ ଜବାବ ନଦେଇ ମୋତେ ସମ୍ମତି ମାଗୁଥିଲେ ।"

"ମୁଁ ତାଙ୍କୁ ଭବଭୂତିଙ୍କ ଶ୍ଳୋକରୁ କହିଲି

ଉତ୍ତମଂ ସ୍ୱାର୍ଜିତ ବିତ୍ତମ

ମଧ୍ୟମଂ ପିତୁରର୍ଜିତମ

ଅଧମଂ ଭ୍ରାତୃବିଭବମ

"ସ୍ତ୍ରୀ ବିତ୍ତମଧମାଧମ"

"ଭଲ କହିଲ । ବରପାତ୍ର କିଣିବା ଗୋଟେ ନୂଆ ରୋଗ ହୋଇ ଆମ ସମାଜକୁ ଆସିଲାଣି । ଶିକ୍ଷିତମାନେ ତହିଁକି ବେଶୀ ବାଇ । ମୋତେ ତ ଲାଗେ ବଙ୍ଗଦେଶ ବାଟ ଦେଇ ଏ ଅପସଂସ୍କାର ଆମ ରାଜ୍ୟକୁ ଆସିଛି ।"

"ଯେତେ ମନା କଲେ ହରି ରଥେ ଛାଡିବାକୁ ନାରାଜ । ମୁଁ ଅନେକଥର ଉତ୍ୟକ୍ତ ମନ୍ତବ୍ୟ ବି ଦେଲିଣି ।"

"ହଁ କଣ୍ଠ ତୁମର ବିବାହ ନ କରିବାର ସଂକଳ୍ପକୁ ମୁଁ ଅନେକ ଥର ବଳ ଦେଇଛି ।"

"ନନାଙ୍କର ଗୋଟିଏ ଜିଦି ମୁଁ ତାଙ୍କର ଏକୋଇର ବଳା । ମୁଁ ବିବାହ ନ କଲେ କୁଳରକ୍ଷା ଅସମ୍ଭବ ।"

"ସେଥିପାଇଁ ନନାଙ୍କୁ ତୁମର ପୋଷ୍ୟ ପୁଅ ଗ୍ରହଣର ସୁପରାମର୍ଶ ଦେଇ ଆସିଛ ପରା ।"

ହଠାତ କଣ୍ଠ ଚମକି ଗଲେ । ସେ ତ ଅତି ଏକାନ୍ତରେ, ସନ୍ତର୍ପଣରେ, ବହୁ କଷ୍ଟରେ ସାହସ ଜୁଟାଇ ନନାଙ୍କୁ ଏକଥା କହିଥିଲେ । ଗୋପବନ୍ଧୁଙ୍କ ପାଖେ କଥା ପହଁଚିଲା କେମିତି ? ନନା ବରାବର ତା ବିବାହ ସମ୍ପର୍କୀୟ ଓଜର ଆପତ୍ତି ଘେନି ଦାସେ ଆପଣେଙ୍କ ପାଖକୁ ଆସୁଥିବାର ଖବର ସେ ଜାଣେ । ହେଲେ ଏକଥା ବି ସେ କହି ଦେଇଛନ୍ତି ।

"କଣ ଚିନ୍ତା କରୁଛ କଣ୍ଠ ! ଯାହା ଭାବୁଛ ତା ଠିକ । ତୁମ ନନା ଆସିଥିଲେ । ଅନ୍ୟ ଅନେକଥର ସେ ତୁମକୁ ବିବାହ ଲାଗି ରାଜି କରାଇବାକୁ କୁହନ୍ତି । ହେଲେ ଏଥର ସେ ପୂରା ଲୁହ କୋହରେ ଅଧିର ହୋଇ କଥା ହେଉଥିଲେ । ପୁଅ ହୋଇ ବାପକୁ ପୋଷ୍ୟ ପୁତ୍ର ଗ୍ରହଣ କର କହିବା କଥାଟି ତାଙ୍କ ଅନ୍ତରାତ୍ମା କୁ ବାଧିଛି ।"


ବିପ୍ଳବୀ ଅରବିନ୍ଦ ଘୋଷ

"ମୋତେ ବାରମ୍ବାର ବାଧ କରିବାରୁ ମୁଁ ଏପରି କହିଲି ।"

"ତୁମ ଆଦର୍ଶରେ ତୁମେ ଠିକ୍ କଣ୍ଠ । ହେଲେ ନନାଙ୍କ ଲୁହର ବି ମୂଲ ଅଛି । ଦୁନିଆରେ ଗୃହୀ ସନ୍ନ୍ୟାସୀ ବି ଅଛନ୍ତି । ବଡ଼ କଥା ତ୍ୟାଗର ଭାବନା । ଆମର ଧର୍ମଶାସ୍ତ୍ରରେ ସଂସାରୀ ଭକ୍ତଂକ ପାଇଁ ମୋକ୍ଷ କଥା କୁହାଯାଇଛି । ପରମ କାରୁଣିକ ବୁଦ୍ଧ ବି ଗୃହୀ ଶିଷ୍ୟଙ୍କ ଲାଗି ନିର୍ବାଣ ବିଧାନ କରିଥିଲେ । ତୁମ ନନାଙ୍କ ଲୁହ ମୁଁ ବି ସହି ପାରୁନାହିଁ । ତେଣୁ ବିବାହ ନ କରିବାର ସଂକଳ୍ପ ତ୍ୟାଗ କର । ଶେଷରେ ୧୯୦୫ ଫେବୃୟାରୀ ୫ ତାରିଖରେ କଣ୍ଠର ବିବାହ ହେଲା । ଆଜି ସେ କଥା ମନେ ପକାଇ ଗୋପ କହିଲେ, 'କଣ୍ଠ ସଂସାର କଲା ପରେ ବି ତୁମ ତ୍ୟାଗ ଭାବ ବଢ଼ିଛି । ମନେ ପକାଅ – ବିପ୍ଳବୀ ଖୁଦିରାମ କଟକ ଆସିଥିବା ବେଳର ଶୋଭାଯାତ୍ରା । ତୁମେ ନିଜେ ଲେଖିଥିବା ଗୀତ କି ଜାତୀୟ ଭାବ ବ୍ୟଞ୍ଜକ ଥିଲା ।

କଟକର ରାଜରାସ୍ତାରେ ତୁମେ ଗାଉଥିଲ

'ସ୍ୱାର୍ଥ ପଦେ ଦଳି

ଦିଅ ଆତ୍ମବଳି

ଜାତିର ଜଡ଼ତା ଯାଉରେ ।'

ତୁମ କାର୍ଯ୍ୟର ସେଦିନ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ବ୍ରଜସୁନ୍ଦର ଓ ଅନ୍ୟମାନେ ।" ସେଦିନ ଏ କଥା ସହିତ ବୈଠକ ସରିଲା ।

ଖାଇବା ସାରି ବିଶ୍ରାମ ନେଲା ବେଳେ ଗୋପଙ୍କ ମନରେ ଉକୁଟିଲା ଆତ୍ମବଳି ଶବ୍ଦଟି । ଆତ୍ମ ବଳି କଥାରୁ ପୁଣି ମନେ ପଡ଼ିଲା ଭୁବନେଶ୍ୱରର ଅନୁଭୂତି ।

ମଝିରେ ଦିନେ ରାମଚନ୍ଦ୍ର ପ୍ରସ୍ତାବ ଦେଇଥିଲେ, "ଆଚ୍ଛା ଗୋପ ଦିନାକେତେ ଭୁବନେଶ୍ୱର ଆଡୁ ବୁଲି ଆସିଲେ କେମିତି ହୁଅନ୍ତା ?"

"ମନ୍ଦ ହୁଅନ୍ତା ନାହିଁ । ହେଲେ ରହିବା କେଉଁଠି ?"

"ବାସୁଦେବ ପାଖରେ । ସେ ଏବେ ପଣ୍ଡିତ ବାସୁଦେବ କାବ୍ୟତୀର୍ଥ ।"

"ହଁ ଶୁଣିଛି ସେଠି ବାସୁ ଖୋଲିଛି ବିଦ୍ୟାଭୂଷଣ ଟୋଲ୍ । କେତେ ପିଲା ବି ପଢୁଛନ୍ତି ତା ପାଖରେ ।"

ଗୋପ ଓ ରାମଚନ୍ଦ୍ର ପହଁଚିବା ପରେ ବାସୁଦେବ ଉଭୟଙ୍କୁ ସ୍ୱାଗତ କରିଥିଲେ । ଆଉ ଟୋଲ୍‌ର ପିଲାମାନେ ଦୁହିଁଙ୍କୁ ପ୍ରଣାମ କରିଥିଲେ । ଗୋପ ଓ ରାମଚନ୍ଦ୍ର ଉଭୟେ ଛାତ୍ରଙ୍କୁ ଦେଖିଲେ ମଜ୍ଜି ଯାଆନ୍ତି । ତେବେ ସେଦିନ ପିଲାଙ୍କ ସହ କଥାର ଖିଅ ଧରିଥିଲେ ଗୋପ ।

"ଆଚ୍ଛା ପିଲାଏ ! ତୁମେମାନେ ଲିଙ୍ଗରାଜ, କେଦାରଗୌରୀ, ଖଣ୍ଡଗିରି ଗଲଣି ?"

କିଏ କହିଲା 'ମୁଁ ଲିଙ୍ଗରାଜ ଦର୍ଶନ କରିଛି ହେଲେ ଖଣ୍ଡଗିରି ଯାଇନାହିଁ'

କିଏ କହିଲା 'ଧାତୁ ରୂପ ଶବ୍ଦ ରୂପ ଘୋଷି ଘୋଷି ନୟାନ୍ତ ଆମେ'

"ମାନେ ନରଃ, ନରୌ, ନରାହ ?" କହି ଗୋପ ଟିକେ ହସିଲେ । ତା ପରେ ଆରମ୍ଭ ହେଲା ଉଦାତ୍ତ ବାକ୍ୟ । ପିଲାମାନେ କାଲି ଆମେ ସମସ୍ତେ ବୁଲି ଯିବା । ଏସବୁ ସ୍ଥାନ ଆମର ଐତିହ୍ୟ । ପାଠପଢା ଭିତରେ ଏସବୁ ସ୍ଥାନ ଭ୍ରମଣ ମଧ ଆସେ । ଗୋପଙ୍କର ପିଲାଙ୍କ ସହ କଥାବାର୍ତ୍ତା ର ସରସତା ନୀରବରେ ମୁଗ୍ଧ ହୋଇ ଶୁଣୁଥିଲେ ରାମଚନ୍ଦ୍ର । ତାଙ୍କର ମନେ ପଡିଯାଉଥିଲା ଗୋପ ସହ ପ୍ରଥମ ଦେଖା । ସେଦିନର ସେଇ ଜିଜ୍ଞାସୁ ଜଣକ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣା ହୋଇ ଠିଆ ହୋଇଛି । ତା ପର ଦିନ ଯୋଜନା ହୋଇଥଲା କିଛି ଜାଗା ବୁଲି ଯିବା ପାଇଁ । ଯେଉଁ ମନ୍ଦିରକୁ ସେମାନେ ଯାଉଥିଲେ ଗୋପ ସେମାନଙ୍କୁ ମନ୍ଦିରର ପତ୍ତନ, ରେଖ, ପୀଢ଼ ଶୈଳୀ ଇତ୍ୟାଦି ବୁଝାଉଥିଲେ । କହୁଥିଲେ 'ପିଲାଏ ତୁମେ ଏ ସବୁକୁ ନେଇ ଗର୍ବ କରି ଶିଖିବା ଉଚିତ । ଆମ ପୂର୍ବପୁରୁଷ ଖାଲି ଯୁଦ୍ଧ କରୁନଥିଲେ, ଅଶୋକଙ୍କ ଭଳି ଶାସକଙ୍କ ଠାରୁ ହାରି ମଧ ତାଙ୍କ ହୃଦୟ ପରିବର୍ତ୍ତନ କରାଉନଥିଲେ । ସେମାନେ ମଧ ତାଙ୍କ ଟାଆଁସା ହାତରେ ପଥରରେ ଫୁଲ ଫୁଟାଇ ପାରୁଥିଲେ । ପିଲାଏ ମୁଗ୍ଧ ହୋଇ ଶୁଣୁଥାନ୍ତି । ମୁଗ୍ଧ ହୋଇ ଶୁଣୁଥାନ୍ତି ବି ବାସୁଦେବ ଆଉ ରାମଚନ୍ଦ୍ର । ହେଲେ ଖଣ୍ଡଗିରି ଠାରେ ଗୋପଙ୍କ ଭିତରେ ଯେମିତି ଅପୂର୍ବ ଆବେଶ ତିଆରି ହେଲା । ସେ ପିଲାଙ୍କ ଆଡେ ଚାହିଁ କହିଲେ, "ଦେଖ ପିଲାଏ ! ଖଣ୍ଡଗିରିର ପଥର ଦେହରେ ଇତିହାସ ଅଙ୍କା ହୋଇଛି । କଳ୍ପନା ଭାବ ସଂଚାର କରାଏ ପିଲାଏ ! ତୁମକୁ ଦିଶୁଛି କି ଖାରବେଳଙ୍କ ଦରବାର । ଦିଶୁଛି କି ଦୂର ଦେଶରୁ ଦୂତ ବିଜୟ ବାର୍ତ୍ତା ଧରି ପହଂଚିବାର, ଶୁଭୁଛି କି ଶ୍ରମଣ ଓ ଜୈନ ସନ୍ନ୍ୟାସୀଙ୍କ ଭିତରେ ଅହିଂସା ତତ୍ତ୍ୱ ଆଲୋଚନା । ଏଇ ଆମର ମୂଳ ପିଲେ । ଆମେ ପାଶୋରି ଯାଇଛେ । କାନ ଡେରି ଶୁଣ ପିଲାଏ କି ବାର୍ତ୍ତା ଦେଉଛି ନାରଖାର ରାଣୀ ହଂସପୁର, ଖଣ୍ଡଗିରିର ଗମ୍ଭୀର ଉଦାସ ଶରୀର ।" ଗୋପଙ୍କ କଥାର କୁହୁକ ଆଉ ଟିକେ ଆଗକୁ ବଢ଼ାଇଲେ ରାମଚନ୍ଦ୍ର ।

"ପିଲାଏ ! ଅତୀତ ଝୁରି ହେବା ପାଇଁ ନୁହେଁ । ତା'ର ରୋମନ୍ଥନ ଆମକୁ

ପ୍ରେରଣା ଦେଉ ।" ପିଲାଏ ଏ ଦୁଇ ଗୁରୁଜନ ସ୍ଥାନୀୟ ଲୋକଙ୍କୁ କଥାରେ ଏ ଜାଗା ସବୁକୁ ଆଉ ଟିକେ ଉପଭୋଗ କଲେ । ଗୋପ ମନେମନେ ଏ ଅନୁଭବକୁ କବିତା ଆକାରେ ସଜାଇଲେ ।

'ଏହିକି ସେ ଖଣ୍ଡ ଗିରି ଯା ଶୋଭା ସଂକୁଳ
ଏହିକି ସେ ଖଣ୍ଡ ଗିରି ଯାର ଫୁଲଫଳ ।
ଏହିକି ସେ ଖଣ୍ଡ ଗିରି ଯାର ବିଜନତା
ଏହିକି ସେ ଖଣ୍ଡ ଗିରି ଯାର ତରୁ ଲତା ।
ବିମୋହିଲା ପୂର୍ବେ ବୌଦ୍ଧ ତାପସ ମାନସ
ଶୋଭଇ ଶରୀରେ ଯାର ଏବେ ବୌଦ୍ଧ ଯଶ ।
× × × × ×
ବେନି ମହାଧର୍ମ ଏଥି ସାମ୍ୟ ମୈତ୍ରୀ ଭାବେ
ସମ୍ମୀଳିତ ପରସ୍ପର ଅଦ୍ଭୁତ ପ୍ରଭାବେ
ଧର୍ମେ ଧର୍ମେ କିମ୍ବା ଦ୍ୱେଷ ବାଦ ଅହଂକାର
ଅତୀତ ଉତ୍କଳ ଆହା କି ମହା ଉଦାର ।

ସେଇ ସମୟରେ ଭୁବନେଶ୍ୱରରେ ସାକ୍ଷାତ ହେଲା ଜଣେ ବିପ୍ଳବୀ ଶଶୀଭୂଷଣ ରାୟ ଚୌଧୁରୀଙ୍କ ସହ । ଏଇ ବିପ୍ଳବୀଙ୍କ ସମ୍ପର୍କରେ ଗୋପ ପୂର୍ବରୁ ଶୁଣିଥିଲେ । ସେ ବଙ୍ଗଳାର ଉଗ୍ର ସନ୍ତ୍ରାସବାଦୀ ଦଳର ଜଣେ ନେତୃ ସ୍ଥାନୀୟ ବ୍ୟକ୍ତି । ଦଳ ଭିତରେ ତାଙ୍କ ଡାକ ନାଁ ଶଶୀଦା ।ସେ ତାଙ୍କର ବି.ଏ. ପଢ଼ା ଶେଷ କରିପାରିନଥିଲେ କାରଣ ତାଙ୍କୁ ଜେଲ ଯିବାକୁ ପଡିଥିଲା । ଏମିତିରେ ରାଜନୈତିକ ହତ୍ୟାକାଣ୍ଡ ଭିଆଇବାରେ ସନ୍ତ୍ରାସବାଦୀ ଦଳ କୁଖ୍ୟାତ ଥିଲେ । ଅବଶ୍ୟ ଶଶୀଦା ନିଜେ କାହାର ହତ୍ୟା କରିନଥିଲେ । ହେଲେ ଅସ୍ତ୍ରଶସ୍ତ୍ର ଯୋଗାଣରେ ସେ ଥିଲେ ମୁଖ୍ୟ ସୂତ୍ର । ସେ କାମ କରିବାରେ ତାଙ୍କର ବିଶେଷ ଦକ୍ଷତା ଥିଲା । ନା ସେ ନିଜେ ଧରାପଡୁଥିଲେ ନା ଯେଉଁଠି ଅସ୍ତ୍ରଶସ୍ତ୍ର ପହଂଚାଉଥିଲେ ସେ ଧରା ପଡୁଥିଲା । ତଥାପି କୌଣସି ଘଟଣାରେ ତାଙ୍କୁ ଜେଲ ହୋଇଥିଲା । ଏପରି ବିପ୍ଳବୀଙ୍କୁ ଦେଖାକରିବା ଓ ସେମାନଙ୍କ ମତିଗତି ଜାଣିବାରେ ଗୋପଙ୍କର ଉତ୍ସାହ ଥିଲା । ଭୁବନେଶ୍ୱରର ମଧ୍ୟଇଂରାଜୀ ବିଦ୍ୟାଳୟରେ ଦୁହିଁଙ୍କ ଭିତରେ ସାକ୍ଷାତ ହୁଏ । ଗୋପ ଦେଖିଲେ ଲୋକ ଜଣକ ରୁଗଣକାୟ ହେଲେ ମୁହଁରେ ଲାଖି ରହିଛି ହସ । ବୟସ ଚାଳିଶ ପାଖାପାଖି । କଥାରେ କେମିତି ଅନ୍ୟକୁ ଆପଣାର କରିନେବାର ଭାବ ।

"ଆପଣଙ୍କ ସଂଗଠନର ମୁଖ୍ୟ କାମ କଣ ?" ପଚାରି ବସିଲେ ଗୋପ ।

"ଆମର ପ୍ରଥମ କାମ ହେଲା ଏ ବିଦେଶୀ ରାବଣ ରାଜ୍ୟ ଧ୍ୱଂସ କରିବା ।" ବଡ଼ ତେଜୋଦୀପ୍ତ କଣ୍ଠରେ କହିଥିଲେ ଶଶୀଦା ।

"ଆପଣ ସଂଗଠନ ବଢାନ୍ତି କିପରି ?"

"ମୋର ସବୁଠୁ ପ୍ରଥମ କାମ ପିଲାମାନଙ୍କ ସହ ଘନିଷ୍ଠ ଭାବେ ମିଶିବା । ସେମାନଙ୍କ ବିଶ୍ୱାସ ଜିତିବା । ତା'ପରେ ସେମାନଙ୍କୁ ସଂଗଠନ ଆଡ଼କୁ ଆକୃଷ୍ଟ କରିବା ।"

"ଆପଣ କିପରି ଛାତ୍ର ଖୋଜନ୍ତି ?"

"ମୁଁ ଅତି ଭଲ ପାଠୁଆ, ମେଧାବୀ ଛାତ୍ର ଖୋଜେନା କାରଣ ସେମାନେ ଚାକିରି ଆଡ଼କୁ ଆକୃଷ୍ଟ ହେବେ । ସଂସାର ସେମାନଙ୍କୁ ଟାଣିବ ।"

"ଠିକ କଥା ।"

"ମୋ ଉପରେ ଦାୟିତ୍ୱ ଅଛି ଦଳ ପାଇଁ ନୂଆ କର୍ମୀ ଯୋଗାଡ଼ କରିବା । ତେଣୁ ମୁଁ ପିଲାମାନଙ୍କ ସହ ଅନ୍ତରଙ୍ଗ ଭାବେ ମିଶେ ।"

"ଆଉ ନିଜ ବୃତ୍ତି ?"

"କିଛି ନାହିଁ ଘରୋଇ ଶିକ୍ଷକତା କରେ । ସେ ପ୍ରକ୍ରିୟାରେ ମୋତେ ଅଧିକରୁ ଅଧିକ ପିଲାଙ୍କ ସହ ମିଶିବା ସହଜ ହୁଏ । ମୁଁ ଯେତିକି ଜାଣେ ଆପଣ ବି ତ ସେଇ ଛାତ୍ରଙ୍କ ଉପରେ ଭରସା କରନ୍ତି । ସେଇମାନଙ୍କ ଠାରେ ସମ୍ଭାବନା ଦେଖନ୍ତି ।"

"ହଁ ଏକବାର ଠିକ ଶୁଣିଛନ୍ତି ।"

"ଆମ ସଂଗଠନ ଚାହେଁ ପିଲାଏ ଶାରୀରିକ ଆଉ ନୈତିକ ଭାବେ ବିକଶିତ ହୁଅନ୍ତୁ । କୁସ୍ତି କସରତ କରନ୍ତୁ । ବାଡି ଖେଳ, ଛୁରୀ ଖେଳ ଶିଖନ୍ତୁ । ତା ସଂଗେ ଧର୍ମ ଚର୍ଚ୍ଚା ବି କରନ୍ତୁ ।"

ଜାତୀୟ ସ୍ତରରେ ସେତେବେଳେ ସ୍ୱଦେଶୀ ଆଲୋଡନ । ବଂଗଭଂଗ ବିରୋଧୀ ଆନ୍ଦୋଳନ କେତେବେଳେ ସ୍ୱଦେଶୀ ଆନ୍ଦୋଳନରେ ପରିଣତ ହେଲା ଜଣାଗଲା ନାହିଁ । ଦେଶ ସାରା ବିଦେଶୀ ଦ୍ରବ୍ୟ ବର୍ଜନ କରା ଗଲା । ସ୍ୱଦେଶୀର ପ୍ରଚାର ଚାଲିଲା । ଭୁବନେଶ୍ୱରରେ ଏକାମ୍ର ଏକାଡେମୀ ନାଁ ରେ ଜାତୀୟ ବିଦ୍ୟାଳୟ ଖୋଲିବାର ସ୍ୱପ୍ନ ଦେଖିଲେ ଗୋପ ଓ ରାମଚନ୍ଦ୍ର । ଗୋପବନ୍ଧୁ ନୀଳକଣ୍ଠ, ଅନନ୍ତ ପ୍ରମୁଖଙ୍କୁ ଲୋଡିଲେ । ତାଙ୍କ ସହ ଯୋଗ ଦେଲେ ରାୟଚକ୍ରଧରପୁରର ଫକୀର ମିଶ୍ର । ସମସ୍ତେ ଗେରୁଆ ପଞ୍ଜାବୀ ଆଉ ଗେରୁଆ ଲୁଗା ପିନ୍ଧି, ମୁଣ୍ଡରେ ଗେରୁଆ ଲୁଗାର ଠେକା ବାନ୍ଧି ବୁଲିଲେ ଗାଁ କୁ ଗାଁ । ପ୍ରଚାର କଲେ ସ୍ୱଦେଶୀର ବାର୍ତ୍ତା । ଏ ତ ପୂର୍ବ କଥା । ଏବେ ତ ପରିସ୍ଥିତି ଆହୁରି ବିସ୍ଫୋରକ ।

ବଙ୍ଗର ବିଭାଜନ, ଅନୁଶୀଳନ ସମିତିର ଆଦର୍ଶ, ସ୍ୱଦେଶୀ ଅନୁଚିନ୍ତା ଏଇ ଆଧାର ଉପରେ ଦିନେ ପୁରୀରେ ଚୂଡାନ୍ତ ରୂପ ନେଲା ବିଲାତ ବିରୋଧ । ପୁରୀ ବଡ଼ ଦାଣ୍ଡରେ ବିଲାତି ଲୁଗା ସ୍ତୁପ ପୋଡାର ବିରାଟ ଆୟୋଜନ । ସାରା ସହର ବନ୍ଦେ ମାତରଂ ଧ୍ୱନିରେ କମ୍ପି ଉଠିଲା । ଶହଶହ ଲୋକ ନିଜ ହାତରେ ବିଲାତି ଲୁଗା ଆଣି ଉଠୁଥିବା ଶିଖା ଉପରେ ପକାଇଲେ । ତା ସହିତ ଆରମ୍ଭ ହେଲା ସଭା । ରାମଚନ୍ଦ୍ର ଦାସ କହିବା ଆରମ୍ଭ କଲେ । ସେତେବେଳକୁ ସେ ଅସୁସ୍ଥ । ତଥାପି ସ୍ୱରରେ ଥାଏ ଉତ୍ସାହ ଓ କଣ୍ଠରେ ଥାଏ ଅଙ୍ଗୀକାର ।

"ଭାଇମାନେ । ଆଜି ଆମ ଦେଶମାତୃକା ଆଖିରେ ଅଶ୍ରୁ । ଆମେ ବିଲାତ ର ଗୋଲାମ ହୋଇ ପଡିଛେ । ଏ ସର୍କାରର କୂଟନୀତି ଓ ଭେଦ ନୀତିର ବି ତୁଳନା ନାହିଁ । ବଙ୍ଗ ଭଂଗରେ ଆମର କି ସ୍ୱାର୍ଥ ? ଆମେ ଆମ ଦ୍ରବ୍ୟ ବ୍ୟବହାର କରି ସ୍ୱାବଲମ୍ବୀ ହୋଇପାରିଲେ ହୁଏତ ଗୋରାମାନଙ୍କ ଜୁଲମ କମିବ ।"

ମଞ୍ଚରେ ଓକିଲ ହରିଶ ବାବୁ ଓ ଗୋପବନ୍ଧୁ ଥାଆନ୍ତି । ଗୋପଙ୍କ ମୁହଁରେ ଯୌବନର ଜ୍ୱଳନ୍ତ ଜ୍ୟୋତି । ମୁହଁରେ ଦୂରଗାମୀ ଉଦ୍ଦାମତା । ପାଟି ଅଳ୍ପ ଲାଗୁଥାଏ । ବକ୍ତୃତା ଯେମିତି ସିଂହ ଗର୍ଜନ । ବ୍ୟକ୍ତିତ୍ୱରେ ଅଦ୍ଭୁତ ନିର୍ଭୀକତା ।

"ବନ୍ଧୁଗଣ ଦୁର୍ବଳତା କେବେ ସଂଘର୍ଷ କରି ପାରେନା । ସେ କେବଳ ଆତ୍ମ ସମର୍ପଣ କରେ । ଆଜି ଆମକୁ ଆମର ସବୁ ଦୁର୍ବଳତା ଅତିକ୍ରମ କରିବାକୁ ହେବ । ଆମର ମାତୃଭୂମି ଆଜି ପର ଦ୍ୱାରେ ଦାସୀ । ଲର୍ଡ଼ କର୍ଜନ ବଙ୍ଗଭଙ୍ଗ ନାମରେ ଆମ ଜାତୀୟତା ଉପରେ ଆଘାତ କରିଛନ୍ତି । କବି ରବୀନ୍ଦ୍ରନାଥଙ୍କ ପରି ବ୍ୟକ୍ତି ତାକୁ ବିରୋଧ କରି ଶ୍ରାବଣ ମାସରେ ଏକତା ପାଇଁ ରକ୍ଷା ବନ୍ଧନ କରାଇଛନ୍ତି । ଆଜି ଛାତ୍ରସମାଜ ଆଗରେ ଅପୂର୍ବ ଆହ୍ୱାନ । ଆମ ଭିତରେ ଉଗ୍ର ଜାତୀୟତାର ଜାଗରଣ ଜରୁରୀ । ଭାଗ କରି ଶାସନ କରିବା ଗୋରାଙ୍କ ଅପନୀତି । ଆଜି ବଙ୍ଗ ଭାଗ କରାଯାଇଛି । କାଲିକୁ ହୁଏତ ଏ ଦେଶକୁ ଆହୁରି ଭାଗଭାଗ କରି ଦିଆଯିବ । ବାହାନା ଦିଆଯିବ ଶାସନ ସଂସ୍କାର । ହେଲେ ଆମ ଭାରତୀୟତା ଭାଗଭାଗ ହୋଇଯିବ । ଆମ ଭାଇ ପଣ ଦୁର୍ବଳ ହେବ । ତେଣୁ ଜାଗ୍ରତ ହୁଅ । ଏଇ ଯେ ବିଦେଶୀ ବସ୍ତ୍ରରେ ନିଆଁ ସଂଯୋଗ ହୋଇଛି ସେ ନିଆଁ ଆମ ଅନ୍ତରରେ ଜଳୁ । ସେ ଶିଖାକୁ ଚାହିଁ ଶପଥ ନେବା ଏ ବିଦେଶୀ ଶାସନର ବିଲୋପ ନ ହେଲା ଯାଏଁ ବିଶ୍ରାମ ନାହିଁ ।"

ସେଦିନ ଗୋପର ତେଜ ଓ ଓଜସ୍ୱିନୀ ବକ୍ତୃତାରେ ଆତ୍ମତୃପ୍ତି ଲାଭ କରିଥିଲେ ରାମଚନ୍ଦ୍ର ।

# ବିମୁଗ୍ଧ ଦୀର୍ଘଶ୍ୱାସ



## ସିନ୍ଧୁ ସେନ୍

ବାରବାଟୀ, ମୋତିଗଞ୍ଜ,
ବାଲେଶ୍ୱର-୭୫୬୦୦୩
ଫୋନ: ୯୩୩୭୫୮୦୦୪୫

ଚିତ୍ର : ସଞ୍ଜୟ ରାଉଳ


"ସତକୁହ, ମୋତେ କିଛି ନଲୁଚାଇ ଖୋଲିକରି କୁହନା ମାଆ...ମୁଁ ଯାହା ସବୁ ଶୁଣୁଛି, ସବୁ କ'ଣ ସତ ? ମୋ ସାଙ୍ଗମାନେ ମୋତେ ଏମିତି କାହିଁକି କହୁଛନ୍ତି ? ସତରେ କ'ଣ ମୋର ଆଉ ବେଶିଦିନ ନୁହେଁ ? ମୁଁ କ'ଣ ଆଉ ବଞ୍ଚିବିନି ? ପଢ଼ିପାରିବି ନାହିଁ ? ଖେଳି ପାରିବିନି ? କୁହନା ମାଆ...ପ୍ଲିଜ୍... କୁହ ମୋର କ'ଣ ହୋଇଛି ?"

ରୋହନର ଆବେଗଭରା ପ୍ରଶ୍ନରେ ଇପ୍‌ସିତା ଆଖିରୁ ଧାରଧାର ଲୁହ ଗଡ଼ିପଡ଼ିଲା । କି ଉତ୍ତର ଦେବ ? କ'ଣ କହି ରୋହନକୁ ସେ ବୁଝାଇବ । ବାରବର୍ଷର ବକଟେ ପିଲାଟା । ଖେଳିବୁଲି ହସଖୁସିରେ ତାର ଦିନ କଟାଇବା କଥା, ଅଥଚ ଏମିତି ବୟସରେ ତା ମନରେ ଆଲୋଡ଼ନ କରୁଥିବା ପ୍ରଶ୍ନରାଜିର ସନ୍ତୋଷଜନକ ଉତ୍ତର ଦେବା ପାଇଁ ସେ ଅକ୍ଷମ । କ'ଣ କହିବ ? କେମିତି କହିବ ? କାହାକୁ କହିବ ? କେଉଁଠୁ ଆରମ୍ଭ କରିବ ? ଏମିତି ବହୁ ପ୍ରଶ୍ନ ମଧ୍ୟରେ ମନ ତାର ଘାଣ୍ଟିଚକଟି ହେଉଥିଲା ।

ନିଜକୁ ନିଜେ ଯେତେବେଳେ ସାନ୍ତ୍ୱନା ଦେଇ ପାରୁନି, ସେଠି ରୋହନକୁ କେମିତି ବୁଝାଇବ ? ଉପରକୁ ହାତ ଉଠାଇ ଅଦୃଶ୍ୟଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲା ଇପ୍‌ସିତା । "ପ୍ରଭୁ, ଅବୋଧ ପିଲାଟିକୁ ଏମିତି ଶାସ୍ତି ଦେଉଛ କାହିଁକି ? ଜୀବନ କ'ଣ ଜାଣିବା ଆଗରୁ ଯିଏ ନିଜ ଜୀବନକୁ ହରାଇବାକୁ ବସିଛି । ତାହା ହିଁ କ'ଣ ତାର ଭାଗ୍ୟଲିପି ? ତୁମେ ହିଁ ତାର ସାହା ଭରସା । ସତରେ କ'ଣ ଏହାର କିଛି ସମାଧାନ ନାହିଁ ! ତୁମେ କ'ଣ ଚାହିଁଲେ ରୋହନର ଜୀବନ ରକ୍ଷା କରିପାରିବ ନାହିଁ !

ନିଜକୁ ସମ୍ଭାଳି ପାରୁ ନଥିଲା ଇପ୍‌ସିତା । ଏପରି ପରିସ୍ଥିତିରେ ତାର କର୍ତ୍ତବ୍ୟ କ'ଣ ? କ'ଣ ତାର କରିବା ଉଚିତ୍ ?

କେଉଁଟା ଠିକ୍ କେଉଁଟା ଭୁଲ୍ ସେସବୁ ମଧ୍ୟରେ ମନଟା ଧନ୍ଦି ହେଉଥିଲା ।

ନା, ସେ ଚୁପ୍ ହୋଇ ବସି ପାରିବ ନାହିଁ । ତାକୁ କିଛି ନା କିଛି ଉପାୟ ବାହାର କରିବାକୁ ପଡ଼ିବ । ପ୍ରଚେଷ୍ଟାର ଫଳ କେବେ ବୃଥା ହୁଏନି । ତାକୁ ସଂଘର୍ଷ କରିବାକୁ ପଡ଼ିବ । ପ୍ରୟାସ ଜାରି ରଖିବାକୁ ପଡ଼ିବ । ତା ପରେ ଠାକୁରଙ୍କ ଇଚ୍ଛା ।

ରୋହନର ହାତଧରି ଇପ୍‌ସିତା କାର୍ ଆଡ଼କୁ ମୁହାଁଇଲା । ଡ୍ରାଇଭରକୁ ଶିବା ନର୍ସିଂହୋମ୍‌କୁ ଗାଡ଼ି ଚଳାଇବାକୁ କହି ରୋହନକୁ କୋଳରେ ଧରି ଗାଡ଼ିରେ ବସିଲା ।

ଡାକ୍ତରଙ୍କ ଆଗରେ ସବୁକିଛି ଖୋଲାଖୋଲି କହିଲା ଇପ୍‌ସିତା ଓ ହାତଯୋଡ଼ି ନେହୁରା ହେଲା । "କୁହନ୍ତୁ ଡକ୍ଟର, ରୋହନକୁ ବଞ୍ଚାଇବା ପାଇଁ କ'ଣ କରା ଯାଇପାରିବ । ସେଥିପାଇଁ ଯାହା ଆବଶ୍ୟକ ସବୁ ମୁଁ ଦେବା ପାଇଁ ପ୍ରସ୍ତୁତ । ଚେଷ୍ଟା କରି ଦେଖନ୍ତୁ ନା... ।"

"ଦେଖନ୍ତୁ ମାଡ଼ାମ୍, ରୋହନ ଯେ ବଞ୍ଚିବନି ଏକଥା ତ ମୁଁ କହିନଥିଲି । ମୁଁ କେବଳ ଏତିକି କହିଥିଲି, ଅଳ୍ପବୟସର ପିଲାଟି ପାଇଁ ଏଭଳି କେଶ୍ ଯେତିକି ଜଟିଳ, ସେତିକି ବିରଳ ମଧ୍ୟ । ପ୍ରଥମରୁ ତ କହିଥିଲି, ରୋହନ ପାଇଁ ଏକ ସୁସ୍ଥ କିଡ୍‌ନୀର




### କାହାଣୀ ପଛର କାହାଣୀ

**ଗଳ୍ପକୁ ନେଇ କାହାର କ'ଣ ମତ ମୁଁ ଜାଣେନା । ହେଲେ ମୁଁ ଜାଣେ, ଭଲ ଗପଟିଏ କେବଳ କଳ୍ପନାରୁ ନିର୍ମିତ ନୁହେଁ କି ସବୁଗପ ମନଗଢ଼ା କାହାଣୀ ନୁହେଁ । ସାହିତ୍ୟ ଜଗତରେ ଲେଖା ଯାଇଥିବା ପ୍ରାୟ ଅଧିକାଂଶ ଗପର ଗାଳ୍ପିକମାନେ କେଉଁଠି ନା କେଉଁଠି ଗୋଟେ ବାସ୍ତବ ଘଟଣା ଓ ଜୀବନ୍ତ ମଣିଷକୁ ନେଇ ଗଳ୍ପର କଙ୍କାଳ ଗଢ଼ିଥାନ୍ତି । ଯେମିତି କାରିଗଟିଏ ମୂର୍ତ୍ତି ନିର୍ମାଣ କରିବା ପୂର୍ବରୁ ଛାଞ୍ଚଟିଏ ଗଢ଼ିଥାଏ । ଯେଉଁଥିପାଇଁ ଗଳ୍ପର ନାୟକ/ନାୟିକାମାନେ ସେହି ଗାଳ୍ପିକଙ୍କ ସାମ୍ନାରେ ରକ୍ତମାଂସର ରୂପ ଧରି ଛିଡ଼ା ହୋଇଥାନ୍ତି । ସେଥିପାଇଁ ତ ଗପସବୁ ହୃଦୟସ୍ପର୍ଶୀ ଓ କାଳଜୟୀ ହୋଇଥାଏ ।**
**ଏ ଗଳ୍ପଟି ମଧ୍ୟ ଏହି ଧାରାରେ ଗତିଶୀଳ । ମୋ ଗପର ଚରିତ୍ରମାନେ ମୋ ଚାରିପାଖେ ଘୁରୁଥାନ୍ତି । ଚଳପ୍ରଚଳ ହୁଅନ୍ତି । ମୋ ସ୍ୱପ୍ନରେ ଆସନ୍ତି । ହସନ୍ତି, କାନ୍ଦନ୍ତି, ପୁଣି ମୋ ସହ ଦୈନନ୍ଦିନ କାମରେ ନିମଜ୍ଜିତ ଥାଆନ୍ତି ।**

**ଏ ଗଳ୍ପର ଚରିତ୍ରମାନେ ନିଜ ନିଜର ସାଂସାରିକ ବନ୍ଧନୀ ମଧ୍ୟରେ ରହି ଅଣନିଃଶ୍ୱାସୀ ଜୀବନ ସହିତ ଛାଟିପିଟି ହେଉଥିବା ବେଳେ ମଣିଷପଣିଆରୁ ଓହରି ଯାଇନାହାନ୍ତି । ଭଲ ପଦପଦବୀରେ ଅବସ୍ଥାପିତ ହେଲା ପରେ ଜଣେ ସଚ୍ଚୋଟ ମଣିଷ କିପରି ନିଜ ବିବେକ ବିରୁଦ୍ଧରେ ଦୁର୍ନୀତିଖୋର ହେବାକୁ ବାଧ୍ୟ ହୁଏ ଆଉ ସେଥିରୁ କ୍ଷାନ୍ତ ହେଲେ ତାର ପରିଣାମ ମଧ୍ୟ କେଡ଼େ ଭୟଙ୍କର ହୋଇପାରେ, ତାହା ହିଁ ଗଳ୍ପଟିର ମୁଖ୍ୟ ଆକର୍ଷଣ । ବାଧ୍ୟବାଧକତାରେ କାମ କରୁଥିବା ମଣିଷଟି କେତେ ଯେ ଯନ୍ତ୍ରଣାରେ ଛଟପଟ ହୁଏ ତାହା ହିଁ ଗଳ୍ପର ଅନ୍ତଃସ୍ୱର । ଗଳ୍ପଟିର ନାୟକ କିଭଳି ନିଜକୁ ଜଳାଞ୍ଜଳି ଦେଇ ଆଦର୍ଶବାଦକୁ ଜାବୁଡ଼ି ଧରିଛନ୍ତି । ଗଳ୍ପଟିର ମନସ୍ତାତ୍ତ୍ୱିକ ଆବେଦନ ଓ ବକ୍ତବ୍ୟ ଅନେକଙ୍କ ଜୀବନଦର୍ପଣରେ ପ୍ରତିବିମ୍ବିତ । ଗଳ୍ପଟିର ଅନ୍ତଃସ୍ୱର ପାଠକମାନଙ୍କ ହୃଦୟରେ ଭିଜାଭିଜା ସ୍ପର୍ଶ ଦେଇ ପାରିବ- ଏହା ନିଃସନ୍ଦେହ । ଏବେ ଆସନ୍ତୁ ଗଳ୍ପର ମୁଖ୍ୟ ନାୟକଙ୍କୁ ଏ ଗପ ଭିତରେ ସାମ୍ନା କରି ତାର ଆତ୍ମାର ଅନ୍ତଃସ୍ୱର ବୁଝିବାକୁ ଚେଷ୍ଟା କରିବା ।**

ଆବଶ୍ୟକତା ରହିଛି । ହେଲେ, ଏଯାଏଁ ତାହା ଯୋଗାଡ଼ ହୋଇପାରିଲା ନାହିଁ । ଧୀରେ ଧୀରେ ସମୟ ଅତିକ୍ରାନ୍ତ ହେଉଛି, ଆଉ କିଡ୍‌ନୀ ନ ମିଳିଲେ ତାକୁ ବଞ୍ଚାଇବା ଆମ ପକ୍ଷରେ ସମ୍ଭବ ନୁହେଁ ।"

"ଠିକ୍ ଅଛି ଡକ୍ଟର । ଆପଣଙ୍କ ସମସ୍ୟା ମୁଁ ସମାଧାନ କରିଦେବି ।"

"ମାନେ, ଆପଣ କ'ଣ କହିବାକୁ ଚାହାଁନ୍ତି !"

"କିଡ୍‌ନୀ ପ୍ରତିରୋପଣରେ ରୋହନର ଜୀବନ ଯଦି ଫେରି ଆସିପାରେ, ତେବେ କିଡ୍‌ନୀ ଦାନ କରିବାକୁ ମୁଁ ପ୍ରସ୍ତୁତ ଅଛି । ଆପଣ ଏବେ ଆପଣଙ୍କ କାମରେ ଆଗେଇ ଚାଲନ୍ତୁ । ଅପରେସନ ପାଇଁ ଆବଶ୍ୟକୀୟ ଟଙ୍କା ମଧ୍ୟ ମୁଁ ଡିପୋଜିଟ୍ କରିଦେବି । ଖୁବ୍ ଶୀଘ୍ର ଏହାର ବ୍ୟବସ୍ଥା କରନ୍ତୁ ।"

ସେଦିନ ରୋହନକୁ ନେଇ ଘରକୁ ଫେରିବା ପରେ ଇପ୍‌ସିତା ମନରେ ଉଙ୍କି ମାରୁଥିଲା ଅନେକ ପ୍ରଶ୍ନ । ସେଦିନ ରାତିରେ ତା ଆଖିରେ ନଥିଲା ନିଦ ଅବା ପେଟରେ ଭୋକ । ସାରାରାତି ରୋହନକୁ କୋଳରେ ଜାକିଧରି ସେ ଅନେକ କାନ୍ଦିଥିଲା । ମନେ ପଡ଼ି ଯାଉଥିଲା ଅତୀତର ଅନକେ ସ୍ମୃତି । ହୋଇପାରେ ଅତୀତ ଏବେ ତା ପାଇଁ ଏକ ପରିତ୍ୟକ୍ତ ଦୀପଶିଖା । ତଥାପି, ସେଇ ଦୀପଶିଖା ଜ୍ୟୋତି ତା ମନରେ ଏତେ ଉଦ୍ଦୀପନା ଜାଗ୍ରତ କରାଉଛି କାହିଁକି ?

> **ମାଆ ତ ସେଇ । ଯାର ପଣତ ତଳର ଶୀତଳ ଛାୟାରେ ସନ୍ତାନର ଜୀବନ ସୁରକ୍ଷିତ । ଯାର କୋଳ ସନ୍ତାନ ପାଇଁ ନିରାପଦ ଆଶ୍ରୟ । ଯା' ଆଖିର ପରଦାରେ ବିମ୍ବିତ ହେଉଥାଏ ସନ୍ତାନର ହସନ୍ତ ମୁଖମଣ୍ଡଳ । ମାଆ ଡାକରେ ଭରି ରହିଥାଏ ତେଣୁ ଅମୃତର ସ୍ପର୍ଶ । ଯିଏ ସନ୍ତାନ ପାଇଁ ସଦା ଛଳଛଳ । ଯା' ହୃଦୟର ଖୋଲାପୃଷ୍ଠା ପରେ ବିମ୍ବିତ ହେଉଥାଏ ଭୋକର ଭୂଗୋଳ । ମାଆ ହିଁ କେବଳ ପଢ଼ିପାରେ ସନ୍ତାନର ଅନ୍ତର୍ମନର ପରିଭାଷା । ସେସବୁର ବିଶ୍ଳେଷଣ ନିଜ ରକ୍ତର ମାଆ ବ୍ୟତିରେକେ ଆଉ କାହାଠାରୁ ଆଶା କରିବା ବୃଥା ।**

ରୋହନ ତାର କିଏ ? ତା ସହିତ ତାର ସମ୍ପର୍କ କ'ଣ ? ସେ ବିଷୟରେ ସେ କେବେ ତର୍ଜମା କରିନି । କରିବାକୁ ସମୟ ମଧ୍ୟ ପାଇନି । ହେଲେ, ଆଜି କାହିଁକି ତା ମନରେ ଉଙ୍କି ମରୁଛି ସେଇ ହଜିଲା ଦିନର କାହାଣୀ ।

ପିଲାଦିନରୁ ମାଆଙ୍କୁ ସେ ହରାଇଥିଲା । ବାପା ହିଁ ଥିଲେ ତାର ସବୁକିଛି, ତାକୁ ଯେତେବେଳ ମାତ୍ର ନଅ ବର୍ଷ ମାଆ ତାକୁ ଓ ସାନଭାଇ ଦୀପୁକୁ ଛାଡ଼ି ଆରପାରିକୁ ଚାଲିଯାଇଥିଲେ । ଭାଇ, ଭଉଣୀ ଦୁହେଁ ବାପାଙ୍କ ସ୍ନେହସ୍ପର୍ଶରେ ବେଶ୍ କିଛିଦିନ ଗଢ଼ି ଉଠୁଥିଲେ । ହେଲେ ସେ ଦୁଃଖ ମଧ୍ୟ ବେଶିଦିନ ରହିଲା ନାହିଁ । ମାଆ ମୃତ୍ୟୁର ବର୍ଷକ ପରେ ବାପା ସାଇପଡ଼ିଶାଙ୍କ କଥାରେ ସେମାନଙ୍କ ପାଇଁ ନୂଆ ମାଆଟିଏ ଘରକୁ ଆଣିଲେ । ପିଲା ଦୁଇଟିକୁ ତାଙ୍କ ତତ୍ତ୍ୱାବଧାନରେ ଛାଡ଼ିଦେଇ ପୂର୍ବପରି ବାପା ନିଜ ଚାକିରିକୁ ନେଇ ବ୍ୟସ୍ତ ରହିଲେ । ଦୀପୁ ଆଉ ତା କଥା ବୁଝିବାକୁ ତାଙ୍କ ବେଳ ନଥିଲା । ସବୁ ଦାୟିତ୍ୱ ସାନମାଆ ହାତରେ ଟେକି ଦେଇ ସେ ବେଶ୍ ନିଶ୍ଚିନ୍ତ ହୋଇଗଲେ ସିନା, ହେଲେ ଭାଇଭଉଣୀ ନୁହେଁ ଯେ ସାନମାଆ ଠାରୁ ମାତୃତ୍ୱର ସ୍ନେହସ୍ପର୍ଶ ପାଇ ପାରିଲେ ନାହିଁ କି ଆଗକୁ ପାଇବାର ସମ୍ଭାବନା ନାହିଁ, ସେକଥା ବେଶ୍ ଭଲଭାବରେ ଇପ୍‌ସିତା ବୁଝି ପାରୁଥିଲା । ମେଟ୍ରିକ୍ ପାଶ୍ ପରେ ସାବତମାଆ ତାକୁ ଯେବେ ଅଧିକ ପାଠ ନପଢ଼ାଇ ଘରକାମ କରିବାକୁ ତାଗିଦ୍ କଲେ ତ ସେ ଦୀପୁର ଦାୟିତ୍ୱ ତା ମୁଣ୍ଡ ଉପରକୁ ନେଇନେଲା । ଅନ୍ତତଃ ପକ୍ଷେ ଦୀପୁର ପାଠପଢ଼ା ବନ୍ଦ ନହେଉ ସେଇ ଆଶାରେ ବାପାଙ୍କୁ କୁହାବୋଲା କରି ଦୀପୁକୁ ସ୍କୁଲ ହଷ୍ଟେଲରେ ରଖିବାର ବ୍ୟବସ୍ଥା କରିଦେଲା, ଘରଠାରୁ ଦୂରେଇ ରହିଲେ ସାବତମାଆ ଠାରୁ କିଛିଟା ତ୍ରାହି ତ ମିଳିଯିବ ।

ଇପ୍‌ସିତା ଯେତେଯେତେ ବଡ଼ ହେଉଥିଲା ମାଆ ପାଇଁ ତା ହୃଦୟରେ ଶୂନ୍ୟତା ବେଶ୍ ଅନୁଭବ କରି ପାରୁଥିଲା । ସାବତମାଆ କେବେ ବି ନିଜ ଜନ୍ମକଲା ମାଆ ହୋଇ ପାରେନା । ଏ ସାର୍ବଜନୀନ ସତ୍ୟ ତା ଜୀବନରେ ଭୁଲ୍ ହେବ କେମିତି ?

ମାଆ ତ ସେଇ । ଯାର ପଣତ ତଳର ଶୀତଳ ଛାୟାରେ ସନ୍ତାନର ଜୀବନ ସୁରକ୍ଷିତ । ଯା'ର କୋଳ ସନ୍ତାନ ପାଇଁ ନିରାପଦ ଆଶ୍ରୟ । ଯା' ଆଖିର ପରଦାରେ ବିମ୍ବିତ ହେଉଥାଏ ସନ୍ତାନର ହସନ୍ତ ମୁଖମଣ୍ଡଳ । ମାଆ ଡାକର ଭରି ରହିଥାଏ ତେଣୁ ଅମୃତର ସ୍ପର୍ଶ । ଯିଏ ସନ୍ତାନ ପାଇଁ ସଦା ଛଳଛଳ । ଯା' ହୃଦୟର ଖୋଲାପୃଷ୍ଠା ପରେ ବିମ୍ବିତ ହେଉଥାଏ ଭୋକର ଭୂଗୋଳ । ମାଆ ହିଁ କେବଳ ପଢ଼ିପାରେ ସନ୍ତାନର ଅନ୍ତର୍ମନର ପରିଭାଷା । ସେସବୁର ବିଶ୍ଳେଷଣ ନିଜ ରକ୍ତର ମାଆ ବ୍ୟତିରେକେ ଆଉ କାହା ଠାରୁ ଆଶା କରିବା ବୃଥା ।

ଇପ୍‌ସିତା ଜୀବନରେ ଯାହା ହଜିଯାଇଛି ତାହା ଆଉ କେବେବି ଫେରିବନି । ତଥାପି ତାକୁ ବଞ୍ଚିବାକୁ ପଡ଼ିବ ଆଖିର ଲୁହକୁ ପିଇଦେଇ ସେ ବି ବଞ୍ଚି ରହିଥିଲା କେବଳ ବାପାଙ୍କ ଲାଗି ।

ବାପା ହିଁ ଥିଲେ ତାର ଶେଷ ଆଶା । ଭରସା ଆଉ ଆଶ୍ରା । ଖାସ୍ ସେଇଥିପାଇଁ ସାବତମାଆ ସହ ଘଟୁଥିବା ଅକଥନୀୟ ଯନ୍ତ୍ରଣାକୁ ସେ କେବେ ବି ବାପାଙ୍କ ସମ୍ମୁଖରେ ଅଭିଯୋଗର ଫର୍ଦ୍ଦ ଭାବେ ଦାଖଲ କରିନଥିଲା । ବରଂ ତାହାହିଁ ଥିଲା ତା ଜୀବନ ଯୁଦ୍ଧରେ ବଞ୍ଚିବର ସୂଚୀପତ୍ର । ନିତିଦିନର ରୁଟିନବନ୍ଧା ଜୀବନ ମଧ୍ୟରେ ବାନ୍ଧି ହୋଇ ଯାଇଥିଲା ତା ଜୀବନଯାତ୍ରା ।

ଆଖି ଲୁହ ଆଖିରେ ମାରି ବାପାଙ୍କ ସାମନାରେ ମୁହଁରେ ହସ ଫୁଟାଇଥିଲା । ବାପା ମଧ୍ୟ ସେ ସବୁର ସୁରାକ ପାଉ ନଥିଲେ । ଚାକିରିକୁ ନେଇ ସେ ତ ପ୍ରାୟ ବ୍ୟସ୍ତ ରହୁଥିଲେ । ଅଧିକାଂଶ ସମୟ ତାଙ୍କର ବାହାରେ କଟୁଥିଲା । ଘରକ ଆସିଲେ ନିଜକୁ ବଞ୍ଚାଇବା ପାଇଁ ଇପ୍‌ସିତାର ଅଭିନୟ ବାପାଙ୍କ ଦୃଷ୍ଟି ଆଢୁଆଳରେ ଲୁକ୍କାୟିତ ହୋଇ ରହିଯାଉଥିଲା । ତାରି ମଧ୍ୟରେ ଇପ୍‌ସିତାର ପାଠପଢ଼ା, ଘରୋଇ କାମ ସବୁ ଠିକ୍‌ଠାକ ଚାଲିଥିଲା । ଦୀପୁକୁ ବଡ଼ମଣିଷ କରିବାର ସ୍ୱପ୍ନ ତର ସବୁ ଯନ୍ତ୍ରଣାକୁ ଉପଶମ କରି ଦେଉଥିଲା । ସାନଭାଇଟି ମଣିଷ ପରି ମଣିଷଟିଏ ହେଉ ତାପରି କଷ୍ଟ ନପାଉ- ଏତିକି ଆଶା ନେଇ ଇପ୍‌ସିତା ଆଗେଇ ଚାଲୁଥିଲା । ତାର ଜୀବନଯାତ୍ରାରେ ଆସୁଥିବା ସମସ୍ତ ଝଡ଼ଝଞ୍ଜା, ଦୁଃଖ ଯନ୍ତ୍ରଣାକୁ ସାମନା କରିବାରେ ସେ ତେଣୁ ଅଭ୍ୟସ୍ତ ହୋଇ ସାରିଥିଲା ।

ହେଲେ, ସେ ସୁଖ ବି ତାର ବେଶିଦିନ ରହିଲା ନାହିଁ । ହଠାତ୍ ଦିନେ ବାପାଙ୍କ ଅଫିସ୍‌ରୁ ଫୋନ୍ ଆସିଲା, ରୋଡ଼୍ ଏକ୍ସିଡେଣ୍ଟରେ ବାପା ଆରପାରିକୁ ଚାଲି ଯାଇଛନ୍ତି ।

ଇପ୍‌ସିତାର ପାଦତଳୁ ମାଟି ଯେମିତି ଖସି ଯାଇଥିଲା । ଚାରିଆଡ଼ ତାକୁ ଅନ୍ଧାର ଦିଶୁଥିଲା । ନିଜ ମନକୁ ଦୃଢ଼କରି ବାପାଙ୍କ ଶୁଦ୍ଧକ୍ରିୟା କଲା । ଦୀପୁ ହାତରେ ସବୁ କାମ କରାଇନେଲା । ଏକାଦଶାହ କର୍ମପରେ ତା ଜାଗାକୁ ପଠାଇଦେଇ ନିଜକୁ ଦୃଢ଼ କରିନେଲା ଇପ୍‌ସିତା ।

ଏପଟେ ସାନମାଆର ଅତ୍ୟାଚାର, ନିର୍ଯାତନା ଦିନକୁ ଦିନ ଅସହ୍ୟ ଲାଗୁଥିଲା । ଏପଟେ ଦୀପୁ ଧୀରେ ଧୀରେ ବଡ଼ ହେଉଛି । ଆଜି ନହେଲେ କାଲି ସାନମାଆ ସହ ତାକୁ ମୁକାବିଲା କରିବାକୁ ପଡ଼ିବ । ସେଦିନ ତାର ମନ ତଳେ ଅଶାନ୍ତିର ନିଆଁ କୁହୁଳିବ । ଏ ପରିପ୍ରେକ୍ଷୀରେ ଇପ୍‌ସିତାକୁ ହିଁ କିଛି ଗୋଟେ କରିବାକୁ ପଡ଼ିବ ।

ବାପା କହୁଥିଲେ, ପ୍ରତ୍ୟେକ ମଣିଷକୁ ନିଜ ଭାଗ୍ୟ ନିଜକୁ ଗଢ଼ିବାକୁ ପଡ଼ିଥାଏ । ଏଥିପାଇଁ କାହାରିକୁ ଦୋଷ ନଦେଇ ବରଂ ଜୀବନ ଯୁଦ୍ଧରେ

ସଂଘର୍ଷ କରିବାକୁ ପଡ଼ିଥାଏ ।

ଇପ୍‌ସିତା ଏବେ ଆଉ ଛୋଟ ପିଲା ହୋଇ ରହିନାହିଁ । ସେ ଏବେ ବଡ଼ ହୋଇଗଲାଣି । ଭଲକ'ଣ, ମନ୍ଦ କ'ଣ, ବୁଝିବାର ଶକ୍ତି ତାର ହୋଇଯାଇଛି । ଦୀର୍ଘ ବର୍ଷବର୍ଷ ଧରି ଯେଉଁ ବାପାଙ୍କ ମୁହଁ ଚାହି ସାନମାଆର ଯନ୍ତ୍ରଣାକୁ ଦେହସୁହା କରି ନେଇଥିଲା ସେ ଆଶା ବି ତାର ମଉଳିଗଲା ।

ବହୁତ ଭାବିଚିନ୍ତି ଶେଷରେ ଇପ୍‌ସିତା ଶେଷ ସିଦ୍ଧାନ୍ତରେ ଉପସ୍ଥିତ ହେଲା । ନା...ଆଉ ନୁହେଁ । ଏଥର ତାକୁ ଏ ଘରର ମୋହ ଛାଡ଼ିବାକୁ ପଡ଼ିବ । ତା ନିଜ ପାଇଁ ଏକ ନିର୍ଭର ଆଶ୍ରୟ ଖୋଜିନେବାକୁ ପଡ଼ିବ । ଯେତିକି ପାଠ ପଢ଼ିଛି, ସେତିକି ସମ୍ବଳ କରି ନିଜ ପାଇଁ ଅନ୍ନସଂସ୍ଥାନର ପଥ ଖୋଜିବାକୁ ପଡ଼ିବ । ଚାକିରି ଖୋଜିବ । ନିଜ ଗୋଡ଼ରେ ନିଜେ ଠିଆ ହେବ । ଗୋଟିଏ ବେଦନାସିକ୍ତ ପରିବେଶ ମଧ୍ୟରୁ ନିଜକୁ ମୁକ୍ତ କରିବାକୁ ପଡ଼ିବ ।



ସେଦିନ ଖବରକାଗଜର ବିଜ୍ଞାପନକୁ ଦେଖି ସେ ଠିକ୍ କରିଥିଲା, 'ଆଶ୍ରୟ' ଅନୁଷ୍ଠାନ ଏ ପରିସ୍ଥିତିରେ ବେଶ୍ ଭଲ । ଜୀବନ ରାସ୍ତାର ମୋଡ଼ ବୁଲାଇ ସେ ତାର ନିଜ ନିଷ୍ପତ୍ତି ବାଛିନେଲା । ରାତିର ନିସ୍ତବ୍ଧତା ମଧ୍ୟରେ ନିଜପାଇଁ ଆବଶ୍ୟକୀୟ ଜିନିଷପତ୍ର ସଜଡ଼ା ସଜଡ଼ି କରି ବିଜ୍ଞାପନ କାଗଜଟିକୁ ଭାଙ୍ଗି ବ୍ୟାଗରେ ପୁରାଇଲା । କାହାକୁ କିଛି ନଜଣାଇ ଘରୁ ଗୋଡ଼କାଢ଼ି ଷ୍ଟେସନ ଅଭିମୁଖେ ବାହାରିପଡ଼ିଲା ।

ଏବେ ସେ ସ୍ୱାଧୀନ ଭାବେ ନିଜ ପାଇଁ କିଛି କରିବ । ସମାଜରେ ବଞ୍ଚିବାକୁ ହେଲେ ଜୀବନ ଯୁଦ୍ଧରେ ବିଜୟୀ ହେବାକୁ ପଡ଼ିବ । ନିଜ ଭାଗ୍ୟ ଉପର ଭରସା ରଖି ସେ ଆଗେଇ ଚାଲିଥିଲା ତାର ଲକ୍ଷ୍ୟପଥରେ ।

ବ୍ରହ୍ମପୁର ଷ୍ଟେସନରେ ଓହ୍ଲାଇ ଏକ ପ୍ରଶସ୍ତ ଗେଟ୍ ସାମନାରେ ଅଟୋକୁ ଅଟକାଇବାକୁ କହି ଓହ୍ଲାଇ ପଡ଼ିଲା ଇପ୍‌ସିତା । ପରିବେଶ ବେଶ୍ ସୁନ୍ଦର, ଶାନ୍ତ, କମନୀୟ ଯେତିକି ଆଗେଇ ଚାଲିଥିଲା, ସେତିକି ତା ମନୋବଳ ଜାଗି ଉଠୁଥିଲା ।

ଏଇ ତେବେ, ତାର ଭବିଷ୍ୟତର ପ୍ରଶସ୍ତ କର୍ମକ୍ଷେତ୍ର । ଭାରି ଭଲ ଲାଗୁଥିଲା ତାକୁ । ସହକର୍ମୀମାନେ ସହାସ୍ୟ ବଦନରେ ତାକୁ ପାଛୋଟି ନେଲେ । କିଏ କେତେ ପ୍ରକାର ପ୍ରଶ୍ନ କଲେ । ଆଶ୍ୱସ୍ତ ହେଲା ଇପ୍‌ସିତା । ବିମୁଗ୍ଧା ମଧ୍ୟ । ସ୍ୱତଃସ୍ଫୂର୍ତ୍ତ ତା ଅନ୍ତର୍ମନରୁ ବାହାରି ଆସିଲା ଦୀର୍ଘଶ୍ୱାସଟିଏ । ସତେ ଯେମିତି ଏ ଦୀର୍ଘଶ୍ୱାସ ତାର ଯନ୍ତ୍ରଣାର ନୁହେଁ, ଦୁଃଖର ନୁହେଁ, ହତାଶାର ନୁହେଁ । ବରଂ ଆଗାମୀ ଜୀବନର ଆଶା, ଆକାଂକ୍ଷା, ସ୍ୱପ୍ନ । ସଫଳତାର ଆଦ୍ୟପର୍ବ । ବିମୁଗ୍ଧ ମନର ଦୀର୍ଘଶ୍ୱାସଟିଏ ।

ଆଶ୍ରୟର ପ୍ରତିଟି କୋଣ ଅନୁକୋଣ ଆଡ଼େ ଆଖି ପହଁରି ଆଣୁଥିଲା । ସହକର୍ମୀମାନଙ୍କ ଗହଣରେ ବୁଲି ବୁଲି ଦେଖୁଥିଲା ଆଶ୍ରୟର ଅନ୍ତେବାସୀମାନଙ୍କୁ । ବାସ୍ତବରେ କି ସୁନ୍ଦର...କେତେ କମନୀୟ, ପିତୃମାତୃହରା ସନ୍ତାନଟି ପାଇଁ ଅନେକ କିଛି ଅପୂରଣୀୟ ଇଚ୍ଛା ରହି ଯାଇଥାଏ । ଏଠି କିନ୍ତୁ ସେ ଇଚ୍ଛା ତାର ପୂରଣ ହେବ । ଏଠି ତ ଅନେକେ ତାରି ପରି । ତେଣୁ ସମସ୍ତଙ୍କ ମେଳରେ ସେ ନିଜକୁ ଛୋଟ ମଣିବ କାହିଁକି ?

ପରିଚୟ ପର୍ବରେ ସେ ଅନେକଙ୍କୁ ଭେଟିଲା । ଅଚିହ୍ନା, ଅପରିଚିତ ମୁହଁ ସବୁ ଧୀରେ ଧୀରେ ଆପଣାର ଅନ୍ତରଙ୍ଗ ପାଲଟିଗଲା । ଏ ଆଶ୍ରମ ଅନେକଙ୍କୁ ସ୍ଥାନ ଦେଇଛି । ଏଠି ଶିଶୁ, କିଶୋର, ବାର୍ଦ୍ଧକ୍ୟ ସବୁ ବୟସର ବ୍ୟକ୍ତିବିଶେଷଙ୍କୁ ଖୋଜିଲେ ମିଳିବ । କିଏ ଶୈଶବର ପିତୃମାତୃହରା ତ କିଏ ବାର୍ଦ୍ଧକ୍ୟରେ ସନ୍ତାନ ସେବାରୁ ଅବହେଳିତା । ସମସ୍ତେ କିନ୍ତୁ ଏଠାରେ ଗୋଟିଏ ଛାତ ତଳେ ରହୁଛନ୍ତି । ଯିଏ ଯେଉଁ ପରିଚୟ ନେଇ ଏଠିକୁ ଆସିଥାନ୍ତୁ ନା କାହିଁକି ସମସ୍ତେ ଏଠାରେ ଆଶ୍ରୟ ଆଶ୍ରମର ଅନ୍ତେବାସୀ । ଏକ ଶୃଙ୍ଖଳିତ ପରିବାର ସଦସ୍ୟ ଭୁକ୍ତ । ବାସ୍ ଏତିକି ପରିଚୟ ହିଁ ପ୍ରତ୍ୟେକଙ୍କୁ ବାନ୍ଧି ରଖିଛି ଏକାନ୍ତ ଭାବରେ । ପରସ୍ପର ମଧ୍ୟରେ ସୁଖ ଦୁଃଖ ବାଣ୍ଟିନେବାକୁ ଏ ଅନୁଷ୍ଠାନ ଶିକ୍ଷା ଦେଇଛି । ଏକ ନିର୍ଦ୍ଦିଷ୍ଟ ନୀତିନିୟମ ମଧ୍ୟରେ ସମସ୍ତେ ବନ୍ଧା ।

ଇପ୍‌ସିତାକୁ ମିଳିଛି ଏଠି ପିଲାମାନଙ୍କ ଦାୟିତ୍ୱ । ପିଲାମାନଙ୍କୁ ଉପଯୁକ୍ତ ଯତ୍ନ ନେବା ସହ ସେମାନଙ୍କୁ ପାଠ ପଢ଼ାଇବା ଦାୟିତ୍ୱ ମଧ୍ୟ ତା ଉପରେ ନ୍ୟସ୍ତ । ଆଉ ସେ ତାର କାର୍ଯ୍ୟ ପାଇଁ ବେଶ୍ ଉତ୍‌ଫୁଲ୍ଲିତା । ଧୀରେ ଧୀରେ ସମସ୍ତଙ୍କ ସହ ତାର ପରିଚୟ ହୋଇଗଲାଣି । ଏହି ସମ୍ପର୍କକୁ ଘନିଷ୍ଠତା, ଅନ୍ତରଙ୍ଗତା ଆଉ ନିବିଡ଼ ଆତ୍ମୀୟତା ଇପ୍‌ସିତାକୁ ଆଉ ଏକ ନୂଆ ଜୀବନ ଗଢ଼ିବାକୁ ସୁଯୋଗ ଦେଇଛି । ସମସ୍ତଙ୍କ ପାଖରେ ଏବେ ସେ ଇପ୍‌ସିତା ଗୁରୁମା ।

ସମସ୍ତେ ଏଠି କର୍ମଚଞ୍ଚଳ । ନିଜ ନିଜ କାମରେ ବ୍ୟସ୍ତ । ନିଜନିଜ ଯୋଗ୍ୟତା ଅନୁସାରେ ପ୍ରତ୍ୟେକଙ୍କ ନିଯୁକ୍ତି । ନିଜନିଜ କାମରେ କାହାରି କିଛି ଅଭିଯୋଗ ନାହିଁ । ଇପ୍‌ସିତାକୁ ବେଶ୍ ଭଲ ଲାଗୁଥିଲା ଏ ମଧୁର ପରିବେଶ । ବିଶେଷକରି କୁନିକୁନି ପିଲାଙ୍କୁ ପାଠ ପଢ଼ାଇଲା ବେଳେ ସେ ତାର ଶୈଶବର ସ୍ମୃତିକୁ ଦୋହରାଉଥିଲା ।

ସତରେ, କି ସୁନ୍ଦର ସେ ହଜିଲା ଶୈଶବ । ପିଲାମାନଙ୍କ ଗହଣରେ ସମୟ ତାର ବେଶ୍ ଆନନ୍ଦରେ କଟି ଯାଉଥିଲା ।


ଦିନକର ଘଟଣା । ପିଲାମାନଙ୍କୁ ଜଳଖିଆ ଖାଇବାକୁ ଦେଇ ଡ୍ରେସ୍ ପିନ୍ଧାଇ ସ୍କୁଲ ନିମନ୍ତେ ପ୍ରସ୍ତୁତ କରୁଥିବା ବେଳେ ଆଠ ନଅବର୍ଷ ପିଲାଟିଏ ତା ପାଖକୁ ଲାଗିଆସି କହିଲା, "ଗୁରୁମା ତୁମେ ଭଲ ଗପ କହିପାର । ତୁମ ମୁହଁରୁ କଥା ଶୁଣିବାକୁ ମୋତେ ବହୁତ ଭଲ ଲାଗେ । କୁହନା ଗୁରୁମା, ତୁମେ କ'ଣ ମୋତେ ଭଲ ପାଅନି ।" ଛୋଟ ପିଲାଟି ମୁହଁରୁ ଏମିତି ଗୁଲୁଗୁଲିଆ କଥା ଶୁଣି ଇପ୍‌ସିତା ନିଜକୁ ସମ୍ଭାଳି ପାରିଲାନି । କୋଳକୁ ଟାଣିନେଇ ତାର ନରମ ଗାଲରେ ଚୁମା ଦେଇ କହିଲା, "ମୁଁ ବି ତୋତେ ବହୁତ ଭଲପାଏ ।"

ବାସ୍ ସେଦିନ ଠାରୁ ରୋହନ ସହ ଇପ୍‌ସିତାର ଏକ ମଧୁର ସମ୍ପର୍କ ଯୋଡ଼ି ହୋଇଗଲା । ସେ ସମ୍ପର୍କର ରଜ୍ଜୁ ଏତେ ଦୂର ଲମ୍ବିଗଲା ଯେ ରୋହନ ପାରେ ସେ ଗୁରୁମାରୁ ପାଲଟିଗଲା ମାଆ । ଇପ୍‌ସିତାର ଯେମିତି ମନେ ହେଉଥିଲା କେହି ଜଣେ ଯେମିତି ତା ପାଖରୁ କିଛି ପାଇବାର ଆଶା କରୁଛି । ତାକୁ ଖୁବ୍ ନିକଟରୁ ଡାକୁଛି । ଇପ୍‌ସିତାକୁ ଲାଗୁଥିଲା ଆଜିଯାଏ ସେ ଯାହା ପାଇପାରି ନଥିଲା, ଏବେ

ତାକୁ ସେ ସବୁ ମିଳି ଯାଇଛି ।

ଧୀରେ ଧୀରେ ରୋହନର ପରିଚୟ ତା ପାଖରେ ସ୍ପଷ୍ଟ ହୋଇଗଲା । ପିତୃମାତୃହରା ଏଇ ଅବୋଧ ବାଳକଟିକୁ କେହି ଜଣ ଏହି ଅନାଥାଶ୍ରମରେ ଛାଡ଼ି ଦେଇ ଚାଲି ଯାଇଥିଲା । ସେହିଦିନ ଠାରୁ ଆଶ୍ରୟ ଅନାଥ ଆଶ୍ରମ ପାଲଟି ଯାଇଛି ରୋହନର ଘର, ପରିବାର, ବାପାମାଆ ସବୁକିଛି ।

ରୋହନ ସହ ସଂସ୍ପର୍ଶରେ ଆସିବା ପରଠାରୁ ଇପ୍‌ସିତା ମନରେ ଅନେକ ଆନନ୍ଦ । ସତେ ଯେମିତି ତାର ଜୀବନ ଗତିପଥ ବଦଳି ଯାଇଛି । ସବୁଠି, ସବୁ ଜାଗାରେ ସେ ରୋନର ଉପସ୍ଥିତି ଚାହୁଁଛି ।



ତାର ଯେମିତି ମନେ ହେଉଛି, ଅନାଥ ବାଳକଟିଏ ତା ପାଖରେ ମାତୃତ୍ୱ ଭିକ୍ଷା କରୁଛି । ପରମୁହୂର୍ତ୍ତରେ କିନ୍ତୁ ଦ୍ୱନ୍ଦ୍ୱ ଜାଗିଛି ମନରେ ।

ଏବେ ବି ଇପ୍‌ସିତା ବିବାହ କରିନି । ଆଉ ମାତୃତ୍ୱ ସମ୍ଭବ କେମିତି ? ପରମୁହୂର୍ତ୍ତରେ ନିଜକୁ ନିଜେ ପ୍ରଶ୍ନ ପଚାରି ଉତ୍ତର ଖୋଜିଛି । ସନ୍ତାନ ପ୍ରତି ବାତ୍ସଲ୍ୟ ମମତାର ଅର୍ଥ କ'ଣ କେବଳ ବିବାହ ଆଉ ମାତୃତ୍ୱ । ବିନା ମାତୃତ୍ୱରେ ସନ୍ତାନ ପ୍ରତି ସ୍ନେହାସ୍ପର୍ଶ କ'ଣ କେବେ ସମ୍ଭବ ନୁହେଁ । ତେବେ, ରୋହନ ମୁହଁର କଅଁଳ ଭାଷା ତା ମନରେ ଏତେ ଆଲୋଡ଼ନ ସୃଷ୍ଟି କରୁଛି କାହିଁକି ? ତେବେ, ଅବୋଧ ରୋହନ ଯେଉଁ ମାତୃତ୍ୱର ସ୍ନେହସ୍ପର୍ଶ ତା ନିକଟରୁ ଚାହୁଁଛି ତାକୁ କ'ଣ ଗୋଡ଼ରେ ଆଡ଼େଇ ଦେବ ସେ ।

ନା ନା ସେ ପାରିବନି । କାହାରି ସ୍ତ୍ରୀ ହୋଇ ପାରିନି ବୋଲି କାହାର ମାଆ ଯେ ହୋଇ ପାରିବନି, ସେମିତି ତ କିଛି କଥା ନାହିଁ । ତେବେ, ଇପ୍‌ସିତା ପଛଘୁଞ୍ଚା ଦେବ କାହିଁକି ? ସେହିଦିନ ଠାରୁ ଇପ୍‌ସିତାର ସ୍ନେହସିକ୍ତ ପଣତ ତଳର ଶୀତଳ ଛାୟାରେ ରୋହନ ପାଲଟି ଯାଇଥିଲା ଏକାନ୍ତ ଆପଣାର ଅନ୍ତରଙ୍ଗ ଆତ୍ମୀୟ । ତା ମୁହଁରୁ ମାଆ ଡାକ ଇପ୍‌ସିତା ହୃଦୟତନ୍ତ୍ରୀରେ ଗୁଞ୍ଜନ ତୋଳୁଥିଲା । ରୋହନର ନିଃଶ୍ୱାସ ପବନ ତାର ପ୍ରତିଟି ଶିରା ପ୍ରଶିରାରେ କମ୍ପନ ତୋଳୁଥିଲା । ରୋହନ ଯେ ତାର ନିଭୃତ ହୃଦୟ କୋଣରେ ଏକ ଆସ୍ଥାନ ଜମାଇ ସାରିଛି, ଏକଥା ବୁଝିବାକୁ ବାକି ନଥିଲା ଇପ୍‌ସିତାର । ବିନା ଗର୍ଭଧାରଣରେ ସେ ପାଲଟି ଯାଇଥିଲା ରୋହନର ମାଆ । ତାର ଯାବତୀୟ କାମ କରିବା, ସ୍କୁଲ ନେବା ଆଣିବା କରିବା ଠାରୁ ଦେହପା'ର ହେପାଜତ କରିବା ସବୁଥିରେ ସେ ପାଉଥିଲା ଅନେକ ଆନନ୍ଦ, ଆତ୍ମସନ୍ତୋଷ । ରୋହନ ପ୍ରତି ଆକର୍ଷଣ ତାକୁ ଏମିତି ମୋହାବିଷ୍ଟ କରି ରଖିଥିଲା ଯେ ରୋହନକୁ ଗୋଟିଏ ମୁହୂର୍ତ୍ତ ସୁଦ୍ଧା ପାଖରୁ ଅନ୍ତର କରୁନଥିଲା ଇପ୍‌ସିତା । ରୋହନ ହିଁ ତାର ଭବିଷ୍ୟତ ଜୀବନର ସ୍ୱପ୍ନ, ଆଶା, ସାହାରା । ରୋହନକୁ ଛାଡ଼ି ବଞ୍ଚିରହିବା ଇପ୍‌ସିତା ପକ୍ଷେ ଆଦୌ ସମ୍ଭବ ନୁହେଁ ।

ଜୀବନରେ ସେ ଅନେକଙ୍କୁ ହରାଇ ସାରିଛି । ମାଆ ବାପା ସ୍ନେହରୁ ବଞ୍ଚିତା ହୋଇଛି । ଏକମାତ୍ର ଭାଇଟିକୁ ପଠାଇ ଦେଇଛି ଦୂରକୁ । ଏବେ ପୁଣି ରୋହନ...ଯିଏ ତା ଜୀବନର ସଞ୍ଜିବନୀ ଛିଞ୍ଚି ଦେଇଛି ତାକୁ ହାତଛଡ଼ା କରିବ କେମିତି ? ତାକୁ ଯେମିତି ହେଉ ବଞ୍ଚାଇବାକୁ ପଡ଼ିବ । ରୋହନ ବିନା ତା ଜୀବନ ଶୂନ୍ୟ ।

ଡାକ୍ତରଙ୍କ କହିବା ଅନୁଯାୟୀ ରୋହନର କିଡ୍‌ନୀ ରୋପଣ ପାଇଁ ଆବଶ୍ୟକୀୟ ସମସ୍ତ କିଛି ଯୋଗାଡ଼ ସରି ଯାଇଛି । ଏବେ କେବଳ ଅପେକ୍ଷା... । ଈଶ୍ୱର କେବେ ଏତେ ନିଷ୍ଠୁର ହୋଇ ନପାରନ୍ତି । ନିଶ୍ଚୟତା ଡାକ ଶୁଣିବେ । ରୋହନ ଭଲ ହୋଇ ପୁଣି ତା ପାଖକୁ ଫେରି ଆସିବ । ପୂର୍ବପରି ତା ମୁହଁରେ ହସ ଫୁଟିବ ।

ସେଦିନ ଅନେକ ଉଦ୍‌ବିଗ୍ନତା ମଧ୍ୟରେ ଓ.ଟି. ବାହାରେ ଅପେକ୍ଷା କରିଥିଲା ଇପ୍‌ସିତା । ସାମ୍ନା କାନ୍ଥରେ ଟଙ୍ଗା ହୋଇଥିଲା ଆଣ୍ଠୁଆ ଗୋପାଳ କୃଷ୍ଣଙ୍କର ପ୍ରତିମୂର୍ତ୍ତି । ସେ ଯେମିତି ତାକୁ ସାନ୍ତ୍ୱନା ଦେଉଥିଲେ । ବ୍ୟସ୍ତ ହଅନି ମାଆ ଧୈର୍ଯ୍ୟଧର । ମୁଁ ନିଶ୍ଚୟ ଭଲ ହୋଇଯିବି । ତୁମେ ମୋର ମାଆ । ତୁମର ଆଶୀର୍ବାଦ ଥିଲେ ମୋର କିଛି ହେବନି ।

ଉର୍ଦ୍ଧ୍ୱକୁ ହାତ ଟେକି ପ୍ରଣାମ କଲା ଇପ୍‌ସିତା । ସବୁ ତୁମରି ଇଚ୍ଛା । ରୋହନ ତୁମକୁ ଲାଗିଲା । ମୋ ଆୟୁଷ ପଛେ ତାକୁ ଦେଇଦିଅ ପ୍ରଭୁ । ହେଲେ ତାକୁ ସୁସ୍ଥ କରିଦିଅ । ଆଖିରୁ ଝରି ପଡୁଥିଲା ଧାରଧାର ଲୁହ । ଦୀର୍ଘଦିନ ପରେ ଇପ୍‌ସିତାକୁ ଯେଉଁ ମହାର୍ଘ୍ୟ ଜିନିଷଟି ମିଳିଛି ତାକୁ ସେ ହାତଛଡ଼ା କରିବାକୁ ଚାହେଁନା । ରୋହନ ହିଁ ତାର ଇପ୍‌ସିତା ମନର ଅନେକ ଆଶା, ଆକାଂକ୍ଷା ।

ଡାକ୍ତରଖାନା ବାରଣ୍ଡାରେ ଷ୍ଟାଚ୍ୟୁ ଭଳି ଛିଡ଼ା ହୋଇଥିଲେ ଇପ୍‌ସିତା ଦେବୀ । ଆଶ୍ରମର ଅନେକ ଅନ୍ତେବାସୀ ମଧ୍ୟ ଡାକ୍ତରଖାନା ପରିସରରେ ଭିଡ଼ ଜମାଇଥିଲେ । ସମସ୍ତଙ୍କ ଅନ୍ତର୍ମନର ଦୀର୍ଘଶ୍ୱାସ ସମଗ୍ର ପରିବେଶକୁ ଉଷ୍ଣତାରେ ଭରି ଦେଇଥିଲା । ପରସ୍ପର ମଧ୍ୟରେ କୁହାକୁହି ହେଉଥିଲେ, ସତରେ, ଇପ୍‌ସିତା ଗୁରୁମା'ଙ୍କ କି ଅପୂର୍ବ ତ୍ୟାଗ । ଆଜିର ସମାଜରେ ଏଭଳି ବିରଳ ମାଆ କ୍ୱଚିତ ଦେଖା ଯାଆନ୍ତି । ସମସ୍ତଙ୍କ ମୁହଁରେ ଧନ୍ୟ...ଧନ୍ୟ...ଅଜସ୍ର ଶୁଭକାମନା । ଇପ୍‌ସିତାର କିନ୍ତୁ ଗୋଟିଏ ପ୍ରାର୍ଥନା ।

ଅପରେସନ ରୁମ୍‌ରୁ ବାହାରକୁ ଆସିଲେ ଡକ୍ଟର ମିଶ୍ର । ବ୍ୟସ୍ତ ହୁଅନ୍ତୁ ନାହିଁ । ଅପରେସନ ସକ୍‌ସେସ୍ ହୋଇଛି । ଅଳ୍ପସମୟ ପରେ ଚେତା ଫେରି ଆସିବ । ଏବେ ପେସେଣ୍ଟ ସଂପୂର୍ଣ୍ଣ ବିପଦମୁକ୍ତ ।

ଇପ୍‌ସିତା ଦେବୀ ସତେ ଯେମିତି ମୂକ ପାଲଟି ଯାଇଥିଲେ । ତାଙ୍କ ମୁହଁରେ ଭାଷା ନଥିଲା, ସେବେ କେବଳ ଉପରକୁ ହାତଯୋଡ଼ି ଘନଘନ ଦୀର୍ଘଶ୍ୱାସ ଛାଡୁଥିଲେ ।

ସେ ଦୀର୍ଘଶ୍ୱାସ କିନ୍ତୁ ନଥିଲା ଗ୍ଲାନିର, ଦୁଃଖର ଅବା ହତାଶାର । ବରଂ ଥିଲା ଏକ ପରିତୃପ୍ତ ମାତୃତ୍ୱର ବିମୁଗ୍ଧ ଦୀର୍ଘଶ୍ୱାସ ।

ଭ୍ରମଣ କାହାଣୀ

# ରାଜପ୍ରାସାଦର



# ରାଗିଣୀ



# ବାଙ୍ଗାଲୋର୍ ରାଜ ପ୍ରାସାଦରେ ଦିନେ


**ଅନସୂୟା ପଣ୍ଡା**
କାର୍ଡ଼ଗୁଡ଼ି, ବାଙ୍ଗାଲୋର
ଫୋନ: ୯୮୪୦୭୦୬୧୪୦


ଫଟୋ ସୌଜନ୍ୟ : ଲେଖିକା



▶ଲେଖିକା ଅନସୂୟା ପଣ୍ଡା

ଏକ ଘୁମନ୍ତ ଆଦ୍ୟ ଅପରାହ୍ନରେ, କଳା ମଚ ମଚ ରାଜରାସ୍ତାର ପିଠିରେ ଧ୍ୟାନମଗ୍ନ ଋଷିଟିଏ ପରି ବର୍ଷାକୁ ଭ୍ରୂକ୍ଷେପ ନକରି ଆଗକୁ ମାଡ଼ି ଚାଲିଥାଏ ଆମ ଇନୋଭା କାର୍ । ବାହାରେ ବର୍ଷାର ଉନ୍ମାଦନା । ବର୍ଷାଛିଟା କାର୍‌ର ଗ୍ଲାସ୍ ସବୁକୁ ଧୂମାୟିତ କରୁଥାଏ । ଆମ ମନର ଅସୁମାରୀ ଉଦ୍‌ବେଗ ତଥାପି ଘର ଧରୁ ନଥାଏ କିଛି ନୂଆ ଜାଗା ଦେଖିବାର ଲାଳସାରେ ।

ଗତବର୍ଷ ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହ । ଓଡ଼ିଶାରୁ ଶ୍ୱଶୁର, ବଡ଼ ନଣନ୍ଦ, ତାଙ୍କ ସ୍ୱାମୀ ଓ ଝିଅ ଆସିଥାନ୍ତି ଆମ ପାଖକୁ, ବାଙ୍ଗାଲୋର୍ ବୁଲିବାକୁ । ଏମିତିରେ ଗୋଟିଏ ଦିନରେ ତିନୋଟି ଋତୁ ନିତି ଅନୁଭୂତ ହୁଏ ବାଙ୍ଗାଲୋର୍‌ରେ । ସକାଳୁ ଅପରାହ୍ନ ଯାଏଁ କୋମଳ ଖରା, ଅପରାହ୍ନରେ ଧରଣୀକୁ ଶୀତଳ କରୁଥିବା ନରମ ବର୍ଷା, ରାତିରେ ଥଣ୍ଡା ଥଣ୍ଡା ଶୀତ । ଖୁବ୍ ସୁନ୍ଦର ବିଭୋର କଲା ପରି ବାଙ୍ଗାଲୋର୍‌ର ଜଳବାୟୁ । କୁହାଯାଏ ଜାନୁଆରୀ ମାସଟି ଏଠି ଅଧିକ ଶୁଖିଲା ଓ ସେପ୍ଟେମ୍ବରଟି ସବୁଠୁ ଅଧିକ ବର୍ଷଣ ମୁଖର । ସେମାନେ ଆସବା ପରଠୁ ବର୍ଷା ଯୋଗୁଁ ବିଶେଷ କିଛି ଜାଗା ବୁଲିବା ସମ୍ଭବ ହୋଇନଥିଲା । କେବଳ ମହୀଶୂର ପାଲେସ୍ ଓ ମହୀଶୂରର କେତେକ ଜାଗା ବୁଲିବାକୁ ଯାଇଥିଲୁ ଯାହା । ବର୍ଷାର ଉପସ୍ଥିତିକୁ ଯଥାମାନ୍ୟ ଦେଇ ପାଖାପାଖି କେତୋଟି ଜାଗା ସେଦିନ ଦେଖିବାକୁ ମନସ୍ଥ କରିଥିଲୁ । ଆମେ କାର୍ଡ଼ଗୁଡ଼ି ସ୍ଥିତ ରହୁଥିବା ଜାଗା ଚନାସନ୍ଦ୍ରାରୁ ବାଙ୍ଗାଲୋର ପାଲେସ୍ ତିରିଶ୍ କିଲୋମିଟର । କାର୍‌ରେ ଗଲେ ଘଣ୍ଟେ ପନ୍ଦର ମିନିଟ୍ ଲାଗିବ । ହେଲେ ଟ୍ରାଫିକ୍ ଓ ବର୍ଷା ଯୋଗୁଁ ପ୍ରାୟ ଦେଢ଼ଘଣ୍ଟା ଲାଗିଥିଲା ସେଦିନ । ବାଙ୍ଗାଲୋର୍‌ର ସଂକୀର୍ଣ୍ଣ ରାସ୍ତା ସାଙ୍ଗକୁ ଟ୍ରାଫିକ୍ ଜାମ୍ ବଡ଼ ବ୍ୟସ୍ତ କରୁଥିଲା । ଏମିତିରେ ବାଙ୍ଗାଲୋରର ଟ୍ରାଫିକ, ଦିଲ୍ଲୀର ପ୍ରଦୂଷଣ ସାରା ପୃଥିବୀରେ ଜଣାଶୁଣା । ତେଣୁ ମାନି ନେବା ଛଡ଼ା ଆଉ କିଛି ଚାରା ନଥିଲା । ଆମ କାର୍ ଆଗରେ ଟ୍ରାଫିକ୍‌ର ଲମ୍ବା ଲାଇନ୍ ଦେଖି କାର୍ ଭିତରେ ଶୋଇ ପଡ଼ିଥିବା ମୋ ଝିଅକୁ କୋଳରେ ଧରି ମୁଁ ବାହାରକୁ ଦେଖି ଭାବୁଥାଏ, ବୋଧହୁଏ ଏଥିପାଇଁ ପୃଥିବୀର ଅଧିକ ସଂଖ୍ୟକ ଦୁଇଚକିଆ ଯାନ ଏଠି ବ୍ୟବହାର କରାଯାଏ ।

ପ୍ରତ୍ୟେକ ସହର ତାହାର ନିଜସ୍ୱ କାରିଗରି ଓ ସ୍ୱତନ୍ତ୍ରତା ପାଇଁ ପ୍ରସିଦ୍ଧ । ବାଙ୍ଗାଲୋର ! ଏହି ନାଁଟି ମନରେ ଛୋଟ ଛୋଟ ସୁନ୍ଦର ହ୍ରଦ, ଛୋଟ ବଡ଼ ବୃକ୍ଷ, ଆକର୍ଷିତ କଲା ପରି ଉଦ୍ୟାନ, ଆପାର୍ଟମେଣ୍ଟ, ସୁବାସିତ ଚନ୍ଦନ କାଠର ନଗରୀର ଚିତ୍ର ଆଙ୍କିଦିଏ । ଭାରତର ସିଲିକନ୍ ଭ୍ୟାଲି ବୋଲି କୁହାଯାଉଥିବା ସହର ବାଙ୍ଗାଲୋର୍ ଏସିଆର ସବୁଠୁ ଦ୍ରୁତ ଭାବେ ଉନ୍ନତି କରୁଥିବା ସହର । କର୍ଣ୍ଣାଟକର ଦକ୍ଷିଣ-ପୂର୍ବ ଭାଗରେ ଅବସ୍ଥିତ ଏହି ସହରଟି ଭାରତର ତୃତୀୟ ଜନବହୁଳ ସହର, ଯାହା ଦକ୍ଷିଣ ଭାରତର ପ୍ରସାଧନ ରାଜଧାନୀ (fashion capital) ନାମରେ ପ୍ରସିଦ୍ଧ । ଏ ସହରଟି ତାର ସୌନ୍ଦର୍ଯ୍ୟ ପାଇଁ ଯେତିକି ନୁହେଁ, ବରଂ କର୍ମସଂସ୍ଥାନ ଦେବା ପାଇଁ ଅନେକଙ୍କୁ ଟାଣି ଆଣେ । ତେଣୁ ପୃଥିବୀର ସବୁଠୁ ଅଧିକ ଇଞ୍ଜିନିୟର୍ ଏହି ସହରରେ ହିଁ ବାସ କରନ୍ତି ।

ଟ୍ରାଫିକ୍‌ର ବାଧାକାଟି ଆମ ଗାଡ଼ି ଆଗକୁ ଚାଲୁଥିଲା । ରାସ୍ତା କଡ଼ର ବଡ଼ବଡ଼ ପ୍ରାସାଦ, କମ୍ପାନୀ, ସବୁଜ ବୃକ୍ଷରାଜି, ସୁନ୍ଦର ଉଦ୍ୟାନ ଆଦି ମୋ ଚକ୍ଷୁ ଯୁଗଳକୁ ଛୁଇଁ ଯାଉଥାନ୍ତି । ପଢ଼ିଥିଲି ବାଙ୍ଗାଲୋର୍ ଭାରତର ବୋଧେ ଏକମାତ୍ର ସହର ଯେଉଁଠାରେ ନଅ ଶହ ଅଢ଼ତିରିଶ (୯୩୮)ରୁ ଅଧିକା ପାର୍କ ଦେଖିବାକୁ ମିଳେ ।

ସକାଳ ଏଠି ଖୁବ୍ ଶୀଘ୍ର ହୁଏ । ମନ୍ଦିରରୁ ଭାସି ଆସେ ଲକ୍ଷ୍ମୀଙ୍କ ବିଷ୍ଣୁ ପୁରାଣ ମନ୍ତ୍ର ଧ୍ୱନି । ଆଉ ରାତି ଖୁବ୍ ଶୀଘ୍ର ଘୁମାଇବା ଆରମ୍ଭ କରେ ଅନ୍ୟ ଏକ ନୂଆ ସକାଳକୁ ସ୍ୱାଗତ କରିବାକୁ । ଖୁବ୍ କର୍ମଚଂଚଳ ଓ ସ୍ୱତନ୍ତ୍ର ଏଠିକାର ଜୀବନଶୈଳୀ । ଅତୀତ ଓ ବର୍ତ୍ତମାନ, ପୂର୍ବ ଓ ପାଶ୍ଚାତ୍ୟର ଗୀତି ଗୌରବ ଗାନ କରୁଥିବା ଏ ସହରଟିରେ ସମସ୍ତେ ନିଜ ନିଜ ଜୀବନରେ ବ୍ୟସ୍ତ । କାହାର କାହା ପାଇଁ ସମୟ ନାହିଁ । ସମସ୍ତେ ଆଗକୁ ଧାଇଁଛନ୍ତି । ତଥାପି ଏ ସୁନ୍ଦର ସହର ବାଙ୍ଗାଲୋର୍ ଉଦାର ହୃଦୟରେ ସମସ୍ତଙ୍କୁ ଖୁବ୍ ଶୀଘ୍ର ନିଜର କରିନିଏ ।

ଆମ ଗାଡ଼ି ରହିଲାରୁ ମୁଁ ମୋ ଭାବନାରେ ସାମୟିକ ପୂର୍ଣ୍ଣଛେଦ ଟାଣିଲି, ସମସ୍ତେ ଓହ୍ଲେଇବା ଦେଖି ମୁଁ ଭାବିଲି ବାଙ୍ଗାଲୋର୍ ପାଲେସ୍ ଆସିଗଲା ବୋଧେ । ପରେ ତାହା ଟିପୁ ସୁଲତାନ ସମର୍ ପାଲେସ୍ ବୋଲି ଜାଣିଲି । ପ୍ରଥମେ ଟିପୁ ସୁଲତାନ ସମର୍ ପାଲେସ, ତାପରେ କର୍ଣ୍ଣାଟକ ବିଧାନସଭା ବାହାରେ କିଛିଟା ଫଟୋ ନେଇ ଆମେ ଶୀଘ୍ର ବାହାରି ଆସିଥିଲୁ ବାଙ୍ଗାଲୋର୍ ରାଜପ୍ରାସାଦ ଅଭିମୁଖେ । କାର୍ ଡ୍ରାଇଭର୍ ତରତର କରାଉଥିଲା, ପାଲେସ୍ ସାଢ଼େ ପାଞ୍ଚଟାରେ ବନ୍ଦ ହୋଇଯିବ ଆଉ ବୁଲିବାକୁ ଅତି କମ୍‌ରେ ସାଢ଼େ ଦୁଇରୁ ତିନି ଘଣ୍ଟା ସମୟ ଲାଗିବ ।

ଦୁଇପଟେ ଧାଡ଼ି ଧାଡ଼ି ହୋଇ ମଥା ନତ କରି ବର୍ଷା ମାଡ଼ ସହି ନିରବରେ ଠିଆ ହୋଇଥିଲେ ସବୁଜ ବୃକ୍ଷରାଜି, ରାଜପ୍ରାସାଦ ଭିତରକୁ ଲମ୍ବି ଯାଇଥିବା ସର୍ପିଳ ରାଜପଥକୁ ଆବରଣ କରି ।

ଏକ ଅଦ୍ଭୁତ ରୋମାଂଚ ମନରେ ସୃଷ୍ଟି କରୁଥିଲା ଯେତେବେଳେ ଆମ ଗାଡ଼ି ସେ ପଥ ଦେଇ ରାଜପ୍ରାସାଦ ଆଡ଼କୁ ଆଗେଇଲା । ଏବେବି ସେ ମନୋରମ ଦୃଶ୍ୟ ମୋ ମାନସପଟରେ ଖୋଦିତ ହୋଇ ରହିଛି ଓ ରହିଥିବ । ସେ ବୃକ୍ଷ ସବୁରୁ ଟୋପା ଟୋପା ହୋଇ ବର୍ଷାପାଣି ଝରି ପଡୁଥାଏ । ତଥାପି ସତର୍କ ପ୍ରହରୀ ପରି ବୃକ୍ଷଗୁଡ଼ିକ ରାଜରାସ୍ତାର ଦୁଇପଟେ ଠିଆ ହୋଇ ଯେମିତି ଦର୍ଶକମାନଙ୍କୁ ସ୍ୱାଗତ କରୁଥିଲେ ଅପୁରନ୍ତ କାରୁକାର୍ଯ୍ୟ ପୂର୍ଣ୍ଣ ପ୍ରାସାଦ ସୌନ୍ଦର୍ଯ୍ୟକୁ ଅବଲୋକନ କରିବା ପାଇଁ ।

ଭଡ଼ା ନେଇଥିବା କାରଟି ଆମକୁ ପ୍ରାସାଦ ସାମ୍ନାରେ ଛାଡ଼ି ଦେଇ ପାର୍କିଂ ଏରିଆ ଆଡ଼କୁ ଗଲା ପରେ ଆମେ ଚେନ୍ ଘେରା ହୋଇଥିବା ପ୍ରାସାଦର ମୁଖ୍ୟ ଅଞ୍ଚଳକୁ ପ୍ରବେଶ କଲୁ । ଜାଣେନି ମୋ ଝିଅକୁ କିଏ ଧରିଥିଲା, ଅନ୍ୟମାନେ କେଉଁଆଡ଼କୁ ଯାଉଥିଲେ, ମୁଁ ମନ୍ତ୍ରମୁଗ୍ଧ ହୋଇ ଦେଖୁଥିଲି ସେ ମନ ମୁଗ୍ଧକର ଅପରୂପ ସୌନ୍ଦର୍ଯ୍ୟଭରା ବିଶାଳ ବାଙ୍ଗାଲୋର ରାଜପ୍ରାସାଦର ବାହ୍ୟ ରୂପ । କିଛିଟା ଫଟୋ ନିଜର ମୋବାଇଲ୍ କ୍ୟାମେରାରେ ମଧ୍ୟ ତୋଳି ନେଉଥିଲି । ଟୁଡୋର୍ ରିଭିଭଲ ଷ୍ଟାଇଲ୍‌ରେ ଗଠିତ ରାଜପ୍ରାସାଦଟି ତାର ସୁଦୃଶ୍ୟ କାରୁକାର୍ଯ୍ୟ ପାଇଁ ୟୁରୋପ୍‌ର ଅନୁଭୂତି ମୋତେ ଆଣି ଦେଉଥିଲା । ଅଦ୍ୟାବଧି ବାଙ୍ଗାଲୋର୍‌ରେ ତିନିବର୍ଷରୁ ଅଧିକ ଦିନ ରହିଥିଲେ ବି ଏହା ଥିଲା ମୋର ପ୍ରଥମ ପରିଭ୍ରମଣ । ଏକ ଛୋଟ ପିଲାର ମା' ଅନେକ ବର୍ଷ ପରେ ବାହାର ଦୁନିଆରେ ପାଦ ଦେଇ ମୁକ୍ତ ବିହଙ୍ଗ ପରି ସାରାଆକାଶ ଓ ପୃଥିବୀ ଏକସଙ୍ଗେ ଖେଦି ଯିବାକୁ ଉଚ୍ଛନ୍ନ ଯେପରି ! ମୁଁ ସେପରି ହିଁ ହେଉଥାଏ । ଏ ଭିତରେ ଟିକେଟ୍ ହୋଇ ସାରିଥିଲା ।




ଅନ୍ୟମାନଙ୍କ ଡାକରେ ମୁଁ ସମ୍ବିତ୍ ପାଇଲି । ଟିକେଟ୍ କରିବା ସମୟରେ ନିଜର ଅରିଜିନାଲ୍ ଆଇଡି ପ୍ରୁଫ୍ ବା ଦୁଇ ହଜାର ଟଙ୍କା (ଚାଳିଶି ଡଲାର୍, ଚାଳିସି ୟେନ୍ ବିଦେଶୀ ଦର୍ଶକଙ୍କ ପାଇଁ) ସିକ୍ୟୁରିଟି ପାଖରେ ଜମା ରଖିବାକୁ ପଡ଼େ ବୋଲି ପଚାରି ଜାଣିଲି । ପ୍ରବେଶ ପାଇଁ (୨୩୦ଟଙ୍କା) ଓ କ୍ୟାମେରା ବ୍ୟବହାର ପାଇଁ (୨୮୫ ଟଙ୍କା ମୋବାଇଲ କ୍ୟାମେରା ପାଇଁ) ଏତେ ମୂଲ୍ୟ ବୋଲି ମୁଁ ସେତେବେଳେ ଜାଣି ନଥିଲି । ଏବେ ଏ ଆଲେଖ୍ୟଟି ଲେଖିବା ସମୟରେ ଜାଣୁଛି । ସେତେବେଳେ ଜାଣିଥିଲେ ଟିକିନିକି ଫଟୋ ନେବାରେ ଟିକେ ବି ହେଳା କରି ନଥାନ୍ତି କି ଆଜି ପଶ୍ଚାତ୍ତାପ କରି ନଥାନ୍ତି ।

ପ୍ରାସାଦ ଭିତରକୁ ଯିବା ପୂର୍ବରୁ ମୋବାଇଲ୍ କ୍ୟାମେରା ବ୍ୟବହାର ପାଇଁ ବାଇଗଣୀ ବ୍ୟାଚ୍ (Purple ribbon) ଆମ (କେବଳ ମୋ ତିନିବର୍ଷର ଝିଅର ହାତ ଛଡ଼ା) ଡାହାଣ ହାତ ବଳାରେ ବାନ୍ଧି ଦେଲେ । ମୁଁ ସେ ବାଇଗଣୀ ରିବନ୍‌ଟି ପିନ୍ଧିବା ଦେଖି ମୋ ଝିଅ କାନ୍ଦିବାରେ ଲାଗିଲା, ବାଧ୍ୟ ହୋଇ ମୁଁ ତାକୁ ମୋ ଝିଅ ହାତରେ ପିନ୍ଧାଇ ଦେଇଥିଲି । ମାତ୍ର ଅନେକଥର ମୁଁ ପ୍ରାସାଦ ଭିତରେ ଫଟୋ ନେଲାବେଳେ ସିକ୍ୟୁରିଟି ଗାର୍ଡ୍ ମାନେ ଆସି ମୋତେ ପ୍ରତିରୋଧ କରୁଥିଲେ ତ ମୁଁ ମୋ ଝିଅ ଆଡ଼କୁ ଦେଖାଇ ବୁଝାଇ ଦେଉଥିଲି । ସୋମନେ ବି ହସି କି ବୁଝି ଯାଉଥିଲେ ।

ପ୍ରଥମେ ଆମେ ବଲ୍ ରୁମ୍‌ରେ ପଡ଼ିଥିବା ରାଜକୀୟ ଚେୟାର୍‌ରେ ବସି କିଛି ଫଟୋ ନେଇଥିଲୁ । ତାପରେ ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ କାଠର ସିଡ଼ିରେ ଉପରକୁ ଯିବା ପୂର୍ବରୁ ମହାରାଜ ଚମରାଜ ୱାଡ଼ିୟରଙ୍କ ପ୍ରତିମୂର୍ତ୍ତି ପାଖରେ କେତୋଟି ଫଟୋ ନେବାକୁ ଭୁଲି ନଥିଲୁ । ଦରବାର ହଲ୍‌କୁ ଯିବା ପୂର୍ବରୁ ବିରାଟ ଦନ୍ତା



ହାତୀ ମୁଣ୍ଡ ଷ୍ଟଫିଙ୍ଗ୍ ଖୁବ୍ ମନଲୋଭା ଓ ଆକର୍ଷଣୀୟ ଥିଲା । ମନ ମୁଗ୍ଧକର ଚିତ୍ର ଫଟୋ, ରାଜକୀୟ ଆସବାବପତ୍ର, ହାତୀ ପାଦର ଷ୍ଟୁଲ, ହାତୀ ଶୁଣ୍ଢରେ ତିଆରି ଫୁଲଦାନୀ, ମହାରାଜଙ୍କ ଖୋଲା ରାଜ ଦରବାର ଖୁବ୍ ଚତ୍ତାକର୍ଷକ ଥିଲା । ୱାଡ଼ିଆର ରାଜ ପରିବାର ଯେ ଶୀକାର ପ୍ରିୟ ଏହାର ଜ୍ୱଳନ୍ତ ଉଦାହରଣ ଦରବାର ହଲ୍‌କୁ ଯିବା ପୂର୍ବରୁ ଥିବା ଦନ୍ତା ହାତୀର ମୁଣ୍ଡ ଯାହା ମହାରାଜା ଜୟ ଚମରାଜେନ୍ଦ୍ର ୱାଡ଼ିଆର ଶୀକାର କରିଥିଲେ । ଏତଦ୍ ବ୍ୟତୀତ ତଳ ମହଲାରେ ଥିବା ହାତୀ ମୁଣ୍ଡର ଟ୍ରଫି, ହାତୀ ପାଦର ଷ୍ଟୁଲ, ହାତୀ ଶୁଣ୍ଢର ତିଆରି ଫୁଲଦାନୀ ଏହାର ମୂକ ସାକ୍ଷୀ ।

## ରାଜପ୍ରାସାଦର ଇତିହାସ

ଇତିହାସ କୁହେ ସୁଉଚ୍ଚ, ସୁବିଶାଳ, ସୁଶୋଭିତ ବାଙ୍ଗାଲୋର ରାଜପ୍ରାସାଦ ଯେଉଁ ଜମି ଉପରେ ଏବେ ଠିଆ ହୋଇଛି ତାହା ପ୍ରକୃତରେ ବାଙ୍ଗାଲୋର ସେଣ୍ଟ୍ରାଲ ହାଇସ୍କୁଲ୍‌ରେ ପ୍ରିନ୍ସିପାଲ୍ ରୂପେ କାମ କରୁଥିବା ରିଭେରେଣ୍ଡ୍ ଜେ ଗାରେଟ୍‌ଙ୍କ ସମ୍ପତ୍ତି ।

ବ୍ରିଟିଶ୍ ଅଧିନସ୍ଥ ନାବାଳକ ମହାରାଜା ଚମରାଜେନ୍ଦ୍ର ୱାଡ଼ିୟାର୍ ଏକ୍ସ (Chamarajendra Wadiyar X) 1873 ମସିହାରେ ଚାଳିଶି ହଜାର ଟଙ୍କାରେ ତାଙ୍କ ଠାରୁ କ୍ରୟ କରିଥିଲେ । ଯୁବରାଜ ଚମରାଜେନ୍ଦ୍ର ୱାଡ଼ିୟାର ବାଙ୍ଗାଲୋର୍‌ରେ ରହି ତାଙ୍କ ରାଜକୀୟ ଶାସନ ପ୍ରଣାଳୀର ଶିକ୍ଷା ସମାପନ କରିବା ଉଦ୍ଦେଶ୍ୟକୁ ଆଖିରେ ରଖି ଏହି ଜାଗାଟି କ୍ରୟ କରାଯାଇଥିଲା । ରାଜପ୍ରାସାଦର ଚମକାଇ ଦେଲା ପରି ଟୁଡ଼ାର୍ ଶୈଳୀର (Tudar style) କାରୁକାର୍ଯ୍ୟ, ଅତି ସୁନ୍ଦର କାଠ କାମ ଅନେକାଂଶରେ ଫ୍ରାନ୍ସର ମେଡ଼ିଇଭାଲ୍ କ୍ୟାସେଲସ୍ ଅଫ୍ ନର୍ମାଣ୍ଡି ଏବଂ ଇଂଲଣ୍ଡ(Medieval castles of Normandy in France and England) ସହ ମିଶୁଛି ।





ରାଜା ଚମରାଜେନ୍ଦ୍ର ଓ୍ୱାଡ଼ିଆର୍ ତାଙ୍କ ଲଣ୍ଡନ ଭ୍ରମଣ ସମୟରେ ଉଇଣ୍ଡ୍‌ସୋର କାଶେଲ୍ (windsor castle) ର କାରୁକାର୍ଯ୍ୟରେ ମୁଗ୍ଧ ହୋଇଥିଲେ, ତେଣୁ ସେ ବାଙ୍ଗାଲୋର୍ ପାଲେସ୍ ବି ସେଇ ଢାଞ୍ଚାରେ କରିଥିଲେ । ସେ ଲାଲବାଗ ଗ୍ଲାସ୍ ହାଉସ୍, ଓରିଏଣ୍ଟାଲ ରିସର୍ଚ୍ଚ ସେଣ୍ଟର ଅଫ୍ ମୈଶୂର, ଫର୍ନହିଲ୍, ପାଲେସ୍ ଅଫ୍ ଉଟି, ମୈଶୂର ଜୁ ଆଦି ମଧ୍ୟ ତିଆରି କରିଥିଲେ ।

ରାଜପ୍ରାସାଦର ନିର୍ମାଣ ଜନ୍ କାମ୍‌ରେନ୍ (John Cameron) ଯିଏ ଲାଲବାଗ ବୋଟାନିକାଲ୍ ଗାର୍ଡ଼େନର ତତ୍ୱାବଧାରକ ମଧ୍ୟ ଥିଲେ । ରାଜପ୍ରାସାଦଟି ୧୮୭୪ ମସିହାରେ ଆରମ୍ଭ ହୋଇ ୧୮୭୮ ମସିହାରେ ଶେଷ ହୋଇଥିଲା । ପର୍ଯ୍ୟାୟକ୍ରମେ ରାଜପ୍ରାସାଦର ଅନେକ କାରୁକାର୍ଯ୍ୟ ଓ ନିର୍ମାଣ ଶୈଳୀରେ ପରିବର୍ତ୍ତନ କରା ଯାଇଥିଲା । ମହାରାଜା ଜୟ ଚମରାଜ ଓ୍ୱାଡ଼ିଆର୍ ତାଙ୍କ ରାଜୁତି କାଳରେ ପ୍ରାସାଦ ଭିତରେ ରାଜକୀୟ ଚଳଣି ଓ ଜୀବନ ଯାତ୍ରାକୁ ସହଜ ଓ ସରଳ କରିବାକୁ ସଂଗୀତଜ୍ଞମାନଙ୍କ ପାଇଁ ଆସ୍ଥାନ ଏବଂ ଦରବାର ହଲ୍ ବାହାରେ ଯାଆଁଳା ସିଡ଼ି (ଏକାପରି ଦେଖା ଯାଉଥିବା) ତିଆରି କରିଥିଲେ ।

୧୯୭୦ ମସିହା ପର୍ଯ୍ୟନ୍ତ ବାଙ୍ଗାଲୋର୍ ରାଜପ୍ରାସାଦ ବହୁ ଆଇନଗତ ସମସ୍ୟାରେ ବୁଡ଼ି ରହିଥିଲା । ବର୍ତ୍ତମାନ ମହାରାଣୀ ଶ୍ରୀମତୀ ପ୍ରମୋଦା ଦେବୀ ଓ୍ୱାଡ଼ିଆର୍ ସ୍ୱର୍ଗତ ମହାରାଜ ଶ୍ରୀ ଶ୍ରୀକାନ୍ତ ଦତ୍ତନରସିଂହ ରାଜ୍ ଓ୍ୱାଡ଼ିଆରଙ୍କ ପତ୍ନୀ ଆଇନଗତ ରୂପେ ବାଙ୍ଗାଲୋର୍ ରାଜପ୍ରାସାଦର ମାଲିକାନା ଭାର ନେଇଛନ୍ତି ।

## ଚୁମ୍ବକରେ ବାଙ୍ଗାଲୋର ପାଲେସ୍

ପ୍ରତିଷ୍ଠାତା : **ମହାରାଜା ରାମଚନ୍ଦ୍ର ଓ୍ୱାଡ଼ିୟର୍**

ପ୍ରତିଷ୍ଠା ବର୍ଷ : **୧୮୭୪-୧୮୭୮**

କାରୁକାର୍ଯ୍ୟ ଶୈଳୀ : **ଟୁଡୋର୍ ରିଭିଭାଲ୍**

ବର୍ତ୍ତମାନର ମାଲିକ: **ଶ୍ରୀମତୀ ପ୍ରମୋଦା ଦେବୀ ଓ୍ୱାଡ଼ିୟାର୍**

ସ୍ଥାନ : **ବସନ୍ତ ନଗର (ମାଉଣ୍ଟ କାରାମେଲ ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ନିକଟରେ)**

କେବେ ଯିବେ : **ବର୍ଷର ସବୁ ସମୟରେ କାରଣ ବାଙ୍ଗାଲୋର୍‌ର ଜଳବାୟୁ ଖୁବ୍ ସୁଖଦ**

ଖୋଲା ସମୟ : **ସୋମବାର ଠାରୁ ରବିବାର ପୂର୍ବାହ୍ନ ୧୦- ଅପରାହ୍ନ ୫.୩୦**

କେତେ ସମୟ ଲାଗିବ : **ପୁରା ପ୍ରାସାଦକୁ ଦେଖିବାକୁ ଅତି କମ୍‌ରେ ୨-୩ ଘଣ୍ଟା ସମୟ ଲାଗିବ**

କେମିତି ପହଞ୍ଚିବେ : **ବାଙ୍ଗାଲୋର ବିମାନ ବନ୍ଦର, ମାଜେଷ୍ଟିକ ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ୍‌ରୁ କ୍ୟାବ୍, ବସ୍, କାର୍, ଅଟୋରିକ୍ସା ଧରି ସହଜରେ ବାଙ୍ଗାଲୋର ପାଲେସରେ ପହଞ୍ଚି ହେବ**

ପ୍ରବେଶ ମୂଲ୍ୟ : **୨୩୦/ ଭାରତୀୟଙ୍କ ପାଇଁ ୪୬୦/- ବିଦେଶୀମାନଙ୍କ ପାଇଁ, କ୍ୟାମେରା ପାଇଁ ୬୮୫/- ଭିଡ଼ିଓ କ୍ୟାମେରା ପାଇଁ ୧୪୮୫/-, ମୋବାଇ କ୍ୟାମେରା ପାଇଁ ୨୮୫/-** ପୁରା ବାଙ୍ଗାଲୋରର ପ୍ରତିଛବି ବାଙ୍ଗାଲୋର ପାଲେସ୍‌ରେ ଦେଖିବକୁ ପାଇଲି । ସୁନ୍ଦର ବୃକ୍ଷରାଜି ଓ ପୁଷ୍ପ ମଣ୍ଡିତ ବଗିଚା, ପାଣି କୂପ (ଓ୍ୱାଟର ଫାଉଣ୍ଟେନ, କଳା ଓ ସ୍ଥାପତ୍ୟର ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ, ପୂର୍ବ ଓ ପାଶ୍ଚାତ୍ୟର ମିଳନ, ଅତୀତ ଓ ବର୍ତ୍ତମାନର ଅପୂର୍ବ ସମନ୍ୱୟ...ଅନେକ କିଛି ।

## ରାଜପ୍ରାସାଦର ନିର୍ମାଣଶୈଳୀ

ନୈସର୍ଗିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ରାଜପ୍ରାସାଦଟି ୪୫୦୦୦ ବର୍ଗ କ୍ଷେତ୍ରରେ ନିର୍ମିତ ହୋଇଛି । ହେଲେ ରାଜପ୍ରାସାଦର ସମ୍ପୂର୍ଣ୍ଣ ଜାଗା ୪୫୪ ଏକରରୁ ଅଧିକ । ଟୁଡ଼ର୍ ରିଭିଭାଲ୍ ଶୈଳୀରେ ତିଆରି ଦୁଇ ମହଲା ବିଶିଷ୍ଟ ରାଜପ୍ରାସାଦର ପ୍ରବେଶ ସବୁ ଦ୍ୱାରରେ ରୋମାନ୍ ପ୍ରଣାଳୀର ଆକର୍ଷଣୀୟ ତୋରଣମାନ ଖୁବ୍ ମନ ମୁଗ୍ଧକର । ପ୍ରାସାଦର ଉପର ଭାଗରେ ନାନା କାରୁକାର୍ଯ୍ୟ ଖଚିତ ଇଟାଲିଆନ୍ ଶୈଳୀରେ ନିର୍ମିତ ଛୋଟ ଛୋଟ ଟାଓ୍ୱାର୍ ସବୁ ଉପରକୁ ମୁଣ୍ଡ ଟେକି ଠିଆ ହୋଇଛନ୍ତି, ଯାହା ପୂର୍ବେ ପ୍ରାସାଦକୁ ଗୋଳାବାରୁଦ, ଅଗ୍ନିକାଣ୍ଡରୁ ରକ୍ଷା କରିବା ନିମିତ୍ତ ତିଆରି ହୋଇଥିଲା । ଅଭ୍ୟନ୍ତରର ସାଜସଜ୍ଜା ଉଇମାନର କାଠକାମ, କାଠରେ ଫୁଲ ସଦୃଶ କଳାକୃତି, ପ୍ରାସାଦର କବାଟ, ଝରକା, ଥାକ, କ୍ୟାବିନେଟ, ଭେଣ୍ଟିଲେଟର୍ କି ବର୍ଷା ପାଣି ନିଷ୍କାସନ ଜାଗାକୁ ଇଟାଲିଆନ୍ ଶୈଳୀରେ ତିଆରି, ଯାହା ଲମ୍ବା ଲମ୍ବା ମୁକୁଟ ଆଚ୍ଛାଦିତ କଳା ପରି ଲାଗୁଛି । ପଇଁତିରିଶ୍‌ଟି ବଖରାକୁ ନେଇ ଗଠିତ ହୋଇଥିବା ଦୁଇ ମହଲା



ବିଶିଷ୍ଟ ରାଜପ୍ରାସାଦ ତୁଳନାରେ ଛୋଟ ହେଲେ ବି ଖୁବ୍ ସୁନ୍ଦର ଓ ପ୍ରାସାଦ ଆଭ୍ୟନ୍ତରଣର କାରୁକାର୍ଯ୍ୟ ମୁଖ୍ୟତଃ ଅବସର ବିନୋଦନ ଓ ବିଳାସ ପାଇଁ ପ୍ରଯୁଜ୍ୟ । ଏଥିରେ ମୁଖ୍ୟତଃ ଶୟନ କକ୍ଷ ଓ ସନ୍ତରଣ କୂପ ଦେଖାଯାଏ । ଇଂଲଣ୍ଡରୁ ଅଣା ଯାଇଥିବା ରଙ୍ଗୀନ ଗ୍ଲାସ୍ ଓ ଦର୍ପଣରେ ପ୍ରାସାଦକୁ ନବୀକରଣ କରାଯାଇଛି । ଏକ ହାତ ତିଆରି ଲିଫ୍ଟ ଓ କାଠର ଫ୍ୟାନ୍ ଯାହା ଜିଇ(ଜେନେରାଲ ଇଲେକ୍ଟ୍ରୋନିକ୍ସ) କମ୍ପାନୀରୁ ଅଣାଯାଇ ଲଗା ଯାଇଛି ।

ପ୍ରାସାଦରେ ଥିବା ନେଓ କ୍ଲାସିକାଲ୍ ଇଟାଲୀ ଓ ଫ୍ରାନ୍ସ ଏବଂ ଇଂଲଣ୍ଡର ଭିକ୍ଟୋରିଆ ଓ ରାଜ ଏଡ଼ୱାରିଆନ୍ ଆଦବ କାଇଦାରେ ତିଆରି ଆସବାବ ପତ୍ର ମଧ୍ୟ ଆମେରିକାର କଲମ୍ବସ୍‌ର ଓହାଓ ଠାରେ ଅବସ୍ଥିତ ଜନ ରବର୍ଟ ଏବଂ ଲାଜାରସଙ୍କ ଡିପାର୍ଟମେଣ୍ଟାଲ୍ ଷ୍ଟୋରରୁ କିଣା ଯାଇଥିଲା ବୋଲି ଜଣାଯାଏ ।

ଲାଲବାଗ୍ ବଟାନିକାଲ୍ ଗାର୍ଡେନର ତତ୍ତ୍ୱାବଧାନ ଦାୟିତ୍ୱରେ ଥିବା ଜର୍ମାନୀର ଉଦ୍ଭିଦ ବିଜ୍ଞାନୀ ଗୁସ୍ତବ ହେରମାନ୍ କ୍ରୁମବିଜେଲ ରାଜଉଦ୍ୟାନ ସାଜସଜ୍ଜାର ଦାୟିତ୍ୱ ନେଇଥିଲେ ।

## ପ୍ରାସାଦର ଆଭ୍ୟନ୍ତରୀଣୀ ସାଜସଜ୍ଜା

ମହୀଶୂରର ୨୩ତମ ରାଜା, ମହାରାଜା ଚମରାଜା ୱାଡ଼ିୟାର ଏକ୍ସଙ୍କୁ ବ୍ରିଟିଶ ସରକାର କୋର୍ଟ ଅଫ୍ ଆର୍ମସ୍ ଉପହାର ଦେଇଥିଲେ । 'କୋର୍ଟ ଅଫ ଆର୍ମସ୍' ଚିତ୍ରର ମଝିରେ ଏକ କାଳ୍ପନିକ ଦୁଇ ମୁଣ୍ଡିଆ ପକ୍ଷୀ, ଗଣ୍ଡା ଭେରୁଣ୍ଡା (ଯାହା ୱାଡ଼ିୟାର୍ ରାଜ ପରିବାର ଓ କର୍ଣ୍ଣାଟକର ପ୍ରତୀକ ଥିଲା), ଯାହା ଦୁଇ ପଟେ ଦୁଇଟି ହାତୀ ଶୁଣ୍ଢ ଟେକି ଠିଆ ହୋଇଛନ୍ତି, ଏହାର ଉପରେ ଏକ ସିଂହର ଛବି ରହିଛି । ଏହା ରାଜକୀୟ ଶକ୍ତି ଓ ଦୃଢ଼ତାର ପ୍ରତୀକ । ବଲ୍ ରୁମ୍, ଦରବାର ହଲ୍ ଓ ଦରବାର ହଲ୍‌କୁ ଯିବା କାଠ ସିଢ଼ି ଚଢ଼ିଲା ବେଳେ କାନ୍ଥରେ ଏହି ଛବି ଲଗା ଯାଇଥିବା ଦେଖିବାକୁ ମିଳିବ ।

## ଖୋଲା ରାଜ ଦରବାର ଓ ବଲ୍ ରୁମ୍

ପ୍ରାସାଦର ତଳ ମହଲାଟି ଏକ ଫ୍ଲୋରୋ ସେଣ୍ଟ ବ୍ଲୁ ଓ ସେରାମିକ୍ ଟାଇଲ୍‌ରେ ନିର୍ମିତ ୱାଡ଼ିଆର୍ ରାଜାଙ୍କ ଖୁବ୍ ସୁନ୍ଦର ରଙ୍ଗୀନ ଖୋଲା ରାଜ ଦରବାର । ଯାହାର ମଝିରେ ଜଳର ଉତ୍ସ (ୱାଟର ଫାଉଣ୍ଟେନ୍) ଓ କଡ଼ର ଗ୍ରାନାଇଟ୍‌ର ବେଞ୍ଚ ଯାହା ଫ୍ଲୋରୋସେଣ୍ଟ ବ୍ଲୁ ଅଜୁଲେଜୋ ଟାଇଲ୍‌ରେ ଚିତ୍ରିତ ହୋଇଛି । ଉଭୟ ଜଳର ଉତ୍ସ (ୱାଟର୍ ଫାଉଣ୍ଟେନ୍) ଓ ଫ୍ଲୋରୋ ସେଣ୍ଟ ବ୍ଲୁ ରଙ୍ଗର ଗ୍ରାନାଇଟ୍‌ର ବେଞ୍ଚ ସ୍ପେନ୍‌ର ରାଜା ଅଲ୍‌ଫୋନସୋ ଦ୍ୱାଦଶ (Alphanso XII) ଉପହାର ଦେଇଥିଲେ । ଏହା ସହ ନିଜସ୍ୱ ପାର୍ଟିର ଆୟୋଜନ ପାଇଁ ବଲ୍ ରୁମ୍, ପାର୍ଟି ହଲ୍ ମଧ୍ୟ ଅଛି ।

ବଲ୍‌ରୁମ୍‌ର କାନ୍ଥରେ କୋର୍ଟ ଅଫ୍ ଆର୍ମସ୍‌ର ଚିତ୍ର ଓ ସିଲିଂରେ ରାଜକୀୟ କାରୁକାର୍ଯ୍ୟର ଅବତାରଣା ଦେଖିବାକୁ ମିଳେ । ବଲ୍ ରୁମ୍‌କୁ ସାଧାରଣତଃ ବ୍ୟକ୍ତିଗତ ପାର୍ଟି, ସିଲ୍‌କ୍ ପୋଷାକ ଶାଢ଼ି, ଫଟୋ ପ୍ରଦର୍ଶନୀ ଓ ବିକ୍ରି ପାଇଁ ବ୍ୟବହାର କରାଯାଏ ।

## ଦରବାର ହଲ୍

ପୂର୍ବତନ ରାଜାମାନଙ୍କ ପ୍ରତିମୂର୍ତ୍ତିରେ ସଜ୍ଜିତ, ସୁନ୍ଦର କାରୁକାର୍ଯ୍ୟରେ ନିର୍ମିତ କୁଣ୍ଡଳୀ ଆକାରର କାଠର ପାହାଚ ଚଢ଼ିଲେ ପ୍ରଥମ ମହଲାରେ ବିସ୍ତୃତ ଦରବାର ହଲ୍ ପଡ଼େ । ଏହି ବିଶାଳ ହଲ୍‌ଟିରେ ରାଜା ତାଙ୍କ ରାଜ ଦରବାରକୁ ଉଦ୍‌ବୋଧନ ଦିଅନ୍ତି । ଏହା ଖୁବ୍ ବଡ଼ ଓ ଏହାର ପ୍ରବେଶ ଦ୍ୱାରରେ ଲଗା ଯାଇଥିବା ଦନ୍ତା ହାତୀ ମୁଣ୍ଡଟି ଖୁବ୍ ଆଖିଦୃଶିଆ । ଏତଦ୍ ବ୍ୟତୀତ ଏହାର କାନ୍ଥ ଓ ପାହାଚ ସବୁ ସୁନ୍ଦର ଚିତ୍ରକଳାରେ ଆଚ୍ଛାଦିତ । ଏକ ପଟେ ୟୁରୋପର ଗୋଥିକ ଶୈଳୀର ରଙ୍ଗୀନ ମେକ୍ସିକାନ କାଚ ଖଚିତ ଝରକା, ଝାଡ଼, ଅଳଙ୍କୃତ ଦର୍ପଣ, ଭିକ୍ଟୋରିଆ ଓ ରାଜ ଏଡ଼ୱାଡ଼ିଆନ୍ ଆଦବ କାଇଦାରେ ତିଆରି ଆସବାବପତ୍ର ଦରବାର ହଲ୍‌ର ସୌନ୍ଦର୍ଯ୍ୟକୁ ଶତଗୁଣ ବର୍ଦ୍ଧନ କରୁଛି । କାନ୍ଥ ସବୁରେ ପ୍ରେମ ଓ ବନ୍ଧୁତ୍ୱର ପ୍ରତୀକ ହଳଦିଆ ଓ ସୁନେଲି ରଙ୍ଗ ଲେପନ କରା ଯାଇଛି । ଏମିତିକି ହଲ୍‌ର ସୋଫା ମଧ୍ୟ ହଳଦିଆ ରଙ୍ଗର ଥିଲା । ଏକ ପାର୍ଶ୍ୱରେ ଥିବା ପରଦା ଯାହା ବିଶାଳ ଦରବାର ହଲ୍‌ଟିକୁ ଅନ୍ତପୁର ବାସିନୀଙ୍କ ପାଇଁ





ସେତେବେଳେ ପୃଥକ କରି ରଖିଥିଲା । ସେମାନେ ପରଦା ଆନ୍ତରାଳରେ ରହି ଦରବାରର ହାଲଚାଲ ନିରୀକ୍ଷଣ କରୁଥିଲେ ।

ରାଜ ପ୍ରସାଦର ଅଭ୍ୟନ୍ତରୀଣ କାନ୍ଥ ସବୁ ମଧ୍ୟ ଉନବିଂଶ ଶତାବ୍ଦୀର ପୁରାତନ ଚିତ୍ରକଳା ଦ୍ୱାରା ସଜ୍ଜିତ ହୋଇଛି । ଏହାସହ କିଛି ଗ୍ରୀକ ଓ ଉଚ୍ଚ ଚିତ୍ରକଳା ମଧ୍ୟ ଦେଖିବାକୁ ମିଳେ । ଅନ୍ୟ ଏକ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛିମହୀଶୂର ଦିୱାନ ସାରା ମିର୍ଜା ଇସମାଇଲଙ୍କର ଏକ ଖାଇବା ଟେବୁଲଟି ମଦର ଅଫ ପର୍ଲ (ମୋତି ସଂଗଠଇତ ହୋଇ) ଯାହାର ପୃଷ୍ଠ ଦେଶରେ ଚାଇନିସ ଚିତ୍ରକଳା ଓ କଳାକୃତି ଦୃଶ୍ୟମାନ ହୁଏ ।

## ଚିତ୍ରିତ ଓ ଅଳଙ୍କୃତ ବାରଣ୍ଡା:

ପ୍ରଥମ ମହଲାର ବାରଣ୍ଡା ଗୁଡ଼ିକ ଆଣ୍ଠିକ ଫୁଲଦାନି, ଉନବିଂଶ ଶତାବ୍ଦୀର ପୁରାତନ ଚିତ୍ରକଳା ସହ କିଛି ଗ୍ରୀକ ଓ ଉଚ୍ଚ ଚିତ୍ରକଳାରେ ସଜ୍ଜିତ ହୋଇଛି ।



ବିଶେଷ କରି ଭାରତର ପ୍ରସିଦ୍ଧ ଚିତ୍ରକର ରାଜା ରବି ବର୍ମାଙ୍କ ଦ୍ୱାରା ଅଙ୍କିତ ତୈଳଚିତ୍ର ଗୁଡ଼ିକ ଖୁବ୍ ମନଛୁଆଁ । ରାଜ ପରିବାର ଦ୍ୱାରା ବ୍ୟବହୃତ ଡ୍ରେସିଂ ଟେବୁଲ୍ ଓ ଡେସ୍କ ମଧ୍ୟ ବାରଣ୍ଡାରେ ଦର୍ଶକଙ୍କ ପାଇଁ ପ୍ରଦର୍ଶିତ ହୋଇଛି ।

ତଳ ମହଲାର ଆସବାବପତ୍ର ମଧ୍ୟରେ ଘୋଡ଼ା ଖୁରା ଆକୃତିର ଓଜନ କରୁଥିବା କାଠ ଚେୟାର୍ ଯାହାର ଜକି (ଘୋଡ଼ା ଚଢ଼ାଳି)ମାନଙ୍କ ଓଜନ ମାପିବାରେ ସାହାଯ୍ୟ କରୁଥିଲା । ସେ ଚେୟାର୍‌ର ବାମ କଡ଼େ ଓଜନ ପାଇଁ ଓ ଡାହାଣ କଡ଼େ ଉଚ୍ଚତା ମାପିବାକୁ ସ୍କେଲ୍ ରହିଛି ।

## ପ୍ରାସାଦର ନବୀକରଣ

ଆଇନଗତ ଭାବେ ଅଧିକାରର ସ୍ୱୀକୃତି ପାଇବା ପରେ ମହାରାଜ ଶ୍ରୀକାନ୍ତ ଦତ୍ତ ନରସିଂହ ରାଜ ଓ୍ୱାଡ଼ିୟାର ରାଜପ୍ରାସାଦର ନବୀକରଣ କାର୍ଯ୍ୟରେ ଆଗ୍ରହ ଦେଖାଇଥିଲେ । ନୂତନ କାଠ କାମ, ବଲ୍ ରୁମ୍‌ର ନବୀକରଣ ସହ, ନୂଆ ଲ୍ୟାମ୍ପ୍, କାଠ ଓ ପିତଳର ଆସବାବପତ୍ର ଆଦି ଅନ୍ତର୍ଭୁକ୍ତ । ସଂଗୃହୀତ ତିରିଶ ହଜାର ଚିତ୍ରପଟରୁ ଏବେ ଏକ ହଜାର ଚିତ୍ରପଟ ଦର୍ଶକଙ୍କ ଅବଲୋକନ ପାଇଁ ରଖା ଯାଇଛି । ରାଜ ପରିବାରର ସଦସ୍ୟଙ୍କ ଦ୍ୱାରା ବ୍ୟବହୃତ ହୋଇଥିବା ସିଲ୍‌କ୍ ଓ ଅନ୍ୟାନ୍ୟ ପୋଷାକପତ୍ର ଅନ୍ୟ ଏକ ରୁମ୍‌ରେ ପ୍ରଦର୍ଶିତ ହୋଇଛି ।

## ଦର୍ଶକ ଅବଲୋକନ ପାଇଁ କେମିତି ଅନୁମତି ମିଳିଲା

ପୂର୍ବରୁ ପାଲେସ୍ ଦର୍ଶକମାନଙ୍କ ପାଇଁ ଖୋଲା ନଥିଲା । ଯୋ ଜିତା ଓହି ସିକନ୍ଦର, ବର୍‌ସାତ୍, କୁଲି ଆଦି ହିନ୍ଦୀ ଓ କେତେକ ମାଲାୟଲମ୍ ସିନେମାରେ ବାଙ୍ଗାଲୋର୍ ପାଲେସ୍‌ର ଝଲକ ଦେଖି ଜନମାନସ ଚମତ୍କୃତ ହୋଇଥିଲେ ଓ



ପରେ ମହାରାଜ ଶ୍ରୀକାନ୍ତ ଦତ୍ତ ନରସିଂହ ରାଜ ଓ୍ୱାଡ଼ିୟାର୍ ପ୍ରାସାଦକୁ ସାଧାରଣ ଦର୍ଶକମାନଙ୍କ ପାଇଁ ୨୦୦୫ ମସିହାରୁ ଖୋଲା ରଖିଲେ ।

## ପ୍ରବେଶ ଟିକେଟର ମୂଲ୍ୟ

ଦର୍ଶକମାନଙ୍କ ପରିଦର୍ଶନ ପାଇଁ ସ୍ଥିରିକୃତ ଟିକେଟ୍ ମୂଲ୍ୟ ଅନୁଯାୟୀ ପ୍ରବେଶ ପାଇଁ ଅନୁମତି ଦିଆଯାଏ । ନିଜର ପ୍ରବେଶ ଟଙ୍କା, କ୍ୟାମେରା, ଭିଡ଼ିଓ କ୍ୟାମେରା ପାଇଁ ଧାର୍ଯ୍ୟ ମୂଲ୍ୟ ଦେଇ ଦର୍ଶକ ପ୍ରବେଶ କରନ୍ତି । ୨୦୧୮ ମସିହାରୁ ଟିକେଟ୍‌ର ମୂଲ୍ୟ ଭାରତୀୟମାନଙ୍କ ପାଇଁ ଏପରି ଧାର୍ଯ୍ୟ କରାଯାଇଛି: ୨୩୦/, ବିଦେଶୀମାନଙ୍କ ପାଇଁ ୪୬୦/, କ୍ୟାମେରା ପାଇଁ ୬୮୫,/ ଭିଡ଼ିଓ କ୍ୟାମେରା ପାଇଁ ୧୪୮୫/, ମୋବାଇଲ୍ କ୍ୟାମେରା ପାଇଁ ୨୮୫/ । ଟିକେଟ୍ କରିବା ସମୟରେ ୨୦୦୦/ ବା ଫଟୋ ଆଇଡି ଜମା ରଖିବାକୁ ହୁଏ ।





## ରାଜପ୍ରାସାଦର ବିଶାଳ ଅଞ୍ଚଳ

ରାଜପ୍ରାସାଦକୁ ଘେରି ରହିଥିବା ବିଶାଳ ପଡ଼ିଆଟି ବିଭିନ୍ନ କାର୍ଯ୍ୟକ୍ରମ ଯେମିତି ନୃତ୍ୟ, ଗୀତ, ବିବାହ ଓ ଅନ୍ୟାନ୍ୟ ପର୍ବପର୍ବାଣି ପାଇଁ ବ୍ୟବହାର କରାଯାଏ । ଏବେ କେବଳ ରାଜପ୍ରାସାଦ ସାମ୍ନା ଭାଗ ଛଡ଼ା ଅନ୍ୟାନ୍ୟ ଅଞ୍ଚଳ ସବୁ ଖୁବ୍ ଅବହେଳିତ ଭାବରେ ପଡ଼ିଛି । ଅତୀତରେ ଏଲଟନ ଜନ, ଏନରି କ୍ୟୁ, ଦି ବ୍ଲାକ ଆଇଡି ପିଅର୍ସ, ବ୍ୟକ ଷ୍ଟ୍ରୀଟ ବୟଜ, ଆକନଦ, ଜୟ ସିଅନ, ଆଇରନ ମେଇଡେନ, ଫ୍ଲୋରିଡ଼ା, ମେଟାଲିକାଙ୍କ ପରି ଅନେକ ଆନ୍ତର୍ଜାତୀୟ କଳାକାରମାନେ ନିଜର କଳାକୃତି ହଜାର ହଜାର ଦର୍ଶକମାନଙ୍କ ଆଗରେ ପ୍ରଦର୍ଶିତ କରିଥିଲେ । ବର୍ତ୍ତମାନ ରାଜ୍ୟ ସରକାର ଓ ପୋଲିସ କୌଣସି ସଂଗୀତ ସଭାର ଆୟୋଜନ ପାଇଁ ଅନୁମତି ଖାରଜ କରିଥିବାରୁ ଏଠାରେ ସବୁ ସଂଗୀତ କାର୍ଯ୍ୟକ୍ରମ ବନ୍ଦ ରହିଛି ।

## ଫନ୍ ୱାର୍ଲଡ୍

ପ୍ରାସାଦର ଉତ୍ତର ଭାଗରେ ମନୋରଞ୍ଜନ ବଗିଚା ବା ଫନ୍ ୱାର୍ଲଡ୍ ଅବସ୍ଥିତ । ମହାରାଣୀ ଶ୍ରୀମତୀ ପ୍ରମୋଦା ଦେବୀ ୱାଡ଼ିଆର୍‌ଙ୍କ ଅନୁମତି ପରେ ଏଠାରେ ପ୍ରବେଶ କରିହୁଏ । ପ୍ରବେଶ ଟିକେଟର ମୂଲ୍ୟ ୫୯୧/ । ଏଥିରେ ନାନା ପ୍ରକାରର ଜୟ ରାଇଡ୍, ୱାଟର୍ ପାର୍କ, ସ୍ନୋ ରୁମ୍ ଅଛି । ଆମେ ଏଠିକୁ ଯାଇପାରି ନଥିଲୁ ।

ରାଜପ୍ରାସାଦରୁ ବାହାରିଲା ବେଳକୁ ବର୍ଷା ଥମି ଯାଇଥିଲା, ଆକାଶର ପଶ୍ଚିମ ପଟର ଛାତି ଚିରି ସୋରିଷ ଫୁଲିଆ ଖରା ପ୍ରାସାଦର କୋଣ ଭାଗରେ ପଡ଼ିଥାଏ । ଆମେ ଅନେକ ସମୟ ରାଜ ବଗିଚାର ସୌନ୍ଦର୍ଯ୍ୟରେ ବିଭୋର୍ ହେଲୁ । ପ୍ରାସାଦର ବାହାରେ ଓ ବଗିଚାରେ ଫଟୋ ନେଲୁ । ପ୍ରାସାଦ ଆଗରେ ମେରୁନ୍ ରଙ୍ଗର କେତୋଟି ଲୁହା ଶଗଡ଼ି ରଖା ଯାଇଥିଲା । ରାଜ ବଗିଚାର ଦୁଇ ପଟେ ବାସୁଆ ବଳଦର ମୂର୍ତ୍ତି, ୱାଡ଼ିୟାର୍ ରାଜ ପରିବାର ଶିବ ଭକ୍ତ ଥିଲେ ବୋଲି ଅନୁମାନ କଲି ।



ସେଦିନ ଖୁବ୍ ହାତ ଗଣତି ଦର୍ଶକ ଆମ ସହ ଥିଲେ । ସହ ଦର୍ଶକଙ୍କ ଭିତରୁ ଜଣେ ମଡ଼େଲ୍ ତାଙ୍କର କ୍ୟାମେରା ପରିଚାଳକ ଓ ଜଣେ ସହକର୍ମୀ ବା ପୁଅ ସାଙ୍ଗ (ଅନୁମାନ କରିବା କଷ୍ଟ)ଙ୍କ ସହ ଆସିଥାନ୍ତି । ସେ ଅନେକ ଅଙ୍ଗଭଙ୍ଗୀରେ, ପ୍ରାୟତଃ ସବୁ ବିଶେଷ ଜାଗା ଗୁଡ଼ିକରେ ମାତ୍ରାଧିକ ଫଟୋ ନେଉଥାନ୍ତି । କଥାବାର୍ତ୍ତାରୁ ତାମିଲ୍ ବୋଲି ଜାଣିଲି । ଶେଷରେ ସେ ତିନିଜଣ ଗୋଟେ ଅଟୋ ଧରି ଫେରିବାରୁ ଭାବିଲି ବୋଧେ ପରିଚୟ ପାଇଁ ସଂଘର୍ଷ କରୁଥିବା ନୂଆ ମଡ଼େଲ୍ ହେଇଥିବେ ।



# ଲୋଭନୀୟ



# ଲେମନ୍‌ଗ୍ରାସ୍

# ବନ୍ଧୁର ପଥରେ ବନ୍ଧୁଗାଁ


**ମୀନା ସ୍ୱାଇଁ**

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ

ଫୋନ: ୯୪୩୭୭୮୩୫୧୫


ଫଟୋ ସୌଜନ୍ୟ : ଲେଖିକା



ଲେଖିକା ମୀନା ସ୍ୱାଇଁ

ମହମହ ମନଲୋଭା ବାସ୍ନା ! ଲେମ୍ବୁର ସତେଜ ସୁଗନ୍ଧ ! ଚତୁର୍ଦ୍ଦିଗରେ । ସେଇ ସୁଗନ୍ଧ ବିଞ୍ଚି ହେଉଛି ପବନର ଅଞ୍ଚଳରୁ । ଝରି ଆସୁଛି ଉଚ୍ଚ ପାହାଡ଼ରୁ କଳକଳ ହୋଇ । ଟପ୍‌ଟପ୍ ଖସି ପଡୁଛି ଉଚ୍ଚ ବୃକ୍ଷସବୁର ପତ୍ରରୁ । ଉତୁରି ଆସୁଛି ମାଟିରୁ ।

ଖୁବ୍ ମାତ୍ରାରେ ମୋତେ ସମ୍ମୋହିତ କଲା ସେହି ସୁଗନ୍ଧ । ମୋର ଗତିରୋଧ କଲା । ଗାଡ଼ିରୁ ଓହ୍ଲାଇବା ମାତ୍ରେ ବଶୀକରଣ ମନ୍ତ୍ର ଭଳି ସେହି ସୁଗନ୍ଧ ମୋତେ ପାଦେ ପାଦେ ଟାଣି ନେଇଗଲା ତାର ଉତ୍ସ ଆଡ଼କୁ । ମୋ ସମ୍ମୁଖରେ ଥିଲା ଉଚ୍ଚ ଉଚ୍ଚ ପାହାଡ଼ର ପାଦଦେଶରେ ଲହରାୟିତ ପ୍ରାୟ ପାଞ୍ଚ ଛଅ ଫୁଟ୍ ଉଚ୍ଚତା ବିଶିଷ୍ଟ ଘାସବୁଦାର ବିସ୍ତୀର୍ଣ୍ଣ କ୍ଷେତ । ଘାସଗଛରୁ ପତ୍ରଟିଏ ଛିଡ଼ାଇ ଆଣି ମଳି ଦେଲି । ସତେଜ ଲେମ୍ବୁର ବାସ୍ନା ସଞ୍ଚରିଗଲା ମୋ ପ୍ରଶ୍ୱାସରେ ସମଗ୍ର ସତ୍ତାକୁ । ଆଃ ! ଲେମନ୍ ଗ୍ରାସ୍ ! ଲେମନ୍ ଘାସ । ଲେମନ୍ ଘାସର କ୍ଷେତ ନିକଟରେ ଘର୍ ଘର୍ ଶବ୍ଦ କରି ଚାଲୁଥିଲା ମେସିନ୍‌ଟିଏ । କଟା ଲେମନ୍ ଘାସକୁ ଛୋଟ ଛୋଟ ଖଣ୍ଡ କରି ବଏଲର୍‌ରେ ସିଝାଇ ମେସିନ୍‌ରୁ ବାହାରୁ ଥିଲା ଲେମନ୍ ଅଏଲ୍ ବା ଲେମନ୍ ତେଲ । ସମଗ୍ର ଅଞ୍ଚଳରେ ଖେଳି ବୁଲୁଥିବା ମଧୁର ସୁଗନ୍ଧର ଉତ୍ସ ଥିଲା ସେହି ତେଲ ।

ଚତୁର୍ଦ୍ଦିଗରେ ଦୃଷ୍ଟି ପହଁରେଇ ଆଣିଲି ଏକ ମଧୁର ଅନୁଭବରେ, ମୁଗ୍ଧ ଦୃଷ୍ଟିରେ । ମୁଁ ଠିଆ ହୋଇଥିଲି ବିରାଟ ପର୍ବତ ପରିବେଷ୍ଟିତ ଉପତ୍ୟକା 'ବନ୍ଧୁଗାଁ'ରେ । ଖୁବ୍ ପୁରୁଣା ତଥା ଚର୍ଚ୍ଚିତ ଗାଁ । କେବେ କିମ୍ବଦନ୍ତୀ ତ କେବେ ଇତିହାସ; କେବେ ରକ୍ତପାତ, କେବେ ଶୋଷଣ, ବିସ୍ଥାପନ, ନକ୍ସଲବାଦ ଓ ମାଓବାଦକୁ ନିଜ ଛାତି ଉପରେ ବର୍ଷ ବର୍ଷ ଭୋଗି ଦାମ୍ଭିକ ପଣରେ ଠିଆ ହୋଇଥିବା ଏକ ଗାଁ : ବନ୍ଧୁଗାଁ ।

ଚିତ୍ରପଟ ଭଳି ଗାଁ । କୋରାପୁଟ ଠାରୁ ଉତ୍ତର ପୂର୍ବକୁ ୬୮ କିଲୋମିଟର ଗଲେ ପଡ଼େ ଏଇ ଗାଁ । କୋରାପୁଟରୁ ରାଜ୍ୟ ରାଜପଥରେ ୫୬ କି.ମି. ଗଲେ ଲକ୍ଷ୍ମୀପୁର ଗାଁ । ଲକ୍ଷ୍ମୀପୁର ଛକରୁ ଡାହାଣକୁ ମୋଡ଼ିଗଲେ ପଡ଼େ ବନ୍ଧୁଗାଁ ରାସ୍ତା । ଲକ୍ଷ୍ମୀପୁର ଠାରୁ ପ୍ରାୟ ୩୯ କି.ମି. ଦୂର । ନାରାୟଣପାଟଣାକୁ ଅତିକ୍ରମ କଲେ ବନ୍ଧୁଗାଁ । ବନ୍ଧୁଗାଁକୁ ଲାଗିଛି ପାର୍ବତୀପୁରମ୍ ଯାହାକି ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ । କୋରାପୁଟ, ରାୟଗଡ଼ା ଓ ପାର୍ବତୀପୁରମ୍‌ରୁ ଏଠାକୁ ରହିଛି ରାସ୍ତାର ସଂଯୋଗ ।

ବନ୍ଧୁଗାଁର ଜନସଂଖ୍ୟା ପାଖାପାଖି ୫୦୦୦ । ଗଉଡ଼, ପାଇକ, କୁମୁଟି ଓ ଆଦିବାସୀ ଜାତିର ଲୋକେ ଏଠାରେ ବସବାସ କରନ୍ତି । ପୂର୍ବେ ବନ୍ଧୁଗାଁର ବିଭିନ୍ନ ଅଞ୍ଚଳରେ ଧୂଆଁ, ଝୋଟ, କପା, ଧାନ ଆଦି ଚାଷ ହେଉଥିଲା । କିନ୍ତୁ ଏସବୁ ଫସଲରୁ ଚାଷୀ କମ୍ ଲାଭାନ୍ୱିତ ହେଲେ । ତେଣୁ ଚାଷୀମାନେ ଧିରେ ଧିରେ ସେଥିରୁ ମୁହଁ ଫେରାଇ ବର୍ତ୍ତମାନ ଧାନ ଓ ଲେମନ୍ ଘାସ ହିଁ ଚାଷ କରୁଛନ୍ତି । ପ୍ରାୟ ଅଧିକାଂଶଙ୍କ ବାଡ଼ିରେ ତେନ୍ତୁଳିଗଛ । ଖଟା ଓ ରାଗ ପ୍ରିୟ ଆନ୍ଧ୍ର ପ୍ରଦେଶବାସୀଙ୍କ ନିକଟରେ ତେନ୍ତୁଳିର ଚାହିଦା ଅତ୍ୟଧିକ ଥିବାରୁ ସେଠାକାର ବ୍ୟବସାୟୀ ଆସି ବନ୍ଧୁଗାଁ ତେନ୍ତୁଳି କିଣି ନିଅନ୍ତି ।

ଲେମନ୍ ଘାସ ଥରେ ରୋପଣ କଲେ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ । କେବଳ ମଝିରେ ମଝିରେ ଘାସ ବାଛିବା ଆବଶ୍ୟକ ପଡ଼େ । ତେଲ ଲିଟର ପିଛା ୧୫୦୦ ଟଙ୍କା ଦରରେ ବିକ୍ରୀ ହୋଇଥାଏ । ବନ୍ଧୁଗାଁରେ ଉତ୍ପାଦିତ ଲେମନ୍ ତେଲ ଓ ଧାନ ଆଦି ସୀମାନ୍ତ ରାଜ୍ୟ ଆନ୍ଧ୍ରପ୍ରଦେଶର ବ୍ୟବସାୟୀମାନେ କ୍ରୟ କରିଥାନ୍ତି । ତେଣୁ ସେମାନଙ୍କ ଦ୍ୱାରା ଧାନ ଓ ତେଲଦର ନିୟନ୍ତ୍ରିତ ହୋଇଥାଏ । ସେଠାକାର ଆଦିବାସୀମାନେ ମାଣ୍ଡିଆ, ଜନା, ସୁଆଁ, କାନ୍ଦୁଲ, ମାଣ୍ଡିଆ, ବାଇଲ ଆଦି ଆଣି ବନ୍ଧୁଗାଁ ହାଟରେ ବିକ୍ରୀ କରିଥାନ୍ତି । ବନ୍ଧୁଗାଁର ନିକଟସ୍ଥ କୁମ୍ଭାରପୁଟ ଗାଁରେ କୋବି, ବାଇଗଣ, ଟମାଟ ଆଦି ବିଭିନ୍ନ ପନିପରିବା ଚାଷ ହୁଏ ।

ଲେମନ୍ ତେଲ ଚାଷୀମାନଙ୍କ ଦ୍ୱାରା ଟ.୧୫୦୦ଙ୍କାରେ ବିକ୍ରି ହେଉଥିଲା । କିନ୍ତୁ ସୂଚନା ଅନୁଯାୟୀ କେତେକ ମଧ୍ୟସ୍ଥି ତେଲକୁ କିଣିବା ପରେ ସେଥିରେ ପାମ୍ ତେଲ ମିଶାଇ କମ୍ପାନୀମାନଙ୍କୁ ବିକ୍ରି କରିବା ଫଳରେ କମ୍ପାନୀଗୁଡ଼ିକ ମଧ୍ୟସ୍ଥିଙ୍କ ଠାରୁ ତେଲ କିଣିବାକୁ ରାଜି ହେଲେ ନାହିଁ । ତେଣୁ ନିଜର ଜୀବିକାକୁ ଚଳାଇ ରଖିବା ଉଦ୍ଦେଶ୍ୟରେ ମଧ୍ୟସ୍ଥିମାନେ ଲେମନ୍ ଦର ୭୫୦ ଟଙ୍କାକୁ ଖସାଇ ଦେଲେ । ଏତଦ୍ୱାରା ଚାଷୀ କ୍ଷତିଗ୍ରସ୍ତ ହେଲେ । ଚାଷୀମାନେ ତେଲଦର ୧୨୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବୀ କରୁଥିବା ବେଳେ ବେପାରୀମାନେ ୯୦୦ ଟଙ୍କାରେ ଅଡ଼ି ରହିଥିଲେ । ଏମାନଙ୍କ ମଧ୍ୟରେ ଅଧିକାଂଶ ଆନ୍ଧ୍ରପ୍ରଦେଶର ବେପାରୀ । ବନ୍ଧୁଗାଁ ବ୍ଲକ୍‌ର ପ୍ରାୟ ୧୦୦ଟି ସ୍ଥାନରେ ଲେମନ୍‌ଘାସ ସିଝାଇ ତେଲ ବାହାର କରୁଥିବା ବଏଲର୍ ଟ୍ୟାଙ୍କ୍ ଅଛି । ପ୍ରତି ତିନିମାସରେ ଲେମନ୍ ଘାସ କଟା ଯାଇ ତାହାକୁ ବଏଲର୍‌କୁ ନିଆ ଯାଏ । ଏକ ଟ୍ୟାଙ୍କ୍ ଘାସ ସିଝାଇବାକୁ ୬୦୦ ଟଙ୍କା ଦେବାକୁ ପଡ଼େ । ସିଝା ଘାସକୁ ଖରାରେ ଶୁଖାଇବା ଓ ଘାସ କାଟିବା ମଜୁରୀ, ଟ୍ରାକ୍ଟର୍‌ରେ ବୋହିନେବା ଆଦି ଲାଗି ଖର୍ଚ୍ଚ କରିବାକୁ ପଡ଼ିଥାଏ । ଜମିରେ ଘାସ ୩ ମାସରୁ ଅଧିକ ରହିଲେ, ତେଲ ଉତ୍ପାଦନର ପରିମାଣ କମିଯାଏ ।

ପେଟପାଟଣାର ଚକ୍ରବ୍ୟୁହରେ ବାଟବଣା ବନ୍ଧୁଗାଁ ଋଷୀ ।



ଲେମନଗ୍ରାସ୍‌ର ମୋହ ଛାଡ଼ି ମୁହାଁଇଲି ଦେଖିବାକୁ ବନ୍ଧୁଗାଁର ଖୁବ୍ ପ୍ରସିଦ୍ଧ ନିଲାବାଡ଼ି ଯାତ୍ରା । ଅନେକ ବର୍ଷର ଇପ୍‌ସିତ ଇଚ୍ଛାଟି ପୂରଣ ହେବାକୁ ଯାଉଛି, ମୋ ଭିତରେ ଦୌଡ଼ୁଥିଲା ରୋମାଞ୍ଚର ଏକ ଲହର ।

ମଣ୍ଡପରେ ବସିଥିଲେ ଅଗ୍ନୀଗଙ୍ଗାମା ଠାକୁରାଣୀଙ୍କ ଘଟ । ପ୍ରବଳ ଭିଡ଼ । ପ୍ରବେଶ ଦ୍ୱାର ପାଖେ କିଛି ତେଲୁଗୁଭାଷୀ ଯୁବକ ଟିକେଟ୍ କାଟୁଥିଲେ । ଭିତରେ ପୂଜାର୍ଚ୍ଚନାର କୌଣସି ପ୍ରତିବନ୍ଧକ ନଥିଲା । ମା'ଙ୍କ ପାଖକୁ ଯାଇ ନିଜେ ପ୍ରଦୀପ ପ୍ରଜ୍ୱଳନ କଲି । ମା'ଙ୍କ ଯାତ୍ରା ବିଷୟରେ କିଛି ଶୁଣିବାର ଲୋଭ ସମ୍ବରଣ କରି ପାରିଲିନି । ବସି ପଡ଼ିଲି ପାହାଚ ଉପରେ, କୃଷ୍ଣଚନ୍ଦ୍ର ସାହୁକାରଙ୍କ ଠାରୁ କିଛି ଶୁଣିବା ଆଗ୍ରହରେ ।

ଅଗ୍ନୀଗଙ୍ଗାମା ଠାକୁରାଣୀଙ୍କ ଅସଲ ମନ୍ଦିର ନିଲାବାଡ଼ି ଗ୍ରାମରେ । ବନ୍ଧୁଗାଁ ଠାରୁ ଅଳ୍ପ କିଛି ଦୂରରେ । ଫାଲ୍‌ଗୁନ ଅମାବାସ୍ୟା ଯାଇ ଦ୍ୱିତୀୟ ସୋମବାର ଠାରୁ ଯାତ୍ରା ଆରମ୍ଭ ହୁଏ । ଚୈତ୍ର ଆସୁଥାଏ । ସୋମବାର ଦିନ ଦେବୀଙ୍କୁ ଆବାହନ କରାଯାଏ ଯାତ୍ରା ମଣ୍ଡପକୁ । ଏହି ମଣ୍ଡପରେ ନଅଦିନ ବ୍ୟାପୀ ଯାତ୍ରା ହୁଏ । ପ୍ରାୟ ଦୁଇ ଲକ୍ଷ ଜନ ସମାଗମ ହୁଏ । ନିକଟବର୍ତ୍ତୀ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଉଭୟ ପ୍ରଦେଶର ଭକ୍ତମାନଙ୍କର ପ୍ରବଳ ଗହଳି ହୁଏ । ମା'ଙ୍କ ନିକଟରେ ଯିଏ ଯାହା ମାନସିକ କରିଥାନ୍ତି, ପୂରଣ ହୁଏ । ତେଣୁ ଏହି ଯାତ୍ରା ସମୟରେ ଲୋକେ ମୁଣ୍ଡନ, ପୂଜା, ବଳି ଆଦି ନିଜ ମାନସିକ ଅନୁଯାୟୀ କରିଥାନ୍ତି । ଛେଳି, ପାରା, ବାଛୁରୀ, ମାଗୁର ମାଛ ଆଦି ବଳି ପକାଇବାକୁ ମାନସିକ କରିଥିବା ଭକ୍ତମାନେ ଏହି ଜୀବମାନଙ୍କୁ ଖୋଲାରେ ଛାଡ଼ି ଦିଅନ୍ତି ।




ଶିବରାତ୍ରୀର ପର ସୋମବାର ଠାରୁ ଆରମ୍ଭ ହୋଇ ତା' ପରବର୍ତ୍ତୀ ମଙ୍ଗଳବାର ପର୍ଯ୍ୟନ୍ତ ନଅ ଦିନ ବ୍ୟାପୀ ଯାତ୍ରା ଅନୁଷ୍ଠିତ ହୁଏ । ବୁଧବାର ଠାରୁ ପରବର୍ତ୍ତୀ ମଙ୍ଗଳବାର ଯାଏଁ ଗ୍ରାମ ପରିକ୍ରମା କରନ୍ତି ଠାକୁରାଣୀ । ଦେବୀଙ୍କ ଘଟ ଧରି ଭକ୍ତମାନେ ଗ୍ରାମରେ ବୁଲିବା ସମୟରେ ଦ୍ୱାରେ ଦ୍ୱାରେ ଦେବୀଙ୍କ ଆରାଧନା ହୁଏ । ରବିବାର ଶାବଳଧୂଆ ପର୍ବ, ସୋମବାର ବାଘନାଟ ହୁଏ । ଶନିବାରରୁ ମଙ୍ଗଳବାର ପ୍ରତ୍ୟେକ ରାତ୍ରୀରେ ଜ୍ୱଳନ୍ତା ଅଙ୍ଗାର ଉପରେ ଚାଲି ଦେବୀଙ୍କ ପୂଜକ ଅଲୌକିକତା ପ୍ରଦର୍ଶନ କରନ୍ତି । ରବିବାର ଦିନ ଏକ ଉତ୍ତପ୍ତ ଶାବଳକୁ ଧରି ପୂଜକ ଅଗ୍ନୀ ନିର୍ବାପିତ କରନ୍ତି । ସୋମବାର ଦିନ ବିଭିନ୍ନ ନୃତ୍ୟଗୀତ ପରିବେଷଣ ହୁଏ । ଜ୍ୱଳନ୍ତା ଅଙ୍ଗାର ଉପରେ ପୂଜକଙ୍କ ସହ ଅନ୍ୟ ମାନସିକଧାରୀ ବ୍ୟକ୍ତି ମଧ୍ୟ ଚାଲିଥାନ୍ତି । ଅସମ୍ଭବ ବିଶ୍ୱାସ ଓ ଭରସା ଯୋଗୁଁ ପାଦରେ ଫୋଟକା ହୁଏ ନାହିଁ କି କେହି କଷ୍ଟ ଅନୁଭବ କରନ୍ତି ନାହିଁ ବୋଲି ମତ ଦିଅନ୍ତି ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ସାହୁକାର । ମଙ୍ଗଳବାର ଦିନ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଯାତ୍ରା ସମାପନ ହୁଏ ।

ଏହି ଦେବୀଙ୍କ ପାରମ୍ପରିକ ରୀତିନୀତି ସବୁ ଦକ୍ଷିଣୀ ରୀତିରେ ଅନୁଷ୍ଠିତ ହୁଏ । ବସନ୍ତ ପରେ ଯେବେ ଗ୍ରୀଷ୍ମ ପଦାର୍ପଣ କରେ, ଅଗ୍ନୀ ଗଙ୍ଗାମା ଉତ୍ସବ ହୁଏ । ଅଗ୍ନୀବର୍ଷୀ ଗ୍ରୀଷ୍ମକୁ ସ୍ୱାଗତ କରେ ଅଗ୍ନୀଗଙ୍ଗାମାଙ୍କ ଭକ୍ତ । ଏହି ଉତ୍ସବରେ ଚଇତି ପରବ୍‌ର ସଂକେତ ଥାଏ ।

"ପୂର୍ବର ଯାତ୍ରା ଓ ଆଜିକାଲିର ଯାତ୍ରା ମଧ୍ୟରେ କ'ଣ ପରିବର୍ତ୍ତନ ଆସିଛି ?" ମୋର କୌତୁହଳ ରୋକି ନପାରି ପଚାରିଦେଲି ।

ଆଗେ ଚାଳଘରେ, ଛାମୁଣ୍ଡିଆ ବନ୍ଧା ହୋଇ ଗାଁରେ ଯାତ୍ରା ହେଉଥିଲା । ଏବେ ସ୍ଲାବ୍‌ଘରେ କଳା ଚାନ୍ଦୁଆ ଟଣା ହୋଇ ପୂଜା ହେଉଛି । ଘଟ ବୋହିଥିବା ବ୍ୟକ୍ତିମାନେ ଗାଁ ଗାଁ ବୁଲିଲାବେଳେ ପ୍ରତ୍ୟେକ ପରିବାରର ବ୍ୟକ୍ତି ହଳଦି ପାଣିରେ ତାଙ୍କ ଗୋଡ଼ ଧୋଇଦେଇ, ଝୁଣାଧୂପ ଦୀପରେ ପୂଜା କରି ଘରେ ରୋଷେଇ ହୋଇଥିବା ଭାତର ପ୍ରଥମ ଗୁଣ୍ଡାଟିଏ ହାଣ୍ଡିରେ ପକାଉ ଥିଲେ । ହାଣ୍ଡିଭର୍ତ୍ତି ଭାତ ବାରିକ ନେଉଥିଲା । ବର୍ତ୍ତମାନ ଭାତଗୁଣ୍ଡା ପରିବର୍ତ୍ତେ କଦଳୀ, ପିଠାପଣା ହାଣ୍ଡିରେ ପଡୁଛି । ଘଟ ବୁହାଳିଙ୍କୁ ଅଧିକାଂଶ ପରିବାର ପିଇବାକୁ ପଣା ଦିଅନ୍ତି । ନିଲାବାଡ଼ି ଯାତ୍ରା ଆରମ୍ଭ ପୂର୍ବରୁ ପ୍ରତ୍ୟେକ ପରିବାର ନିଜର ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରନ୍ତି । ସେମାନଙ୍କର ରହିବା, ଖାଇବା ଲାଗି ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି । ପୂର୍ବେ ଭକ୍ତମାନେ ଶଗଡ଼ଗାଡ଼ିରେ ଆସି ଗାଁ ମୁଣ୍ଡ ଆମ୍ବତୋଟାରେ ରହୁଥିଲେ ତିନିଚାରିଦିନ ଧରି । ସେଠାରେ ରୋଷେଇବାସ କରି ରାତିସାରା ଯାତ୍ରା ଦେଖୁଥିଲେ । ବର୍ତ୍ତମାନ ପରିସ୍ଥିତି ବଦଳି ଯାଇଛି । ଭକ୍ତମାନେ କାର୍, ବୋଲେରୋ, ମାକ୍ସ, କମାଣ୍ଡର ଆଦି ଭଡ଼ା କରି ପହଞ୍ଚୁଛନ୍ତି ଓ ଯାତ୍ରା ଦେଖି ପୁଣି ଫେରି ଯାଉଛନ୍ତି ।

ରାତ୍ରୀ ସମୟରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଦୋକାନ ବଜାର ବସେଇବା ପାଇଁ ଷ୍ଟଲ ଭିଡ଼ା ଚାଲିଥିଲା । ମୀନାବଜାର ସଜିଲ୍ ହେଉଥିଲା ନିଜକୁ ସଜେଇ ଅନ୍ୟର ମନୋରଞ୍ଜନ କରିବା ଲାଗି । ଗରାଖଙ୍କ ଚାହିଦାକୁ ଆଖି ଆଗରେ ରଖି ରାସ୍ତାକଡ଼ ହୋଟେଲ୍‌ମାନଙ୍କରେ ଜଳଖିଆ ଛଣା ଆରମ୍ଭ ହୋଇସାରିଥିଲା । ଧୂପ, ଦୀପ, ଝୁଣା, କୁଙ୍କୁମ, ହଳଦୀ ଓ ଫୁଲର ଦେବାଦେବୀ



ବାସ୍ନା ପଛରେ ରହିଯାଇଥିଲା, ସୁସ୍ୱାଦୁ ଖାଦ୍ୟର ବାସ୍ନା ଚହଟୁଥିଲା ।

ମା'ଙ୍କର ଅସଲ ମନ୍ଦିର ନିଲାବାଡ଼ି ଠାରେ । ତାଙ୍କୁ ଦର୍ଶନ ନକଲେ, ଅସମ୍ପୂର୍ଣ୍ଣ ହୁଅନ୍ତା ମୋ ଆଗମନ । ସେଠାରେ ପହଞ୍ଚିଲି । ନଡ଼ିଆ ଗଛତଳେ ଅତି ସୁନ୍ଦର ଛୋଟିଆ ମନ୍ଦିରଟିଏ । ପୂର୍ବେ ଏକ ଚାଳଛପର ମାଟି ଘରେ ପୂଜା ପାଉଥିଲେ ମା' ଅଗ୍ନୀଗଙ୍ଗାମା । ୧୯୮୫ ମସିହାରେ ଗାଁର ଯୁବକ ସଂଘ କମିଟିଟିଏ ତିଆରି କରିଥିଲେ ଏହି ମନ୍ଦିରର ଉନ୍ନତି କଳ୍ପେ । ଏହାର ମୁଖ୍ୟ ଥିଲେ ତହସିଲ୍‌ଦାର୍ । ତଦାନୀନ୍ତନ ତହସିଲ୍‌ଦାର୍ ଶ୍ରୀ ବିଜୟ ଚନ୍ଦ୍ର ପଣ୍ଡା ଏହି ପୀଠର ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ତାଙ୍କ ପ୍ରେରଣା ଓ ନୀଲାବାଡ଼ିର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ସହାୟତାରେ ୧୯୮୯ ମସିହାରେ ଦେବୀଙ୍କ ମନ୍ଦିର ତିଆରି ହେଲା ।

ଦୈନନ୍ଦିନ ପୂଜା ଲାଗି ଗୋଟିଏ ପୂଜାରୀ ପରିବାର ଖଞ୍ଜା ହେଲା । ନିଲାବାଡ଼ି ଗାଁର ପ୍ରାୟ କୋଡ଼ିଏଟି ପରିବାର ମଧ୍ୟରୁ ପ୍ରତ୍ୟେକ ଦିନ ଗୋଟିଏ ପରିବାର ଥାଳୀରେ ୪/୫ କେଜି ଚାଉଳ, ତେଲ, ଫୁଲ, ଧୂପ, ପନିପରିବା, ଦୀପ ପଠାନ୍ତି ଯାହାକି ପୂଜାରେ ବ୍ୟବହୃତ ହୁଏ ଓ ସେଥିରୁ ପୁଜାରି ପରିବାରର ଲୋକଙ୍କ ଖର୍ଚ୍ଚ ଉଠେ । ଘଟ ବୋହିବା ପାଇଁ ତିନୋଟି ପରିବାର ଖଞ୍ଜା ହୋଇଛନ୍ତି । ରାଜାଙ୍କ ଅମଳରେ ସେମାନଙ୍କ ଲାଗି ଜମି ଖଞ୍ଜା ହୋଇଥିଲା, କିନ୍ତୁ ବର୍ତ୍ତମାନ ନାହିଁ । ଖଡ଼୍‌ଗ ଧରିବା ପାଇଁ ମଧ ଗୋଟିଏ ପୁଜାରି ପରିବାର ରହିଛନ୍ତି । ପୂଜା କମିଟି ସେହି ପରିବାରକୁ ବର୍ଷରେ ଥରେ ଆର୍ଥିକ ଅନୁଦାନ ଦିଏ ।

ଅଗ୍ନୀଗଙ୍ଗାମା'ଙ୍କ ମନ୍ଦିର ନିର୍ମାଣ ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ ରହିଛି । ମହାରାଜା ଦ୍ୱିତୀୟ ବିଶ୍ୱମ୍ଭର ଦେବ ସୈନ୍ୟ ସହ ଶିକାର କରିବାକୁ ଚନ୍ଦ୍ରଗିରି ପାହାଡ଼ ଅଭିମୁଖେ ଯାତ୍ରା କରୁଥାନ୍ତି । ସେହି ବନଭୂମିରେ ଶିକାର ଅନ୍ୱେଷଣ କରି କ୍ଲାନ୍ତଶ୍ରାନ୍ତ ରାଜା ନିଜ ପାରିଷଦ ବର୍ଗଙ୍କ ସହ ଡେରା ପକାଇଲେ । ବନଭୂମିରେ ହଠାତ୍ ନିଆଁ ଜଳି ଉଠିଲା । ଅଗ୍ନି ମାଡ଼ି ଆସିଲା । ହାତ ଯୋଡ଼ିଲେ ରାଜା । ଦେବୀ ଦୁର୍ଗାଙ୍କୁ ସୁମରଣା କଲେ । ହଠାତ୍ ବାରିଧାରାରେ ଅଗ୍ନି ନିର୍ବାପିତ ହେଲା । ଶାନ୍ତ ହେଲା ବନଭୂମି । କିନ୍ତୁ ରାଜାଙ୍କର ସମସ୍ତ ଖାଦ୍ୟଦ୍ରବ୍ୟ ନଷ୍ଟ ହୋଇସାରିଥିଲା । ସମସ୍ତେ ଅବସନ୍ନ, କ୍ଷୁଧାତୃଷ୍ଣାରେ ବ୍ୟାକୁଳ । ଘଞ୍ଚ ଅରଣ୍ୟକୁ ଚିରି ଭାସି ଆସୁଥାଏ ବାଘର ହେଣ୍ଟାଳ । ସେତିକିବେଳେ ଆଠ ବର୍ଷର ବାଳିକାଟିଏ ଫଳମୂଳ ଓ ଜଳପାନ କରାଇ ଆପ୍ୟାୟିତ କଲା ରାଜା ଓ ତାଙ୍କ ପାରିଷଦ ବର୍ଗଙ୍କୁ । ସତେଜ ହେଲେ ସମସ୍ତେ । ରାଜଧାନୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ । କିନ୍ତୁ ବାଟବଣା ହେଲେ । ସେହି ଆଠ ବର୍ଷର କନ୍ୟାଟି ବାଟ କଢ଼ାଇ ନେଲା । ଅପୂର୍ବ ଶୋଭାକାନ୍ତି, ବେକରେ ବନ କୁସୁମର ମାଳ ଥିବା ସେହି କନ୍ୟାଟି ରାଜାଙ୍କୁ ବାଟ କଢ଼ାଇ ନେଉ ନେଉ ନୀଲାବାଡ଼ି ଗ୍ରାମ ନିକଟରେ ଫାଶିଗଛ ନିକଟରେ ଅନ୍ତର୍ଦ୍ଧାନ ହୋଇଗଲା । ସେଠାରେ ମନ୍ଦିରଟିଏ ନିର୍ମାଣ ପାଇଁ ସ୍ୱପ୍ନରେ ଆଦେଶ ଦେଲେ ଦେବୀ । ଗଙ୍ଗା ରୂପରେ ଆସି ଅଗ୍ନୀଙ୍କୁ ନିର୍ବାପିତ କରିଥିବାରୁ ସେ ଅଗ୍ନୀଗଙ୍ଗାମା ରୂପେ ଅଭିହିତ ହେଲେ । ଏହି ଅଗ୍ନୀଗଙ୍ଗାମା ଯାତ୍ରା ଆଜିକୁ ୨୦୦ ବର୍ଷ ହେଲା ଚାଲି ଆସିଛି ।

ଇଂରେଜ ଅମଳରେ ନୀଲାବାଡ଼ି ଗ୍ରାମବାସୀ ଖଜଣା ଓ ସିପାହୀମାନଙ୍କ ଅତ୍ୟାଚାରରେ ନିଷ୍ପେସିତ ହୋଇ ପ୍ରତିବାଦ କଲେ । ସିପାହୀ ମାନେ ହାତୀ ଚପାଇ ସେହି ନେତାମାନଙ୍କୁ ମାରିବାକୁ ଉଦ୍ୟମ କରିଥିଲେ । ଦେବୀଙ୍କ କୃପାରୁ ହସ୍ତୀ ଓ ସିପାହୀଙ୍କ ରକ୍ତବାନ୍ତିରେ ନିଧନ ହୋଇଥିଲା ବୋଲି ଜନଶ୍ରୁତି ଅଧାବଧି ପ୍ରଚଳିତ ।

ଯାତ୍ରା ସମୟରେ ଆନ୍ଧ୍ରପ୍ରଦେଶରୁ ଦଶ ପନ୍ଦରଟି ବସ୍ ପଡ଼େ । ଆନ୍ଧ୍ର ପ୍ରଦେଶରୁ ଅନେକ କମାଣ୍ଡର, ଅଟୋ, ଭ୍ୟାନ୍ ଲୋକମାନଙ୍କୁ ଥରକୁ ଥର ଆଣି ଛାଡ଼ନ୍ତି । ସେଥିରୁ ଆନ୍ଧ୍ରପ୍ରଦେଶ ପ୍ରଚୁର ଲାଭବାନ ହୁଏ । ଅଥଚ କୋରାପୁଟରୁ ମାତ୍ର ଦୁଇଟା ବସ୍ ବର୍ଷସାରା ଚାଲିଥାଏ । ହାତକୁ ଆସିବାକୁ ଥିବା ରାଜସ୍ୱ ଓଡ଼ିଶା ରାଜ୍ୟ ହରାଏ ।

ପାଞ୍ଚଛଅ ବର୍ଷ ପୂର୍ବରୁ ଖୁବ୍ ଦୁର୍ଗମ ଥିବା ବନ୍ଧୁଗାଁର ରାସ୍ତାଘାଟ ପ୍ରଧାନମନ୍ତ୍ରୀ/ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ହେବାପରେ ସୁଧୁରିଛି । ରାସ୍ତାଘାଟ ଭଲ ହୋଇଛି । ସରୁ, ତୀଖ ଓ ଉଚ୍ଚ ଘାଟି ରାସ୍ତା ଓସାରିଆ ଓ ନିଚ୍ଚା ହୋଇଛି । କିନ୍ତୁ ରାସ୍ତାରେ ଦୌଡ଼ିବା ପାଇଁ ଯାନବାହନର ସୁବିଧା ଏଯାବତ୍ ହୋଇ ପାରିନାହିଁ । ଅନେକ ସ୍ଥାନ ଅପହଞ୍ଚ ହୋଇ ରହିଛି । ଅଧାବଧି ଆଖିଦୃଶିଆ ଉନ୍ନତି କିଛି ପରିଲକ୍ଷିତ



ହୋଇନାହିଁ । ନାରାୟଣପାଟଣା ଓ ବନ୍ଧୁଗାଁର ଇତିହାସ କହିବା ବେଳେ ଅନେକ ବ୍ୟକ୍ତି ଶିହରି ଉଠନ୍ତି, ଅନେକଙ୍କ ଆଖିରେ ଲୁହ ଜକେଇ ଆଖିର ବନ୍ଧ ଡିଏଁ । ସେମାନଙ୍କ ଛାତି ଥରାଇ ଦୀର୍ଘଶ୍ୱାସଟେ ଉଠି ବନଭୂମିକୁ ଥରାଏ । ଅତୀତର ଲୋମ ହର୍ଷଣକାରୀ ଇତିହାସ, ରହସ୍ୟ, ଅପବାଦରେ ଜଡ଼ିତ ଘଟଣା ସବୁକୁ କହିଲାବେଳେ ଆଜିବି ଅନେକ ଭୟଭୀତ ହୋଇ କନକନ ହୋଇ ଚତୁର୍ଦ୍ଦିଗକୁ ଚାହାନ୍ତି, ଛେପ ଢୋକନ୍ତି । କିଛି ପ୍ରକାଶ କରନ୍ତି, କିଛି ଦବି ରହିଯାଏ ସେମାନଙ୍କ ଓଠତଳେ, ଛାତିତଳେ ।

ବନ୍ଧୁଗାଁ ଓ ନାରାୟଣପାଟଣା ଅଞ୍ଚଳର ଆଦିବାସୀମାନଙ୍କର ଯଥେଷ୍ଟ ଜମି ଥିଲା । ହଜାର ହଜାର ବର୍ଷ ଧରି ବଣ ଜଙ୍ଗଲରେ ରହି ସେଠାକାର ବୁଦା ଜଙ୍ଗଲକୁ ହାଣି କିମ୍ବା ପୋଡୁଚାଷ କରି, ଅବା ପାହାଡ଼କୁ କାଟି ଚାଷ ଉପଯୋଗୀ ଭୂମି ତିଆରି ଆସିଛନ୍ତି । କେବେ ପାହାଡ଼ ଢାଲୁରେ ତ କେତେ ପାହାଡ଼ ଝର କଡ଼ରେ କେବେ ନିଘଞ୍ଚ ଖମନରେ ଶସ୍ୟ ଉତ୍ପାଦନ କରି ଜୀବିକା ନିର୍ବାହ କରନ୍ତି । ବଞ୍ଚିବା ପାଇଁ ଜଙ୍ଗଲ ଓ ଜମି ହିଁ ସେମାନଙ୍କର ଏକମାତ୍ର ସମ୍ବଳ । ପେଟ ପିଠି ଲାଗି ବଣ ଜଙ୍ଗଲ, ପାହାଡ଼, କ୍ଷେତରେ ଆଣ୍ଠେଇ, ପେଟେଇ ସମ୍ବଳ ଯୋଗାଡ଼ କରି ନେଉଥିଲେ । ସେମାନଙ୍କ ପାଖରେ ଟଙ୍କାର ଅଭାବ ଥିଲା । ସାର, ବିହନ କିଣିବା, ପୁଅଝିଅ ବାହାଘର, ଔଷଧ ତୁଟୁକା କରିବା କିମ୍ବା ପରବ ବେଳେ ସେମାନଙ୍କୁ ଟଙ୍କାର ଆବଶ୍ୟକତା ପଡୁଥିଲା । ସେତେବେଳେ ଦ୍ୱାରସ୍ଥ ହେଉଥିଲେ ସେଠାରେ ବସତି ସ୍ଥାପନ କରିଥିବା ଅଣ ଆଦିବାସୀମାନଙ୍କ ପାଖରେ । ନିଜର ଜମି କିମ୍ବା ସୁନା ବନ୍ଧା ରଖି ଅର୍ଥ ନେଉଥିଲେ । ଆଦିବାସୀଙ୍କର ଅଶିକ୍ଷା ଓ ସରଳତାର ସୁଯୋଗ ନେଇ ଧିରେ ଧିରେ ସେମାନଙ୍କର ସମସ୍ତ ଜମି ଓ ସୁନାକୁ ସେମାନେ ହସ୍ତଗତ କରିନେଲେ । ନେଢ଼ିଗୁଡ଼ କହୁଣୀକୁ ବୋହିଗଲା ପରେ ସଜାଗ ହେଲେ ଆଦିବାସୀମାନେ । ସେମାନଙ୍କର ବାପ ଦାଦି ଅମଳର ବନ୍ଧକ ଜମି ଯାହାକି ବନ୍ଦୋବସ୍ତ ବେଳେ ସାହୁକାରମାନଙ୍କ ହାତକୁ ଚାଲିଗଲା ତାକୁ ଉଦ୍ଧାର କରିବାକୁ ଚାଷୀ ମୁଲିଆ ସଂଘ ମାଧ୍ୟମରେ ସଂଗ୍ରାମ ଆରମ୍ଭ ହେଲା ।

ଆଦିବାସୀମାନେ ଅଶିକ୍ଷିତ, ବାହାର ଦୁନିଆ ସହ ଅପରିଚିତ । ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଥିବା ମାଓବାଦୀ ମାନେ ଏହି ବନ୍ଧୁଗାଁ, ନାରାୟଣପାଟଣା ଆଦିବାସୀମାନଙ୍କୁ ସଜାଗ କରାଇଥିଲେ ତାଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ । ତେଣୁ ସେଠାକାର ଆଦିବାସୀମାନେ ମାଓବାଦୀମାନଙ୍କ ଦ୍ୱାରା ପରିଚାଳିତ ହୋଇ ଆନ୍ଦୋଳନ କରିବା ସହ ଅନେକ ହିଂସାକାଣ୍ଡ ଓ ବର୍ବରୋଚିତ ଘଟଣା ଘଟାଇବାର ଅନେକ ଅଭିଯୋଗ ଶୁଣିବାକୁ ମିଳେ । ସେହି  ସମୟରେ ବନ୍ଧୁଗାଁ ନାରାୟଣପାଟଣା ଅଞ୍ଚଳର ଶହ ଶହ ଅଣ ଆଦିବାସୀ ଓ ସାହୁକାର ଭୟରେ ଗାଁ ଛାଡ଼ି  ଅବା ବିତାଡ଼ିତ ହୋଇ କୋରାପୁଟ ଆଖପାଖ ଅଞ୍ଚଳରେ ଆଶ୍ରୟ ନେଲେ । ଏବେ ବି କୋରାପୁଟ ଆଖପାଖରେ ଖାଲିଥିବା ବିଭିନ୍ନ ସରକାରୀ କୋଠାଘରମାନଙ୍କରେ ପଚିଶ୍ ତିରିଶ୍ ପରିବାର ଏକାଠି ଅତି ଦୟନୀୟ ଅବସ୍ଥାରେ ମୁଣ୍ଡ ଗୁଞ୍ଜି ପଡ଼ି ରହିଥିବା ଦୃଶ୍ୟ ଦେଖାଯାଏ । ସେମାନେ କୁଲିକାମ କରି ଅଧୁନା ଜୀବିକା ନିର୍ବାହ କରୁଛନ୍ତି ।

ଜମି ପ୍ରତି ମୋହ/ଆକର୍ଷଣକୁ ଛିଣ୍ଡାଇ ଜୀବିକା ଅନ୍ୱେଷଣରେ ସହରାଭିମୁଖି ଆଜି ଶିକ୍ଷିତ / ଅର୍ଦ୍ଧଶିକ୍ଷିତ ମନୁଷ୍ୟ । କିନ୍ତୁ ମାଟିକୁ ଜାବୋଡ଼ି ଧରି ତା' ସହ ଶ୍ୱାସପ୍ରଶ୍ୱାସ ଘେନୁଥିବା ମାଟିର ମଣିଷ ପାଇଁ ଏ ମାଟି ଯେ ମାଟି ନୁହେଁ, ତାର ମା' ସେ କଥା ବୁଝିବା ପାଇଁ ଯାନ୍ତ୍ରିକ ମନୁଷ୍ୟ ପାଖରେ ନା ଦରଦୀ ହୃଦୟଟେ ଅଛି ନା ସମୟ !

ଫେରନ୍ତି ରାସ୍ତାରେ ଅନେକ କିଛି ମୋତେ ଅସ୍ତବ୍ୟସ୍ତ କରୁଥିଲା । ଆଧ୍ୟାତ୍ମିକ ପୀଠ ଭାବେ ଶହ ଶହ ବର୍ଷ ଧରି ଖ୍ୟାତିଲାଭ କରିଥିବା ଏହି ବନ୍ଧୁଗାଁକୁ ପ୍ରକୃତି ଅଜାଡ଼ି ଦେଇଛି ନୈସର୍ଗିକ ସୁଷମା, ଅଥଚ ପ୍ରକୃତିଛଡ଼ା ହୋଇ କେହି ବିସ୍ଥାପିତ ତ କେହି ନିନ୍ଦିତ । ନିଜ ରାଜ୍ୟରେ ଅବହେଳିତ ହୋଇ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ଓ ଜଡ଼ିତ ହୋଇଥିବା ବନ୍ଧୁଗାଁର ବନ୍ଧୁର ପଥ ନିଶ୍ଚିତ ପୀଡ଼ାଦାୟକ । ପାର୍ଶ୍ୱ ପାହାଡ଼ରୁ ଶିଖା ତୋଳୁଥିଲା ଦୃଷ୍ଟି କଟୁ ପୋଡୁଚାଷ, ଅନେକ  ଦୀର୍ଘଶ୍ୱାସକୁ ଛାତିରେ ଭିଡ଼ିଧରି । ଗାଡ଼ିର ଦରଜା ବନ୍ଦ କରିବା ପୂର୍ବରୁ ଏକ ଦୀର୍ଘ ପ୍ରଶ୍ୱାସରେ ଭିଡ଼ି ନେଲି ଲେମନ୍ ଗ୍ରାସ୍‌ର ସୁଗନ୍ଧକୁ... ହାତ ଯୋଡ଼ିଲି ଅଗ୍ନିଗଙ୍ଗାମା'ଙ୍କୁ, ଶୀତଳ ରଖ ଏ ମାଟିକୁ, ଏ ମଣିଷକୁ, ଏ ପ୍ରକୃତିକୁ ।



ଗୃହ ସମସ୍ୟା

# ହସଖୁସିର ପରିବାର - ୨୩

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା। କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ। ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି। ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା। ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା। ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ। ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ। ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡ଼ିଆ ପୁସ୍ତକ ପ୍ରକାଶ ପାଇ ଆଦୃତ। ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍। 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ।
www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୋର ବୟସ ୬୦ ବର୍ଷ। ମୁଁ ଜଣେ ଗୃହିଣୀ। ମୋର ସ୍ୱାମୀଙ୍କ ବୟସ ୬୫ବର୍ଷ, ସେ ଜଣେ ଚାଷୀ। ଆମର ଦୁଇ ପୁଅ ଅଛନ୍ତି। ଆମର ନିଜର ଅଳ୍ପ ଚାଷ ଜମି ଥିଲା। ସେଥିରୁ ଯାହା କିଛି ରୋଜଗାର ହୁଏ ସେଥିରେ ଆମେ ଚଳୁ ଏବଂ ପିଲାମାନଙ୍କ ପାଠ ପଢାରେ ଖର୍ଚ୍ଚ କରୁ। ଆମର ସ୍ୱପ୍ନଥିଲା ଦୁଇ ପୁଅଙ୍କୁ ପାଠପଢାଇ ଉଚ୍ଚଶିକ୍ଷିତ କରାଇବା। ସେଥିପାଇଁ ଆମେ ବହୁ ପରିଶ୍ରମ କରି ସେମାନଙ୍କୁ ଉଚ୍ଚଶିକ୍ଷିତ କରାଇଲୁ। ସେମାନଙ୍କ ପାଠପଢାରେ ଆମର ଯାହା ଜମିବାଡି ଥିଲା ତାକୁ ମଧ ବନ୍ଧା ରଖିଲୁ। ଆମର ଭାବନା ଥିଲା ସେମାନେ ଚାକିରି କଲା ପରେ ଜମିବାଡି ସବୁ ମୁକୁଳାଇବେ। ହେଲେ ଏବେ ସେମାନେ ଉଚ୍ଚପଦବୀରେ ଚାକିରି କରି, ବିବାହ କରି ତାଙ୍କ ପରିବାର ସହ ସହରରେ ରହୁଛନ୍ତି। ସେମାନେ ବର୍ତ୍ତମାନ ଘରବାଡିକୁ ମୁକୁଳାଇବାକୁ ଚାହୁଁନାହାନ୍ତି, କି ଆମ ଦୁହିଁଙ୍କ ବିଷୟରେ କିଛି ଚିନ୍ତା କରୁନାହାଁନ୍ତି। ବରଂ ସେମାନେ କହୁଛନ୍ତି ଯେ ଆମର ଗାଁ ଜମିବାଡି କିଛି ଦରକାର ନାହିଁ କି ଆମେ ଗାଁରେ ରହିବାକୁ ଚାହୁଁନୁ। ତମେ ଦୁଇଜଣ ଆମ ପାଖରେ ୬ ମାସ ଲେଖାଏଁ ରହିବ ଆସ, ଆଉ ସେ ପୁଣି ମୁଁ ଗୋଟେ ପୁଅ ପାଖରେ ରହିଲେ ମୋ ସ୍ୱାମୀ ଆଉ ଗୋଟେ ପୁଅ ପାଖରେ ରହିବେ। ଆମେ ଦୁହେଁ ଏହି ବୃଦ୍ଧାବସ୍ଥାରେ ଅଲଗା ଏମିତି କିପରି ରହି ପାରିବୁ। ପିଲାମାନଙ୍କର ଆମ ପ୍ରତି ଏପରି ଚିନ୍ତାଧାରା ଦେଖି ବହୁତ କଷ୍ଟ ଲାଗୁଛି। ଏପରି ପରିସ୍ଥିତିରେ ଆମେ ଦୁହେଁ କ'ଣ କରିବା ଠିକ୍ ହେବ ଦୟାକରି ଟିକେ କୁହନ୍ତୁ।

**◣ଦୁର୍ଗେଶ୍ୱରୀ ଦେବୀ, ନରସିଂହପୁର**

### ସମାଧାନର ସୂତ୍ର

ଆପଣଙ୍କ ପରିବାରର ଏହି ଜଟିଳ ପରିସ୍ଥିତି ପାଇଁ ଆପଣ ନିଜେ ହିଁ ଦାୟୀ। କାରଣ ଆପଣ ପିଲାମାନଙ୍କର ପାଠପଢା ପାଇଁ ଭାବପ୍ରବଣ ହୋଇ ନିଜର ଜମିବାଡିକୁ ବନ୍ଧାରଖି ଦେଇଛନ୍ତି। ଯାହାକି ଏବେ ଆପଣଙ୍କର ମୁଣ୍ଡ ବ୍ୟଥାର କାରଣ ହେଇଛି। ପିଲାମାନେ ପାଠପଢି ଯୋଗ୍ୟ ହେଲାପରେ ନିଜ ଭବିଷ୍ୟତ ପାଇଁ ଏତେ ଧ୍ୟାନ ଦିଅନ୍ତି ଯେ ବାପା ମା'ଙ୍କ ପ୍ରତି ଥିବା କର୍ତ୍ତବ୍ୟକୁ ଭୁଲି ଯାଇଥାନ୍ତି। ଆମ ସମାଜରେ ଏହାର ଅନେକ ଉଦାହରଣ ରହିଛି। ଏଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ, ବରଂ ବିଚଳିତ ନ ହେଇ ଥଣ୍ଡାମୁଣ୍ଡରେ ଏହି ସମସ୍ୟା ସମାଧାନର ବାଟ ଖୋଜିବା ଦରକାର। ଆପଣ ଦୁଇପୁଅଙ୍କ ସହିତ ସକରାତ୍ମକ ମନୋଭାବରେ ଶ୍ରଦ୍ଧାର ସହିତ ଆଲୋଚନା କଲେ ସମାଧାନର କିଛି ବାଟ ବାହାରି ପାରିବ। ପରସ୍ପର ପ୍ରତି ଦୋଷାରୋପ ଅବା ଯୁକ୍ତିତର୍କ କଲେ ପରିସ୍ଥିତି ଆହୁରି ଜଟିଳ ହେବ। ବନ୍ଧା ପଡିଥିବା ଜମିବାଡିକୁ ମୁକୁଳାଇବା ପାଇଁ ଯେତିକି ଅର୍ଥ ଦରକାର ତାହା ପୁଅମାନଙ୍କ ପାଖରୁ ପାଇବା ପାଇଁ ଚେଷ୍ଟା କରାଯାଇପାରେ। ଯଦି ତାହା ସମ୍ଭବ ହେବ ନାହିଁ ତେବେ ଜମିର କିଛି ଅଂଶ ବିକ୍ରି କରି ଋଣ ପରିଶୋଧ କରିଦେବା ଉଚିତ୍ ହେବ। ଆପଣ ଦୁଇ ଜଣଙ୍କର ଚଳିବା ପାଇଁ ମାସକୁ ଯେତିକି ଟଙ୍କା ଦରକାର ତାହାର ବ୍ୟବସ୍ଥା କରାଯାଇ ପାରିଲେ ଆପଣଙ୍କର କିଛି ଅସୁବିଧା ରହିବ ନାହିଁ। ଯଦି ଜମିବାଡିରୁ ତାହା ରୋଜଗାର ହେବା ସମ୍ଭବ ନୁହେଁ, ତେବେ ପୁଅମାନଙ୍କ ପାଖରେ ରହିବା ଏକ ବିକଳ୍ପ ହେବ। ଭାବପ୍ରବଣ ହେଲେ ସମସ୍ୟା ସହଜରେ ତୁଟିବ ନାହିଁ। ଏଣୁ ପରିସ୍ଥିତିକୁ ଦେଖି ନିଜ ମନୋଭାବରେ ପରିବର୍ତ୍ତନ କରିବାକୁ ହେବ। ନମ୍ରତାର ସହିତ ଆଲୋଚନା କଲେ ବହୁ ଜଟିଳ ସମସ୍ୟା ବି ସମାଧାନ ହେଇପାରେ। ଏଣୁ ପ୍ରତିକ୍ରିୟାଶୀଳ ନ ହେଇ ବରଂ

ଦୃଢ ଆତ୍ମବିଶ୍ୱାସ ରଖି ଶୁଭେଚ୍ଛୁମାନଙ୍କ ସହିତ ଆଲୋଚନା କଲେ ହୁଏତ କିଛି ବାଟ ବାହାରି ପାରିବ ।

**ସମସ୍ୟା: ୨**

ମୁଁ ଯୁକ୍ତ ଦୁଇରେ ପଢୁଛି । 'ରେବତୀ' ମାଗାଜିନ୍‌ରୁ ଆପଣଙ୍କ ବିଷୟରେ ଜାଣି ଆପଣଙ୍କୁ ନିଜ ମନର କଥା ଲେଖୁଛି । ମୋର ବାପା ଜଣେ ସଫ୍ଟୱୟାର୍ ଇଂଜିନିୟର୍ ଓ ମାଆ ଜଣେ ଗୃହିଣୀ । ମାଆ ବହୁତ ଗପ, କବିତା ବି ଲେଖାଲେଖି କରନ୍ତି । ଉଭୟ ବାପା ଓ ମାଆ ବହୁତ ଭଲ ପାଠ ପଢୁଥିଲେ । ମୁଁ ତାଙ୍କର ସାନ ପୁଅ । ମୋର ଆଉ ଗୋଟିଏ ବଡ ଭାଇ ଓ ଭଉଣୀଟିଏ ଅଛନ୍ତି । ସେ ଦୁଇଜଣ ମଧ୍ୟ ବହୁତ ଭଲ ପାଠ ପଢନ୍ତି । ମୁଁ ଅଷ୍ଟମ ଶ୍ରେଣୀ ଯାଏଁ ବହୁତ ଭଲ ପାଠ ପଢୁଥିଲି । କିନ୍ତୁ ଏବେ ମୋର ପାଠ ଆଉ ଭଲ ହେଉନାହିଁ । ମୋର ବାପାମାଆଙ୍କର ଆଶା ଯେ ମୋର ଦୁଇ ବଡ ଭାଇଭଉଣୀଙ୍କ ପରି ମୁଁ ମଧ୍ୟ ସବୁବେଳେ ଭଲ ନମ୍ବର ରଖେ ଓ କ୍ଲାସରେ ପୋଜିସନ୍ ରଖେ । ମୁଁ ଦିନ ଭିତରେ ବହୁତ ସମୟ ବହି ଧରି ବସିଲେ ମଧ୍ୟ ପାଠରେ ମୋର ମନ ଲାଗେନି । କିନ୍ତୁ ମୋର ବାପାମାଆ ଚାହାଁନ୍ତି ମୁଁ ଦିନକୁ ଦଶରୁ ବାର ଘଂଟା ବସି ପାଠ ପଢେ ତେବେ ଯାଇ ମୋ ଭବିଷ୍ୟତ ସୁରକ୍ଷିତ ହେବ । ଏପରିକି ସେମାନେ ମୋତେ ଖେଳିବାକୁ ବା କାହା ସହିତ ମିଶିବାକୁ ମଧ୍ୟ ଛାଡ଼ନ୍ତିନି । ପାଠକୁ ଛାଡିଦେଲେ ଅନ୍ୟ କୌଣସି ବିଷୟରେ ସେମାନେ କଥା ହୁଅନ୍ତି ନାହିଁ । ମୁଁ ବି ବହୁତ ଚେଷ୍ଟା କରୁଛି ଭଲ ପାଠ ପଢିବାକୁ । ହେଲେ ଧୀରେ ଧୀରେ ମୋର ପାଠ ଉପରୁ ଆଗ୍ରହ କମି ଯାଉଛି । ମୁଁ ଯାହା ପଢୁଛି ସବୁ ଭୁଲି ଯାଉଛି । ମୋର ଭବିଷ୍ୟତ କଣ ହେବ ଭାବିଲା ବେଳକୁ ମୋତେ ଡର ଲାଗୁଛି । ମୁଁ ଜାଣି ପାରୁନି କଣ କରିବି । ମୋତେ ଟିକେ ରାସ୍ତା ଦେଖାନ୍ତୁ ।


▼ସ୍ୱାଗତିକା ମିଶ୍ରଙ୍କ ହସଖୁସିର ପରିବାର

**◣ରଜନୀଶ ଚୌଧୁରୀ,** ଭୁବନେଶ୍ୱର

**ସମାଧାନର ସୂତ୍ର**

ବହୁତ ଖୁସି ଲାଗୁଛି ଯେ ତୁମେ ଯୁକ୍ତ ଦୁଇରେ ପଢିଲେ ବି ଓଡିଆ ମାଗାଜିନ୍ ପଢୁଛ । କାରଣ ଆଜିକାଲିକା ପିଲାମାନଙ୍କୁ ନା ବହି ପଢିବାରେ ଇଚ୍ଛା ଅଛି ନା ସମୟ ଅଛି । ତୁମେ କିନ୍ତୁ ଓଡିଆ ମାଗାଜିନ୍ 'ରେବତୀ' ପଢି ନିଜର ସମସ୍ୟା ବିଷୟରେ ଆମକୁ ଲେଖି ଜଣାଇଛ । ଯାହା ନିହାତି ଭାବରେ ପ୍ରଶଂସନୀୟ । କାରଣ ଅନେକ ବଡ ଲୋକମାନଙ୍କର ମନ ଭିତରେ ଅଶାନ୍ତି ଓ ସମସ୍ୟା ଥିଲେ ବି ସେମାନେ ତାହା ଅନ୍ୟକୁ କହିବାକୁ ପସନ୍ଦ କରନ୍ତି ନାହିଁ । କିନ୍ତୁ ତୁମ ମନ ଭିତରେ ଚାଲିଥିବା ଅଶାନ୍ତିର ସମାଧାନ ପାଇଁ ତୁମେ ଆମକୁ ଜଣାଇବା ହିଁ ତୁମର ଦୃଢ ମନୋବଳର ପରିଚୟ ଦିଏ । ନିଜ ଉପରେ ଭରସା ନ ଥିଲେ ଅବା ସ୍ଥିତପ୍ରଜ୍ଞ ନ ହେଲେ ଜଣେ ଏପରି ସିଦ୍ଧାନ୍ତ ନେଇ ପାରିବ ନାହିଁ । ଏଣୁ ପାଠପଢା ବିଷୟରେ ତୁମର ଆଦୌ ବିବ୍ରତ ହେବା ଉଚିତ ନୁହେଁ । ସବୁ ବାପାମାଆମାନଙ୍କର ଯେପରି ନିଜ ପିଲାମାନଙ୍କର ପାଠପଢାରେ ସଫଳତା ଦେଖିବାକୁ ଆଗ୍ରହ ଥାଏ ଠିକ୍ ସେହିପରି ତୁମ ବାପାମାଆଙ୍କର ବି ତୁମ ପାଇଁ ଅନେକ ସ୍ୱପ୍ନ ରହିଛି । ତୁମେ ଆଗରୁ ଭଲ ପଢୁଥିବାରୁ ସେମାନେ ତୁମର ଅଧିକରୁ ଅଧିକ ସଫଳତା ଦେଖିବାକୁ ଚାହୁଁଛନ୍ତି । ତେଣୁ ତୁମେ ସେଥିରେ ବିବ୍ରତ ନ ହେଇ ନିଜର ପାଠପଢାରେ ଧ୍ୟାନ ଦିଅ । ଅତୀତରେ ଦିନକୁ ଦଶରୁ ବାର ଘଂଟା ପଢୁଥିବାର ତୁମେ ନିଜେ ଲେଖିଛ । କିନ୍ତୁ ଏବେ କେଉଁ କାରଣରୁ ତୁମର ପାଠପଢାରେ ଆଗ୍ରହ କମି ଯାଉଛି ଅବା ତୁମର କିଛି ମନେ ରହୁନାହିଁ ତାହା ତୁମେ ନିଜେ ଜାଣିବାକୁ ଚେଷ୍ଟା କର । କାରଣ ଏହା କେବଳ ତୁମେ ନିଜେ ହିଁ ଖୋଜି ପାରିବ ଓ ଜାଣି ପାରିବ । ଏହି କାରଣଟି ଖୋଜି ପାରିଲେ ହିଁ ତୁମେ ତାହାର ପ୍ରତିକାର ନିଶ୍ଚିତ ଭାବରେ କରି ପାରିବ । ମନ ଭିତରେ ଯଦି ଆମର ଏଣୁ ତେଣୁ ଭାବନା ରୁହେ ତେବେ ନିଶ୍ଚିତରୂପେ ଆମର ସ୍ମରଣ ଶକ୍ତି କମିଯିବ । ତୁମର ଭବିଷ୍ୟତ ତୁମ ନିଜ ଉପରେ ହିଁ ନିର୍ଭର କରେ । ଏଣୁ ଅନ୍ୟ କିଛି କଥା ନ ଭାବି ଏକାଗ୍ର ଚିତ୍ତରେ ପାଠପଢାରେ ଧ୍ୟାନ ଦିଅ । ଯଦି ତୁମ ଘରେ କେହି ତୁମ ସହିତ ପାଠପଢା ବ୍ୟତୀତ ଅନ୍ୟ କୌଣସି ବିଷୟରେ କଥା ହେଉ ନାହାନ୍ତି ବୋଲି ତୁମେ ଭାବୁଛ ତେବେ ତୁମେ ନିଜେ ଯାଇ ସେମାନଙ୍କ ସହିତ ମନଖୋଲି କଥା ହୋଇ ନିଜର ମନର ଭାବକୁ ପ୍ରକାଶ କର । ତୁମେ ହିଁ କେବଳ ନିଜେ ଏହି ସମସ୍ୟାର ସମାଧାନ କରି ପାରିବ ।

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ଗର୍ଭାବସ୍ଥାରେ ନିଦ୍ରାହୀନତା




**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୭୫୩୦୧୨
ଫୋନ : ୯୪୩୭୦୫୫୦୦୭


ନିଦ ଏମିତି ଗୋଟିଏ ଜିନିଷ, ଯାହା ସମସ୍ତଙ୍କ ଜୀବନରେ ଖୁବ୍ ଜରୁରୀ ହୋଇଥାଏ । ଜଣ ଜଣଙ୍କୁ ଏତେ ନିଦଲାଗେ ଯେ, ତାଙ୍କ ପାଇଁ ତୂଳୀତଳ୍ପ ଶଯ୍ୟାର ମଧ୍ୟ ପ୍ରୟୋଜନ ହୁଏ ନାହିଁ, କେବଳ ତକିଆ ଛୁଇଁଲେ ହିଁ ସେମାନେ ଘୁଂଗୁଡ଼ି ମାରିବା ଆରମ୍ଭ କରିଦିଅନ୍ତି । ସେମାନେ ଯେକୌଣସି ସମୟରେ, ଯେ କୌଣସି ସ୍ଥାନରେ ଏବଂ ଯେକୌଣସି ପରିସ୍ଥିତିରେ, ଗାଡ଼ି ଚଲାଇବା ସମୟରେ, ବସ୍‌ରେ, ଟ୍ରେନ୍‌ରେ ବସିବା ସମୟରେ କିମ୍ବା କାମ କରୁଥିବା ସମୟରେ କାର୍ଯ୍ୟାଳୟରେ ଚଉକିରେ ବସି ବସି ଆରାମରେ ଶୋଇପଡ଼ନ୍ତି । ଆଉ କେତେ ଜଣ ତ' ଏମିତି ନିଦୁଆ ଯେ, ଠିଆ ଠିଆ, ଢୁଳେଇ ପଡ଼ନ୍ତି । ଆଉ କେତେଜଣଙ୍କ ଜୀବନରେ ସଫା ସୁନ୍ଦର ବିଛଣା ଚଦର, ଗଦି, ତୂଳୀ ତଳ୍ପ ଶଯ୍ୟା, ସୁନ୍ଦର ପରିବେଶ ତଥା ନିଦ ମାଉସୀର ଗୀତ ବି ବୋଲ ମାନେ ନାହିଁ ଏବଂ ସେମାନେ ସାରା ରାତି ଅନାଇ ଥାଆନ୍ତି ଓ ଛାତର କଡ଼ିବରଗା ଗଣୁଥାନ୍ତି ।

ଏମିତିକି ଜଗତର ନାଥ, ଜଗନ୍ନାଥଙ୍କର ରାତିରେ ପହୁଡ଼ ପଡ଼ିଲେ ମଧ୍ୟ ନିଦ ଆସେ ନାହିଁ । ଯାହାର ଇଙ୍ଗିତମାତ୍ରେ ସାରା ପୃଥିବୀ ଆଖିବୁଜି ଶୋଇପଡ଼ନ୍ତି, ତାଙ୍କର ସୁଖ ନିଦ ପାଇଁ ପୁଣି ନିଦ୍ରା ଦେବୀଙ୍କୁ ଆବାହନ କରିବାକୁ ପଡ଼ିଥାଏ ଏବଂ ସେଥିପାଇଁ ସେ କାଳେ ବଡ଼ସିଂହାର ବେଶପରେ ଗୀତ ଗୋବିନ୍ଦ ପାଟପିନ୍ଧି, ଗୀତଗୋବିନ୍ଦ ଶୁଣି ଶୁଣି ପହୁଡ଼ ଯାଆନ୍ତି ।

ତେବେ ଯେଉଁମାନେ ସଂଗେ ସଂଗେ ନିଦରେ ଶୋଇପଡ଼ନ୍ତି ତାଙ୍କ ପାଇଁ କିଛି ଅସୁବିଧା ହୁଏ ନାହିଁ, କିନ୍ତୁ ଯେଉଁମାନଙ୍କ ପାଇଁ ନିଦ, କୋଶ କୋଶ ଦୂରକୁ ଚାଲିଯାଏ, ଏବଂ ରାତିସାରା ସେମାନେ ଆଖିର ପଲକ ନ ପକାଇ କଡ଼ିବରଗା ଗଣି, ଛାତକୁ ଚାହିଁ ରହିଥାନ୍ତି, ତାଙ୍କ ପାଇଁ କି ଉପାୟ ଅଛି ?

ସାଧାରଣ ମଣିଷଙ୍କ କଥା ତ' ଦୂରର କଥା, ଏବେ ଆମେ ଆସିବା ଗର୍ଭବତୀ ମହିଳାମାନଙ୍କ ପାଖକୁ, ଯେଉଁମାନଙ୍କୁ ଗର୍ଭାବସ୍ଥାରେ ନିଦ ହୋଇ ନ ଥାଏ । ଅଧିକାଂଶ ଗର୍ଭବତୀ ମହିଳା, ନିଦ୍ରାହୀନତା ରୋଗ ଭୋଗିଥାନ୍ତି । ସାଧାରଣତଃ ଆମେ ଗର୍ଭାବସ୍ଥାରେ ଗର୍ଭବତୀମାନଙ୍କୁ ଦିନକୁ ୮ ରୁ ୧୦ ଘ: ଶୋଇବାକୁ ପରାମର୍ଶ ଦେଇଥାଉ । ଦିନ ବେଳା ଲଂଚ ଖାଇସାରି ୨ ଘଣ୍ଟା ଓ ରାତିରେ ୮ ଘଣ୍ଟା ଶୋଇଲେ ମା' ଓ ଶିଶୁ ଉଭୟ ସୁସ୍ଥ ରହନ୍ତି । ଏହି ନିଦ୍ରାର ଚାହିଦାକୁ ଅନୁଧ୍ୟାନ କରି ଜଣାଯାଇଛି ଯେ, ଶତକଡ଼ା ୮୮ ଭାଗ

ଫଟୋ ସୌଜନ୍ୟ : ଗୁଗୁଲ୍





ନିଦର ଢାଞ୍ଚା ଗର୍ଭାବସ୍ଥାରେ ବଦଳିଯାଏ । ଏଥି ସହିତ ନିଦ ହେବାର ସମୟ, ନିଦ୍ରାର ଗଭୀରତା, ଦିବସ ନିଦ୍ରା ଆଦି ମଧ୍ୟ ବଦଳି ଯାଇଥାଏ । ବିଶେଷ ଭାବରେ ଗର୍ଭର ପ୍ରଥମ ତିନିମାସ ମଧ୍ୟରେ ନିଦ୍ରାର ଗଭୀରତା, ନିଦ୍ରାର ସମୟ ଓ ଗୁଣାତ୍ମକ ମାନ କମିଯାଏ ।

ତେବେ ଗର୍ଭାବସ୍ଥାର ଦ୍ୱିତୀୟ ପର୍ଯ୍ୟାୟରେ ନିଦ ସାଧାରଣ ଅବସ୍ଥାକୁ ଆସିଥିଲେ ମଧ୍ୟ ତୃତୀୟ ପର୍ଯ୍ୟାୟରେ ପୁଣି ନିଦ୍ରାହୀନତା ଦେଖା ଦେଇଥାଏ, ଏହା ସହ ଦିନବେଳା ମଧ୍ୟ ନିଦୁଆ ନିଦୁଆ ଲାଗିଥାଏ ଏବଂ ଭଲ ନିଦ ହୋଇନଥାଏ ।

**ଏହାର କାରଣ:** ଗର୍ଭାବସ୍ଥାର ପ୍ରଥମ ପର୍ଯ୍ୟାୟରେ ନିଦ୍ରାହୀନତାର ମୁଖ୍ୟ କାରଣ ହେଉଛି ବାନ୍ତିବାନ୍ତି ଲାଗିବା ଓ ବାନ୍ତି ହେବା, ଖାଇବାକୁ ଇଚ୍ଛା ନ ହେବା, ମୁଣ୍ଡ ବୁଲାଇବା ଇତ୍ୟାଦି (ନସିଆ ଏବଂ ମର୍ଣ୍ଣିଂ ସିକ୍‌ନେସ୍) । ଏଇ ସମୟରେ ଖାଇବାକୁ ଇଚ୍ଛା ହେଉନଥିବାରୁ, ଭଲ ପୋଷକ ତତ୍ତ୍ୱ ଖାଇହୁଏ ନାହିଁ । ପେଟ ନପୂରିବାରୁ ନିଦ ନ ହୋଇ ଦୁର୍ବଳ ଲାଗେ । ଏଇ ସମୟରେ ଖୁବ୍ ଶୀଘ୍ର ପରିସ୍ରା ଲାଗିଥାଏ । ତେଣୁ ନିଦରେ ବ୍ୟାଘାତ ଘଟିଥାଏ ।

ଗର୍ଭାବସ୍ଥାର ଦ୍ୱିତୀୟ ପର୍ଯ୍ୟାୟରେ ନିଦ୍ରାହୀନତା କମ୍ ଦେଖାଯାଏ । ଗର୍ଭାବସ୍ଥାର ତୃତୀୟ ପର୍ଯ୍ୟାୟରେ, ମୁଣ୍ଡ ବା ଗୋଡ଼ ତଳକୁ ଥିବାରୁ, ରାତିରେ ବାରମ୍ବାର ପରିସ୍ରା ଲାଗିଥାଏ, ତେଣୁ ନିଦ ଭାଙ୍ଗି ଯାଇଥାଏ । ଏହାଛଡ଼ା ଛାତି ବା ଅଣ୍ଟାବ୍ୟଥା ଏବଂ ଗୋଡ଼ହାତରେ ବ୍ୟଥା ହେବା ତଥା ପେଟ ଭିତରେ ଶିଶୁଟି ବାରମ୍ବାର ଘୂର୍ଣ୍ଣନ କରୁଥିବାରୁ, ରାତିରେ ଭଲ ନିଦ ହୋଇ ନପାରି ନିଦ ଭାଙ୍ଗି ଯାଇଥାଏ । ତେଣୁ ସେଥିପାଇଁ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ଠାରୁ ପରାମର୍ଶ ନେଇ କ୍ୟାଲ୍‌ସିୟମ୍, ଭିଟାମିନ୍ 'ଡି' ଆଦି ଖାଇବାକୁ ଦେବା ଉଚିତ ।

## କେଉଁ ପୋଜିସନ୍‌ରେ ଶୋଇବେ

ସାଧାରଣ ଅବସ୍ଥାରେ ମହିଳାଟିଏ ଯେକୌଣସି ପୋଜିସନ୍‌ରେ ଶୋଇ ପାରିବେ । କିନ୍ତୁ ଗର୍ଭାବସ୍ଥାରେ ଚିତ୍ ହୋଇ ଶୋଇବା ଉଚିତ ନୁହେଁ । ଏହାଦ୍ୱାରା ବର୍ଦ୍ଧିତ ଜରାୟୁ ଓ ଗର୍ଭସ୍ଥ ଶିଶୁର ଚାପ, ପେଟର ବୃହଦ୍ ଧମନୀ ଉପରେ ପଡୁଥିବାରୁ ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହ ଶିଥିଳ ହୋଇଯାଏ । ତେଣୁ ରକ୍ତଚାପ କମିଯାଏ । ସେଥିପାଇଁ ସବୁଠାରୁ ଭଲ ପୋଜିସନ୍ ହେଉଛି ବାଁ କଡ଼ ବା' ଡାହାଣ କଡ଼ ମାଡ଼ି ଶୋଇବା । ଉଚ୍ଚରକ୍ତଚାପ ବେଳେ ସଂପୂର୍ଣ୍ଣ ବିଶ୍ରାମ ନେବାକୁ ପଡ଼ିଥାଏ, ତେଣୁ ଏହି ସମୟରେ ବାଁ କଡ଼ ମାଡ଼ି ଶୋଇଲେ ବୃକ୍‌କକୁ ରକ୍ତ ପ୍ରବାହ ଠିକ୍ ରହିଥାଏ ଏବଂ ପରିସ୍ରା ମଧ୍ୟ ଠିକ୍ ହୋଇଥାଏ ।

ତେବେ ଭଲ ନିଦ ହେବା ପାଇଁ ସକାଳୁ ଓ ସନ୍ଧ୍ୟାରେ କିଛି ସମୟ ଚାଲିବା ଦରକାର । ଯୋଗ ଓ ପ୍ରାଣାୟମ କରିବା ଆହୁରି ଭଲ- ଦିନରେ ଶୋଇପଡ଼ିଲେ, ରାତିରେ ନିଦ ହୁଏ ନାହିଁ । ତେଣୁ ଦିନରେ କେବଳ ବିଶ୍ରାମ ନେଇ ରାତିରେ ଶୋଇବା ଉଚିତ । ରାତିରେ ପୁରା ପେଟ ନ ଖାଇ, ଶୀଘ୍ର ଡିନର ଶେଷକରି ଶୋଇବା ଭଲ । ଏହାଛଡ଼ା ମାନସିକ ଓ ଶାରୀରିକ ଚାପ, ସ୍ନାୟୁର ଉତ୍ତେଜନାକାରୀ ପାନୀୟ ଯଥା ରାତିରେ ଚା' ଓ କଫି ସେବନ, ଧୂମପାନ ଆଦି କରିବା ଉଚିତ୍ ନୁହେଁ ।

- ଭିଟାମିନ୍ ବି (ଥାୟାମିନ୍) ବା ବିକମ୍ପ୍ଲେକ୍ସ ଖାଆନ୍ତୁ, ଯାହା ସ୍ନାୟୁର ସ୍ୱାସ୍ଥ୍ୟ ଠିକ୍ ରଖିଥାଏ, ଭାତ, ଡାଲି, ଖାଇଲେ ବା' ବି.କମ୍ପ୍ଲେକ୍ସ ବଟିକା ଖାଇଲେ ନିଦ ହୋଇଥାଏ ।
- ରାତିରେ ଶୋଇବାବେଳକୁ ୧ ଗ୍ଲାସ ଦୁଧ ସହ ୧ ଚାମଚ ମହୁ ଖାଇବା ଉଚିତ । ଏହାଦ୍ୱାରା ନିଦ ହୋଇଯାଏ ।
- ପ୍ରଚୁର ଦହି ଖାଇଲେ ଭଲ ନିଦ ହୁଏ ।

ଗର୍ଭାବସ୍ଥାରେ ମାନସିକ ଚାପକୁ ଏଡ଼ାଇ ଦେଇ ଆନନ୍ଦ ମନରେ ଏବଂ ସୁଖମୟ ବାତାବରଣରେ ରୁହନ୍ତୁ । ଦେଖନ୍ତୁ, ଆପଣ ନିଦ୍ରାହୀନତାକୁ ଏଡ଼ାଇ ଯିବେ ଏବଂ ରାତିରେ ସୁଖ ନିଦରେ ଶୋଇ ପଡ଼ିବେ ।

# ଓଡ଼ିଆଘରର ଖାଦ୍ୟ ପସରା



# ନୂଆ ସ୍ୱାଦର ରୋଷେଇ






**ସଂଗୀତା ଦାସ**

ରାଜେନ୍ଦ୍ର ନଗର,ମଧୁପାଟଣା, କଟକ-୭୫୩୦୧୩
ଫୋନ: ୯୩୪୮୪୬୮୬୭୭


ଫଟୋ ସୌଜନ୍ୟ : ଲେଖିକା

## ଆଳୁ କୁର୍‌କୁରେ

**ଆବଶ୍ୟକ ସାମଗ୍ରୀ :** ବଡ଼ ସିଝା ଆଳୁ ୨ଟି, ୨ ଚାମୁଚ୍ ଚାଉଳଗୁଣ୍ଡ, ଚାମୁଚ ଜୁଆଣି, କଞ୍ଚା ଲଙ୍କା, ଅଦା କଟା, ରସୁଣ କଟା, ଅଳ୍ପ ହଳଦୀଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସିଝା ଆଳୁରୁ ଚୋପା ଛଡ଼େଇ ଦିଅନ୍ତୁ । ତାପରେ ସେଥିରେ ଚାଉଳଗୁଣ୍ଡ, ହଳଦୀଗୁଣ୍ଡ, ଜୁଆଣି, କଂଚାଲଙ୍କା, କଟା ରସୁଣ, କଟା ଅଦା, ଲୁଣ ଓ ଏକ ଛୋଟ ଚାମୁଚ ତେଲ ଦେଇ ଚକଟି ଦିଅନ୍ତି । ତାପରେ ଅନ୍ୟ ଏକ ପାତ୍ରରେ ତେଲ ଗରମ କରନ୍ତୁ । ଗ୍ୟାସ୍ ମିଡ଼ିଆମ୍ ଆଂଚରେ ରଖନ୍ତୁ । ତେଲ ଗରମ ହେଲା ପରେ ତାକୁ ଲମ୍ୱା ଲମ୍ୱା କରି ଛାଣି ଦିଅନ୍ତୁ । ତାପରେ ପ୍ରସ୍ତୁତ ହେଇଯିବ ଆଳୁ କୁର୍‌କୁରେ ।

## ପଣସ ମଂଚୁରିଆନ୍

**ଆବଶ୍ୟକ ସାମଗ୍ରୀ :** କଞ୍ଚା ପଣସ ୨୫୦-ଗ୍ରାମ, କର୍ଣ୍ଣଫ୍ଲୋର୍ ୧୦୦ଗ୍ରାମ, ଅଦା ରସୁଣ ପେଷ୍ଟ, ପିଆଜ କଟା, ରସୁଣ କଟା, ଅଦା କଟା, କଂଚା ଲଙ୍କା, ଟମାଟୋ ସସ୍, ଚିଲି ସସ୍, ଗୋଲମରିଚ ଗୁଣ୍ଡ, ପିଆଜ ଷଣ୍ଢା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଟା ପଣସ ଶିଝେଇ ଦିଅନ୍ତୁ । ତାପରେ ସେଥିରୁ ପାଣି ବାହାର କରିଦିଅନ୍ତୁ । ତାପରେ ସେଥିରେ ଅଦା ରସୁଣ ପେଷ୍ଟ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, କର୍ଣ୍ଣଫ୍ଲୋର୍, ସ୍ୱାଦ ଅନୁସାରେ ଲୁଣ ଦେଇ ଚକଟି ଦିଅନ୍ତୁ । ଏବେ ତେଲ ଗରମ କରନ୍ତୁ । ତେଲ ଗରମ ହେଲା ପରେ ସେଥିରେ ଗୋଲ ଗୋଲ କରି ଛାଣି ଦିଅନ୍ତୁ । ଅନ୍ୟ ଏକ ପାତ୍ରରେ ତେଲ ଗରମ କରନ୍ତୁ । ସେଥିରେ ପିଆଜ ପକାନ୍ତୁ । ଟିକେ ଭାଜିହେଲା ପରେ ଅଦା କଟା, ରସୁଣ କଟା, କଂଚାଲଙ୍କା ପକାଇ ଭାଜି ଦିଅନ୍ତୁ, ଭାଜି ହୋଇଗଲା ପରେ ସେଥିରେ ଛଣା ହୋଇ ରହିଥିବା ପଣସ ପକାନ୍ତୁ । ଏଥର ସେଥିରେ ସ୍ୱାଦ ଅନୁସାରେ ଲୁଣ, ଟମାଟୋ ସସ୍ ଚିଲି ସସ୍ ପକାଇ ଗୋଳେଇ ଦିଅନ୍ତୁ । ଶେଷରେ ଏକ ଚାମୁଚ କର୍ଣ୍ଣଫ୍ଲୋର୍ ଅଳ୍ପ ପାଣି ଦେଇ ଗୋଲମରିଚ ଗୁଣ୍ଡ ଓ ପିଆଜ ଷଣ୍ଢା ପକେଇ ବାହାର କରି ଦିଅନ୍ତୁ । ପ୍ରସ୍ତୁତ ହେଇଗଲା ପଣସ ମଂଚୁରିଆନ୍ ।



# ସମକାଳ ଫ୍ୟାଶନ



# ସମକାଳ ଫ୍ୟାଶନ୍




**ସ୍ୱାଗତିକା ସେଠୀ**

କେଶରୀ ଏନ୍‌କ୍ଲେଭ୍, ଏ-୧୦୫

ୟୁନିଟ-୮, ନୂଆପଲ୍ଲୀ, ଭୁବନେଶ୍ୱର-୧୨

ଫୋନ୍:୯୪୩୭୮୧୫୫୪୦


**ସମକାଳ ଫ୍ୟାଶନ୍ ନାରୀ ଓ ପୁରୁଷ ଉଭୟଙ୍କୁ ଦେଇଥାଏ ନୂଆ 'ଲୁକ୍' ଓ ଗେଟ୍‌ଅପ୍ । କିଏ ବା ନିଜର ବ୍ୟକ୍ତିତ୍ୱ ଓ ଚେହେରାକୁ ଆକର୍ଷଣୀୟ କରିବାକୁ ନଚାହେଁ ! ଆପଣମାନଙ୍କୁ ଏବେ ବିଶେଷଜ୍ଞା ସ୍ୱାଗତିକା ସେଠୀ ଦେବେ ନୂଆ ସୂତ୍ର । ଫ୍ୟାଶନ୍‌କୁ ନେଇ ପ୍ରତିଥର ସେ କହିବେ ଗୁରୁତ୍ୱପୂର୍ଣ୍ଣ କଥା ।**



'ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।' କବିବର ରାଧାନାଥ ରାୟଙ୍କର କାଳଜୟୀ ଉକ୍ତିଟିର ସତ୍ୟତା ସମସ୍ତେ ଉପଲବ୍ଧି କରିଛନ୍ତି । ସୌନ୍ଦର୍ଯ୍ୟ କାହାକୁ ବା ଭଲ ନଲାଗେ । ପ୍ରକୃତି, ମାଟି, ପାଣିପାଗ, ପଶୁପକ୍ଷୀ, ମଣିଷ, ତା'ର ମନୋଭାବ, ଚାଲିଚଳଣ, ପରିଧାନ ସବୁଥିରେ ସୌନ୍ଦର୍ଯ୍ୟ ଅଛି ।

ଆମେ ଶୁଣି ଆସିଛେ, 'ଭେକ ଦେଖି ଭିକ' । ମାନେ ଆମ ପୋଷାକ ପରିଚ୍ଛଦରୁ ଆମ ବ୍ୟକ୍ତିତ୍ୱର ଝଲକ ମିଳିଥାଏ । ଏହା କେବଳ ଆମ ଓଡିଶା ନୁହେଁ ସାରା ପୃଥିବୀ ବିଶ୍ୱାସ କରେ । ଏହାକୁ ନେଇ ପୃଥିବୀର କୋଣ ଅନୁକୋଣରେ ଅନେକ କାହାଣୀ ଓ ଉପାଖ୍ୟାନ ଶୁଣିବାକୁ ମିଳେ । ସେଇଥି ପାଇଁ ତ ମଣିଷ ପରିଧାନରେ ନିଜର ମୌଳିକ ଆବଶ୍ୟକତା ପୂରଣ କରି ସାରିବା ପରେ ତାକୁ ସଜାଇବାକୁ ଆରମ୍ଭ କଲା । ଆଉ ଏମିତି ହିଁ ଜନ୍ମ ନେଲା ଫ୍ୟାଶନ୍ । ପ୍ରସିଦ୍ଧ ସଙ୍ଗୀତଜ୍ଞ ଓ ଫ୍ୟାଶନ୍ ଡିଜାଇନର୍ ଫାରେଲ୍ ୱିଲିୟମ୍‌ସ୍‌ଙ୍କ ମତରେ, 'ଫ୍ୟାଶନ୍ ତୁମ ବ୍ୟକ୍ତିତ୍ୱକୁ, ତୁମେ ଏଇ ମୁହୁର୍ତ୍ତରେ କିପରି ଅନୁଭବ କରୁଛ, ତୁମେ କୁଆଡେ ଯାଉଛ ଆଦିକୁ ବିନା ବାକ୍ୟରେ ପ୍ରକାଶ କରେ ।'

ଅନେକ ସମୟରେ ସାଧାରଣରେ ଲୋକେ ଫ୍ୟାଶନ୍ ଓ ଷ୍ଟାଇଲ୍ ଶବ୍ଦକୁ ନେଇ ଦ୍ୱନ୍ଦ୍ୱରେ ପଡନ୍ତି । ଯେକୌଣସି ଡିଜାଇନ୍ ହେଉଛି ଷ୍ଟାଇଲ୍ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ସମୟରେ ବ୍ୟବହାର କରା ଯାଉଥିବା ଷ୍ଟାଇଲ୍ 'ଫ୍ୟାଶନ୍'ରେ ପରିଣତ ହୁଏ । ଉଦାହରଣ ସ୍ୱରୂପ, ଆମେ ବେଲ୍ ବଟମ୍‌କୁ ନେଇ ପାରିବା । ବେଲ୍ ବଟମ୍ ଏକ ଷ୍ଟାଇଲ୍ ହୋଇଥିବା ସ୍ଥଳେ ସତୁରୀ ଦଶକରେ ଏହା ଫ୍ୟାଶନ୍‌ରେ ଥିଲା । ଫ୍ୟାଶନ୍ ପରିବର୍ତ୍ତନଶୀଳ, ହେଲେ ଷ୍ଟାଇଲ୍ ସ୍ଥିର । କେବଳ ଆଜିର ଯୁବପିଢି ନୁହେଁ ବରଂ ସମସ୍ତ ବର୍ଗର ଲୋକ ଫ୍ୟାଶନ୍ ପ୍ରତି ଆକୃଷ୍ଟ ଓ ସଚେତନ । ହେଲେ ଆମେ ସାମ୍ପ୍ରତିକ କୌଣସି ଫ୍ୟାଶନ୍‌କୁ ଅନ୍ଧ ଭାବରେ ଗ୍ରହଣ ନକରି ନିଜକୁ ସୁହାଇଲା ପରି ପରିଧାନ ବ୍ୟବହାର କରିବା ଉଚିତ । ଏହା ଦ୍ୱାରା ଆମେ ନିଜର ବ୍ୟକ୍ତିଗତ ବୈଶିଷ୍ଟ୍ୟ ବଜାୟ ରଖି ପାରିବା ।

ଭୌଗୋଳିକ ସ୍ଥିତି ଅନୁସାରେ ଓଡିଶାରେ ଗ୍ରୀଷ୍ମ ଭାରି ପ୍ରଖର । ଏମିତି ସମୟରେ ଗ୍ରୀଷ୍ମ ପ୍ରବାହରୁ ନିଜକୁ ସୁରକ୍ଷିତ ରଖିବାକୁ ହୋଇଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଉପଦେଶ ଅନୁଯାୟୀ ବାହାରକୁ ଯିବା ସମୟରେ ହାଲୁକା ରଙ୍ଗର ଢିଲା କପାସୂତାର ପୁରା ଲୁଗା ପିନ୍ଧିବା ଉଚିତ୍ । ଏଇଥି ପାଇଁ ମନକୁ ଆସେ ଏମିତି ସମୟରେ ଜଣେ କିପରି ଫ୍ୟାଶନେବୁଲ୍ ଦେଖାଯିବ ।

ଗ୍ରୀଷ୍ମରେ ହାଲୁକା ରଙ୍ଗର ଢିଲା ପୋଷାକ ପିନ୍ଧି ମଧ୍ୟ ଜଣେ ଫ୍ୟାଶନେବୁଲ୍ ଦେଖା ଯାଇ ପାରିବ । ଏହି ଋତୁରେ କପା, ଲିନେନ୍, ରେୟନ୍ ଆଦି କପଡାର ପୋଷାକ ଖୁବ୍ ଆରାମ ଦାୟକ । ଦିନବେଳେ ଖରାରୁ ରକ୍ଷା ପାଇବା ପାଇଁ ନାରୀମାନେ ପୁରା ହାତ ଥିବା ସାର୍ଟ, କୁର୍ତା ସହ ପଲାଜୋ, ପଟିଆଲା, ଫର୍‌ମାଲ୍ ଟ୍ରାଉଜର୍, ଜିନ୍ସ, ଲେଗିଙ୍ଗ୍, ସ୍କର୍ଟ ଆଦି ପିନ୍ଧି ପାରିବେ । ଆଜିକାଲି ମ୍ୟାକ୍ସି ଡ୍ରେସ୍‌ର ଆଦର ବେଶ୍ ଅଛି । ସୂତା ଶାଢି ମଧ୍ୟ ଗ୍ରୀଷ୍ମ ପାଇଁ ଏକ ଆରାମଦାୟକ ଓ ସୁନ୍ଦର ପରିଧାନ । ବିଶ୍ୱ ପ୍ରସିଦ୍ଧ ଓଡିଶା ହସ୍ତତନ୍ତକୁ ଏଥିରେ ପୂର୍ଣ୍ଣ ଉପଯୋଗ କରା ଯାଇପାରିବ । ସନ୍ ଗ୍ଲାସେସ୍, ହ୍ୟାଟ୍, ଛତା, ସ୍କାର୍ଫ ଆଦିର ବ୍ୟବହାର ଖରାର କୁପ୍ରଭାବରୁ ରକ୍ଷା ଦେବା ସହ ଜଣକୁ ଫ୍ୟାଶନେବୁଲ୍ ଦେଖା ଯିବାରେ ମଧ୍ୟ ସାହାଯ୍ୟ କରିଥାଏ ।

ସେହିପରି ସନ୍ଧ୍ୟା ସମୟରେ ଫ୍ଲୋଇ ଡ୍ରେସ୍ ପିନ୍ଧିବା ସହ ଦେଖିବାକୁ ମଧ୍ୟ ଭଲ ଲାଗେ । ଖରାଦିନେ ଅତ୍ୟଧିକ ପ୍ରସାଧାନ ଓ ଗାଢା ରଙ୍ଗର ଲିପ୍‌ଷ୍ଟିକ୍ ଭାରି ଚକ୍ଷୁକଟୁ ଲାଗେ ଓ ତ୍ୱଚା ପାଇଁ କ୍ଷତିକାରକ ମଧ୍ୟ । ତେଣୁ ଦିନବେଳେ ସନ୍‌ସ୍କ୍ରିନ୍‌ର ବ୍ୟବହାର ସହ ହାଲୁକା ପ୍ରସାଧାନ ଓ ଆଭୁଷଣ ବ୍ୟବହାର କରିବା ଉଚିତ୍ ।

ପୁଅମାନେ ଦିନବେଳେ ପୁରାହାତ ଥିବା ସୂତା ପୋଷାକ ସହ ସନ୍ ଗ୍ଲାସେସ୍, ହ୍ୟାଟ୍ ଆଦି ବ୍ୟବହାର କଲେ ଖୁବ୍ ଷ୍ଟାଇଲିସ୍ ଲାଗି ପାରିବେ । ତାମିଲ୍ ଓ ମାଲୟଲମ୍ ପୁରୁଷମାନେ ପାରମ୍ପରିକ ଧୋତି ସବୁବେଳେ ଗର୍ବର ସହ ପରିଧାନ କରୁଥିବା ସ୍ଥଳେ ଆମ ଓଡିଶାରେ ଏହା ପ୍ରାୟ ଦେଖିବାକୁ ମିଳେନି । ପୁଅମାନେ ଧୋତି ମଧ୍ୟ ପିନ୍ଧି ପାରିବେ । ସନ୍ଧ୍ୟା ସମୟରେ ଚୁଡିଦାର୍ ପଂଜାବୀ, ବରମୁଣ୍ଡା, ଇନ୍‌ଫର୍‌ମାଲ୍ ଟ୍ରାଉଜର୍ ଆଦି ପିନ୍ଧି ପାରିବେ । ଗ୍ରୀଷ୍ମରେ ସମସ୍ତଙ୍କ ପାଇଁ ଭଲ ଡିଓଡ୍ରାଂଟ୍ ଓ ପର୍‌ଫ୍ୟୁମ୍ ବ୍ୟବହାର ନିହାତି ଜରୁରୀ । ଶାନ୍ତସରଳ, ଆର୍ଦ୍ର ଓ ଖୋଲା ହୃଦୟ ମଣିଷକୁ ଅନ୍ତର ସହ ବାହ୍ୟ ଭାବରେ ମଧ୍ୟ ସୁନ୍ଦର ଦେଖା ଯିବାରେ ସାହାଯ୍ୟ କରିଥାଏ ଓ ଏକ ସୁନ୍ଦର ଜୀବନ ଜିଇଁବାକୁ ପ୍ରୋତ୍ସାହିତ କରିଥାଏ ।









ଶେଷପୃଷ୍ଠା

# ଲେଖକର ଲୌକିକତା

ମୋର ଏବଂ ଆମ ସମସ୍ତଙ୍କର ଆଦରଣୀୟ ଲେଖକ ମନୋଜ ଦାସଙ୍କ ଜୀବନର ପ୍ରତିଟି କ୍ଷଣ ଶିକ୍ଷଣର ଏକ ଏକ ମହାସୋପାନ । ଜୀବନ ଓ ଜୀବନୋତ୍ତରର ଏମିତି କୌଣସି ଜିଜ୍ଞାସା ନାହିଁ, ଯା'ର ସନ୍ତୋଷଜନକ ବ୍ୟାଖ୍ୟା ତାଙ୍କଠୁଁ ଆମେ ପାଇନାହୁଁ ! ପ୍ରତିଟି ପ୍ରଶ୍ନାକୁଳତାର ସେ ଯେମିତି ଏକ ପୂର୍ଣ୍ଣକଳସ ଜଳ, ତୃଷା ନିବାରଣ ନିମନ୍ତେ ପ୍ରସ୍ତୁତ । ମୋର ଜୀବନକାଳ ଭିତରେ, ପରମ ସୌଭାଗ୍ୟ ଯେ, ତାଙ୍କ ସହିତ ମିଶିବାର ଅଲୌକିକ ଅବସର ପାଇଛି । 'ଚନ୍ଦାମାମା ପବ୍ଲିକେଶନ୍'ର 'ସଚିତ୍ର ବିଜୟା' ପତ୍ରିକା ସହିତ ଜଡ଼ିତ ହେବା ଏବଂ ସ୍ୱତଃ ମନୋଜଙ୍କ ନିକଟତର ହେବାର 'ଆକସ୍ମିକତା' ମାନଙ୍କୁ ସାରା ଆକାଶର ତାରକା ଭଳି ସାଉଁଟିବା- ମୋ ଜୀବନର ସ୍ମରଣୀୟ ସ୍ମୃତି ହୋଇ ରହିବ ଚିରକାଳ । 'ସଚିତ୍ର ବିଜୟା'ର ସମ୍ପାଦନା ବିଭାଗରେ କାର୍ଯ୍ୟରତ ସମୟରେ ବହୁବାର ମୋତେ ଦାପ୍ତରିକ ଦାୟିତ୍ୱ ଯୋଗୁଁ ଚେନ୍ନାଇ ସ୍ଥିତ 'ଚନ୍ଦାମାମା' କାର୍ଯ୍ୟାଳୟର ବିଶାଳ ପରିସର ଦର୍ଶନ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଏଥିପାଇଁ ତଦାନୀନ୍ତନ ସମ୍ପାଦକ ସୁନୀଲ କୁମାର ପୃଷ୍ଟିଙ୍କ ଠାରେ ମୁଁ କୃତଜ୍ଞ । ମୋ ସହିତ ବହୁବାର 'ସଚିତ୍ର ବିଜୟା'ର ଲେ-ଆଉଟ୍ ଡିଜାଇନର୍ ତଥା ଚିତ୍ରଶିଳ୍ପୀ ସ୍ୱରୂପ ପାଣିଗ୍ରାହୀ ଯାଇଥିବାର ମନେଅଛି । ତେବେ ଅଧିକାଂଶତଃ ମୁଁ ଏକାକୀ ଗଲେ ଚେନ୍ନାଇରେ କାମ ସରିଗଲେ ବିଶ୍ୱନାଥ ରେଡ୍ଡିଙ୍କ ସହିତ ସାକ୍ଷାତ ହେଉଥିଲା । ପ୍ରଥମ ଦେଖାରେ ଅତ୍ୟନ୍ତ ଭଦ୍ର ଓ ମାର୍ଜିତ ସ୍ୱଭାବର ଶ୍ରୀଯୁକ୍ତ ରେଡ୍ଡି ପଚାରୁଥିଲେ, "ଆପଣଙ୍କ ଖାଇବା ଓ ରହିବାରେ କିଛି ଅସୁବିଧା ହୋଇନାହିଁ ତ ?" କହିରଖେ ଯେ, ଓଡ଼ିଶାରୁ 'ସଚିତ୍ର ବିଜୟା' କାର୍ଯ୍ୟରେ ଯିଏ ବି ଗଲେ ତାଙ୍କର ହୋଟେଲ୍‌ରେ ଆଗୁଆ ରୁମ୍ ସଂରକ୍ଷିତ ହୋଇ ରହୁଥିଲା । ଏହା ତାଙ୍କର ନିର୍ଦ୍ଦେଶ ଥିଲା । ବିଶ୍ୱନାଥ ଥିଲେ ସଂସ୍ଥାର ସର୍ବେସର୍ବା ।

ଚେନ୍ନାଇରେ କାମ ସରିଗଲେ, ମୁଁ ବସ୍ ଧରି ପଣ୍ଡିଚେରୀ ପଳାଏ । ଉଦ୍ଦେଶ୍ୟ ମନୋଜ ଦାସ ଓ ପଣ୍ଡିଚେରୀ ସମୁଦ୍ରର ସାନ୍ନିଧ୍ୟ । ଏ ଦୁଇଟି କଥା ମୋତେ ଚେନ୍ନାଇର କୋଳାହଳରୁ ଟାଣି ନେଉଥିଲେ ବରାବର । ଥରେ କବି ଅକ୍ଷୟ ବେହେରା ମୋ ସହିତ ଯାଇଥିଲେ । ଆମେ ଦୁହେଁ କେନ୍ଦ୍ର ସାହିତ୍ୟ ଅକାଦେମିର ଟ୍ରାଭେଲ୍ ଗ୍ରାଣ୍ଟ୍ ପାଇଥିଲୁ ଓ ଆମର ଭ୍ରମଣର ସ୍ଥାନ ଥିଲା ଦକ୍ଷିଣ ଭାରତ । ପଣ୍ଡିଚେରୀ ଆଶ୍ରମ ପରିଦର୍ଶନ ଓ ମନୋଜ ଦାସ ତଥା କିଛି ତାମିଲ୍ ଲେଖକଙ୍କ ସହ ଭାବ ବିନିମୟ ଥିଲା ଏ ଭ୍ରମଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଆଶ୍ରମର ଅତିଥି ଭବନରେ ପ୍ରକୋଷ୍ଠଟିଏ ସଂରକ୍ଷିତ ଥିଲା ମନୋଜ ଦାସଙ୍କ ନାମରେ ମୋ ପାଇଁ । ସବୁକଥା ସରଳ ଓ ସୁନ୍ଦର ଭାବେ ସମାପିତ ହୋଇଥିଲା ମନୋଜ ଦାସଙ୍କ ଯୋଗୁଁ । ଆଶ୍ରମ ବୁଲିବା, ଅରୋଭିଲ୍ (ସେତେବେଳେ ଅର୍ଦ୍ଧ-ନିର୍ମିତ) ବୁଲିବାର ବ୍ୟବସ୍ଥା କରିଦେବା ଆଦି ଅନେକ କଥା ଏତେ ବଡ଼ ଲେଖକ ଜଣେ କରି ଦେଉଥିବା, ମୋତେ ସେ ସମୟରେ ଆଶ୍ଚର୍ଯ୍ୟଚକିତ କରିଥିଲା । କିନ୍ତୁ ମନୋଜ ଦାସ ଜଣେ, ଯେ ଏପରି ହିଁ କରନ୍ତି । ପ୍ଲେଟ୍‌ରେ ମିଠା ନିଜ ହାତରେ ଆଣି ପରଷି ଦେଇପାରନ୍ତି ସେ ।



ହଁ, ପ୍ରସଙ୍ଗରୁ ଦୂରେଇ ଗଲିଣି ମୁଁ ଭାବୁକ ହୋଇ । ଆମେ ଲେଖକମାନେ ବହୁ ସମୟରେ ଅନ୍ୟ ଲେଖକଟିଏକୁ କଥାଛଳରେ ହେଉକି ଆଚରଣରେ, ଆହତ କରିଥାଉ । ମନରେ କଷ୍ଟ ଦେଇଥାଉ । ବେଳେବେଳେ ଅନ୍ୟକୁ କଷ୍ଟ ପହଂଚାଇ ଆନନ୍ଦିତ ହେଉ ମଧ୍ୟ ଆମେ । ପୁଣି କେତେବେଳେ ଅନ୍ୟର ଲେଖାଟିଏ ପାଇଁ ତାକୁ ଏପରି ନିନ୍ଦା ଓ ସମାଲୋଚନାରେ ପୋତି ପକାଉ ଯେ, ସେ ବିଚରା ଅପମାନିତ ହୋଇପଡ଼େ । ଏକଥା କହୁଛି ଏଇଥିପାଇଁ ଯେ, ଆମେ କେବେ ମନୋଜ ଦାସଙ୍କ ମୁହଁରୁ ଅନ୍ୟ ଲେଖକଙ୍କୁ ସାମାନ୍ୟ କଷ୍ଟ ଦେବା ଭଳି ଶବ୍ଦ ଶୁଣିଛେ କି ? ନା । କାରଣ ସେ ସେଇପରି ଏକ ଉଚ୍ଚତର ସୋପାନରେ ଅବସ୍ଥାନ କରୁଥିଲେ, ଯେଉଁଠା ଆମ ପାଇଁ ହୁଏତ ଅପହଂଚ ବା ଆମେ ପହଞ୍ଚିବାକୁ ଚାହୁଁନା ।

ଜଣେ ଲେଖକର ଶିଷ୍ଟତା, ତା'ର ଆଚରଣରୁ ଫୁଲର ବାସ୍ନା ପରି ବିଚ୍ଛୁରିତ ହୋଇଥାଏ । ଲେଖକ ଯେହେତୁ ସମାଜର ଅନ୍ୟ ଅନେକଙ୍କ ପରି ସାଧାରଣ ମଣିଷ ନୁହେଁ, ତା' ପାଖରେ 'ସର୍ଜନଶୀଳତା' ଭଳି ଏକ ଅଲୌକିକ ଗୁଣ ବା ପ୍ରତିଭା ବିଦ୍ୟମାନ, ସୁତରାଂ ସେ 'ଅସାଧାରଣ' ହେବାକୁ ବାଧ୍ୟ । ତେଣୁ ଲେଖକର ସ୍ୱଭାବ ଓ ଆଚରଣ ସାଧାରଣ ମଣିଷ ତୁଲ୍ୟ ହେବା ବାଞ୍ଛନୀୟ ନୁହେଁ । ଲେଖକ ସର୍ବଦା ଆଉ ଜଣେ ଲେଖକକୁ ଯେ ପ୍ରଶଂସା କରିବ, ତା' ମଧ୍ୟ ନୁହେଁ । ଗୁରୁତ୍ୱପୂର୍ଣ୍ଣ ହେଉଛି ନିଜ ବ୍ୟବହାରରେ ଅପରକୁ କଷ୍ଟ ନଦେବା ପ୍ରତି ସଚେତନ ରହିବା । ଆଉ ଏତିକି କରିବା ପାଇଁ କାହାକୁ ଅପର୍ଯ୍ୟାପ୍ତ ଖର୍ଚ୍ଚାନ୍ତ ହେବାକୁ ପଡ଼େନାହିଁ । ଆମ ପାଖରେ ମହଜୁଦ୍ ଥିବା ଶବ୍ଦର ଭଣ୍ଡାରକୁ ଆମେ ଆମ ଶିଷ୍ଟାଚାର ପାଇଁ ବ୍ୟୟ କରିପାରିବା ।


ସଚରାଚର ଦେଖିବାକୁ ମିଳେ ଯେ, ଆମେ ସର୍ବଦା ସୁଯୋଗ ଖୋଜୁଥାଉ କିପରି ଅପରକୁ ନିନ୍ଦିତ କରିବା, ମାନସିକ ଆଘାତ ଦେବା, ତାକୁ ତା'ର ଲକ୍ଷ୍ୟପଥରୁ ବିଚ୍ୟୁତ କରାଇବା । ଏହା କଦାଚିତ୍ ଜଣେ ଲେଖକର ଲୌକିକତା ନୁହେଁ । ଏଠି ଶିଷ୍ଟତା ଅର୍ଥରେ ଲୌକିକତାକୁ ମୁଁ ପ୍ରୟୋଗ କରିଛି । ଏଇଥିପାଇଁ ଯେ, ଅଲୌକିକ ଗୁଣର ଅଧିକାରୀ ଜଣେ ଲେଖକ ଲୌକିକତାରେ ତା'ର ସମଧର୍ମା ଜଣେ ଲେଖକକୁ ଆହତ କରି ପାରିବ କିପରି ? ଏହା ଆଦୌ ସ୍ପୃହଣୀୟ ନୁହେଁ । ଏଇ ଶିଷ୍ଟତା ଟିକକ ଆମେ କ'ଣ ମନୋଜ ଦାସଙ୍କ ଠାରୁ ଶିଖି ପାରିବା ନାହିଁ ?

ଥରେ ଜଣେ ଲେଖକ ବନ୍ଧୁ (ସେ କବିତା ଲେଖନ୍ତି) ମୋ ଦପ୍ତରକୁ ଆସି ଅଚାନକ ଯେଉଁ ଅପଶବ୍ଦ ପ୍ରୟୋଗ ପୂର୍ବକ ମୋତେ ଭର୍ତ୍ସନା କଲେ, କସ୍ମିନ୍‌କାଳେ ମୁଁ ତାଙ୍କ ଠାରୁ ସେପରି ଆଚରଣ ଆଶା କରୁନଥିଲି । ଅଥଚ ମୋର ଦୋଷ ଥିଲା ଏୟା ଯେ 'ଝଙ୍କାର'ରେ ପ୍ରକାଶିତ ମୋର ଏକ ଗଳ୍ପ ତାଙ୍କୁ ପସନ୍ଦ ଆସିଲା ନାହିଁ ଏବଂ ସେ ଗପର ବିଷୟବସ୍ତୁ ସହିତ ତାଙ୍କ ଜୀବନଯାପନର କିଛିଟା ସାମ୍ୟ ରହିଥିବା ସେ ଆବିଷ୍କାର କଲେ ଗପରୁ । ତେଣୁ ସେ ମୋତେ ଅପଶବ୍ଦ ପ୍ରୟୋଗ କରି, ପୂର୍ବରୁଥିବା ତାଙ୍କର ସମସ୍ତ ଶିଷ୍ଟତାକୁ ଧୂଳିସାତ୍ କରିଦେଲେ ନିମିଷକେ । ଅବଶ୍ୟ ଏଥିରେ ମୁଁ ତତ୍‌କାଳ ଆହତ ହେଲି ସତ, କିନ୍ତୁ ମୋ ଦପ୍ତରର ଅନ୍ୟାନ୍ୟ ସହକର୍ମୀ, ଯେଉଁମାନେ ଲେଖକ ନୁହଁନ୍ତି ଅଥଚ ଆମେ ଲେଖକ ବୋଲି ମାନ୍ୟତା ଦିଅନ୍ତି, କେବଳ ଅବାକ୍ ହେଲେ ନାହିଁ ବରଂ ଲେଖକମାନେ ବି 'ଅସଭ୍ୟ' ହୋଇପାରନ୍ତି ଏପରି ଏକ ଧାରଣା-ପ୍ରାପ୍ତ ହେଲେ । ତାହା ହିଁ ମୋତେ ବେଶି ବିଚଳିତ କରିଥିଲା । ଏ ଅନେକ ବର୍ଷ ତଳର କଥା, ଯେବେ ମୁଁ ଗପ ଲେଖୁଥିଲି । ଲେଖା ପସନ୍ଦ ନହେବା ଏବଂ ଲେଖାର ବିଷୟବସ୍ତୁ ସହ ସାମଞ୍ଜସ୍ୟ ରହିବା ଏକା କଥା ନୁହେଁ । ଅନେକ ସମୟରେ ମୁଁ ନିଜେ ଏମିତି କିଛି ଗପ ପଢ଼ିଛି ଅନ୍ୟ ଗାଳ୍ପିକଙ୍କର, ଯେଉଁଥିରେ ମୋ ଜୀବନର କଥା ଅବିକଳ ମୁଁ ପାଇଥିବି । ସେତେବେଳେ ସେଇ ଗାଳ୍ପିକ ଜଣକ ସାର୍ଥକ ଗଳ୍ପଟେ ଲେଖିଲେ ବୋଲି ମୁଁ କହିଛି । ଏଥିରେ ବ୍ୟାବହାରିକ ନିୟନ୍ତ୍ରଣ ହରେଇବାର କ'ଣ ଅଛି ? ବ୍ୟବହାର ଓ ଆଚରଣରେ ଲେଖକ କଦାଚିତ୍ ପତିତ ନହେଉ । ଭୁଲିଯିବା ଉଚିତ ନୁହେଁ ଯେ, ଆମେ ଗୋଟେ ଲେଖକ-ସମାଜରେ ବସବାସ କରୁଛୁ । ଜଣକର ଶିଷ୍ଟତା ଅପରକୁ ପ୍ରୋତ୍ସାହିତ କରିଥାଏ । ଆଉ ଏଥିରୁ ବିଚ୍ୟୁତ ହୋଇ ଯଦି ଜଣେ ଅଶିଷ୍ଟ ଆଚରଣ ଦେଖାଏ, ତେବେ ସମଗ୍ର ଲେଖକକୁଳ ହିଁ ଏହାଦ୍ୱାରା ପ୍ରଭାବିତ ହେବା ଅବଶ୍ୟମ୍ଭାବୀ ।

ମନୋଜ ଦାସଙ୍କ ପରି ଆମେ ହେଇପାରିବା ନାହିଁ ସତ୍ୟ, କିନ୍ତୁ ମନୋଜ ଦାସ ଛାଡ଼ି ଯାଇଥିବା ରାଶି ରାଶି 'ସୁଗୁଣ'କୁ ତ ନିଜ ଭିତରେ ପ୍ରତିରୋପଣ କରି ଲେଖକୀୟ ଲୌକିକତା ରଖି ପାରିବା ! ଲେଖକର ବୟସ ବା ନାମକୁ ନୁହେଁ ଲେଖକୀୟ ସତ୍ତାକୁ ମନୋଜ ଦାସ ସମ୍ମାନ ଦେଉଥିଲେ ବୋଲି ନିଜଠୁ ବୟସରେ ସାନମାନଙ୍କୁ ବି ସେ 'ଆପଣ' ଓ ନାମ ସହିତ 'ବାବୁ' ବା 'ଦେବୀ' ଯୋଗ କରି ସମ୍ବୋଧନ କରୁଥିଲେ । ଏପରି କଲେ କେହି ଛୋଟ ହୋଇ ଯାଏନା ବରଂ 'ମହାନ' ହୋଇ ଦିଶେ ସେଇ ଲେଖକଟି । ଏକଥା କଣ ଆମେ ଶିଖି ପାରିବା ନାହିଁ !



HIGHLAND
A Highland Group Entity
HIGHLAND
Highland Ajisen
Highland Ajisen
Highland Oishii
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
sales@highlandmarine.in, + 91 - 9861201752
www.highlandmarine.in

The **REBATI AMA MATIRA SWARA** ● May 2021 Vol - 3 Issue - 7 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2020-2022 ● Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**

Editor : **Subasini Jena**